DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨/୨୦୨୨ (୧୪ ପୃଷ୍ଠା) | Bhubaneswar, Friday, September 2/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୨୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 278 | ମୂଲ୍ୟ ₹୭/-




**ପ୍ରଣୟ କ୍ୱାର୍ଟରଫାଇନାଲରେ**

ଏଚ୍.ଏସ୍. ପ୍ରଣୟ ଜାପାନ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।

୧୪

୦୭

**ପ୍ରଯୋଜକଙ୍କୁ ପସନ୍ଦ ନ ଥିଲା ନାଁ**

ଲୋକପ୍ରିୟତା ହାସଲ ପାଇଁ ବଲିଉଡ୍ ଅଭିନେତା ଜନ୍ ଆବ୍ରାହମ୍‌ଙ୍କୁ ତାଙ୍କ ନାମ ବଦଳାଇ ଫରହାନ ରଖିବାକୁ ଫିଲ୍ମ ପ୍ରଯୋଜକମାନେ କହୁଥିଲେ।








# ଜରାୟୁ କର୍କଟ ପାଇଁ ସ୍ୱଦେଶୀ ଟିକା

- ୨ଶହରୁ ୪ଶହ ଟଙ୍କାରେ ଉପଲବ୍ଧ ହେବ
- ୨ ବର୍ଷରେ ଦିଆଯିବ ୨୦ କୋଟି ଭାକ୍ସିନ
- ପ୍ରଥମ ପର୍ଯ୍ୟାୟରେ ଟିକା ନେବେ ୧୦ରୁ ୧୪ ବର୍ଷୀୟ କିଶୋରୀ




ନୂଆଦିଲ୍ଲୀ, ୧।୯

ସର୍ଭିକାଲ୍ କ୍ୟାନ୍‌ସର ବା ଜରାୟୁ କର୍କଟ ପାଇଁ ଦେଶରେ ପ୍ରଥମ କରି ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରତିଷେଧକ ଟିକା ପ୍ରସ୍ତୁତ ହୋଇଛି। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) ସର୍ଭାଭାକ୍ ଭାକ୍ସିନ ଆଣିଥିବାବେଳେ ଏହାର ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ଶେଷ ହୋଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଏହି ଟିକା ବଜାରରେ ଉପଲବ୍ଧ ହେବ। ଏହାର ମୂଲ୍ୟ ଡୋଜ୍ ପିଛା ୨୦୦ରୁ ୪୦୦ ଟଙ୍କା ମଧ୍ୟରେ ରହିବ ବୋଲି ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ସିଇଓ ଅଦର ପୁନାୱାଲା କହିଛନ୍ତି। ସାଧାରଣ ଲୋକଙ୍କ ନିକଟରେ ଏହାକୁ ସହଜରେ ଏବଂ କମ୍ ମୂଲ୍ୟରେ ପହଞ୍ଚାଇବା ପାଇଁ ସରକାର ସୁନିଶ୍ଚିତ କରିବେ ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ସାଇଣ୍ଟିଫିକ୍ କମ୍ପ୍ଲିସନ୍ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। କ୍ୱାଡ୍ରିଭାଲେଣ୍ଟ ହ୍ୟୁମ୍ୟାନ ପାପିଲୋମାଭାଇରସ୍ (କ୍ୟୁଏଚ୍‌ପିଭି) ପାଇଁ ଉଦ୍ଦିଷ୍ଟ ଭାକ୍ସିନ ସର୍ଭାଭାକ୍ ପ୍ରଥମେ ସରକାରୀ ମାଧ୍ୟମରେ ଉପଲବ୍ଧ ହେବ। ପରେ ଏହାକୁ ଘରୋଇ ସହଯୋଗୀଙ୍କୁ ଯୋଗାଇ ଦିଆଯିବ। ଏହାର ଚୂଡ଼ାନ୍ତ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ନ ଥିବାବେଳେ ଲୋକେ ୨ ଶହରୁ ୪ ଶହ ଟଙ୍କା ମଧ୍ୟରେ ଟିକା ପାଇପାରିବେ ବୋଲି ପୁନାୱାଲା ଗୁରୁବାର ଉକ୍ତ ସାଇଣ୍ଟିଫିକ୍ କମ୍ପ୍ଲିସନ୍ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ସାଇଣ୍ଟିଫିକ୍ କମ୍ପ୍ଲିସନ୍ ଅର୍ଥ ଭାକ୍ସିନ୍ ଉପରେ ଗବେଷଣା ଓ ଏହାର ପ୍ରସ୍ତୁତି ଶେଷ ହେବା। ପରବର୍ତ୍ତୀ ପର୍ଯ୍ୟାୟରେ ତାହାକୁ ଲୋକଙ୍କ ନିକଟରେ ପହଞ୍ଚାଯିବ। ପ୍ରଥମେ ଦେଶରେ ପର୍ଯ୍ୟାପ୍ତ ପରିମାଣର ଟିକା ଲୋକଙ୍କୁ ଦିଆଯିବ। ପରେ ଏହାକୁ ବିଦେଶ ପଠାଇବାକୁ ଯୋଜନା ରହିଛି। ଆଗାମୀ ୨ ବର୍ଷରେ ୨୦ କୋଟି ଡୋଜ୍ ପ୍ରଦାନ କରାଯିବ। ପ୍ରଥମେ ୧୦ରୁ ୧୪ ବର୍ଷର କିଶୋରୀଙ୍କୁ ଏହି ଟିକା ଦିଆଯିବାକୁ ଲକ୍ଷ୍ୟ ରହିଛି। ଗତ ଜୁଲାଇରେ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) କ୍ୟୁଏଚ୍‌ପିଭି ଟିକା ସର୍ଭାଭାକ୍ ପ୍ରସ୍ତୁତ ନିମନ୍ତେ ଏସ୍‌ଆଇଆଇକୁ ବଜାର ସ୍ୱୀକୃତି ଦେଇଥିଲା। ୨ ହଜାରରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କଠାରେ ଭାକ୍ସିନ୍‌ର ପରୀକ୍ଷଣ କରାଯାଇଥିବା ବାୟୋଟେକ୍ନୋଲୋଜି ବିଭାଗ ସଚିବ ରାଜେଶ ଗୋଖଲେ କହିଛନ୍ତି। ସବୁ ବର୍ଗର ମହିଳାଙ୍କ କ୍ଷେତ୍ରରେ ଏହି ଟ୍ରାଏଲ ସଫଳ ହୋଇଛି।

ମହିଳାମାନଙ୍କ ସର୍ଭିକ୍ସ ବା ଗର୍ଭାଶୟ ଗ୍ରୀବାରେ ଜରାୟୁ କର୍କଟ ହୋଇଥାଏ। ପ୍ରାୟ ସମସ୍ତ ମହିଳା ସର୍ଭିକାଲ କର୍କଟରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଶେଷକରି ୧୫ରୁ ୪୪ ବର୍ଷୀୟା ଏଥିରେ ପୀଡ଼ିତ ହୋଇଥାନ୍ତି। ତେବେ ୩୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କାଙ୍କ କ୍ଷେତ୍ରରେ ସର୍ଭିକାଲ କ୍ୟାନ୍‌ସର ଆଶଙ୍କା ଅଧିକ ରହିଥାଏ। ଦୀର୍ଘଦିନ ଧରି ହ୍ୟୁମାନ ପାପିଲୋମାଭାଇରସ୍ ସଂକ୍ରମଣ ଲାଗି ରହିଲେ ଜଣେ ସହଜରେ ଏଥିରେ ଆକ୍ରାନ୍ତ ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ତଥ୍ୟ ଅନୁସାରେ ୨୦୧୯ଠାରୁ ଅଦ୍ୟାବଧି ଭାରତରେ ପ୍ରାୟ ୪୨ ଲକ୍ଷ ମହିଳା ☞ପୃଷ୍ଠା-୪









## ମହନ୍ତ ଶିବମୂର୍ତ୍ତି ଗିରଫ

### ସ୍କୁଲ୍ ଛାତ୍ରୀଙ୍କୁ ବଳାତ୍କାର ମାମଲା



**ବେଙ୍ଗାଲୁରୁ, ୧।୯:** ନାବାଳିକା ଯୌନ ନିର୍ଯାତନା ଓ ବଳାତ୍କାର ମାମଲାରେ କର୍ଣାଟକର ଏକ ପ୍ରମୁଖ ଲିଙ୍ଗାୟତ ମଠର ମହନ୍ତ ଶିବମୂର୍ତ୍ତି ମୁରୁଘା ଶରାନାରୁଙ୍କୁ ଗୁରୁବାର ରାତିରେ ଗିରଫ କରାଯାଇଛି। ଦୁଇ ସ୍କୁଲ୍ ଛାତ୍ରୀଙ୍କ ଅଭିଯୋଗକ୍ରମେ ତାଙ୍କ ବିରୋଧରେ ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଥିଲା। ଶୁକ୍ରବାର ସକାଳେ ତାଙ୍କୁ କୋର୍ଟରେ ହାଜର କରାଯିବ। ତେବେ ଅଭିଯୋଗକୁ ମହନ୍ତ ଖଣ୍ଡନ ☞ପୃଷ୍ଠା-୪

## ଟ୍ରକ୍ ଧକ୍କାରେ ସବ୍‌ଇନ୍ସପେକ୍ଟର ମୃତ

### ନୂଆଁଖାଇ ପାଇଁ ଗାଁକୁ ଆସୁଥିଲେ

**ନୂଆପଡ଼ା ଅଫିସ, ୧।୯:** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ପାଇଁ ଗାଁକୁ ଆସୁଥିବା ବେଳେ ଟ୍ରକ୍ ଧକ୍କାରେ ଜଣେ ପୋଲିସ ସବ୍‌ଇନ୍ସପେକ୍ଟରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୂଆପଡ଼ା ଜିଲା ବୋଡେନ ଥାନା ବୋଇର ଗାଁର ସୁଧାଂଶୁ ପାଣ୍ଡେ (୫୦)। ସେ ଜିଲାର ବିଭିନ୍ନ ଥାନା, କୋର୍ଟରେ କାର୍ଯ୍ୟ କରି ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର (ଏଏସ୍‌ଆଇ)ରୁ ସବ୍‌ଇନ୍ସପେକ୍ଟର (ଏସ୍‌ଆଇ) ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ସେ ଅନୁଗୋଳସ୍ଥିତ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିଲେ। ଗୁରୁବାର ନୂଆଁଖାଇ ଥିବାରୁ ସେ ଛୁଟି ନେଇ ଘରକୁ ଯିବା ପାଇଁ ଆସି ନୂଆପଡା ସିଲଦାସ୍ଥିତ ରିଜର୍ଭ ପୋଲିସ ପରିସରସ୍ଥ ସରକାରୀ କ୍ୱାର୍ଟର୍ସର ଥିଲେ। ସକାଳେ ସରକାରୀ କ୍ୱାର୍ଟରରୁ ବାଇକ୍ (ନଂ.ଓଡି-୨୬ଏ-୨୪୫୫) ଯୋଗେ ଆସି ନିକଟସ୍ଥ ଗୋତମା ଛକଠାରେ ଠିଆ ହୋଇଥିଲେ। ଏହି ସମୟରେ ନୂଆପଡାରୁ ରାୟପୁର ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ୍ (ନଂ. ସିଜି୦୮ଏକ୍ୟୁ-୮୫୧୧) ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପାଣ୍ଡେଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଜୋଙ୍କ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରିବା ସହ ଡ୍ରାଇଭର ଓ ହେଲପରଙ୍କୁ ଗିରଫ କରି ପୋଲିସ ତଦନ୍ତ ଚଳାଇଛି।



**ଦଶହରା ପ୍ରସ୍ତୁତି:** କଟକ ବୁଢ଼ୀ ଠାକୁରାଣୀ ପୂଜା ମଣ୍ଡପରେ ଚାନ୍ଦିମେଢ଼ରେ ବ୍ୟବହୃତ ଚାନ୍ଦି ଅଳଙ୍କାରକୁ ଗୁରୁବାର କାରିଗରମାନେ ସଫା କରୁଛନ୍ତି। (ଫଟୋ: ରାଜକିଶୋର)

# ୪୧ ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୮୬୯ କୋଟି

**ନୂଆଁଖାଇରେ ଚାଷୀଙ୍କୁ ମିଳିଲା କାଳିଆ ସହାୟତା**

- ମୁଁ ସବୁବେଳେ ଚାଷୀଙ୍କ ସାଥିରେ ଅଛି: ନବୀନ
- ତୁରନ୍ତ ବନ୍ୟା କ୍ଷୟକ୍ଷତି ଆକଳନ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧।୯(ବ୍ୟୁରୋ)

ଗୁରୁବାର ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀମାନଙ୍କୁ କାଳିଆ ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟର ୪୧ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଏବଂ ୮୧ ହଜାର ଭୂମିହୀନ ଚାଷୀଙ୍କୁ ୮୬୯ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ସମସ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧା ୨୦୦୦ ଟଙ୍କା ଲେଖାଏ ପଠାଯାଇଛି।

କାଳିଆ ସହାୟତା ପ୍ରଦାନ କରି ବହୁତ ଖୁସି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ଦେଶର ସବୁଠାରୁ ଭଲ ଯୋଜନା। ଛୋଟ ଚାଷୀମାନଙ୍କ ପାଇଁ ଏହା ଆଶା ଓ ଭରସା ସୃଷ୍ଟି କରିପାରିଛି। ଭୂମିହୀନ ଚାଷୀମାନଙ୍କ ଜୀବିକାର ସୁରକ୍ଷା ପାଇଁ ମଧ୍ୟ ଏହା ବହୁତ ସାହାଯ୍ୟ କରୁଛି। ୨୦୨୨ ମେ ମାସରେ ଅକ୍ଷୟତୃତୀୟା ଅବସରରେ ମଧ୍ୟ ଆମ ଚାଷୀ ଭାଇମାନଙ୍କୁ ୮୦୦ କୋଟି ଟଙ୍କାରୁ ଅଧିକ ସହାୟତା ଦିଆଯାଇଥିଲା। ଏହି ସହାୟତା ଚାଷକାମକୁ ଆଗେଇ ନେବାରେ ବହୁତ ସାହାଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଚଳିତ ବନ୍ୟା ଯୋଗୁ ଚାଷୀମାନେ ଚିନ୍ତାରେ ଅଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସବୁ ସମୟରେ ସେ ଚାଷୀମାନଙ୍କ ସାଥିରେ ଅଛନ୍ତି। ଶୀଘ୍ର କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ଦେବାକୁ ମୁଁ ନିର୍ଦ୍ଦେଶ ଦେଇଛି। ଆପଣମାନଙ୍କୁ ଖୁବ୍‌ଶୀଘ୍ର ଫସଲ କ୍ଷୟକ୍ଷତି ପାଇଁ ସହାୟତା ଯୋଗାଇ ଦିଆଯିବ। ଓଡ଼ିଶାର ଗୌରବକୁ ଆମର ଚାଷୀଭାଇମାନେ ☞ପୃଷ୍ଠା-୪

# ଓଡ଼ିଶା ସମେତ ୮ ରାଜ୍ୟରୁ ରିପୋର୍ଟ ତଲବ

**ସୁପ୍ରିମକୋର୍ଟରେ ଖ୍ରୀଷ୍ଟିଆନ ବିରୋଧୀ ଆକ୍ରମଣ ଘଟଣା**



**୨ମାସ ମଧ୍ୟରେ ତଥ୍ୟ ଦାଖଲ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ**

ଭୁବନେଶ୍ୱର, ୧।୯(ବ୍ୟୁରୋ)

ଓଡ଼ିଶା ସମେତ ୮ରାଜ୍ୟରେ ଖ୍ରୀଷ୍ଟିଆନ ବିରୋଧୀ ଆକ୍ରମଣ ଘଟଣାରେ କି କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବାକୁ ଗୁରୁବାର ସର୍ବୋଚ୍ଚ ଅଦାଲତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ୨ମାସ ସମୟ ଦେଇଛନ୍ତି। ଏହି ସମୟ ମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓଡ଼ିଶା, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ଼, ହରିୟାଣା, ଉତ୍ତରପ୍ରଦେଶ, କର୍ଣାଟକ ଏବଂ ବିହାରର ମୁଖ୍ୟ ଶାସନ ସଚିବଙ୍କ ଠାରୁ ତଥ୍ୟ ସଂଗ୍ରହ କରି ସର୍ବୋଚ୍ଚ ଅଦାଲତରେ ରିପୋର୍ଟ ଦାଖଲ କରିବେ। ଖ୍ରୀଷ୍ଟିଆନ ବିରୋଧୀ ଘଟଣା ସମ୍ପର୍କିତ କେତେ ଏତଲା ପଞ୍ଜୀକୃତ ହୋଇଛି, ତଦନ୍ତର ଅଗ୍ରଗତି, କେତେ ଗିରଫ ହୋଇଛନ୍ତି ଏବଂ କେତେ ମାମଲାର ଚାର୍ଜଶିଟ ଦାଖଲ ହୋଇଛି ସେନେଇ ମୁଖ୍ୟ ଶାସନ ସଚିବ ବିସ୍ତୃତ ତଥ୍ୟ ସଂଗ୍ରହ କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଅବଗତ କରାଇବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଉପରୋକ୍ତ ୮ଟି ରାଜ୍ୟରେ ଖ୍ରୀଷ୍ଟିଆନଙ୍କ ଉପରେ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ଆକ୍ରମଣ ଘଟଣା ସମ୍ପର୍କରେ ଆବେଦନକାରୀ ସର୍ବୋଚ୍ଚ ଅଦାଲତରେ ଜଣାଇଥିଲେ। ସେଥିମଧ୍ୟରେ ଚର୍ଚ୍ଚ ଭଙ୍ଗାଯିବା ଏବଂ ବାଇବେଲ ପୋଡ଼ିବା ଭଳି ଘଟଣା ମଧ୍ୟ ରହିଛି। ୫୩ ଏଫ୍‌ଆଇଆର୍ ରୁଜୁ ହୋଇଥିବାବେଳେ ମାତ୍ର ୨୩ଜଣ ଗିରଫ ହୋଇ ଜାମିନରେ ଯାଇଛନ୍ତି ବୋଲି ଉଲ୍ଲେଖ ରହିଥିଲା। ଆବେଦନକାରୀଙ୍କ ମାମଲାକୁ ଗ୍ରହଣ କରିବା ସହ ଆକ୍ରମଣ ଘଟଣାର ସବିଶେଷ ତଥ୍ୟ ୪ସପ୍ତାହ ମଧ୍ୟରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ପ୍ରଦାନ କରିବାକୁ ଖଣ୍ଡପୀଠ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ☞ପୃଷ୍ଠା-୪

# ଶରତରେ ଅଗ୍ନିବର୍ଷା

- ୩୫ ଡିଗ୍ରୀ ଉପରେ ୧୧ ସହର
- ଆଉ ୪ ଦିନ ପ୍ରବଳ ଖରା

ଭୁବନେଶ୍ୱର, ୧।୯(ବ୍ୟୁରୋ)

ଶରତରେ ଗ୍ରୀଷ୍ମର ତାତି ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ କଲବଲ କରୁଛି। ଦିନରେ ବାହାରକୁ ଯିବା ମୁସ୍କିଲ ହୋଇପଡୁଛି। ଦକ୍ଷିଣ ପଶ୍ଚିମ ମୌସୁମୀ ଦୁର୍ବଳ ରହିଥିବାରୁ ରାଜ୍ୟରେ ତାତି ବଢୁଛି। ଆସନ୍ତା ୩ ଦିନ ପ୍ରବଳ ଗରମ ଜାରି ରହିବା ସହ ଗୁଳୁଗୁଳି ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଆସନ୍ତା ୪ ତାରିଖରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ମୌସୁମୀ ସକ୍ରିୟ ହେବା ନେଇ ଆକଳନ କରାଯାଉଛି। ରାଜ୍ୟର ୧୧ ସହରର ତାପମାତ୍ରା ୩୫ ଡିଗ୍ରୀ ଉପରେ ଥିବା ବେଳେ ଭଦ୍ରକ ଜିଲାର ଚାନ୍ଦବାଲି ୩୭.୨ ଡିଗ୍ରୀ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ହୋଇଛି। ସେହିପରି ସମ୍ବଲପୁରରେ ପାରଦ ୩୬.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଅନୁଗୋଳରେ ପାରଦ ଥିଲା ୩୬.୧ ଡିଗ୍ରୀ। ବାୟୁମଣ୍ଡଳରେ ଆର୍ଦ୍ରତା ପରିମାଣ ଅଧିକ ରହିବା ଯୋଗୁ ଦିନର ତାପମାତ୍ରା ବଢୁଛି ବୋଲି ପାଣିପାଗ ବିଭାଗ କହିଛି। ଅଗଷ୍ଟ ୧ରୁ ସେପ୍ଟେମ୍ବର ୧ ଯାଏ ରାଜ୍ୟରେ ସ୍ୱାଭାବିକ ବର୍ଷା ହୋଇଛି। ୬ ଜିଲାରେ ସ୍ୱାଭାବିକରୁ ଅଧିକ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି।

**ଆଜିର ସମ୍ପାଦକୀୟ**

**ୟୁକ୍ରେନ୍‌ର ଉପନିବେଶୀକରଣ**

# ଦାଉଦ୍‌ଙ୍କୁ ଧରାଇଦେଲେ ୨୫ ଲକ୍ଷ

**ପୁରସ୍କାର ଘୋଷଣା କଲା ଏନ୍‌ଆଇଏ**

ନୂଆଦିଲ୍ଲୀ, ୧।୯

ଅନ୍ତର୍ଜାତୀୟ ଆତଙ୍କବାଦୀ ଦାଉଦ୍ ଇବ୍ରାହିମ୍‌ଙ୍କ ସମ୍ପର୍କରେ ସୂଚନା ଦେଲେ ୨୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ଭାରତର ଶୀର୍ଷ ଆତଙ୍କବାଦ ନିରୋଧୀ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ଘୋଷଣା କରିଛି। ଏଥିସହିତ ଏହି ସଂସ୍ଥା ଦାଉଦ୍‌ଙ୍କ ନୂଆ ଫଟୋ ଜାରି କରିଛି। ସେହିପରି ଦାଉଦ୍‌ଙ୍କ ସହଯୋଗୀ ଛୋଟା ସକିଲଙ୍କୁ ଧରାଇଦେଲେ ୨୦ ଲକ୍ଷ, ଅନିସ ଇବ୍ରାହିମ, ଜାଭେଦ ଚିକ୍‌ନା ଏବଂ ଟାଇଗର ମେମନ୍‌ଙ୍କୁ ଧରାଇଦେଲେ ୧୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ମିଳିବ ବୋଲି ଏନ୍‌ଆଇଏ କହିଛି। ଅଣ୍ଡରୱାର୍ଲ୍ଡ ଡନ୍ ଓ ତାଙ୍କ ସହଯୋଗୀମାନେ ଅନ୍ତର୍ଜାତୀୟ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବା, ଜୈଶ-ଇ-ମହମ୍ମଦ ଏବଂ ଅଲ୍-କାଏଦା ସହ ମିଶି ଭାରତ ବିରୋଧରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ଏନ୍‌ଆଇଏ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୧୯୯୩ ମୁମ୍ବାଇ ସିରିଏଲ୍ ବିସ୍ଫୋରଣର ମାଷ୍ଟର ମାଇଣ୍ଡ ଦାଉଦ୍ ଏବଂ ଅନ୍ୟ ଆତଙ୍କବାଦୀମାନଙ୍କୁ ପଡୋଶୀ ଦେଶ ପୃଷ୍ଠପୋଷକତା ଯୋଗାଇଦେଉଥିବାରୁ ସେମାନଙ୍କଠାରୁ ବିପଦ ଆଶଙ୍କା ରହିଛି। ତେଣୁ ଦାଉଦ୍‌ଙ୍କ ସମେତ ଲସ୍କର ଏବଂ ଜେଇଏମ୍ ଆତଙ୍କବାଦୀଙ୍କ ବିରୋଧରେ ଅନ୍ତର୍ଜାତୀୟ ସ୍ତରରେ ପଦକ୍ଷେପ ଲାଗି ଗତବର୍ଷ ଭାରତ ଜାତିସଂଘ ସୁରକ୍ଷା ପରିଷଦକୁ କହିଥିଲା। ମୁମ୍ବାଇ ସିରିଏଲ୍ ବିସ୍ଫୋରଣରେ ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ ୭୦୦ରୁ ଅଧିକ ଆହତ ହୋଇଥିଲେ। ବହୁକୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ଦାଉଦ୍‌ଙ୍କୁ ପାକିସ୍ତାନ ଆଶ୍ରୟ ଦେଇଥିବା ୨୦୧୮ରେ ସ୍ପଷ୍ଟ ହୋଇଥିଲା।

# ମୃତ୍ୟୁ ପୂର୍ବରୁ ୭ରୁ ଅଧିକ କଲ୍ କରିଥିଲେ ଶୁଭଶ୍ରୀ

**ହତ୍ୟା ମାମଲାର ବଡ଼ ପ୍ରମାଣ**

- ନୟାଗଡ଼ର ଯୁବକ ଅଟକ, ପୋଲିସର ପଚରାଉଚରା
- ଶେଷ କଲ୍ ଥିଲା ୨୭ ସେକେଣ୍ଡ, ସିଡିଆର୍‌ରୁ ମିଳିଲା ତଥ୍ୟ
- ଅଧିକ ପ୍ରମାଣ ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା



ଭୁବନେଶ୍ୱର, ୧।୯(ବ୍ୟୁରୋ)

ଭୁବନେଶ୍ୱର ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରରେ ରହୁଥିବା ଶୁଭଶ୍ରୀ ମହାପାତ୍ରଙ୍କ ହତ୍ୟା ମାମଲାରେ ପୋଲିସ ଖୋଳତାଡ଼ ଜାରି ରଖିଛି। ଘଟଣାକୁ ୩ଦିନ ବିତିଥିବାବେଳେ ଶୁଭଶ୍ରୀଙ୍କ ମୋବାଇଲର କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍)ରୁ ପୋଲିସକୁ ବଡ଼ ପ୍ରମାଣ ମିଳିଛି। ମୃତ୍ୟୁ ପୂର୍ବରୁ ଅର୍ଥାତ୍ ମଙ୍ଗଳବାର ସନ୍ଧ୍ୟା ୬ଟା ୩୦ରୁ ୬ଟା ୪୯ ମଧ୍ୟରେ ନୟାଗଡ଼ର ଜଣେ ଯୁବକଙ୍କୁ ଶୁଭଶ୍ରୀ ୭ରୁ ଅଧିକ ଥର କଲ୍ କରିଥିଲେ। ଏପରି କି ଶେଷ କଲ୍‌ରେ ଉଭୟଙ୍କ ମଧ୍ୟରେ ୨୭ ସେକେଣ୍ଡର କଥାବାର୍ତ୍ତା ହୋଇଥିଲା। ମାମଲାରେ ଏପରି ବଳିଷ୍ଠ ପ୍ରମାଣ ମିଳିବା ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗୁରୁବାର ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ଅନ୍ୟପକ୍ଷରେ ଶୁଭଶ୍ରୀଙ୍କ ସ୍ୱାମୀ ଅନନ୍ତ ନାରାୟଣ ଅଟକ ଯୁବକଙ୍କୁ ଜାଣିଛନ୍ତି ବୋଲି ପୋଲିସକୁ କହିଛନ୍ତି। ତେଣୁ ଶୁଭଶ୍ରୀ ଓ ଅଟକ ଯୁବକଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଥିଲା ବୋଲି ପୋଲିସ ସ୍ପଷ୍ଟ ହୋଇଛି। ତେବେ ସମ୍ପୃକ୍ତ ଯୁବକଙ୍କ ସହ ଶୁଭଶ୍ରୀଙ୍କ କେଉଁ ପ୍ରକାରର ସମ୍ପର୍କ ଥିଲା, ଘଟଣା ଦିନ ଫୋନ୍‌ରେ କ'ଣ କଥା ହୋଇଥିଲେ, ଯୁବକ ଜଣକ କେଉଁଠି ଥିଲେ, ଏଭଳି ବିଭିନ୍ନ ଦିଗକୁ ନେଇ ପୋଲିସ ତାଙ୍କୁ ପଚରାଉଚରା କରି ହତ୍ୟା ମାମଲାରେ ☞ପୃଷ୍ଠା-୪

## ପୁଣି ଭେଣ୍ଟିଲେଟରରେ ରାଜୁ ଶ୍ରୀବାସ୍ତବ

ନୂଆଦିଲ୍ଲୀ,୧।୯: କମେଡିଆନ୍ ତଥା ଫିଲ୍ମ ଅଭିନେତା ରାଜୁ ଶ୍ରୀବାସ୍ତବଙ୍କୁ ଗୁରୁବାର ପୁଣିଥରେ ଭେଣ୍ଟିଲେଟରରେ ଭର୍ତ୍ତି କରାଯାଇଛି। ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ରାଜୁଙ୍କୁ ଭୀଷଣ ଜ୍ୱର ହେବା କାରଣରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିବା କୁହାଯାଉଛି। ଅଗଷ୍ଟ ୧୦ରେ ଜିମ୍‌ରେ ଏକ୍ସରସାଇଜ୍ କରିବା ସମୟରେ ରାଜୁଙ୍କୁ ହୃଦ୍‌ଘାତ ହୋଇଥିଲା, ଯାହାପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ସଂକ୍ଷେପରେ

### ବିଷ ପିଇଲେ ୭ ବହିଷ୍କୃତ କର୍ମଚାରୀ

ଇନ୍ଦୋର,୧।୯: ମଧ୍ୟପ୍ରଦେଶର ପରଦେଶୀପୁରାରେ ଥିବା ଏକ ଘରୋଇ କମ୍ପାନୀ ୭ ଜଣ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିବା ପରେ ଗୁରୁବାର ସକାଳେ ସେମାନେ ସମୂହ ବିଷପାନ କରିଛନ୍ତି। ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ବୁଧବାର ରାତିରେ ୭ କର୍ମଚାରୀଙ୍କୁ ବହିଷ୍କାର କରାଗଲା ବୋଲି କମ୍ପାନୀର ମାଲିକ କହିଥିଲେ। ଗୁରୁବାର ସକାଳେ ସେମାନେ କମ୍ପାନୀ ଅଫିସରେ ପହଞ୍ଚି ମାଲିକଙ୍କୁ ଭେଟିବାକୁ ଚାହିଁଥିଲେ। ସେମାନଙ୍କୁ ଭିତରକୁ ଯିବାକୁ ଅନୁମତି ନ ମିଳିବାରୁ ଏକତ୍ର ବିଷ ପିଇଥିଲେ ବୋଲି ଏସିପି ଭୂପିନ୍ଦର ସିଂ କହିଛନ୍ତି। ସହକର୍ମୀମାନେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ।

### ବୋରିସ ବ୍ରିଟେନର ସବୁଠୁ ଖରାପ ପ୍ରଧାନମନ୍ତ୍ରୀ: ସର୍ଭେ

ଲଣ୍ଡନ,୧।୯ (ପି.ଟି.): ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ୍‌ଙ୍କ କାର୍ଯ୍ୟକାଳ ଆସନ୍ତା ସପ୍ତାହରେ ଶେଷ ହେବାକୁ ଯାଉଥିବାବେଳେ ସେ ଦେଶର ସବୁଠୁ ଖରାପ ପ୍ରଧାନମନ୍ତ୍ରୀ ବୋଲି ଏକ ଜନମତ ସର୍ଭେରୁ ଜଣାପଡ଼ିଛି। ଇପ୍‌ସୋସ୍ ନାମକ ସଂସ୍ଥା ପକ୍ଷରୁ ଏହି ସର୍ଭେ କରାଯାଇଥିଲା। ୧୯୪୫ ଯୁଦ୍ଧ ପରେ ପ୍ରଧାନମନ୍ତ୍ରୀମାନଙ୍କ ମଧ୍ୟରେ ବୋରିସ୍‌ଙ୍କ ପ୍ରଦର୍ଶନ ଅତ୍ୟନ୍ତ ଖରାପ ବୋଲି ୪୯ ପ୍ରତିଶତ ବ୍ରିଟିଶ ମତ ଦେଇଛନ୍ତି। ଦୁର୍ବଳ ପ୍ରଦର୍ଶନକୁ ନେଇ ଥେରେସା ମେ’ଙ୍କୁ ୪୧ ପ୍ରତିଶତ ଭୋଟ ମିଳିଥିବାବେଳେ ଡାଭିଡ୍ କାମେରନଙ୍କୁ ୩୮% ଭୋଟ ମିଳିଛି। ୧୯୪୫ ପରେ ୱିନ୍‌ଷ୍ଟନ ଚର୍ଚ୍ଚିଲ ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ ବୋଲି ୬୨ ପ୍ରତିଶତ ମତ ଦେଇଛନ୍ତି। ତାଙ୍କ ପଛକୁ ରହିଛନ୍ତି ମାର୍ଗାରେଟ ଥାଚର।

### ଦୁର୍ଘଟଣାରେ ପଞ୍ଜାବୀ ଗାୟକ ନିର୍ଭୟର ସିଂଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୧।୯: ଅଷ୍ଟ୍ରେଲିଆର ମେଲବୋର୍ନରେ ଏକ ସଡ଼କ ଦୁର୍ଘଟଣାରେ ପଞ୍ଜାବୀ ଗାୟକ ନିର୍ଭୟର ସିଂଙ୍କ ମୃତ୍ୟୁ ଘଟିଛି। କିଆ କାର୍ ଚଳାଉଥିବା ଜଣେ ୨୩ ବର୍ଷୀୟ ଯୁବକ ନିୟନ୍ତ୍ରଣ ହରାଇବାରୁ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିବା କୁହାଯାଉଛି। ଉକ୍ତ କାର୍‌ଟି ଦୁଇଟି ଅନ୍ୟ ଗାଡ଼ିକୁ ଧକ୍କା ଦେବା ପରେ ଏକ ଜିପ୍‌ରେ ପିଟିହୋଇଥିଲା। ଫଳରେ ଗାୟକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ବେପରୁଆ ଡ୍ରାଇଭିଂ ପାଇଁ ଉକ୍ତ ଯୁବକଙ୍କୁ ଗିରଫ କରାଯାଇଛି। ଜିପ୍‌ରେ ଥିବା ଅନ୍ୟ ଜଣେ ମହିଳା ଆହତ ହୋଇଛନ୍ତି। ନିର୍ଭୟର ୯ ବର୍ଷ ପୂର୍ବେ ଅଷ୍ଟ୍ରେଲିଆ ଯାଇ ସେଠାରେ ସଙ୍ଗୀତରେ କ୍ୟାରିୟର ଗଢ଼ିଥିଲେ।

### ୫ରେ ଭାରତ ଆସିବେ ହାସିନା

ନୂଆଦିଲ୍ଲୀ,୧।୯: ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଆସନ୍ତା ୫ରେ ଭାରତ ଆସିବେ। ହାସିନା ୫ରୁ ୮ ତାରିଖ ପର୍ଯ୍ୟନ୍ତ ଭାରତରେ ରହିବେ ବୋଲି ଗୁରୁବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ସଚିବ ଅରିନ୍ଦମ ବାଗ୍‌ଚୀ ସୂଚନା ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନ୍‌କର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ସହ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

### ଭିଜା ପାଇଁ ଫିଙ୍ଗରପ୍ରିଣ୍ଟ ସର୍ଜରି

ହାଇଦ୍ରାବାଦ, ୧।୯: ବେଆଇନ ଭାବେ ଭିଜା ତିଆରି ଅଭିଯୋଗରେ ତେଲଙ୍ଗାନା ପୋଲିସ ଗୁରୁବାର ଦୁଇ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଫିଙ୍ଗରପ୍ରିଣ୍ଟ ସର୍ଜରି ଦ୍ୱାରା କୁଏତ୍‌ରେ ଚାକିରି କରିବାକୁ ଚାହୁଁଥିବା ଲୋକଙ୍କୁ ଭିଜା ଯୋଗାଉଥିଲେ। ରାଜସ୍ଥାନ ଓ କେରଳରେ ଏହି ଦୁଇ ଯୁବକ ପାଖାପାଖି ୧୧ଟି ଅସ୍ତ୍ରୋପଚାର କରିଥିବାବେଳେ ସର୍ଜରି ପିଛା ୨୫ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ପୋଲିସ କହିଛି। ଫିଙ୍ଗରପ୍ରିଣ୍ଟ ସର୍ଜରି କରିଥିବା ଅନ୍ୟ ଦୁଇଜଣଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ସର୍ଜରିରେ ବ୍ୟବହୃତ ମେଡିକାଲ କିଟ୍ସ ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଜବତ କରିଛି। ଆପରାଧିକ କାରଣ ଦର୍ଶାଇ କୁଏତ୍ ସରକାର ଯେଉଁମାନଙ୍କୁ ଦେଶରୁ ନିର୍ବାସିତ କରିଛନ୍ତି ସେହି ବ୍ୟକ୍ତିମାନେ ଫିଙ୍ଗରପ୍ରିଣ୍ଟ ସର୍ଜରି ଜରିଆରେ ନୂଆ ଭିଜା ତିଆରି କରି କୁଏତ୍ ଯାଉଥିବା ପୋଲିସ କହିଛି। ଗିରଫ ୪ଜଣ ହେଲେ ଗାଜ୍ଜାଲାକୋଣ୍ଡୁଗାରି ନାଗା ମୁନେଶ୍ୱର ରେଡ୍ଡୀ, ସାଗବାଲା ଭେଙ୍କଟ ରମନ, ବୋଭିଲ୍ଲା ଶିବା ଶଙ୍କର ରେଡ୍ଡୀ ଏବଂ ରେଣ୍ଡଲା ରାମା କ୍ରିଷ୍ଣା ରେଡ୍ଡୀ। ଅଭିଯୁକ୍ତଙ୍କ ଘର କାଡପାରେ ହୋଇଥିବାବେଳେ ହାଇଦ୍ରାବାଦରେ ଏକ ହୋଟେଲରେ ସେମାନେ ରହୁଥିଲେ। ଅଭିଯୁକ୍ତ ମୁନେଶ୍ୱର ରେଡ୍ଡୀ (୩୬) ଜଣେ ଏକ୍ସ-ରେ ଟେକ୍ନିସିଆନ୍ ଏବଂ ସାଗାବାଲା (୩୯) ଜଣେ ଆନାସ୍ଥେସିଆ ଟେକ୍ନିସିଆନ୍।



ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ କାଲିଫର୍ନିଆର ଜଙ୍ଗଲନିଆଁ ଲସ୍ ଏଞ୍ଜେଲ୍ସର ଉତ୍ତର ଏବଂ ସାନ୍ ଡିଆଗୋର ପୂର୍ବଭାଗରେ ଥିବା ଜନବସତି ଅଞ୍ଚଳକୁ ମୁହାଁଇଛି। ଉତ୍ତରପଶ୍ଚିମ କାଷ୍ଟାଇକ୍ ନିକଟରେ ୮ ବର୍ଗ ମାଇଲ ପର୍ଯ୍ୟନ୍ତ ବ୍ୟାପିଥିବା ରୁଟ୍ ଫାୟାରକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ କର୍ମଚାରୀମାନେ ଏକ ଡୋଜର ଜରିଆରେ ଉଦ୍ୟମ ଚଳାଇଛନ୍ତି।

## ମଧ୍ୟପ୍ରଦେଶରେ ସିରିଏଲ କିଲରର ଆତଙ୍କ

# ୩ ରାତିରେ ୩ ହତ୍ୟା

ଭୋପାଳ, ୧।୯

ମଧ୍ୟପ୍ରଦେଶର ସାଗର ସହରରେ ଜଣେ ସିରିଏଲ କିଲର ଆତଙ୍କ ଖେଳାଇଛନ୍ତି। ଗତ ୩ ଦିନରେ ୩ ଜଣଙ୍କୁ ହତ୍ୟା କରିବା ପରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବିଶେଷକରି ସିକ୍ୟୁରିଟି ଗାର୍ଡଙ୍କୁ ସେ ଟାର୍ଗେଟ କରୁଥିବା ଜଣାଯାଇଛି। ଜଗୁଆଳିମାନେ ରାତିରେ ଶୋଇଥିବାବେଳେ ହାତୁଡ଼ି କିମ୍ବା ପଥର ଦ୍ୱାରା ସେମାନଙ୍କ ମୁଣ୍ଡ ଛେଚି ହତ୍ୟା କରୁଛନ୍ତି। ଦୁଇ ଜଣଙ୍କ ହତ୍ୟାରେ ଜଣଙ୍କର ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିବାରୁ ଏହା ସିରିଏଲ କିଲରଙ୍କ କାମ ବୋଲି କୁହାଯାଉଛି। ଅଦ୍ୟାବଧି ମୋଟ ୪ ଜଣଙ୍କୁ ଆକ୍ରମଣ ହୋଇଥିବାବେଳେ ୩ ଜଣ ପ୍ରାଣ ହରାଇସାରିଛନ୍ତି। ଅନ୍ୟ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ଅଭିଯୁକ୍ତଙ୍କ ସ୍କେଚ୍ ଜାରି କରିଛି।

କାଣ୍ଟ୍ ଥାନା ଅନ୍ତର୍ଗତ ଏକ ଫ୍ୟାକ୍ଟ୍ରିରେ ସିକ୍ୟୁରିଟି ଗାର୍ଡ ଭାବେ ନିୟୋଜିତ କଲ୍ୟାଣ ଲୋଧି (୫୦)ଙ୍କୁ ଅଗଷ୍ଟ ୨୮ ତାରିଖ ରାତିରେ ହାତୁଡ଼ିରେ ଆକ୍ରମଣ କରି ହତ୍ୟା କରାଯାଇଛି। ସେହିପରି ଅଗଷ୍ଟ ୨୯ରେ ସିଭିଲ୍ ଲାଇନ ପୋଲିସ ଷ୍ଟେଶନ ଅନ୍ତର୍ଗତ ଏକ କଲେଜର ଜଗୁଆଳି ଶମ୍ଭୁରାମ ଦୁବେ(୬୦)ଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରାଯାଇଥିବା ପୋଲିସ କହିଛି। ହତ୍ୟାର ଶିକାର ହୋଇଥିବା ଅନ୍ୟ ଜଣେ ସିକ୍ୟୁରିଟି ଗାର୍ଡ ହେଲେ ଉତ୍ତମ ରଜାକ।



ମଧ୍ୟପ୍ରଦେଶର ରାଜାଖେଡିଠାରେ ମୃତ ସିକ୍ୟୁରିଟି ଗାର୍ଡ ଶମ୍ଭୁରାମଙ୍କ ପରିବାର ଲୋକ ଏବଂ ଅନ୍ୟମାନେ ଆନ୍ଦୋଳନ କରୁଛନ୍ତି।

- ଟାର୍ଗେଟରେ ସିକ୍ୟୁରିଟି ଗାର୍ଡ
- ସ୍କେଚ୍ ଜାରି କଲା ପୋଲିସ

ସାଗରର ମୋତି ନଗର ଅଞ୍ଚଳରେ ଜଣକ ଘରେ ଜଗୁଆଳି ଥିବା ମଙ୍ଗଲ ଅହିରୱାରଙ୍କୁ ପଥରରେ ଆକ୍ରମଣ କରାଯାଇଥିବାବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଗୋଟିଏ ପ୍ରକାର ଷ୍ଟାଇଲରେ ହତ୍ୟା କରାଯାଇଥିବାରୁ ସମାନ ଅଭିଯୁକ୍ତ ଏଥିରେ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରିଛି। ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତଙ୍କ ସ୍କେଚ୍ ଜାରି କରାଯାଇଛି। ମଙ୍ଗଲ ସୁସ୍ଥ ହେଲେ ତାଙ୍କଠାରୁ ହତ୍ୟାକାଣ୍ଡର ସୁରାକ ମିଳିପାରେ ବୋଲି ପୋଲିସ କହିଛି। ଆଶ୍ଚର୍ଯ୍ୟକର କଥା ହେଉଛି ହତ୍ୟା ପରେ ଅଭିଯୁକ୍ତ କୌଣସି ଲୁଟ୍‌ପାଟ ନ କରି କେବଳ ତାଙ୍କ ମୋବାଇଲ ଫୋନ୍ ନେଇଯାଉଛନ୍ତି। ଏହା ପୂର୍ବରୁ ସେଥିରୁ ସିମ୍‌କାର୍ଡ କାଢ଼ି ସେଠାରେ ହିଁ ଫିଙ୍ଗି ଦେଉଛନ୍ତି। ଅଭିଯୁକ୍ତ ସାଇକୋ କିଲର ହୋଇଥିବାରୁ କୌଣସି ସୂଚନା ନ ଥିବା ପୋଲିସ କହିଛି। ଏହାପୂର୍ବରୁ ମଧ୍ୟପ୍ରଦେଶର ସିରିଏଲ କିଲର ଆଦେଶ ଖାମ୍ରା ଟ୍ରକ୍ ଡ୍ରାଇଭର ଏବଂ କ୍ଲିନରଙ୍କୁ ଟାର୍ଗେଟ କରି ହତ୍ୟାକରିବା ଘଟଣା ସେତେବେଳେ ସାରା ଦେଶରେ ଚାଞ୍ଚଲ୍ୟ ଖେଳାଇଥିଲା। ଆଦେଶ ୩୪ ଜଣଙ୍କୁ ହତ୍ୟା କରି ଦଶନ୍ଧି ପର୍ଯ୍ୟନ୍ତ ଫେରାର ଥିଲେ। ୨୦୧୮ରେ ପୋଲିସ ତାଙ୍କୁ ଗିରଫ କରିଥିଲା।



ଅଭିଯୁକ୍ତଙ୍କ ସ୍କେଚ୍

## ଗର୍ଭବତୀଙ୍କ ମୃତ୍ୟୁ ପରେ ପର୍ତ୍ତୁଗାଲ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା

ଲିସ୍‌ବନ୍, ୧।୯

ପର୍ତ୍ତୁଗାଲରେ ଜଣେ ୩୪ ବର୍ଷୀୟା ଭାରତୀୟ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ପରେ ସ୍ୱାସ୍ଥ୍ୟମନ୍ତ୍ରୀ ମାର୍ଟା ଟେମିଡୋ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ହସ୍ପିଟାଲରେ ଜରୁରିକାଳୀନ ସ୍ତ୍ରୀ ଓ ପ୍ରସୂତି ବିଭାଗ ସେବା ଅସ୍ଥାୟୀ ଭାବେ ବନ୍ଦ କରିବା ନିଷ୍ପତ୍ତି ପାଇଁ ସେ ସମାଲୋଚିତ ହୋଇଥିଲେ। ଗୋଟିଏ ଡାକ୍ତରଖାନାରୁ ଅନ୍ୟଟିକୁ ସ୍ଥାନାନ୍ତର ହେବା ପରେ ମହିଳାଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ପ୍ରଧାନମନ୍ତ୍ରୀ ଆଣ୍ଟୋନିଓ କୋଷ୍ଟା ଇସ୍ତଫାପତ୍ର ଗ୍ରହଣ କରିବା ସହ ସ୍ୱାସ୍ଥ୍ୟକ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ମାର୍ଟାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୨୦୧୮ରୁ ମାର୍ଟା ସ୍ୱାସ୍ଥ୍ୟମନ୍ତ୍ରୀ ଥିବାବେଳେ ଦେଶକୁ କରୋନା ମହମାରୀ ବିପର୍ଯ୍ୟୟରୁ ମୁକୁଳାଇବା ଶ୍ରେୟ ତାଙ୍କୁ ହିଁ ଦିଆଯାଏ। ତେବେ ଡାକ୍ତରଖାନାଗୁଡ଼ିକରେ ପ୍ରସୂତି ବିଭାଗରେ ଯଥେଷ୍ଟ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଅଭାବ ଯୋଗୁ ବିରୋଧୀ ମାର୍ଟାଙ୍କୁ ସମାଲୋଚନା କରିଆସୁଥିଲେ। ନୂଆ ସ୍ୱାସ୍ଥ୍ୟମନ୍ତ୍ରୀ ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ମାର୍ଟା ଦାୟିତ୍ୱ ତୁଲାଇବେ। ସୂଚନା ଅନୁସାରେ, ଭାରତୀୟ ମହିଳା ଜଣଙ୍କୁ ଡି ସାଣ୍ଟା ମାରିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଆବଶ୍ୟକ ଚିକିତ୍ସା ଓ ସୁବିଧା ନ ମିଳିବାରୁ ତାଙ୍କୁ ସାଓ ଫ୍ରାନ୍ସିସ୍କୋ ଜାଭିୟର ହସ୍ପିଟାଲକୁ ପଠାଯାଇଥିଲା। ପରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ଅସ୍ତ୍ରୋପଚାର କରାଯାଇ ଅପରିପକ୍ୱ ଶିଶୁକୁ ବାହାରକୁ ଅଣାଯାଇଥିବାବେଳେ ଏହାର ଚିକିତ୍ସା ଚାଲିଛି।



ମାର୍ଟା ଟେମିଡୋ

## ଆସ୍ଥା ଭୋଟ ଜିତିଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୧।୯

ଦିଲ୍ଲୀ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ୍ ଗୁରୁବାର ଆସ୍ଥା ଭୋଟ ଜିତିଛନ୍ତି। ୫୮ ଜଣ ବିଧାୟକ କେଜ୍‌ରିୱାଲଙ୍କ ସରକାର ସପକ୍ଷରେ ଭୋଟ ଦେଇଥିଲେ। ଭାଜପା ଦିଲ୍ଲୀର ଜଣେ ହେଲେ ଏଏପି ବିଧାୟକଙ୍କୁ କିଣିପାରି ନ ଥିବା ଆସ୍ଥା ଭୋଟରୁ ପ୍ରମାଣିତ ହୋଇଯାଇଛି ବୋଲି କେଜ୍‌ରିୱାଲ କହିଛନ୍ତି। ଭାଜପା ଶାସକ ଏଏପିରୁ କେତେଜଣ ବିଧାୟକଙ୍କୁ କିଣିବା ଲାଗି ୨୦ କୋଟି ଟଙ୍କା ଲେଖାଏ ଅଫର ଦେଇଥିବାର ଅଭିଯୋଗ ହୋଇଥିଲା। ସେଥିପାଇଁ ଗୃହରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ନିମନ୍ତେ କେଜ୍‌ରିୱାଲ ଗତ ୨୯ ତାରିଖରେ ବିଧାନସଭାରେ ଆସ୍ଥା ଭୋଟ ଲୋଡ଼ିଥିଲେ। ୭୦ ଆସନ ବିଶିଷ୍ଟ ବିଧାନସଭାରେ ଏଏପିର ୬୨ ବିଧାୟକ ଥିବାବେଳେ ଭାଜପାର ୮ ଜଣ ସଦସ୍ୟ ରହିଛନ୍ତି। ଦୁଇଜଣ ଏଏପି ବିଧାୟକ ବିଦେଶ ଗସ୍ତରେ ଥିବାବେଳେ ଜଣେ ଜେଲ୍‌ରେ ଅଛନ୍ତି। ଚତୁର୍ଥ ଏଏପି ବିଧାୟକ ଗୃହର ବାଚସ୍ପତି ଥିବାରୁ ସେ ଭୋଟ ଦେଇ ନ ଥିବା ଆସ୍ଥା ଭୋଟ ଜିତିବା ପରେ କେଜ୍‌ରିୱାଲ କହିଛନ୍ତି।

## ସମରାଭ୍ୟାସ ଆରମ୍ଭ କଲା ରୁଷିଆ



ମସ୍କୋ, ୧।୯

ୟୁକ୍ରେନ୍ ଉପରେ ଆକ୍ରମଣ ଭିତରେ ରୁଷିଆ ବଡ଼ଧରଣର ସମରାଭ୍ୟାସ ଭୋଷ୍ଟୋକ୍-୨୦୨୨ ଗୁରୁବାର ଆରମ୍ଭ କରିଛି। ଏଥିରେ ଭାରତ, ଚାଇନା ସମେତ ସୋଭିଏତ୍ ସଂଘ ଅମଳର କେତେକ ଦେଶ ଏବଂ ଲାଓସ୍, ମଙ୍ଗୋଲିଆ, ନିକାରାଗୁଆ, ସିରିଆ ମଧ୍ୟ ସାମିଲ ହୋଇଛନ୍ତି। ପୂର୍ବ ରୁଷିଆ ଏବଂ ଜାପାନ ସାଗରରେ ଏହି ମିଲିଟାରି ଡ୍ରିଲ ଚାଲିଛି। ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମରାଭ୍ୟାସରେ ୫୦ ହଜାରରୁ ଊର୍ଦ୍ଧ୍ୱ ସୈନ୍ୟ, ୫ ହଜାର ଯୁଦ୍ଧାସ୍ତ୍ର ୟୁନିଟ୍, ୧୪୦ ଯୁଦ୍ଧବିମାନ, ୬୦ ୱାର୍‌ଶିପ୍ ସାମିଲ ହେବେ। ୟୁକ୍ରେନ୍ ଉପରେ ରୁଷିଆ ବିନା କାରଣରେ ଆକ୍ରମଣ କରିଛି। ତେଣୁ ମିଲିଟାରି ଡ୍ରିଲରେ ଭାଗ ନେଇଥିବା ଦେଶଗୁଡ଼ିକ ନିଜେ ଏ ଦିଗରେ ବିଚାର କରି ନିଷ୍ପତ୍ତି ନେବା କଥା ବୋଲି ଆମେରିକା କହିଛି।

## ବାପାଙ୍କ ୫ମ ବିବାହ ରୋକିଲେ ୭ ପିଲା

ସୀତାପୁର(ୟୁପି),୧।୯

ଉତ୍ତରପ୍ରଦେଶର ସୀତାପୁର ଅଞ୍ଚଳରେ ଶାଫି ଅହମଦ ନାମକ ୫୫ ବର୍ଷୀୟ ବ୍ୟକ୍ତି ମଙ୍ଗଳବାର ରାତିରେ ପଞ୍ଚମ ବିବାହ କରିବାକୁ ଯାଉଥିଲେ। ତାଙ୍କର ୭ ପିଲା ଓ ସେମାନଙ୍କ ମାଆ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିବାରୁ ଶାଫିଙ୍କ ବିବାହ ବନ୍ଦ ରହିଛି। ପିଲାମାନେ ଓ ସେମାନଙ୍କ ମାଆ ବିବାହ ମଣ୍ଡପରେ ପହଞ୍ଚି ହଙ୍ଗାମା କରିଥିଲେ। ସେମାନେ କନ୍ୟା ପରିବାରକୁ ନିଜର ପରିଚୟ ଜଣାଇବା ପରେ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲା। ସେଠାରେ ଅନ୍ୟମାନେ ପହଞ୍ଚି ବାହାହେବାକୁ ଆସିଥିବା ଶାଫିଙ୍କୁ ମାଡ଼ ମାରିଥିଲେ। ଏହି ସମୟରେ କନ୍ୟା ଜଣକ ବିବାହ ମଣ୍ଡପରୁ ଖସି ପଳାଇଥିଲେ। ପିଲାମାନଙ୍କ ଅଭିଯୋଗକ୍ରମେ କୋଟୱାଲି ଥାନା ଇନ୍ସପେକ୍ଟର ତେଜପ୍ରକାଶ ସିଂ ଘଟଣାସ୍ଥଳରେ ପହଞ୍ଚି ଶାଫିଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ତାଙ୍କ ଅନ୍ୟ ସ୍ତ୍ରୀ ଓ ସେମାନଙ୍କ ପିଲାଙ୍କ ପାଇଁ ମାସିକ ଭରଣପୋଷଣ ଖର୍ଚ୍ଚ ଦେଉ ନ ଥିବା ଅଭିଯୋଗ ହୋଇଛି।

## ଅଗଷ୍ଟରେ ବେରୋଜଗାରୀ ହାର ୮.୩%କୁ ବୃଦ୍ଧି

ନୂଆଦିଲ୍ଲୀ,୧।୯

ଅଗଷ୍ଟରେ ଭାରତରେ ବେରୋଜଗାରୀ ହାର ୮.୩ %କୁ ବୃଦ୍ଧି ପାଇଛି, ଯାହା ବର୍ଷକ ମଧ୍ୟରେ ସର୍ବାଧିକ। ଏହି ମାସରେ ନିଯୁକ୍ତି ୨ ନିୟୁତ ହ୍ରାସ ପାଇ ୩୯୪.୬ ନିୟୁତ ରହିଥିବା ଭାରତୀୟ ଅର୍ଥନୀତି ପର୍ଯ୍ୟବେକ୍ଷକ କେନ୍ଦ୍ର (ସିଏମ୍‌ଆଇଇ) ତଥ୍ୟରୁ ଜଣାପଡ଼ିଛି। ଜୁଲାଇରେ ବେରୋଜଗାରୀ ହାର ୬.୮% ଏବଂ ନିଯୁକ୍ତି ୩୯୭ ନିୟୁତ ଥିଲା। ଗତ ମାସରେ ସହରାଞ୍ଚଳ ବେରୋଜଗାରୀ ୯.୬%କୁ ବୃଦ୍ଧି ପାଇଥିବାବେଳେ ଗ୍ରାମାଞ୍ଚଳରେ ଏହା ୭.୭% ରହିଥିବା ସିଏମ୍‌ଆଇଇ ପରିଚାଳନା ନିର୍ଦ୍ଦେଶକ ମହେଶ ବ୍ୟାସ କହିଛନ୍ତି। ଲଗାଣ ବର୍ଷା ଯୋଗୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ଗ୍ରାମାଞ୍ଚଳରେ ବେରୋଜଗାରୀ ବଢ଼ିଥିବା କୁହାଯାଉଛି। ଚଳିତ ମାସରେ ଚାଷ କାର୍ଯ୍ୟ ବଢ଼ିବାକୁ ଥିବାରୁ ଗ୍ରାମାଞ୍ଚଳ ବେରୋଜଗାରୀ ହାର ହ୍ରାସ ପାଇପାରେ। ତେବେ ଆଗାମୀ ମାସରେ ସହରାଞ୍ଚଳ ବେରୋଜଗାରୀ ହାର କମିବା ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ।

ଅଗଷ୍ଟରେ ହରିୟାଣାରେ ବେରୋଜଗାରୀ ହାର ସର୍ବାଧିକ ୩୭.୩% ଥିବାବେଳେ ଜମ୍ମୁ-କଶ୍ମୀରରେ ୩୨.୮, ରାଜସ୍ଥାନରେ ୩୧.୪, ଝାଡ଼ଖଣ୍ଡରେ ୧୭.୩ ଏବଂ ତ୍ରିପୁରାରେ ୧୬.୩% ରହିଛି। ଅନ୍ୟପକ୍ଷରେ ଛତିଶଗଡ଼ରେ ବେରୋଜଗାରୀ ସର୍ବନିମ୍ନ ୦.୪ % ଥିବାବେଳେ ମେଘାଳୟରେ ୨%, ମହାରାଷ୍ଟ୍ରରେ ୨.୨% ରହିଛି। ସେହିପରି ଓଡ଼ିଶା ଓ ଗୁଜରାଟରେ ବେରୋଜଗାରୀ ହାର ୨.୬ ପ୍ରତିଶତ ଥିବା ସିଏମ୍‌ଆଇଇ ତଥ୍ୟରୁ ଜଣାପଡ଼ିଛି।

ଯୁବବର୍ଗଙ୍କ ମଧ୍ୟରେ ନିଯୁକ୍ତି ହାର ୨୦.୯ରୁ ୧୦.୪%କୁ ହ୍ରାସ ପାଇଛି, ଯାହାକି ୫ ବର୍ଷ ମଧ୍ୟରେ ସର୍ବନିମ୍ନ। ଏନେଇ ଭାଜପା ଏମ୍‌ପି ବରୁଣ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ସରକାରୀ ବିଭାଗଗୁଡ଼ିକ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ କହିଥିଲେ। ଏନେଇ କୌଣସି ବିଭାଗ ଏପର୍ଯ୍ୟନ୍ତ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିନାହାନ୍ତି। ନିଯୁକ୍ତି ପାଇଁ ଯୁବସମାଜ ଆଉ କେତେଦିନ ଅପେକ୍ଷା କରିବେ ବୋଲି ବରୁଣ ଟୁଇଟ୍ କରିଛନ୍ତି।

## ଜାହାଜ ଅଟକି ସୁଏଜ କେନାଲ ଅବରୋଧ

ପ୍ୟାରିସ,୧।୯

ଭୂମଧ୍ୟସାଗରକୁ ଲୋହିତ ସାଗର ସହ ସଂଯୋଗ କରୁଥିବା ସୁଏଜ୍ କେନାଲରେ ବୁଧବାର ରାତିରେ ଏକ ବଡ଼ ତୈଳବାହୀ ଜାହାଜ ଅଟକିଯିବାରୁ କିଛି ଘଣ୍ଟା ପାଇଁ ଉକ୍ତ କେନାଲ ଅବରୋଧ ହୋଇଯାଇଥିଲା। ୨୫୨ ମିଟର ଲମ୍ବା ଓ ୪୫ ମିଟର ପ୍ରସ୍ଥବିଶିଷ୍ଟ ଆଫିନିଟି-ଭି ନାମକ ଏହି ଜାହାଜ ସିଙ୍ଗଲ୍ ଲେନ୍ ରୁଟ୍‌ରେ ଅଟକି ଯିବାରୁ ଅନ୍ୟ ଜାହାଜ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁ ଜାହାଜର ରୁଡର କାମ କରି ନ ଥିଲା। ଜାହାଜକୁ ହଟାଇବା ପାଇଁ ୫ଟି ଟଗ୍ ବୋଟ୍‌କୁ ନିୟୋଜିତ କରାଯାଇଥିଲା। ୫ ଘଣ୍ଟା ପରେ ଆଫିନିଟି-ଭି ଗତିଶୀଳ ହେବାରୁ କେନାଲ ଅବରୋଧମୁକ୍ତ ହୋଇଥିଲା ବୋଲି ସୁଏଜ୍ କର୍ତ୍ତୃପକ୍ଷ କହିଛନ୍ତି। ପର୍ତ୍ତୁଗାଲରୁ ସାଉଦି ଆରବର ୟାନ୍‌ବୁସ୍ଥିତ ରେଡ ସି ବନ୍ଦରକୁ ଯାଉଥିବା ଉକ୍ତ ଜାହାଜରେ ୧,୧୦,୦୦୦ ଟନ୍‌ରୁ ଅଧିକ ତେଲ ରହିଥିଲା। ସୂଚନାଯୋଗ୍ୟ ଗତବର୍ଷ ମାର୍ଚ୍ଚରେ ଉକ୍ତ ଶିପିଙ୍ଗ୍ ଲେନ୍‌ରେ ୪୦୦ ମିଟର ଲମ୍ବ ବିଶିଷ୍ଟ ଏଭର ଗ୍ରୀନ୍ ନାମକ ଜାହାଜ ଅଟକିଯିବାରୁ କେନାଲ ୬ ଦିନ ପର୍ଯ୍ୟନ୍ତ ଅବରୋଧ ହୋଇ ରହିଥିଲା। ଟ୍ରାଫିକ ଜାମ୍ ଫଳରେ ଦିନକୁ ୯ ବିଲିୟନ ଡଲାର ବାଣିଜ୍ୟିକ କ୍ଷତି ହୋଇଥିଲା। ୧୪ ଟଗ୍ ବୋଟ୍ ଏବଂ ଆର୍ଥମୁଭିଂ ଯନ୍ତ୍ର ସାହାଯ୍ୟରେ ଉକ୍ତ ଜାହାଜକୁ ହଟାଯାଇଥିଲା।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୮୩,୬୩,୪୯୯ | ୬୪,୯୬,୯୬୩ | ୫୮,୪୬,୩୩,୬୯୨ |
| ଭାରତ | ୪,୪୪,୩୬,୩୩୯ | ୫,୨୭,୯୧୧ | ୪,୩୮,୪୫,୬୮୦ |
| ଓଡ଼ିଶା | ୧୩,୨୭,୮୪୪ | ୯୧୭୭(+୫୩) | ୧୩,୧୭,୦୪୨ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ରଷିପଞ୍ଚମୀ ବ୍ରତ ପାଳନ ପାଇଁ ଗୁରୁବାର ଶ୍ରୀମନ୍ଦିରରୁ ମହାଲକ୍ଷ୍ମୀଙ୍କୁ ପୁରୀର ମାର୍କଣ୍ଡେୟ ଆଶ୍ରମକୁ ନିଆଯାଉଛି।

## ଭୁବନେଶ୍ୱରରୁ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କୋକେନ୍ ଜବତ ଘଟଣା | ମୁଖ୍ୟ ଅଭିଯୁକ୍ତ ଉତ୍ତରପ୍ରଦେଶରୁ ଗିରଫ

- ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣୁଛି ଏସ୍‌ଟିଏଫ୍, ଆଜି ହେବେ କୋର୍ଟ ଚାଲାଣ
- ଏପ୍ରିଲ୍ ଦ୍ୱିତୀୟ ସପ୍ତାହରେ ଗିରଫ ହୋଇଥିଲେ ସହଯୋଗୀ ରବି, ସନ୍ନି

ଭୁବନେଶ୍ୱର,୧।୯(ବ୍ୟୁରୋ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଭୁବନେଶ୍ୱରରୁ ଗତ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ଦୁଇ ଆନ୍ତଃରାଜ୍ୟ ନିଶା ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୪୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ୨୦୨ଗ୍ରାମର 'କୋକେନ' ଜବତ କରିଥିଲା। ଉକ୍ତ ମାମଲାର ମୁଖ୍ୟ ଅଭିଯୁକ୍ତ ଗୁଲ୍‌ବେସ୍ ଖାନ୍ ଓରଫ ଏସ୍‌କେ ହଜ୍‌ରତ୍ ବୁଧବାର ଉତ୍ତରପ୍ରଦେଶ ଗାଜିଆବାଦ୍ ସହରରୁ ଏସ୍‌ଟିଏଫ୍ ହାତରେ ଧରାପଡ଼ିଛନ୍ତି। ତାଙ୍କ ଘର ହେଲା ଉତ୍ତରପ୍ରଦେଶ ବରେଲି ଜିଲା ସିସଗଡ଼ ଥାନା ଅନ୍ତର୍ଗତ ଧର୍ମପୁରା ଗ୍ରାମରେ। ଏସ୍‌ଟିଏଫ୍ ସ୍ଥାନୀୟ ପୋଲିସ ସହାୟତାରେ ଅଭିଯୁକ୍ତ ହଜ୍‌ରତ୍‌ଙ୍କୁ ଗିରଫ କରିବା ପରେ ତାଙ୍କୁ ଗାଜିଆବାଦ୍‌ସ୍ଥିତ ଅତିରିକ୍ତ ସିଭିଲ୍ ଜଜ୍ କୋର୍ଟରେ ହାଜର କରିଥିଲା। ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବାକୁ ଅନୁମତି ମିଳିବା ପରେ ଏସ୍‌ଟିଏଫ୍ ହଜ୍‌ରତ୍‌ଙ୍କୁ ଓଡ଼ିଶା ଆଣୁଛି। ଶୁକ୍ରବାର ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। କୋର୍ଟ ଚାଲାଣ ପରେ ହଜ୍‌ରତ୍‌ଙ୍କୁ ରିମାଣ୍ଡରେ ଆଣି ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବାକୁ ଏସ୍‌ଟିଏଫ୍ ଯୋଜନା କରୁଥିବା ଜଣାପଡ଼ିଛି। ଏହି ମାମଲାରେ ଅଭିଯୁକ୍ତ ରବି ସିଂ ଓ ସନ୍ନି କୁମାର ପୂର୍ବରୁ ଗିରଫ ହୋଇଥିଲେ।



ଗୁଲ୍‌ବେସ୍ ଖାନ୍

ସୂଚନା ଅନୁଯାୟୀ, ରବି ରାଜସ୍ଥାନରେ ରହୁଥିବାବେଳେ ସନ୍ନି ଭୁବନେଶ୍ୱର ସାଲିଆସାହିର ତାରିଣୀ ବସ୍ତିରେ ରହି ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଅସ୍ଥାୟୀ ଚୁଡ଼ି ଓ କସ୍‌ମେଟିକ୍ସ ଦୋକାନ କରିଥିଲେ। କୋକେନ୍ ବିକ୍ରି କରିବାକୁ ଅଭିଯୁକ୍ତଦ୍ୱୟ ପୂର୍ବରୁ ଓଡ଼ିଶାରେ ଥିବା ଜଣେ ନିଶା ଡିଲରଙ୍କ ସହ କଥା ହୋଇଥିଲେ। ଏ ସମ୍ପର୍କରେ ଖବର ପାଇବା ପରେ ଏସ୍‌ଟିଏଫ୍ ପକ୍ଷରୁ ୨ଟି ଟିମ୍ ଗଠନ କରାଯାଇ ସେମାନଙ୍କୁ ଧରିବାକୁ ଜାଲ ବିଛାଯାଇଥିଲା। ଏପ୍ରିଲ ୧୨ରେ ଦିନତମାମ୍ ଏସ୍‌ଟିଏଫ୍ ଟିମ୍ ସେମାନଙ୍କ ପିଛା କରିଥିଲା। ସନ୍ଧ୍ୟାରେ ଅଭିଯୁକ୍ତଦ୍ୱୟ ଜାଭିୟର ଛକ ନିକଟରେ ଛିଡ଼ା ହୋଇ ଓଡ଼ିଶାର ଡିଲରଙ୍କୁ ଅପେକ୍ଷା କରିଥିଲେ। ସେହି ସମୟରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ କୋକେନ୍ ଜବତ କରିଥିଲା। ଉକ୍ତ ଘଟଣାରେ ଏକ ମାମଲା (ନଂ.୯/୨୦୨୨) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପରେ ଉଭୟଙ୍କୁ ୪ ଦିନିଆ ରିମାଣ୍ଡରେ ଆଣି ଜେରା କରିବା ପରେ ଏସ୍‌ଟିଏଫ୍ ହଜ୍‌ରତ୍‌ଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲା। ଉଭୟଙ୍କଠୁ ହଜ୍‌ରତ୍‌ଙ୍କ ଠିକଣା ଆଣି ଉତ୍ତରପ୍ରଦେଶ ପୋଲିସ ସହ ଏସ୍‌ଟିଏଫ୍ ଯୋଗାଯୋଗରେ ଥିଲା। ବୁଧବାର ଦିନବେଳା ଗାଜିଆବାଦ୍ ସହରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏସ୍‌ଟିଏଫ୍ ଚଢ଼ାଉ କରି ହଜ୍‌ରତ୍‌ଙ୍କୁ କାବୁ କରିଥିଲା।

## ଏନ୍‌ଆର୍‌ଆର୍‌ଆଇର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ ଭାସ୍କର ଚନ୍ଦ୍ର ପାତ୍ର | 'ଉନ୍ନତ କିସମ ଧାନ ପ୍ରସ୍ତୁତି ଉପରେ ଗୁରୁତ୍ୱଦେବି'

କଟକ ଅଫିସ,୧।୯

ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ(ଏନ୍‌ଆର୍‌ଆର୍‌ଆଇ)ର ନିର୍ଦ୍ଦେଶକ ଭାବେ ଡ. ଭାସ୍କର ଚନ୍ଦ୍ର ପାତ୍ର ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନୁଷ୍ଠାନର ଦୀର୍ଘ ୭୬ ବର୍ଷର ଯାତ୍ରାରେ ଡ. ପାତ୍ର ହେଉଛନ୍ତି ୨୬ତମ ନିର୍ଦ୍ଦେଶକ। ଧାନ ଗବେଷଣା କ୍ଷେତ୍ରରେ ତାଙ୍କର ଦୀର୍ଘ ୩୨ ବର୍ଷର ଅଭିଜ୍ଞତା ରହିଛି। ସେ ୧୯୮୨ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଉଦ୍ଭିଦ ବିଜ୍ଞାନରେ ସ୍ନାତକୋତ୍ତର ଏବଂ ୧୯୮୯ରେ ଉଦ୍ଭିଦ ଟ୍ୟାକ୍ସୋନୋମିରେ ପି.ଏଚ୍‌ଡି. ଲାଭ କରିଥିଲେ। ୧୯୮୬ରେ ସର୍ବଭାରତୀୟ ସ୍ତରରେ ହୋଇଥିବା କୃଷି ଅନୁସନ୍ଧାନ ସେବା ପରୀକ୍ଷାର ଇକୋନୋମିକ୍ ବଟାନି ବିଷୟରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କଟକସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନରେ



ଡ. ଭାସ୍କର ଚନ୍ଦ୍ର ପାତ୍ର

ଜଣେ ବୈଜ୍ଞାନିକ ଭାବରେ ୧୯୯୦ ମସିହାରେ ସେ ଯୋଗ ଦେଇଥିଲେ। ୧୯୯୯ରେ ବରିଷ୍ଠ ବୈଜ୍ଞାନିକ ଏବଂ ୨୦୦୭ରେ ପ୍ରଧାନ ବୈଜ୍ଞାନିକ ଭାବେ ସେ ପଦୋନ୍ନିତ ପାଇଥିଲେ। ଏଥିସହ ୨୦୧୯ ମସିହାରେ ସେ ଫସଲ ଉନ୍ନୟନ ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଡ. ପାତ୍ର ୧୯୬୧ ଜୁନ୍ ୧୧ରେ ବାଲେଶ୍ୱର ଜିଲାର ସହଦେବଖୁଣ୍ଟା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ୧୯୭୬ ମସିହାରେ ସେ ବାଲେଶ୍ୱରସ୍ଥିତ ଅଯୋଧ୍ୟା ହାଇସ୍କୁଲରୁ ମାଟ୍ରିକ୍ ପାସ, ୧୯୮୦ରେ ବାଲେଶ୍ୱର ଫକୀର ମୋହନ କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଇକୋନୋମିକ୍ ବଟାନି କ୍ଷେତ୍ରରେ ଡ. ପାତ୍ର ଜଣେ ବିଶିଷ୍ଟ ବୈଜ୍ଞାନିକ, ଯାହାଙ୍କ ନେତୃତ୍ୱରେ ପ୍ରତିଷ୍ଠାନ ଏକ ନୂତନ ଉଚ୍ଚତା ସ୍ପର୍ଶ କରିବ ବୋଲି ସହଯୋଗୀ ବୈଜ୍ଞାନିକମାନେ ଆଶାପୋଷଣ କରିଛନ୍ତି। ଏହି ଅବସରରେ ଡ. ପାତ୍ର କହିଛନ୍ତି, ନୂତନ କିସମର ଧାନ ବିକଶିତ କରିବା ଓ ପାଗ ପରିବର୍ତ୍ତନଜନିତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିପାରିବା ଭଳି ଉନ୍ନତ କିସମର ଧାନ ପ୍ରସ୍ତୁତି ଉପରେ ଗୁରୁତ୍ୱଦେବି। ଚାଷୀମାନେ ପରିବେଶ ପରିବର୍ତ୍ତନଜନିତ ଫସଲ କ୍ଷତିରୁ ଯେପରି ରକ୍ଷା ପାଇପାରିବେ, ସେଥିପ୍ରତି ଧ୍ୟାନ ଦିଆଯିବ। ଏଥିସହ ଜଳାଭାବ ଓ ଜଳାଧିକ୍ୟ ଜନିତ ପରିସ୍ଥିତିକୁ ସାମ୍ନା କରିପାରିବା ଭଳି ବିହନ କିସମ ବିକାଶ ଉପରେ କାର୍ଯ୍ୟଧାରାକୁ ପରିବର୍ତ୍ତନ କରାଯାଉଛି। ଚାଷୀମାନେ କୃଷିରେ ନୂତନ ଜ୍ଞାନକୌଶଳର ପ୍ରୟୋଗ ସାଙ୍ଗକୁ ମୋବାଇଲ ଆପ୍ ମାଧ୍ୟମରେ ବୈଜ୍ଞାନିକମାନଙ୍କ ପରାମର୍ଶ ନେଇପାରିବେ। କମ୍ ଶ୍ରମରେ ଅଧିକ ଅମଳ କରାଯିବା ନେଇ ଚାଷୀମାନଙ୍କୁ ଆବଶ୍ୟକ ସୂଚନା ଓ ପରାମର୍ଶ ଦେଇ ଶିକ୍ଷିତ କରାଇବା ଉପରେ ଜୋର୍ ଦେବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଏନ୍‌ଆର୍‌ଆର୍‌ଆଇର ନିର୍ଦ୍ଦେଶିକା ଡ. ପଦ୍ମିନୀ ସ୍ୱାଇଁ ଗତ ଅଗଷ୍ଟ ୩୧ରେ ଅବସର ଗ୍ରହଣ କରିଥିଲେ।

## ବୋଲଗଡ଼ ରୋଡ୍ ହେବ ମାଣିକାଗୋଡ଼ା ରେଳ ଷ୍ଟେଶନ

ବୋଲଗଡ଼,୧।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାର ବୋଲଗଡ଼ ରୋଡ୍ ରେଳ ଷ୍ଟେଶନର ନାମ ପରିବର୍ତ୍ତନ କରାଯାଇ ମାଣିକାଗୋଡ଼ା ହେବ। ଏନେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଚିଠି ମାଧ୍ୟମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଜଣାଇଛନ୍ତି। ଏହି ସୂଚନା ଗୁରୁବାର ଏମ୍‌ପିଙ୍କ ବୋଲଗଡ଼ ପ୍ରତିନିଧି ରଘୁନାଥ ଷଡ଼ଙ୍ଗୀ ମାଣକାଗୋଡ଼ା ଅଞ୍ଚଳବାସୀଙ୍କୁ ଜଣାଇବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ପୂର୍ବାହ୍ନରେ ବୋଲଗଡ଼ ରୋଡ ଷ୍ଟେଶନରେ ଏମ୍‌ପିଙ୍କ ପ୍ରତିନିଧିଙ୍କ ନେତୃତ୍ୱରେ ଦଳେଇସାହି ସରପଞ୍ଚ ସତ୍ୟଭାମା ସ୍ୱାଇଁ, ଶିକ୍ଷକ ନେତା ମଦନ ପ୍ରଧାନ, ସାମାଜିକ କର୍ମୀ ଇଂ.କର୍ପୂର ସାହୁ, ପୂର୍ବତନ ସରପଞ୍ଚ ତ୍ରିନାଥ ସ୍ୱାଇଁ, ସହଦେବ ସୁବୁଦ୍ଧି ପ୍ରମୁଖଙ୍କ ସମେତ ସ୍ଥାନୀୟ ବାସିନ୍ଦା ରେଳମନ୍ତ୍ରୀ ଓ ଏମ୍‌ପି ଷଡ଼ଙ୍ଗୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଥାଉ କି, ଖୋର୍ଦ୍ଧାରୋଡ ବଲାଙ୍ଗୀର ରେଳପଥ





ବୋଲଗଡ଼ ରୋଡ ରେଳ ଷ୍ଟେଶନଠାରେ ଭୁବନେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ଓ ମାଣିକାଗୋଡ଼ା ଅଞ୍ଚଳବାସୀ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଉଛନ୍ତି।

ନିର୍ମାଣ ସମୟରେ ବୋଲଗଡ଼ଠାରେ ଷ୍ଟେଶନ ହେବା ପରିବର୍ତ୍ତେ ଏଠାରୁ ପ୍ରାୟ ୮ କିଲୋମିଟର ଦୂର ମାଣିକାଗୋଡାରେ ବୋଲଗଡ଼ ରୋଡ୍ ନାମରେ ଷ୍ଟେଶନ ହୋଇଥିଲା। ବୋଲଗଡ଼ ଠାରେ ଏକ ପାସେଞ୍ଜର୍ ହଲ୍ଟ କରାଯାଇଥିଲା। ଫଳରେ ବୋଲଗଡ଼ ବାସିନ୍ଦା ଏହାକୁ ବିରୋଧ କରିବା ସହ ପାସେଞ୍ଜର ହଲ୍ଟକୁ ସ୍ଥାୟୀ ଷ୍ଟେଶନ ମାନ୍ୟତା ଦାବି କରି ଆସୁଥିଲେ। କିଛିମାସ ପୂର୍ବେ ବୋଲଗଡ଼ ଟାଉନ ପିଏଚକୁ ରେଳ ମନ୍ତ୍ରୀ ବୈଷ୍ଣବ ନିୟମିତ ଷ୍ଟେଶନର ମାନ୍ୟତା ଦେବା ପରେ ବୋଲଗଡ଼ ରୋଡ ଷ୍ଟେଶନକୁ ମାଣିକାଗୋଡା ଷ୍ଟେଶନରେ ନାମିତ କରିବା ପାଇଁ ଦାବି ହୋଇ ଆସୁଥିଲା। ତେବେ ଏହି ଷ୍ଟେଶନର ନାମ ପରିବର୍ତ୍ତନ ନେଇ ଏମ୍‌ପି ଷଡ଼ଙ୍ଗୀ ରେଳ ମନ୍ତ୍ରୀଙ୍କ ନିକଟରେ ଦାବି କରିଆସୁଥିଲେ।






E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**JYOTE MOTORS**
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.

**SKY AUTOMOBILES**
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 8093027882. NARSINGHPUR: 8093027882.
KAMAKHYANAGAR: 8093027882. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.

**ODYSSEY MOTORS**
ANGUL: 7752076136, 9776901481.
PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450.
PANIKOILI: 9078076450.

Terms and conditions apply. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper.

**ଆଜିର ମନ୍ତବ୍ୟ**

"କୌଣସି ମଦ୍ରାସା ଭାରତ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଥିବା ସମ୍ପର୍କରେ ସରକାରଙ୍କୁ ସୂଚନା ମିଳିଲେ, ତାହାକୁ ମାଟିରେ ମିଶାଇ ଦିଆଯିବା

– ହିମନ୍ତ ବିଶ୍ୱଶର୍ମା, ଆସାମ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: .............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜାଣି ଘୋଡ଼ାର ଶିଙ୍ଗ ନାହିଁ
ଶିଙ୍ଗ ଥିଲେ ଘୋଡ଼ା ରଖନ୍ତା ନାହିଁ।**

ଘୋଡ଼ା ଦେଖିବାକୁ ଯେମିତି ହୃଷ୍ଟପୁଷ୍ଟ ସେମିତି କ୍ଷିପ୍ର ଗତିରେ ଦୌଡ଼ି ମଧ୍ୟ ପାରିଥାଏ। ଘୋଡାର ଶିଙ୍ଗ ଥିଲେ ସେ ଧରାକୁ ସରା ମଣିଥାନ୍ତା କିନ୍ତୁ ଶିଙ୍ଗ ନ ଥିବା କାରଣରୁ ସେ ନିଜକୁ ସେତେଟା ଶକ୍ତିଶାଳୀ ମନେ କରିପାରି ନ ଥାଏ। ପରୋକ୍ଷରେ ଭାଗ୍ୟ ଓ ପରିସ୍ଥିତି ଯେତେବେଳେ ସାଥ୍ ନ ଦିଏ ସେତେବେଳେ ମଣିଷ ଅନ୍ୟ ଆଗରେ ଦମ୍ଭ ତଥା ପରାକ୍ରମ ଦେଖାଇବାକୁ ସାହସ ଜୁଟାଇ ପାରି ନ ଥାଏ। ଏପରିସ୍ଥଳେ ନିଜକୁ ଅସାର ମଣିବା ସହ ନତମସ୍ତକ ହେବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜୋଇଁ ଡାକରା ଭାରି ମଜା
ଛ' ତିଅଣକୁ ନଅ ଭଜା।**

ଶ୍ୱଶୁରଘରେ ଜୋଇଁଙ୍କୁ ଖୁବ୍ ଆଦର ସମ୍ମାନ କରାଯାଇଥାଏ। ତାଙ୍କ ରହଣି କାଳରେ ଖାଇବା, ପିଇବା ତଥା ରହିବା ନେଇ ବିଶେଷ ଧ୍ୟାନ ଦିଆଯାଇଥାଏ। ସୁସ୍ୱାଦୁ ବ୍ୟଞ୍ଜନ ରାନ୍ଧି ପରଷି ତାଙ୍କ ମନ ଖୁସି କରିବାକୁ ଚେଷ୍ଟା କରାଯାଇଥାଏ। ଜୋଇଁ ଡାକରାରେ ଜୋଇଁଙ୍କୁ ଖୁବ୍ ଚର୍ଚ୍ଚା କରାଯାଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ମା'ସମଲେଇଙ୍କୁ ଲାଗିହେଲା ନବାନ୍ନ



ସମ୍ବଲପୁର ମା'ସମଲେଶ୍ୱରୀଙ୍କଠାରେ ନୂଆଁଖାଇ ମହାଆଳତି କରାଯାଉଛି।

**ସମ୍ବଲପୁର,୧୯(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଧାର୍ଯ୍ୟ ଲଗ୍ନ ଅନୁସାରେ ଗୁରୁବାର ବେଶ୍ ଉତ୍ସାହର ସହ ପାଳିତ ହୋଇଯାଇଛି। ସମ୍ବଲପୁରର ଇଷ୍ଟଦେବୀ ମା'ସମଲେଇଙ୍କଠାରେ ନବାନ୍ନ ଲାଗି ପରେ ଜିଲାବାସୀ ସଭିଏ ନୂଆଁ ଖାଇଛନ୍ତି। ପୂର୍ବାହ୍ନ ୧୦ଟା ୫୬ରୁ ୧୧ଟା ୧୫ମିନିଟ୍ ମଧ୍ୟରେ ବିଶୁଦ୍ଧ ତୁଳା ଲଗ୍ନେ ମା' ସମଲେଇଙ୍କ ପୀଠରେ ନବାନ୍ନ ଭୋଗ ଲାଗିଥିଲା। ପ୍ରାତଃ ସାଢେ ୪ଟାରୁ ସମଲେଇ ଗୁଡିରେ ରୁଦ୍ଧଦ୍ୱାର ନୀତି ହୋଇଥିଲା। ମା'ଙ୍କୁ ନୂଆ ସମ୍ବଲପୁରୀ ପାଟବସ୍ତ୍ର ଓ ସୁନା ରୌପ୍ୟ ଅଳଙ୍କାରରେ ବିଭୂଷିତ କରାଯାଇଥିଲା। ସକାଳ ୮ଟାରେ ୧୧୫ ପାର୍ଶ୍ୱ ଦେବଦେବୀଙ୍କ ନିକଟରେ ପୂଜକମାନେ ବନା (ଝୋଟି) ପକାଇଥିଲେ। କ୍ଷତ୍ରୀୟ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ଘରୁ ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ନବାନ୍ନ ଭୋଗ ମନ୍ଦିର ଗମ୍ଭୀରାକୁ ଯାଇଥିଲା। ପରେ କ୍ରମାନ୍ୱୟରେ ଗଙ୍ଗାଧର ରାୟ, କୋଦଣ୍ଡ ରାୟ, ପ୍ରଶାନ୍ତ ରାୟଙ୍କ ଘରୁ ନବାନ୍ନ ଭୋଗ ମନ୍ଦିରକୁ ଆସିଥିଲା। ପରମ୍ପରାନୁସାରେ ଝାଡୁଆପଡା ବେହେରା ପରିବାରରୁ ନୂଆଁଖାଇ ଭୋଗ, ନୂଆ ଚାଉଳ, ପିଠା, କାକରା, ଉଖୁଡା, ଖିରି, ସାରୁ, ଶାଗ ମନ୍ଦିରକୁ ଆସିଥିଲା। ପୂର୍ବାହ୍ନ ୧୦ଟାରେ ଦେବୀଙ୍କ ମୁଖ୍ୟ ଦ୍ୱାର ବନ୍ଦ ହୋଇଥିଲା। ଶଙ୍ଖ ଧ୍ୱନି ସହ ୧୫ଜଣ କ୍ଷତ୍ରୀୟ ପୂଜକ ଭୁବନେଶ୍ୱରୀଙ୍କ ବୀଜମନ୍ତ୍ର ଉଚ୍ଚାରଣ କରିଥିଲେ। ଏଥିସହ ଇଷ୍ଟଦେବୀ ମା' ସମଲେଇଙ୍କୁ ନବାନ୍ନ ଭୋଗ ଅର୍ପଣ କରିଥିଲେ। ୧୧ଟା ୩୦ ମିନିଟ୍‌ରେ ପୂଜକମାନେ ମନ୍ଦିର ଗମ୍ଭୀରା ଭିତରୁ ବାହାରି ନୂଆ ଚାଉଳ, ଗାଈଘିଅ ଓ ଗୁଡ଼ରେ ପ୍ରସ୍ତୁତ ନବାନ୍ନ ଭୋଗ ୧୧୫ ପାର୍ଶ୍ୱ ଦେବଦେବୀଙ୍କୁ ଅର୍ପଣ କରିଥିଲେ। ମଧ୍ୟାହ୍ନ ୧୨ଟାରେ ଅନ୍ନଭୋଗ ମା'ସମଲେଇଙ୍କ ମହାଆଳତି ଓ ପହଡ଼ ନୀତି ହୋଇଥିଲା। ଅପରାହ୍ନ ସାଢ଼େ ୧୨ଟାରେ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲା ହୋଇଥିଲା। ରାତି ୮ଟାରେ ଆଳତି, ୯ଟାରେ ଅନ୍ନଭୋଗ ଓ ୧୦ଟାରେ ମନ୍ଦିର ଦ୍ୱାର ବନ୍ଦ ହୋଇଥିଲା। ଏଥିସହ ବଲାଙ୍ଗୀରର ଇଷ୍ଟଦେବୀ ପାଟଣେଶ୍ୱରୀ, ସୋନପୁର ସୁରେଶ୍ୱରୀ, ଝାରସୁଗୁଡା ସମ୍ବଲେଶ୍ୱରୀ, ବୌଦ୍ଧର ଭୈରବୀ, ବରଗଡ ସମଲେଇ, ନୂଆପଡା ଜିଲାର ଟାନ୍‌ୱାଟ୍ କଣାଭଇରା, ସୁନ୍ଦରଗଡ଼ ସମଲେଇ, ଶିଖରବାସିନୀ ପୀଠରେ ରୀତିନୀତରେ ନୂଆଁ ଲାଗିଛି। ଦେବୀ ପୀଠରେ ନୂଆଁ ଲାଗିବା ପରେ ପ୍ରତ୍ୟେକ ନିଜ ଘରେ ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ଅର୍ପଣ କରିଥିଲେ। ପରିବାର ସଦସ୍ୟ, ବନ୍ଧୁ ପରିଜନ ସମବେତ ହୋଇ ନୂଆଁଖାଇ ତିହାର ପାଳନ କରିଛନ୍ତି। ନୂଆଁଖାଇ ପରେ ସାହି ଓ ପଡାରେ ଜୁହାର ଭେଟ କାର୍ଯ୍ୟକ୍ରମ ହୋଇଥିଲା।

## ନୂଆଁଖାଇ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

**ଭୁବନେଶ୍ୱର,୧୯(ବ୍ୟୁରୋ):** ନୂଆଁଖାଇ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଁଖାଇ ଜୁହାର ଜଣାଇଛନ୍ତି। ଓଡ଼ିଶାର ଭଉଣୀ ଓ ଭାଇ ବିଶେଷକରି ପଶ୍ଚିମାଞ୍ଚଳର ଭଉଣୀ ଓ ଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ସ୍ନେହ,ଶ୍ରଦ୍ଧା ଓ ସୌହାର୍ଦ୍ଦ୍ୟର ଏହି ଅନନ୍ୟ ଗଣପର୍ବ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ ବୋଲି ସେ ଟୁଇଟ ମାଧ୍ୟମରେ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଁଖାଇ ଭଳି ବିଶେଷ ଦିନର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ନୂଆଁଖାଇ ଜୁହାର ବୋଲି ଟୁଇଟ୍ କରିଛନ୍ତି। କଠିନ ପରିଶ୍ରମ କରି ଦେଶବାସୀଙ୍କୁ ଖାଦ୍ୟାନ୍ନ ଯୋଗାଉଥିବା ଚାଷୀ ଭାଇମାନଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆଁଖାଇ ଅବସରରେ ସମସ୍ତଙ୍କୁ ନୂଆଁଖାଇର ଜୁହାର ଜଣାଇବା ସହ ମା' ସମଲେଶ୍ୱରୀ ସମସ୍ତଙ୍କୁ ଭଲରେ ରଖନ୍ତୁ ବୋଲି ଟୁଇଟ ମାଧ୍ୟମରେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଁଖାଇ ଅବସରରେ ଗୁରୁଜନ, ଦାଦା, ଭଉଣୀ, ଭାଇ, ମା ମାନଙ୍କୁ ନୂଆଁଖାଇ ଜୁହାର୍ ଶୁଭେଚ୍ଛା ଜଣାଇଛନ୍ତି।

## ବିଦ୍ୟୁତ୍ ଆଘାତରେ ଆଶ୍ରମ ଛାତ୍ରୀ ମୃତ

**ଜୟପୁର/କୁନ୍ଦୁରା,୧୯ (ନି.ପ୍ର.)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଦିଗାପୁର ଏସ୍‌ଏସ୍‌ଡି ବିଦ୍ୟାଳୟରେ ଘଟିଛି ଅଘଟଣ। ବିଦ୍ୟାଳୟ ପରିସରରେ ଥିବା ଛାତ୍ରୀନିବାସର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ତାଙ୍କ ନାମ ସବିତା ମାଠପଡ଼ିଆ(୧୬)। ବିଦ୍ୟାଳୟ ପରିସରରେ ଥିବା ହାଇମାଷ୍ଟ ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସି ସବିତା ଛିଟିକିପଡି ଅଚେତ ହୋଇଯାଇଥିଲେ। ତାଙ୍କୁ ବିଦ୍ୟାଳୟ ଶିକ୍ଷୟିତ୍ରୀମାନେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସବିତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ନେଇ ପ୍ରଧାନ ଶିକ୍ଷୟିତ୍ରୀ ଗିରିଜା ଖାଡଙ୍ଗା ବୈପାରିଗୁଡ଼ା ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ବୈପାରିଗୁଡା ପୋଲିସ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ଛାତ୍ରୀଙ୍କ ଘର ବୈପାରିଗୁଡା ବ୍ଲକର ଜି. ଭାଲୁଗୁଡାରେ ବୋଲି ଜଣାପଡିଛି। ଖବର ପାଇ ଏଡବ୍ଲୁଇଓ ପ୍ରଫୁଲ୍ଲ ଭୁଜବଳ ବିଦ୍ୟାଳୟରେ ପହଞ୍ଚିଛନ୍ତି। ଏ ବିଷୟରେ ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡିଙ୍କୁ ପଚାରିବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ଖାଡଙ୍ଗାଙ୍କୁ ପଚାରିବାରୁ ସେ କହିଲେ, ଏହା ଆମ ପାଇଁ ଏକ ଦୁର୍ଭାଗ୍ୟର ଦିନ। ଘଟଣା ଘଟିବାର କିଛି ସମୟ ମଧ୍ୟରେ ପରିବାର ଲୋକଙ୍କ ନିକଟକୁ ଖବର ପଠାଯାଇଛି। ଅନ୍ୟପକ୍ଷରେ ମଙ୍ଗଳ ବିଭାଗର ଛାତ୍ରୀ ଅବା ଛାତ୍ର ନିବାସରେ ଅଧ୍ୟନରତ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଲେ ସେମାନଙ୍କ ପରିବାର ଲୋକଙ୍କୁ ୨ ଲକ୍ଷ ଟଙ୍କାର ସହାୟତା ଦେବା ବ୍ୟବସ୍ଥା ରହିଛି। ମୃତଦେହ ନେବା ସମୟରେ ପରିବାର ଲୋକେ ଏହି ସହାୟତା ରାଶି ପାଇଁ ଦାବି କରିଥିଲେ। ଅର୍ଥ ମିଳିବ କି ନାହିଁ ସେନେଇ ପ୍ରଶ୍ନ ଉଠାଇଥିଲେ। ଫଳରେ ପ୍ରଧାନଶିକ୍ଷୟିତ୍ରୀ ପରିବାର ଲୋକଙ୍କୁ ସେ ଦାୟିତ୍ୱ ଆମେ ନେଉଛୁ ବୋଲି କହି ଲିଖିତ ଭାବେ ଏକ ପତ୍ର ଦେଇଥିଲେ। ସୂଚନାଯୋଗ୍ୟ, ଗତ ଦିନରେ ମଧ୍ୟ ଏହି ବିଦ୍ୟାଳୟର ଅନ୍ୟ ଜଣେ ଛାତ୍ରୀ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ବିଦ୍ୟାଳୟରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ରହିଛି। ୩ଶହ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏମାନଙ୍କ ମଧ୍ୟରୁ ୧୯୦ ଜଣ ଛାତ୍ର ଓ ଛାତ୍ରୀନିବାସରେ ରହି ପଢୁଛନ୍ତି। ପିଲାଙ୍କ ପାଇଁ ୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ଅଛନ୍ତି।

## ଘର ଜାଳିଦେଲେ, ମା'ଙ୍କୁ ଆକ୍ରମଣ ଉଦ୍ୟମ: ଅଭିଯୁକ୍ତ ପୁଅ ଗିରଫ

**ଅନୁଗୋଳ ଅଫିସ, ୧୯**

ଅନୁଗୋଳ ସଦର ଥାନା ରନ୍ତଲେଇ ଜଙ୍ଗଲମୌଜାର ଦୀନେଶ ନାଏକ(୨୦) ଗୁରୁବାର ନିଜ ଘର ପୋଡ଼ି ଦେବା ସହ ମା'ଙ୍କୁ ଆକ୍ରମଣ ଉଦ୍ୟମ କରିଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଆୟତ୍ତ କରିବା ପରେ ପୋଲିସ ପହଞ୍ଚି ଥାନାକୁ ଉଠାଇ ଆଣିଥିଲା। ପରେ ମା' ଶୈଳ ନାଏକଙ୍କ ଲିଖିତ ଅଭିଯୋଗ ଆଧାରରେ ଅଭିଯୁକ୍ତ ପୁଅ ଦୀନେଶଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଦିନେଶ ମଦ୍ୟପାନ କରି ଘରକୁ ଆସିବା ପରେ କୌଣସି କଥାକୁ ନେଇ ମା'ଙ୍କ ସହ ବଚସା କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦୀନେଶ ତାଙ୍କ ଘରକୁ ଜାଳିଦେଇଥିଲେ। ପରେ ମା'ଙ୍କୁ ଜୀବନରୁ ମାରି ଦେବାକୁ ଟଙ୍ଗିକୁ ଟିପି ଦେଇଥିଲେ। ଏହାଦେଖି ସ୍ଥାନୀୟ ଲୋକମାନେ ତାଙ୍କୁ କାବୁ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଦୀନେଶଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

### ଜରାୟୁ କର୍କଟ...

ସର୍ଭିକାଲ କ୍ୟାନ୍‌ସରରେ ପ୍ରାଣ ହରାଇଛନ୍ତି। ମୋଟ କ୍ୟାନ୍‌ସର ପୀଡ଼ିତାଙ୍କ ମଧ୍ୟରେ ଜରାୟୁ କର୍କଟରେ ଆକ୍ରାନ୍ତଙ୍କ ସଂଖ୍ୟା ଦେଶରେ ଦ୍ୱିତୀୟ ସର୍ବାଧିକ। ସଚେତନତା ଅଭାବରୁ ମହିଳାମାନେ ଏହି ରୋଗକୁ ପ୍ରଥମ ପର୍ଯ୍ୟାୟରେ ଜାଣିପାରି ନ ଥାନ୍ତି। ଫଳରେ ପ୍ରାୟ ୯୮% ମହିଳା ଶେଷ ଷ୍ଟେଜ୍‌ରେ ଚିକିତ୍ସା ପାଇଁ ଡାକ୍ତରଖାନା ଯାଇଥାନ୍ତି। ହେଲେ ବିଳମ୍ବ ଯୋଗୁ ସେମାନେ ଆରୋଗ୍ୟ ଲାଭ କରିବା ସମ୍ଭାବନା କ୍ଷୀଣ ହୋଇଯାଏ, ଯାହା କି ମୃତ୍ୟୁର କାରଣ ହୋଇଥାଏ। ବିଦେଶରେ ଏଥିପାଇଁ ପୂର୍ବରୁ ଟିକା ବାହାରିଥିଲେ ହେଁ ଏହାର ମୂଲ୍ୟ ଅତିକମ୍‌ରେ ୪ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ରହିଛି।

### ୪୧ ଲକ୍ଷ ଚାଷୀଙ୍କ...

ଉଜ୍ଜ୍ୱଳ କରିଛନ୍ତି। ଖାଦ୍ୟ ସୁରକ୍ଷାରେ ରାଜ୍ୟ ପାଇଁ ସୁନାମ ଆଣିଛନ୍ତି। ତେଣୁ ରାଜ୍ୟର ସବୁ ଲୋକ ଚାଷୀଭାଇଙ୍କ ନିକଟରେ ଋଣୀ ବୋଲି ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ଏକଥା କହିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ନୂଆଁଖାଇ ପର୍ବ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଚାଷୀମାନଙ୍କୁ ସହାୟତା କରିବା ସକାଶେ ମୁଖ୍ୟମନ୍ତ୍ରୀ ୨୦୧୮ରେ କାଳିଆ ସହାୟତା ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ରାଜ୍ୟର ୪୧ ଲକ୍ଷ କ୍ଷୁଦ୍ର, ନାମମାତ୍ର ଓ ୮୧ ହଜାର ଭୂମିହୀନ ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇ ଆସୁଛି।

### ମୃତ୍ୟୁ ପୂର୍ବରୁ ଯୁବକଙ୍କୁ...

ତଥ୍ୟ ହାସଲ କରୁଛି। ଏପରି କି ପୋଲିସ ସମ୍ପୃକ୍ତ ଯୁବକଙ୍କ ଉପସ୍ଥିତି ଜାଣିବାକୁ ଉକ୍ତ କଲ୍‌ର ଲୋକେସନ୍ ମଧ୍ୟ ଟ୍ରାକ୍ କରୁଛି। ତେବେ ଅଟକ ଯୁବକ ଶୁଭଶ୍ରୀଙ୍କ ପିଲାଦିନର ସାଙ୍ଗ ବୋଲି ସୂଚନା ମିଳିଛି। ଏଥିସହ ହତ୍ୟା ମାମଲାରେ ସ୍ୱଷ୍ଟ ପ୍ରମାଣ ପାଇବାକୁ ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଏହି ରିପୋର୍ଟ କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ଶୁକ୍ରବାର ଆସିବାର ସମ୍ଭାବନା ରହିଛି। ଏନେଇ ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ମାମଲାରେ ଅଟକ ଯୁବକଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ତାଙ୍କୁ ପଚରାଉଚରା କରାଯାଇ ଅଧିକ ତଥ୍ୟ ହାସଲ କରାଯାଉଛି। ମାମଲାରେ ତର୍ଜମା ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ଜଣାପଡିଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପାତ୍ରପଡାରେ ଅଞ୍ଚଳରେ ରହୁଥିବା ନୟାଗଡ ଜିଲାର ଶୁଭଶ୍ରୀ ୨୦୧୪ରେ ଜଗତ୍‌ସିଂହପୁର ଜିଲାର ଅନନ୍ତଙ୍କୁ ବିବାହ କରିଥିଲେ। ତାଙ୍କର ଏକ ୪ ବର୍ଷର ପୁଅ ରହିଛି। ଅନନ୍ତ ଭିଏସ୍‌ଏସ୍ ନଗରରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ଫେବୃୟାରୀରେ ଉଭୟ ସ୍ୱାମୀ, ସ୍ତ୍ରୀ ଶାସ୍ତ୍ରୀନଗରରେ ଭଡାଘର ନେଇ ରହୁଥିଲେ। କୌଣସି କାମ ପାଇଁ ଅନନ୍ତ ସୋମବାର ଜଗତ୍‌ସିଂପୁର ଯାଇ ମଙ୍ଗଳବାର ଫେରିଥିଲେ ମଧ୍ୟ ଭଡାଘର ପରିବର୍ତ୍ତେ ଅଫିସ ଯାଇଥିଲେ। ରାତି ୭ଟା ୩୦ରେ ଶୁଭଶ୍ରୀ ଘରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ପୁଅର ଟ୍ୟୁଶନ ମାଡାମ ଅନନ୍ତଙ୍କୁ ଫୋନ୍ କରିଥିଲେ। ଏଥିସହ ଅନନ୍ତ ତାଙ୍କ ଛୋଟ ପୁଅକୁ ଭିଡିଓ କଲ୍ କରି ସ୍ତ୍ରୀଙ୍କ ଅବସ୍ଥା ଦେଖିବା ପରେ ସଙ୍ଗେସଙ୍ଗେ ଘରକୁ ଆସି ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁଭଶ୍ରୀଙ୍କ ବେକରେ ଏକ କଳା ଦାଗ ରହିଥିଲା। ଏହି କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ଦୃଢ଼ିଭୂତ ହେବାରୁ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୮୧/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

### ଓଡ଼ିଶା ସମେତ...

ଉକ୍ତ ରିପୋର୍ଟ ଦାଖଲ କରିବା ପରେ ସେଥିରୁ ଅଧିକାଂଶ ଅଭିଯୋଗ ମିଥ୍ୟା ଉପରେ ଆଧାରିତ ବୋଲି ସଲିସିଟର ଜେନେରାଲ ଯାଞ୍ଚ ସମୟରେ ଜାଣିବାକୁ ପାଇଥିଲେ। ତେଣୁ କେବଳ ଆବେଦନକୁ ଆଧାରକରି କୌଣସି ରାୟ ପ୍ରକାଶ କରିବା ଠିକ୍ ହେବ ନାହିଁ ବୋଲି ମେହେଟ୍ଟା ଖଣ୍ଡପୀଠ ନିକଟରେ ଜଣାଇଥିଲେ। ସଲିସିଟର ଜେନେରାଲଙ୍କ ଯୁକ୍ତି ଶୁଣିବା ପରେ ସର୍ବୋଚ୍ଚ ଅଦାଲତ ଏସମ୍ପର୍କିତ ବିସ୍ତୃତ ରିପୋର୍ଟ ୮ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କଠାରୁ ତଲବ କରିଛନ୍ତି।

### ମହନ୍ତ ଶିବମୂର୍ତ୍ତି...

କରିବା ସହ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ଯୌନ ନିର୍ଯାତନ ଅଭିଯୋଗ ପରେ ମହନ୍ତଙ୍କୁ ଗିରଫ କରିବା ଲାଗି ମୁରୁଘା ମଠର କେତେଜଣ କର୍ମଚାରୀଙ୍କ ସମେତ ଦଳିତ ସମ୍ପ୍ରଦାୟ ପକ୍ଷରୁ ଜୋର୍‌ଦାର ଦାବି କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲିଙ୍ଗାୟତ ନେତା ବି.ଏସ୍. ୟେଦୁରପ୍ପା ମହନ୍ତଙ୍କୁ ସମର୍ଥନ କରିବା ସହ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଅଣାଯାଇଥିବା କହିଥିଲେ।ବଳାତ୍କାର ଅଭିଯୋଗ ପରେ ଫେରାର ଥିବା ସନ୍ଥଙ୍କ ବିରୋଧରେ ରାଜ୍ୟ ପୋଲିସ ଗୁରୁବାର ଲୁକ୍‌ଆଉଟ ନୋଟିସ ଜାରି କରିଥିଲା। ମହନ୍ତ ଯେପରି ଦେଶଛାଡ଼ି ନ ଯାଆନ୍ତି ସେଥିପାଇଁ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ସାମୁଦ୍ରିକ ବନ୍ଦର ସମେତ ସମସ୍ତ ଚେକ୍‌ପଏଣ୍ଟ କର୍ତ୍ତୃପକ୍ଷଙ୍କୁ ସତର୍କ କରିଦିଆଯାଇଥିଲା। ଯୌନ ନିର୍ଯାତନା ମାମଲାର ତଦନ୍ତରେ ତ୍ରୁଟି ରହିଥିବା ଦର୍ଶାଇ ଆଇନଜୀବୀମାନଙ୍କ ଏକ ଟିମ୍ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଲାଗି ଦାବି କରିଛି। ମଠ ଦ୍ୱାରା ପରିଚାଳିତ ସ୍କୁଲ୍ ହଷ୍ଟେଲ୍‌ର ମୁଖ୍ୟ ୱାର୍ଡେନ୍‌ଙ୍କୁ ପୋଲିସ ଅଟକ ରଖିଛି। ୨ ନାବାଳିକା ପୀଡ଼ିତାଙ୍କ ଅଭିଯୋଗକ୍ରମେ ମହୀଶୂର ସିଟି ପୋଲିସ ସନ୍ଥ ଶିବମୂର୍ତ୍ତିଙ୍କ ବିରୋଧରେ ପୋକ୍ସୋ ଆଇନରେ ମାମଲା ରୁଜୁ କରିଥିଲା। ଅଭିଯୋଗ ଅନୁଯାୟୀ ମଠ ପରିଚାଳିତ ସ୍କୁଲ୍‌ରେ ପଢୁଥିବା ୧୫ ଓ ୧୬ ବର୍ଷର ଦୁଇଜଣ ଛାତ୍ରୀଙ୍କୁ ମହନ୍ତ ୩.୫ ବର୍ଷ ହେଲା ଯୌନ ନିର୍ଯାତନା ଦେଇଆସୁଥିଲେ। ଗତ ଜୁଲାଇ ୨୪ରେ ୨ ଛାତ୍ରୀ ହଷ୍ଟେଲ ଛାଡ଼ି ପଳାଇଆସି ୨୫ ତାରିଖରେ କଟନପେଟ୍ ଥାନାରେ ଅଭିଯୋଗ କରିଥିଲେ।

**classifieds Everyday** 0674-2580101, 2549302

real estate

**SALE**

Bhubaneswar କାଟେଣୀ-ପିତାପଲ୍ଲୀ ଏରିୟାରେ 2000sqft. gharabari plot ୨୮ଟି ବିକ୍ରିହେବ। 9938016295. D-74104

**NH side commercial plot Niali Road, 6 Km. from Nakhara, Cuttack. 7809525452.** D-73959

1600sqft. ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। ରବିଟକିଜ୍‌ରୁ 1.5 ମିଟର। 9827119799. D-73864

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**ଭୁବନେଶ୍ୱର ହଂସପାଳଛକରୁ ମାତ୍ର 5K.M. ବ୍ୟବଧାନରେ ନୀଳକଣ୍ଠେଶ୍ୱର ମନ୍ଦିରକୁ ଲାଗି 2800sqft. ଘରବାରି ଜାଗା ପାଚେରି ସହ ବିକ୍ରିହେବ। sqft. 1250/-, 9040744989, 9776366322, 7873219026.** D-74103

healthcare

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73962

**Relax, Refresh your body, Mind at Saikrupa SPA with best therapies. 8984068077.** D-1387

Mesmerizing, energetic body, mind qualitative relaxing massage experienced therapists. 7751083098. D-73865

**One hour any therapy by expert therapist @999 only. 9078484455.** D-73637

New open full body massage ladies & gents available. 8093726714. D-73638

**AFFIDAVIT**

I, Aksha Khan, D/o- Afsar Khan from Khariar road Village of State Odisha, the name of my mother got changed from "Amtul Hawa" to "Amtul Khan" and now known as "Amtul Khan". D-1395

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦିନ ମଧ୍ୟରେ ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁମାନଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯାଇ ପାରନ୍ତି। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସି ଯାଇପାରେ। ବିବାଦୀୟ ଘଟଣାଠାରୁ ଦୂରେଇ ରହିବା ଭଲ ହେବ।

**ବୃଷ** – ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ଼ କରିବାକୁ ପଡ଼ିବ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ସାମୟିକ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** – ବନ୍ଧୁମାନଙ୍କ ସାହାଯ୍ୟରେ ଆଜିର କାମ ସମ୍ପନ୍ନ କରିପାରିବେ। ଅର୍ଥନୈତିକ କ୍ଷେତ୍ରରେ କିଛିଟା ସମସ୍ୟା ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କୁ ସନ୍ଦେହ କରି ଅଯଥା ବାତାବରଣ ଅଶାନ୍ତ ରହିବ। ଆର୍ଥିକ ଅନଟନ ଲାଗିରହିବା କାରଣରୁ ବିଚଳିତ ବୋଧ କରିପାରନ୍ତି।

**କର୍କଟ** – ଆଜି ଦିନଟିରେ ଯାହା କଲେ ମଧ୍ୟ ପ୍ରତ୍ୟେକ କାମ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଆକସ୍ମିକ ଜଣେ ପୁରୁଣା ବନ୍ଧୁଙ୍କ ଦେଖା ପାଇ ମନ ହାଲୁକା କରିବେ।

**ସିଂହ** – ନିଜର କେତେକ କାମକୁ ପରିବାରର ସଦସ୍ୟମାନେ ବିରୋଧ କରିବେ। ଭୁଲ୍ ବୁଝାମଣା ଲାଗିରହିବା କାରଣରୁ ଅଶାନ୍ତ ବାତାବରଣ ସୃଷ୍ଟିହେବ। ବହୁତ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ।

**କନ୍ୟା** – ସ୍ୱାସ୍ଥ୍ୟହାନି କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ପ୍ରତ୍ୟେକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ କିଛିନା କିଛି ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ପଡ଼ିବ। ନିଜ ନିଜର ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ତୁଳା** – ସମ୍ପର୍କୀୟଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ, ସଭାସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** – ଆଜି ଯାହା କରନ୍ତୁନା କାହିଁକି, ପ୍ରତ୍ୟେକ କାମ ସକାଶେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। କର୍ମକ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିର କାରଣ ହେବ। ଅର୍ଥସମ୍ପର୍କକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମାନସିକ ସ୍ଥିତି ଠିକ୍ ରହିବ ନାହିଁ।

**ଧନୁ** – କର୍ମକ୍ଷେତ୍ରରେ ଈର୍ଷାପରାୟଣ ବନ୍ଧୁଙ୍କ କାର୍ଯ୍ୟ ଅସନ୍ତୋଷଜନକ ରହିବ। ପରିବାରର ଆବଶ୍ୟକତା ଅନୁଯାୟୀ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବେ। ସାମ୍ବାଦିକତା, କ୍ରୀଡ଼ା, ସାହିତ୍ୟ, ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ ହେବ। ଶିଳ୍ପ, ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ ଓ ଆନୁଷ୍ଠାନିକ କାମରୁ ମନ ଖୁସି ରହିବ।

**ମକର** – ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଆଜି ଆକସ୍ମିକ ଭାବରେ ପରିବାର ସହ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗିରହିବ।

**କୁମ୍ଭ** – ଈର୍ଷା ପରାୟଣ ଲୋକମାନେ ଯେତେ ସମସ୍ୟା ସୃଷ୍ଟି କଲେ ଆପଙ୍କର କୌଣସି ଅସୁବିଧା ହେବ ନାହିଁ। ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପାରିବାରିକ ସ୍ତରରେ ପିଲାଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂରହେବ।

**ମୀନ** – ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବେ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହେବ । ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।

**ବାଇକ୍‌କୁ ଧକ୍କା ଦେଲା ଟ୍ରକ୍: ସ୍ୱାମୀ ମୃତ, ସ୍ତ୍ରୀ ଆହତ**

**ଢେଙ୍କାନାଳ ଅଫିସ, ୧୯:** ଢେଙ୍କାନାଳ ସହର ଉପକଣ୍ଠ ୮ନଂ. ୱାର୍ଡ ମହିଷାପାଟ ମାଣିଆବନ୍ଧ ନିକଟରେ ଗୁରୁବାର ସକାଳେ ଏକ ଲୋମହର୍ଷଣକାରୀ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ସମ୍ମୁଖରୁ ଆସୁଥିବା ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀ ପ୍ରକାଶ ବେହେରାଙ୍କ ମୃତ୍ୟୁ ଘଟିଛି। ପ୍ରକାଶଙ୍କ ସହ ବାଇକ୍‌ରେ ଆସୁଥିବା ତାଙ୍କ ସ୍ତ୍ରୀ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପ୍ରକାଶଙ୍କ ମୃତ୍ୟୁ ହୋଇଯାଇଥିଲା। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ମୃତକ ପ୍ରକାଶଙ୍କ ଘର ସଦର ଥାନା ଗେଙ୍ଗୁଟିଆ ଗ୍ରାମରେ। ସେ ତାଙ୍କ ଶ୍ୱଶୁର ଘରକୁ ଯାଇ ଫେରୁଥିଲେ।

# ୨ ଲିଜ୍‌ଧାରୀଙ୍କୁ ୩୬ କୋଟିରୁ ଊର୍ଦ୍ଧ୍ୱ କ୍ଷତିଭରଣା ନିର୍ଦ୍ଦେଶ

## ଏନ୍‌ଜିଟିରେ ୩ ମାମଲାର ରାୟ ପ୍ରକାଶ

- ସଇରାତରେ ଲାଗିବ ସିସିଟିଭି, ଜିପିଏସ୍ ଚାଳିତ ଯାନ
- ନିୟୋଜିତ ହେବେ ସ୍ୱତନ୍ତ୍ର ସ୍କ୍ୱାଡ୍

**ବାରିପଦା ଅଫିସ,୧୯**

ମୟୂରଭଞ୍ଜ ଜିଲା ବୁଢ଼ାବଳଙ୍ଗ ନଦୀର ଆରପଟା, ଡିଙ୍ଗିରା ଓ ମହୁପୁରା ସଇରାତରୁ ବେଆଇନ ବାଲି ଉତ୍ତୋଳନ ଏବଂ ପରିବହନକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଇଷ୍ଟର୍ନ ବେଞ୍ଚ କୋଲକତାରେ ହୋଇଥିବା ୩ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଆସନ୍ତା ଡିସେମ୍ବର ୭ ସୁଦ୍ଧା କ୍ଷତିପୂରଣ ବାବଦରେ ୩୬କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପୈଠ କରିବାକୁ ୨ ଲିଜଧାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମାମଲା ପରିଚାଳନା କରୁଥିବା ଆଇନଜୀବୀ ଶଙ୍କର ପ୍ରସାଦ ପାଣି ପ୍ରକାଶ କରିଛନ୍ତି। ମୟୂରଭଞ୍ଜ ଜିଲାପାଳ ଦାଖଲ କରିଥିବା ସତ୍ୟପାଠର ସମସ୍ତ ରିପୋର୍ଟକୁ ଭିତ୍ତିକରି ଜୁଡିସିଆଲ ମେମ୍ବର ଜଷ୍ଟିସ ବି. ଅମିତ ସ୍ଥହେଲକାର ଓ ଏକ୍ସପୋର୍ଟ ମେମ୍ବର ସାଇବଲ ଦାସଗୁପ୍ତା ଏହି ରାୟ ଦେଇଛନ୍ତି।

ବଡ଼ସାହି ତହସିଲ ଅଧୀନ ଆରପଟା, ଡିଙ୍ଗିରା ଓ ମହୁପୁରା ସଇରାତରେ ବେଆଇନ ବାଲି ଉତ୍ତୋଳନ ଏବଂ ପରିବହନକୁ ନେଇ ବଡ଼ସାହି ବ୍ଲକ ଛେଳିଆ ଗ୍ରାମର ରାଧାମୋହନ ସିଂଙ୍କ ଅଭିଯୋଗ କ୍ରମେ ୩୦/୨୨ , ୩୧/୨୨ ଓ ୪୦/୨୨ ଇଜେଡ୍‌ରେ ୩ଟି ମାମଲା ଏନଜିଟିରେ ରୁଜୁ ହୋଇଥିଲା । ଏହାକୁ ନେଇ ଅଗଷ୍ଟ ୨୫ତାରିଖରେ ଏନଜିଟି ଷ୍ଟାଣ୍ଡିଂ କମିଟିର ଅତିରିକ୍ତ ଅଧିକାରୀ ତାପସ କୁମାର ପ୍ରହରାଜ, ଆଇନଜୀବୀ ଦୀପାଞ୍ଜନ ଘୋଷ, ଗୋରାଚାନ୍ଦ ରୟ ଚୌଧୁରୀ, ଶିବଜ୍ୟୋତି ଚକ୍ରବର୍ତ୍ତୀ, ପାଉଶାଲୀ ବାନାର୍ଜୀ ଓ ଦେବାଶିଷ ଘୋଷଙ୍କ ଉପସ୍ଥିତିରେ ଭର୍ଚୁଆଲ ମୋଡ୍‌ରେ ମାମଲାର ଶୁଣାଣି ଶେଷ ହୋଇଥିଲା । ଏନ୍‌ଜିଟି ପକ୍ଷରୁ ପ୍ରକାଶିତ ରାୟ ଅନୁଯାୟୀ, ଆରପଟା ସଇରାତରୁ ବହୁଗୁଣା ବାଲି ଉତ୍ତୋଳନ କରାଯାଇ ପରିବେଶ ଓ ଜୈବ ବିବିଧତାରେ କ୍ଷତି ପହଞ୍ଚାଇବା ବାବଦରେ ୪କୋଟି ୭୧ଲକ୍ଷ ୩୮ହଜାର ୮୬୮ଟଙ୍କା ଓ ପରିବେଶ କ୍ଷତି ପାଇଁ ୨୧ଲକ୍ଷ ଟଙ୍କା ଓ ରାଜସ୍ୱହାନି ବାବଦରେ ୧କୋଟି ୯୧ଲକ୍ଷ ଟଙ୍କାର କ୍ଷତିପୂରଣକୁ ମିଶାଇ ମୋଟ ୬କୋଟି ୯୩ଲକ୍ଷ ୩୮ହଜାର ୮୬୮ଟଙ୍କା ଜରିମାନା ଦେବାକୁ ରାୟ ପ୍ରକାଶ ପାଇଛି। ଡିଙ୍ଗିରା ସଇରାତ ବାବଦରେ ୧୧କୋଟି ୮୯ଲକ୍ଷ ୭୭ହଜାର ୪୦୪ଟଙ୍କା, ପରିବେଶ କ୍ଷତି ପାଇଁ ୨୧ଲକ୍ଷ ଓ ରାଜସ୍ୱହାନି ବାବଦରେ ୧କୋଟି ୩୬ଲକ୍ଷ ୫୦ହଜାର ୬୦୫ଟଙ୍କାର କ୍ଷତିପୂରଣକୁ ମିଶାଇ ମୋଟ ୧୩କୋଟି ୪୭ଲକ୍ଷ ୨୮ହଜାର ୯ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆରପଟା ଓ ଡିଙ୍ଗିରା ସଇରାତରୁ ମୋଟ ୨୦କୋଟି ୪୦ଲକ୍ଷ ୬୬ହଜାର ୮୭୭ଟଙ୍କା ପୈଠ କରିବାକୁ ଲିଜ୍‌ଧାରୀ ପ୍ରଦୀପ ବିନ୍ଧାଣିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ମହୁପୁରା ସଇରାତରୁ ପରିବେଶ ଓ ଜୈବ ବିବିଧତାରେ କ୍ଷତି ପହଞ୍ଚାଇବା ବାବଦରେ ୧୨କୋଟି ୩୫ଲକ୍ଷ ୮୪ହଜାର ୮୪୪ଟଙ୍କା ଓ ପରିବେଶ କ୍ଷତି ପାଇଁ ୨୧ଲକ୍ଷ ଓ ରାଜସ୍ୱହାନି ବାବଦରେ ୩କୋଟି ୭୧ଲକ୍ଷ ୧୮ହଜାର ୪ଶହ ଟଙ୍କାକୁ ମିଶାଇ ମୋଟ ୧୬କୋଟି ୨୮ଲକ୍ଷ ୩ହଜାର ୨୪୪ଟଙ୍କା ପୈଠ କରିବାକୁ ଲିଜ୍‌ଧାରୀ କୃପାସିନ୍ଧୁ ସିଂଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉଭୟ ଲିଜ୍‌ଧାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଜରିମାନା ପୈଠ ନ କଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୟୂରଭଞ୍ଜ ଜିଲାପାଳଙ୍କୁ ଆଦେଶ ଦିଆଯାଇଛି। ତେବେ ମହୁପୁରା ସଇରାତରେ ସରକାରୀ ସମ୍ପତ୍ତିର ଅପବ୍ୟବହାର, ନିଜ କ୍ଷମତାର ଦୁରୁପଯୋଗ, ବେଆଇନ ବାଲି ଉତ୍ତୋଳନରେ ସାମିଲ ହୋଇଥିବା ତତ୍କାଳୀନ ତହସିଲଦାର ମମତାଜ ମହାରଣାଙ୍କ ବିରୋଧରେ ଆଇପିସି, ସିଆର୍‌ପିସି ଏବଂ ପବ୍ଲିକ ଅର୍ଥ ହେରଫେର ଆକ୍ଟ ୨୦୦୨କୁ ନେଇ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୟୂରଭଞ୍ଜ ଜିଲାରେ ଥିବା ବାଲି ସଇରାତଗୁଡ଼ିକରେ ସିସିଟିଭି ଲଗାଇବା ସହ ପରିବହନରେ ନିୟୋଜିତ ଯାନଗୁଡିକରେ ଜିପିଏସ୍ ଓ ସଇରାତରେ ତଦାରଖକାରୀ ସ୍କ୍ୱାଡ୍ ନିୟୋଜିତ କରିବାକୁ ରାୟରେ ଉଲ୍ଲେଖ ରହିଛି।



# ଜି-୨୦ ବୈଠକରେ ବାଲିଯାତ୍ରା କଥା ଉଠାଇଲେ ଅଶ୍ୱିନୀ ବୈଷ୍ଣବ

**ଭୁବନେଶ୍ୱର,୧୯(ବ୍ୟୁରୋ)**



ଓଡ଼ିଶାର ବାଲିଯାତ୍ରା ୨ ହଜାର ବର୍ଷର ପୁରୁଣା ପରମ୍ପରା। କେଉଁ ଆବହମାନ କାଳରୁ ଏହା ଇଣ୍ଡୋନେସିଆ ସହିତ ଜଡ଼ିତ। ଇଣ୍ଡୋନେସିଆର ବାଲିଠାରେ ଅନୁଷ୍ଠିତ ଜି-୨୦ ଡିଜିଟାଲ ଇକୋନୋମି ମିନିଷ୍ଟର୍ସ ବୈଠକ (ଡିଇଏମ୍‌ଏମ୍)ରେ ଯୋଗ ଦେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି। ଇଣ୍ଡୋନେସିଆର କମ୍ୟୁନିକେଶନ ଓ ଇନ୍‌ଫର୍ମେଟିକ୍ସ ମନ୍ତ୍ରୀ ଜି-୨୦ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ପ୍ରଥମ ଶତାବ୍ଦୀରୁ ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ କଳିଙ୍ଗ ଏବଂ ଇଣ୍ଡୋନେସିଆ ମଧ୍ୟରେ ଏକ ଦୃଢ଼ ବାଣିଜ୍ୟିକ ସମ୍ପର୍କ ରହିଥିଲା। କଳିଙ୍ଗର ସାଧବ ପୁଅମାନେ ବୋଇତ ସାହାଯ୍ୟରେ ବାଲି ଦ୍ୱୀପକୁ ନୌବାଣିଜ୍ୟ କରିବାକୁ ଯାଉଥିଲେ। ସେମାନେ ନଭେମ୍ବର ମଧ୍ୟଭାଗରୁ ନୌଯାତ୍ରା ଆରମ୍ଭ କରି ଜାନୁୟାରୀ ମଧ୍ୟଭାଗରେ ବାଲି ଦ୍ୱୀପରେ ପହଞ୍ଚୁଥିଲେ। ମାର୍ଚ୍ଚ ପୂର୍ବରୁ ଘରବାହୁଡ଼ା ହେବା ଆଗରୁ ସେମାନେ ୨ ମାସ ବାଣିଜ୍ୟ କରୁଥିଲେ। ଅର୍ବାନ ଥିଓରିଷ୍ଟ ଓ ଅଥର ସଞ୍ଜୀବ ସନ୍ୟାଲ ନିଜ ବହି ଦ ଓସନ ଅଫ ଚର୍ନରେ ଏକଥା ଉଲ୍ଲେଖ କରିଛନ୍ତି।

କଳିଙ୍ଗର ବାଣିଜ୍ୟ କାରବାର ଦକ୍ଷିଣ ପୂର୍ବ ଏସିଆ ବର୍ତ୍ତମାନର ଆସୋସିଏଶନ ଅଫ୍ ସାଉଥ୍ ଇଷ୍ଟ ଏସିଆନ ନେଶନ୍‌ସ (ଆସିଆସନ) ଦେଶଗୁଡ଼ିକ ଯଥା ଇଣ୍ଡୋନେସିଆ, ଫିଲିପାଇନ୍ସ, ମାଲେସିଆ, ଶ୍ରୀଲଙ୍କା, ଥାଇଲାଣ୍ଡ ସହ ଥିଲା। କଳିଙ୍ଗ ରାଜା ଓ ବ୍ୟବସାୟୀମାନଙ୍କ ସହ ଏହି ଦେଶଗୁଡ଼ିକର ବାଣିଜ୍ୟ କାରବାର ଅତ୍ୟନ୍ତ ଦୃଢ଼ ଥିଲା। ଓଡ଼ିଶା ରାଜାମାନଙ୍କର ନାମକୁ ଆଧାର କରି ଜାଭା ଓ ବାଲିର ନାମକରଣ କରାଯାଇଥିବା କୁହାଯାଉଛି। ସାଧବ ପୁଅମାନଙ୍କର ନୌବାଣିଜ୍ୟର ଶୁଭାରମ୍ଭକୁ ଏବେ ମଧ୍ୟ ସାଙ୍କେତିକ ଭାବେ ବହୁ ବର୍ଷ ଧରି ଓଡ଼ିଶାରେ ବାଲିଯାତ୍ରା ନାମରେ ପାଳନ କରାଯାଇ ଆସୁଛି। କୋଭିଡ୍ କଟକଣା ଯୋଗୁ ଗତ ଦୁଇବର୍ଷ ହେବ ଏହି ପର୍ବ ପାଳନ ହୋଇ ନାହିଁ। ତେବେ ଏହି ପ୍ରସିଦ୍ଧ ଐତିହାସିକ ବାଲିଯାତ୍ରା ଆସନ୍ତା ନଭେମ୍ବର ୮ରୁ ୧୪ ମଧ୍ୟରେ ପାଳନ କରାଯିବ।

## ସୋର ଉପକାରାଗାରରୁ ବିଚାରାଧୀନ କଏଦୀ ଚମ୍ପଟ

**ସୋର, ୧୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଉପକାରାଗାର ପରିସରରୁ ଗୁରୁବାର ଜଣେ ବିଚାରାଧୀନ କଏଦୀ ଜେଲ ପାଚେରି ଡେଇଁ ଫେରାର ହୋଇଯାଇଛନ୍ତି। ଜେଲ କର୍ମଚାରୀ ନିକଟସ୍ଥ ଗାଁ ସହ ନିଛାଟିଆ ସ୍ଥାନରେ ଖୋଜାଖୋଜି ଜାରି ରଖିଥିଲେ ମଧ ତାଙ୍କୁ ଧରିବା ସମ୍ଭବ ହୋଇପାରିନି। ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଅଞ୍ଚଳର ସୁଦାମ ଏକ ବଳାତ୍କାର ମାମଲାରେ ବିଚାରାଧୀନ କଏଦୀ ଭାବେ ଜେଲରେ ଥିଲେ। ଜେଲ ପରିସରରେ ଆୟୋଜିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଅନ୍ୟ କଏଦୀଙ୍କ ସହ ସୁଦାମ ନିୟୋଜିତ ଥିଲେ। ଜେଲ କର୍ତ୍ତୃପକ୍ଷଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ସେ ଜେଲ ପାଚେରି ଡେଇଁ ବିଲ ଭିତରେ ଦୌଡି ପଳାଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ଜେଲର ବିବାଦ ପିଛା ଛାଡୁନି। ପୂର୍ବରୁ ଏହି ଜେଲ ପରିସରରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହେବା ସହ ଅନ୍ୟ ଜଣେ ମାରପିଟ୍‌ରେ ଆହତ ହେବା ଓ ଜେଲରେ ନିମ୍ନମାନର ଖାଦ୍ୟ ପରିବେଷଣ କରାଯାଉଥିବା ଅଭିଯୋଗ ହୋଇଥିଲା। କଏଦୀ ଫେରାର ହେବା ସମ୍ପର୍କରେ ସବ୍ ଜେଲ ଉପନିରୀକ୍ଷକ ପ୍ରିୟମ୍ବଦା ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ।

## ସାଳନ୍ଦୀରେ ବୁଡ଼ି ନାବାଳକ ମୃତ

**ଭଦ୍ରକ ଅଫିସ,୧୯:** ଭଦ୍ରକ ଜିଲା ଟାଉନ ଥାନା ଅଞ୍ଚଳର ଜଣେ ନାବାଳକ ଗୁରୁବାର ସାଳନ୍ଦୀ ନଦୀରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ କଣ୍ଟାବଣିଆ ଗ୍ରାମର ଶେଖ୍ ସମ୍‌ସେରଙ୍କ ଏକମାତ୍ର ପୁଅ ଶେଖ୍ ସମୀର(୧୫)। ସୂଚନା ଅନୁଯାୟୀ, ସମୀର ଓ ତାଙ୍କର ୪ଜଣ ସାଙ୍ଗ ପୂର୍ବାହ୍ନରେ ସାଳନ୍ଦୀ ନଦୀର କଣ୍ଟାବଣିଆ ନିକଟସ୍ଥ ଘାଟକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ସମୀର ନଦୀସ୍ରୋତରେ ଭାସିଯାଇଥିଲେ। ଅନ୍ୟ ସାଙ୍ଗମାନଙ୍କଠାରୁ ଖବରପାଇ ଗ୍ରାମବାସୀ ଓ ସ୍ଥାନୀୟ ଦମକଳ ବାହିନୀ ପହଞ୍ଚି କଣ୍ଟାବଣିଆ ଘାଟଠାରୁ ରାଜଘାଟ ପୋଲ ପର୍ଯ୍ୟନ୍ତ ୨ ଘଣ୍ଟା ଖୋଜାଖୋଜି କରିବା ପରେ ତାଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନିଶା ବେପାରୀଙ୍କ ମଧ୍ୟରେ ଗଣ୍ଡଗୋଳ

- ବାଇକ ପୋଡ଼ାଜଳା, ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା

ଯାଜପୁର ଟାଉନ,୧୯(ଡି.ଏନ.ଏ.): ଯାଜପୁର ସଦର ଥାନା ଅନ୍ତର୍ଗତ ନାଥସାହି ପଞ୍ଚାୟତ ଆଦମପୁର ଗ୍ରାମରେ ନିଶା ବେପାରକୁ ନେଇ ଗଣ୍ଡଗୋଳ ହୋଇଛି। ଏହି ଗଣ୍ଡଗୋଳରେ ଜଣକ ବାଇକ୍‌କୁ ପୋଡ଼ିଦିଆଯାଇଛି। ଫଳରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ପୋଡ଼ା ଗାଡ଼ିକୁ ଜବତ କରିବା ସହ ଗାଡ଼ି ମାଲିକଙ୍କୁ ଉଦ୍ଧାର କରିଛି। ସୂଚନା ଅନୁସାରେ, ଆଦମପୁର ଗ୍ରାମର ନଦୀପଠାରେ ଦୀର୍ଘଦିନ ଧରି ନିଶା ବେପାରୀଙ୍କ ଆଡ୍ଡା ଜମିଛି। ଏଠାରେ ଧଳାଜହର ସହ ଗଞ୍ଜେଇ, ମଦ ବେପାର କରାଯାଉଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଉଥିଲେ ମଧ ଭୟରେ ଗ୍ରାମବାସୀ ପୋଲିସ ପାଖରେ ଅଭିଯୋଗ କରିପାରୁ ନ ଥିଲେ। ଗୁରୁବାର ଏହି ସ୍ଥାନରେ ନିଶା ବେପାରୀଙ୍କ ମଧରେ କୌଣସି କାରଣରୁ ବଚସା ହୋଇଥିବା ବେଳେ ଅଞ୍ଚଳକୁ ଆସୁଥିବା ବ୍ୟକ୍ତି ବିଶ୍ୱରଞ୍ଜନ ମିଶ୍ରଙ୍କ ଗାଡ଼ିକୁ ରାକେଶ ବେହେରା ନାମକ ଯୁବକ ନିଆଁ ଲଗାଇ ଫେରାର ହୋଇଯାଇଥିଲେ। ଗାଡ଼ିଟି ସଂପୂର୍ଣ୍ଣ ପୋଡ଼ିଯାଇଛି। ଏ ସମ୍ପର୍କରେ ବିଶ୍ୱରଞ୍ଜନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୩୬/୨୨ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ମେଡିକାଲ ଆଗରେ ବସିଲେ ଦମ୍ପତି

## ଶିଶୁର ମୃତଦେହ ଗାଁକୁ ନେବାକୁ ଅର୍ଥ ନାହିଁ

**ବାରିପଦା ଅଫିସ,୧୯**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ମୃତ୍ୟୁବରଣ କରିଥିବା ନବଜାତ ଶିଶୁର ମୃତଦେହ ଗାଁକୁ ନେବା ପାଇଁ ଗୁରୁବାର ରାତିରେ ମେଡିକାଲ ସମ୍ମୁଖରେ ଖଡ଼ିଆ ସମ୍ପ୍ରଦାୟର ଦମ୍ପତି ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହିବା ଚର୍ଚ୍ଚାର ବିଷୟ ହୋଇଛି। ଘରକୁ ଯିବା ପାଇଁ ସେମାନଙ୍କ ପାଖରେ ଅର୍ଥ ନ ଥିବାରୁ ସ୍ୱର୍ଗରଥ ଅପେକ୍ଷାରେ ଉଭୟ ଜଗି ରହିଥିବା ଦେଖିବାକୁ ମିଳିଥିଲା। ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳର ଶଙ୍କର ନାଏକଙ୍କ ସ୍ତ୍ରୀ ଚୁମକି ପ୍ରସବ ଲାଗି ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି ହୋଇଥିଲେ। ମଙ୍ଗଳବାର ଜନ୍ମ ନେବା ପରେ ଶିଶୁର ମୃତ୍ୟୁ ହୋଇଥିଲା। କୌଣସି ସରକାରୀ ସୁବିଧା ସୁଯୋଗ ନ ପାଇ ମୃତ ନବଜାତ ଶିଶୁକୁ ଛାଡ଼ି ଚୁମକିଙ୍କୁ ସାଙ୍ଗରେ ଧରି ଶଙ୍କର ଘରକୁ ଫେରିଯାଇଥିଲେ। କିନ୍ତୁ ମେଡିକାଲ ପରିସରରେ ମୃତ ଶିଶୁ ପଡ଼ି ରହିବାକୁ କେନ୍ଦ୍ର କରି ନାହିଁ ନ ଥିବା ସ୍ଥିତି ଉପୁଜିଥିଲା। ଏହି ଦମ୍ପତିଙ୍କୁ ଶିଶୁର ମୃତଦେହ ନେବାପାଇଁ ମେଡିକାଲ ପକ୍ଷରୁ ଡକାଯିବାରୁ ଗୁରୁବାର ଉଭୟେ ଆସି ବାରିପଦାରେ ପହଞ୍ଚିଥିଲେ। ତେବେ ମୃତ ଶିଶୁକୁ ନେବା ପାଇଁ ତାଙ୍କ ପାଖରେ ଗାଡ଼ି ଭଡ଼ା ନ ଥିବାରୁ ଉଭୟେ ଉପାୟହୀନ ହୋଇ ମେଡିକାଲ ପରିସର ଫାଣ୍ଡି ସମ୍ମୁଖରେ ବସିଥିଲେ। ମେଡିକାଲ ପକ୍ଷରୁ ସ୍ୱର୍ଗରଥ ଥିଲେ ହେଁ ତାହାର ସୁଯୋଗ ଏ ଦମ୍ପତିଙ୍କୁ ମିଳିପାରି ନ ଥିଲା। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଉକ୍ତ ଦମ୍ପତି ସ୍ୱର୍ଗରଥ ଅପେକ୍ଷାରେ ବସି ରହିଥିବା ଦେଖିବାକୁ ମିଳିଥିଲା। ଏ ସଂକ୍ରାନ୍ତରେ ପିଆର୍‌ଏମ୍ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ମତାମତ ଜାଣିବା ଲାଗି ଚେଷ୍ଟା କରାଯାଇଥିଲେ ହେଁ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।




# ହଷ୍ଟେଲ ଛାଡୁଛନ୍ତି ଛାତ୍ରୀଛାତ୍ର



ଭୟରେ ହଷ୍ଟେଲ ଛାଡୁଥିବା ଛାତ୍ରୀଛାତ୍ର।

## ଅଜଣା ରୋଗରେ ଦୁଇ ଛାତ୍ର ମୃତ୍ୟୁ ଘଟଣା

**ମାଲକାନଗିରି, ୧୯(ଡି.ଏନ.ଏ.)**

ମାଲକାନଗିରି ଜିଲା ପଡିଆ ବ୍ଲକ କାଲଦାପାଲି ପଞ୍ଚାୟତ ଅନ୍ତର୍ଗତ କଲାଗଣ୍ଡାସ୍ଥିତ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଅଜଣା ରୋଗରେ ୨ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ହଷ୍ଟେଲ ଛାଡି ଘରକୁ ଚାଲି ଯାଉଥିବା ଦେଖିବାକୁ ମିଳିଛି। ଗତ ଏକ ମାସରୁ ଊର୍ଦ୍ଧ୍ୱ ହେଲା ବିଦ୍ୟାଳୟରେ ଭୂତ ବାହାରୁଛି। ଏଥିପାଇଁ ଡର ଲାଗୁଥିବା କେତେ ଜଣ ଛାତ୍ରୀଛାତ୍ର ପ୍ରକାଶ କରଛନ୍ତି। ଖବରରୁ ଜଣାପଡିଛି, ଏହି ବିଦ୍ୟାଳୟରେ ଗତ କିଛି ଦିନ ମଧ୍ୟରେ ଅଜଣା ରୋଗରେ ଦୁଇଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଅନେକ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିବାରୁ ସେମାନଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। କେତେ ଜଣ ବର୍ତ୍ତମାନ ସୁଦ୍ଧା ଚିକିତ୍ସାଧୀନ ଥିବା ବେଳେ ଆଉ କେତେ ଜଣ ଛାତ୍ରୀଛାତ୍ର ସୁସ୍ଥ ହୋଇ ଘରକୁ ଫେରିଲେଣି। ତେବେ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା କେତେକ ଛାତ୍ରୀଛାତ୍ର ଏବେ ଭୟରେ ହଷ୍ଟେଲ ଛାଡୁଥିବା ବେଳେ ବିଦ୍ୟାଳୟରେ ଭୂତ ବାହାରୁଥିବା ଏବଂ ରାତିରେ ବିଭିନ୍ନ ଶବ୍ଦ ହେବା ସହ ଏକ ବିଲେଇ ବୁଲୁଥିବାରୁ ଏଠି ରହିବାକୁ ଡର ଲାଗୁଛି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ବିଦ୍ୟାଳୟକୁ ପଠାଯାଇ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସଂଗୃହୀତ ରକ୍ତ ନମୁନାକୁ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ଏହି ଅଜଣା ରୋଗର କାରଣ ସ୍ପଷ୍ଟ ହେବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଫୁଲ୍ଲ ନନ୍ଦ କହିଛନ୍ତି।

# ଭିଡିଓ ଭାଇରାଲ ପରେ ଜିଲାରେ ତୀବ୍ର ପ୍ରତିକ୍ରିୟା

## ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ନଚାଇବା ଘଟଣା

**ଜୟପୁର,୧୯(ନି.ପ୍ର.)**

ପଦ୍ମଶ୍ରୀ କମଳା ପୂଜାରୀ ଅବିଭକ୍ତ କୋରାପୁଟ ଜିଲାର ଗର୍ବ ଓ ଗୌରବ। ଗତ ୨୪ ତାରିଖରେ ସେ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଜୟପୁର ଜିଲା ଚିକିତ୍ସାଳୟରୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏକ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରିଥିଲେ। ମାତ୍ର କମଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଇସିୟୁ ଭିତରେ ତାଙ୍କୁ ଜଣେ ମହିଳା ନଚାଇଥିବା ଜଣାପଡିଛି। ଏହାକୁ ପରଜା ସଂଘ ସମେତ କୋରାପୁଟର ବିଭିନ୍ନ ସଙ୍ଗଠନ ତୀବ୍ର ବିରୋଧ କରିଛନ୍ତି। ଯଦି ଏହି ସମୟରେ କିଛି ଅଘଟଣ ଘଟିଥାନ୍ତା କିଏ ଦାୟୀ ହୋଇଥାନ୍ତା ବୋଲି ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଆଇସିୟୁ ଭିତରକୁ ସମ୍ପୃକ୍ତା ମହିଳା କିପରି କ୍ୟାମେରା ନେଲେ ଏବଂ କମଳାଙ୍କ ନାଚର ଭିଡିଓ କରି ତାହାକୁ ସାମାଜିକ ଗଣ ମାଧ୍ୟମରେ ଛାଡିଲେ ସେନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସ୍‌ସିବି ମେଡିକାଲ ଆଇସିୟୁକୁ କ୍ୟାମେରା ନେବା ବେଳେ ଏହାର କର୍ତ୍ତୃପକ୍ଷ ବାରଣ ନ କରିବା ମେଡିକାଲର ଖାମଖିଆଲ କାର୍ଯ୍ୟକୁ ପଦାରେ ପକାଇଛି। ଅନ୍ୟପକ୍ଷରେ ଗୁରୁବାର ଏସମସ୍ତ ଘଟଣାକୁ ନେଇ ମୁହଁ ଖୋଲିଛନ୍ତି ପଦ୍ମଶ୍ରୀ କମଳା ପୂଜାରୀ। ସେ କହିଛନ୍ତି, ତାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ତାଙ୍କ ନାତି ଏବଂ ପ୍ରଶାସନ ପକ୍ଷରୁ ଜଣେ ସ୍ଥାନୀୟ ଯୁବକଙ୍କୁ ପଠାଯାଇଥିଲା। ମେଡିକାଲରେ ଭର୍ତ୍ତି ହେବା ପରେ ସମ୍ପୃକ୍ତା ମହିଳା ଜଣକ ମେଡିକାଲକୁ ଆସି ତାଙ୍କୁ ସାଙ୍ଗ ବୋଲି ସମ୍ବୋଧନ କରି ସେବା ଦେବା ଆଳରେ ତାଙ୍କର ବିଭିନ୍ନ ପ୍ରକାର ଭିଡିଓ ପ୍ରସ୍ତୁତ କରିଥିଲେ। ତାଙ୍କୁ ଜୋର ଜବରଦସ୍ତ ନଚାଇଥିବା ପଦ୍ମଶ୍ରୀ କମଳା କହିଛନ୍ତି। ଏହି ସମୟରେ ପ୍ରଶାସନ ପକ୍ଷରୁ ଯାଇଥିବା ଯୁବକଙ୍କୁ ମଧ ସେ କୋଠରିରୁ ଚାଲିଯିବାକୁ କହିଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସବୁ ଘଟଣା ସ୍ପଷ୍ଟ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।






ବାହ୍ୟ ଘଟଣାଗୁଡ଼ିକୁ ଆଧାରକରି ତରବରିଆ ଭାବେ ଯେଉଁ ମତ ବ୍ୟକ୍ତ କରାଯାଏ–ସେ ସବୁକୁ ବିଶ୍ୱାସ ନ କରିବାକୁ ଶିକ୍ଷା କରିବା ଉଚିତ। ଯଥାର୍ଥ ଜ୍ଞାନଲାଭର ଏହା କ'ଣ ପ୍ରଥମ ସର୍ତ୍ତ ନୁହେଁ? ଘଟଣାଗୁଡ଼ିକୁ ଭିତରୁ ଦେଖିବାକୁ ଓ ଜାଣିବାକୁ ଶିକ୍ଷା କରିବା ଉଚିତ। –ଶ୍ରୀମା

# ୟୁକ୍ରେନ୍‌ର ଉପନିବେଶୀକରଣ



ସାଲ୍‌ଭୋଜ ଜିଜେକ୍

ୟୁକ୍ରେନ୍‌ର ପ୍ରକୃତ ରାଷ୍ଟ୍ରପତି ହେବା ପୂର୍ବରୁ ଭୋଲୋଡ଼୍‌ମିର ଜେଲେନ୍‌ସ୍କି ଟେଲିଭିଜନ ଧାରାବାହିକ 'ସର୍ଭାଣ୍ଟ ଅଫ୍ ଦି ପିପୁଲ'ରେ ରାଷ୍ଟ୍ରପତି ଭୂମିକାରେ ଅଭିନୟ କରିଥିବା ବିଷୟ ସମସ୍ତେ ଜାଣନ୍ତି। ସେଥିରେ ଭାସିଲି ପେଟ୍ରୋଭିକ ଗୋଲୋବୋରୋଡୋକୋ ନାମକ ସ୍କୁଲ ଶିକ୍ଷକ ଭୂମିକାରେ ଜେଲେନ୍‌ସ୍କି ଅଭିନୟ କରିଥିଲେ। ସେ ଦୁର୍ନୀତି ବିରୋଧରେ ଚିଲେଇ କହୁଥିବା ବିଷୟକୁ ରେକର୍ଡ କରି ଅନ୍‌ଲାଇନରେ ଶେୟାର କରାଯାଇଥିଲା; ଯାହା ଭାଇରାଲ ହୋଇଥିଲା; ଯାହା ତାଙ୍କୁ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହେବାକୁ ବାଟ କଢ଼ାଇନେଲା। ଶୋ'ରେ ଦୁର୍ନୀତିକୁ ନେଇ ୟୁକ୍ରେନ୍‌ର ବ୍ୟାପକ ହତାଶାଭାବକୁ ଦର୍ଶାଇ ଗୋଲୋବୋରୋଡୋକୋ ଜିତିଛନ୍ତି ଓ ଅଫିସରେ ଏକ ଆହ୍ୱାନପୂର୍ଣ୍ଣ ତଥା କଠିନ ସ୍ଥିତିର ସମ୍ମୁଖୀନ ହୋଇ ଦେଶ ତଥା ବିଭିନ୍ନ ସଂସ୍ଥାକୁ ହାତମୁଠାରେ ରଖିଥିବା ପ୍ରଭାବଶାଳୀ ଗୋଷ୍ଠୀକୁ ବିରୋଧ କରିବା ଆରମ୍ଭ କରିଛନ୍ତି।

ବାସ୍ତବରେ ଶୋ'ରେ ୟୁକ୍ରେନ୍‌ର ଚିତ୍ରଣ ଉପଯୁକ୍ତ ମନେହୁଏ। ମୁକ୍ତ ବଜାର କୈନ୍ଦ୍ରିକ ପୁଞ୍ଜିବାଦୀ ଅର୍ଥ ବ୍ୟବସ୍ଥା ଚାହୁଁଥିବା ପୂର୍ବ ୟୁରୋପର କମ୍ୟୁନିଷ୍ଟ ଦେଶଗୁଡ଼ିକ ୧୯୯୦ ଦଶକରେ ବଜାର ସୁଧାର ଏବଂ ଘରୋଇକରଣକୁ ବ୍ୟାପକ କରିବାକୁ ଯାଇ ଆର୍ଥିକ କ୍ଷେତ୍ରରେ ସାଂଘାତିକ ଝଟକା ଖାଇଥିଲେ। ୧୯୯୦ରେ ୟୁକ୍ରେନ୍‌ର ଆୟ ଯାହା ଥିଲା ସ୍ୱାଧୀନତା ପରେ ତାହା ତିନି ଦଶନ୍ଧି ଧରି କମ୍ ରହିଛି। ଦୁର୍ନୀତି ବ୍ୟାପକ ହୋଇଛି। ଇଟାଲୀରୁ ପ୍ରକାଶିତ ଖବରକାଗଜ 'ଇଲ ମାନିଫେଷ୍ଟୋ'ର ସାମ୍ବାଦିକ ଲୁକା ସେଲାଡା ଉଲ୍ଲେଖ କରିଛନ୍ତି, ପୁଞ୍ଜିବାଦକୁ ପରିବର୍ତ୍ତନ ସାଧାରଣ ଧାରାରେ ହୋଇଛି। ଏକ ପ୍ରଭାବଶାଳୀ ଏବଂ ଆଭିଜାତ୍ୟ ଗୋଷ୍ଠୀ ରାଜନୈତିକ ବର୍ଗଙ୍କ ସହ ସଲାସୁତୁରା ହୋଇ ସାର୍ବଜନୀନ ସେକ୍ଟରକୁ ଲୁଟି ଅତ୍ୟଧିକ ଧନୀ ହୋଇଛନ୍ତି। ପାଶ୍ଚାତ୍ୟରୁ ୟୁକ୍ରେନକୁ ଆର୍ଥିକ ସହାୟତା ସବୁବେଳେ ମିଳିଆସିଛି। ତାହାକୁ ୟୁକ୍ରେନ୍ କଠୋର ବିତ୍ତୀୟ ନୀତିଗୁଡ଼ିକ ମାଧ୍ୟମରେ ଉପଯୋଗ କରି ଗରିବୀ କମାଇବାର ଆବଶ୍ୟକତା ଥିଲା। କିନ୍ତୁ ତାହା ହୋଇନାହିଁ। ୟୁକ୍ରେନର ସ୍ୱାଧୀନତା ପରେ ପାଶ୍ଚାତ୍ୟ ପୁଞ୍ଜିବାଦୀ ତା'ସହ ଏହିଭଳି ସମ୍ପର୍କ ରଖିଆସିଛି।

ଏହି ସମୟରେ ରୁଷିଆ ସ୍ଥିତ ମୋ ଉତ୍ସରୁ ଜଣାପଡ଼ିଛି ଯେ, ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ବିକାଶଶୀଳ ବିଶ୍ୱରେ ରୁଷିଆର ସ୍ଥିତିକୁ କିଭଳି ଉପସ୍ଥାପିତ କରାଯିବ ସେଥିପାଇଁ ତାଙ୍କୁ କାଉନ୍‌ସିଲ କରିବା ନିମନ୍ତେ ଏକ ଗୋଷ୍ଠୀର ମାର୍କସବାଦୀଙ୍କୁ ଏକାଠି କରିଛନ୍ତି। ଅଗଷ୍ଟ ୧୬ରେ ପ୍ରଦତ୍ତ ତାଙ୍କ ବକ୍ତବ୍ୟରୁ ଯେ କେହି ଏହା ଜାଣିପାରିବେ। ବିଶ୍ୱର ସ୍ଥିତି ଏବେ ନାଟକୀୟ ଢଙ୍ଗରେ ପରିବର୍ତ୍ତନ ହେଉଛି। ବିଭିନ୍ନ ଉପାୟରେ ଧ୍ରୁବୀକରଣ ହେଉଥିବା ଏକ ବୈଶ୍ୱିକ ବ୍ୟବସ୍ଥା ସୃଷ୍ଟି ହେଉଥିବା ଦେଖାଯାଉଛି। ଅଧିକ ସଂଖ୍ୟକ ଦେଶ ଓ ଲୋକ ମୁକ୍ତ, ନିଜସ୍ୱ ନିର୍ଦ୍ଦିଷ୍ଟ ପରିଚୟ, ପରମ୍ପରା ଏବଂ ମୂଲ୍ୟବୋଧ ଆଧାରରେ ସାର୍ବଭୌମ ବିକାଶର ପଥକୁ ପସନ୍ଦ କରୁଛନ୍ତି। କିନ୍ତୁ ଏହି ଲକ୍ଷ୍ୟ ସମ୍ବଳିତ ପ୍ରକ୍ରିୟାଗୁଡ଼ିକୁ ପାଶ୍ଚାତ୍ୟ ବୈଶ୍ୱିକ ଆଭିଜାତ୍ୟ ବର୍ଗ ବିରୋଧ କରୁଛନ୍ତି। ଅରାଜକତାକୁ ଉସ୍କାଇବା ସହ ଦୀର୍ଘମିଆଦୀ ଓ ନୂଆ ବିବାଦ ତେଜୁଛନ୍ତି ଏବଂ ତଥାକଥିତ ବିରୋଧାତ୍ମକ ନୀତି ଲାଗୁ କରୁଛନ୍ତି। ଏହା ବାସ୍ତବରେ କୌଣସି ବିକଳ୍ପ, ସାର୍ବଭୌମ ବିକାଶଭିତ୍ତିକ ଅଭିରୁଚିକୁ ଧୂଳିସାତ କରିଦେଉଛି। କିନ୍ତୁ ଦୁଇଟି ବିଷୟ ଏହି ମାର୍କ୍ସବାଦୀ ବିଚାରକୁ ନଷ୍ଟ କରିଦିଏ। ପ୍ରଥମେ ସେମାନଙ୍କ ନିର୍ଦ୍ଦିଷ୍ଟ ପରିଚୟ, ପରମ୍ପରା ଏବଂ ମୂଲ୍ୟବୋଧ ଆଧାରିତ ସାର୍ବଭୌମତ୍ୱ ସୂଚିତ କରେ ଯେ, ଉତ୍ତରକୋରିଆ କିମ୍ବା ଆଫଗାନିସ୍ତାନ ଭଳି ଦେଶ ଯାହା କରୁଛି ତାହାକୁ ଜଣେ ସହିବ। ତଥାପି ତାହା ବାମପନ୍ଥୀ ଏକତାର ସମ୍ପୂର୍ଣ୍ଣ ବାହାରେ; ଯାହା ଦେଶ ମଧ୍ୟରେ ସବୁଆଡେ ସଂଗ୍ରାମରତ ଏବଂ ଦମିତ ଗୋଷ୍ଠୀ ମଧ୍ୟରେ ଏକ ସମ୍ପର୍କ ସ୍ଥାପନ କରିବା ଲାଗି ନିର୍ଦ୍ଦିଷ୍ଟ ପରିଚିତିକୁ ବିରୋଧ କରେ। ଦ୍ୱିତୀୟରେ ପ୍ରତିଟି ବିକଳ୍ପ, ସାର୍ବଭୌମ ବିକାଶର ଅଭିରୁଚିରେ ବିନାଶକୁ ପୁଟିନ ବିରୋଧ କରନ୍ତି; ଯାହା ସେ ଏବେ ୟୁକ୍ରେନ୍‌ରେ କରୁଛନ୍ତି। ସେଠାକାର ଲୋକମାନଙ୍କ ଆତ୍ମ ନିର୍ଣ୍ଣୟରୁ ବଞ୍ଚିତ କରିବାକୁ ଚାହୁଁଛନ୍ତି। ପୁଟିନ କେବଳ ଏହି ଛଳନାତ୍ମକ ମାର୍କବାଦୀ ଧାରାକୁ ପ୍ରୋତ୍ସାହିତ କରୁନାହାନ୍ତି ବରଂ ଫାମ୍ବର କଠୋର ଦକ୍ଷିଣ ପନ୍ଥୀ ନେତା ମରିନ ଲି ପେନ୍ ଏବେ ବହୁ ସଂସ୍କୃତିବାଦ ଏବଂ ଲିଙ୍ଗଗତ ଭ୍ରଷ୍ଟତା ମାଧ୍ୟମରେ ଜାତୀୟ ପରିଚିତିଗୁଡ଼ିକ ଉପେକ୍ଷା କରୁଥିବା ଅନ୍ତର୍ଜାତୀୟ କର୍ପୋରେଶନ ବିରୋଧରେ ସାଧାରଣ କର୍ମଚାରୀଙ୍କ ରକ୍ଷକ ଭାବେ ଉପସ୍ଥାପିତ କରୁଛନ୍ତି।



ୟୁକ୍ରେନ୍‌ରେ ଅନେକ ବିଷୟ ଉପରେ ନଜର ରହିଛି ଓ ଏହାକୁ ବହୁ ସମାଲୋଚକ ମଧ୍ୟ ସ୍ୱୀକାର କରୁଛନ୍ତି। ସାରା ବିଶ୍ୱ ଜଳବାୟୁ ପରିବର୍ତ୍ତନରେ ପ୍ରଭାବିତ ହୋଇଛି। ଫସଲ ଉତ୍ପାଦନ କମିଛି। ଏହି ସମୟରେ ଉର୍ବର ମୃତ୍ତିକା ସବୁଠୁ ମୂଲ୍ୟବାନ ହେବ; ଯାହା ୟୁକ୍ରେନ୍‌ରେ ବ୍ୟାପକ ଭାବେ ରହିଛି। ସେଥିପାଇଁ ଆମେରିକା ଓ ପାଶ୍ଚାତ୍ୟ ୟୁରୋପୀୟ କୃଷି ବ୍ୟବସାୟଭିତ୍ତିକ ଫାର୍ମଗୁଡ଼ିକ ୟୁକ୍ରେନ୍‌ରେ ଅନେକ ଲକ୍ଷ ହେକ୍ଟର ଜମି କରିସାରିଲେଣି। ଏହାର ଅଧିକାଂଶ ଭାଗ ମାତ୍ର ୧୦ଟି ଘରୋଇ କମ୍ପାନୀ ନିୟନ୍ତ୍ରଣରେ ଅଛି। ନିଜ ଜମି ବେଦଖଲଜନିତ ବିପଦ ପ୍ରତି ସଚେତନ ହୋଇ ୟୁକ୍ରେନ୍ ସରକାର ୨୦ ବର୍ଷ ପୂର୍ବେ ଜମି ବିକ୍ରି ଉପରେ ଏକ ମୋରାଟୋରିୟମ ଲାଗୁ କରିଥିଲେ। ତା'ପରେ ବହୁ ବର୍ଷ ଧରି ୟୁସ୍ ଡିପାର୍ଟମେଣ୍ଟ ଅଫ୍ ଷ୍ଟେଟ, ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଏବଂ ବିଶ୍ୱବ୍ୟାଙ୍କ ଏହି କଟକଣା ହଟାଇବା ଲାଗି ଦାବିକରି ଆସୁଥିଲେ। ୨୦୨୧ରେ ଜେଲେନ୍‌ସ୍କି ସରକାର ଅତ୍ୟଧିକ ଚାପରେ ପଡ଼ି କୃଷକମାନଙ୍କୁ ସେମାନଙ୍କ ଜମି ବିକ୍ରି କରିବା ଲାଗି ଅନୁମତି ଦେଇଥିଲେ। ତେବେ ମୋରାଟୋରିୟମ ତା'ଜାଗାରେ ରହିଗଲା। ଜେଲେନ୍‌ସ୍କି କହିଛନ୍ତି, ଏହାକୁ ଉଠାଇବା ଲାଗି ଜାତୀୟ ଜନମତ ସଂଗ୍ରହରେ ରଖାଯିବା ଉଚିତ; ଯାହା ନିଶ୍ଚିତ ଭାବେ ବିଫଳ ହୋଇଯିବ। ବିଡ଼ମ୍ବନା ଯେ, ୟୁକ୍ରେନ୍‌କୁ ଉପନିବେଶ କରିବାକୁ ପୁଟିନ ଯୁଦ୍ଧ କରିବା ପୂର୍ବରୁ ୟୁକ୍ରେନ୍ ଏକ ପାଶ୍ଚାତ୍ୟ ଆର୍ଥିକ ଉପନିବେଶ ହେଉଛି ବୋଲି ରୁଷିଆ ଯେଉଁ ଯୁକ୍ତି ବାଢ଼ିଥିଲା ତାହା ସତ୍ୟ। ଯୁଦ୍ଧରେ ଯଦି କିଛି ଆଶାର କିରଣ ଆସେ ତାହା ନବ ଉଦାରବାଦ ଆଣିବ। ଯୁଦ୍ଧ ଏକ ସାମାଜିକ ଗତିଶୀଳତା ଏବଂ ଉତ୍ପାଦନର ସମନ୍ୱୟ ଦାବି କରୁଥିବାରୁ ଏହା ୟୁକ୍ରେନ୍‌କୁ ବିଦେଶୀ କର୍ପୋରେଶନ ଓ ଆର୍ଥିକ ସଂସ୍ଥାଗୁଡ଼ିକ ଦ୍ୱାରା ଏହାର ଜମି ଅଧିଗ୍ରହଣକୁ ରୋକିବ। କ୍ଷମତାଶାଳୀ ଆଭିଜାତ୍ୟବର୍ଗଙ୍କ ଦୁର୍ନୀତିରୁ ନିଜକୁ ମୁକ୍ତ କରିପାରିବ। ଏହି ସୁଯୋଗକୁ ଗ୍ରହଣ କରି ୟୁକ୍ରେନ୍ ମନେ ରଖିବା ଉଚିତ ଯେ, ୟୁରୋପୀୟ ସଂଘ(ଇୟୁ)ରେ ଯୋଗଦେବା ଏବଂ ପାଶ୍ଚାତ୍ୟ ଜୀବନଶୈଳୀର ମାନକୁ ଧାରଣ କରିବା ଯଥେଷ୍ଟ ହେବ ନାହିଁ। ପାଶ୍ଚାତ୍ୟ ଗଣତନ୍ତ୍ରଗୁଡ଼ିକ ଏବେ ଗଭୀର ସଙ୍କଟରେ ରହିଛନ୍ତି। ଆମେରିକା ବିଚାରଗତ ଗୃହଯୁଦ୍ଧ ମୁହାଁ ହେଉଛି। ୟୁରୋପ ମଧ୍ୟ ଏକଚ୍ଛତ୍ରବାଦୀ ବିନାଶକାରୀଙ୍କ ଆହ୍ୱାନର ସମ୍ମୁଖୀନ ହେଉଛି। ନିକଟରେ ୟୁକ୍ରେନ୍ ଯଦି ସାମରିକ ବିଜୟ ହାସଲ କରେ, ତେବେ ଆମେରିକା ଓ ଇୟୁର ଋଣ ଯନ୍ତାରେ ପଡ଼ିଯିବ। ତେବେ ପାଶ୍ଚାତ୍ୟ ଦେଶଗୁଡ଼ିକ ଦ୍ୱାରା ଆର୍ଥିକ ଉପନିବେଶୀକରଣକୁ ଗ୍ରହଣ କରିବା ଲାଗି ଚାପକୁ ଏହା ପ୍ରତିରୋଧ କରିପାରିବ କି?

ଏହି ସଂଗ୍ରାମ ଆରମ୍ଭରୁ ୟୁକ୍ରେନ୍‌ର ସାହସିକ ପ୍ରତିରୋଧରୁ ଚାଲୁରହିଛି। ୦ରୁଷିଆର ନବ ସାମ୍ରାଜ୍ୟବାଦକୁ ପରାସ୍ତ କରି ଯଦି ୟୁକ୍ରେନ ପାଶ୍ଚାତ୍ୟ ନବଉଦାରବାଦର ଗୋଲାମ ହୋଇଯାଏ, ତେବେ ଏହା ଅତ୍ୟନ୍ତ ଦୁଃଖଦାୟକ। ବାସ୍ତବ ଅଧିକାର ଏବଂ ସ୍ୱାଧୀନତା ହାସଲ କରିବା ପାଇଁ ୟୁକ୍ରେନ୍ ନିଜକୁ ପୁଣି ଗଢ଼ିବାକୁ ହେବ। ଏକ ପାଶ୍ଚାତ୍ୟ ଉପନିବେଶ ହେବା ରୁଷିଆର ନୂଆ ସାମ୍ରାଜ୍ୟରେ ରହିବା ଠାରୁ ନିଶ୍ଚିତ ଭାବେ ଭଲ। ତେବେ ଏହି ଦୁଇ ପରିଣାମ ଏବେ ୟୁକେନ ସହୁଥିବା ଯନ୍ତ୍ରଣା ତୁଳନାରେ ମୂଲ୍ୟହୀନ।

**ପ୍ରଫେସର ଅଫ୍ ଫିଲୋଶଫି,**
**ୟୁରୋପିଆନ ଗ୍ରାଜୁଏଟ ସ୍କୁଲ**

## ଏଇ ଭାରତରେ

ଅବସର ପରର ଦିନଗୁଡ଼ିକୁ ଅନେକେ ବିଶ୍ରାମର ସମୟ ବୋଲି କହୁଥିବାବେଳେ କେରଳ କୋଟାୟମର ଚିଙ୍ଗନାସ୍ଥିରି ବାସିନ୍ଦା ଜୋଶେଫ କରାକାଡୁଙ୍କ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଭିନ୍ନ। ତାଙ୍କୁ ଏବେ ୭୨ ବର୍ଷ ବୟସ। ନିରନ୍ତର ପ୍ରଚେଷ୍ଟା ଦ୍ୱାରା ସେ ଡ୍ରାଗନ ଚାଷରେ ସଫଳ ହୋଇଛନ୍ତି। ତାଇୱାନ, ବ୍ରାଜିଲ, ଫିଲିଫାଇନ୍ସ, ଅଷ୍ଟ୍ରେଲିଆ, ଇକ୍ୱେଡର ଓ ଆମେରିକାରୁ ଡ୍ରାଗନ୍ ଷ୍ଟେମ୍ ମଗାଇ ଦେଶର ବିଭିନ୍ନ ଅଞ୍ଚଳକୁ ପଠାଇବା ସହ ନିଜେ ଚାଷ ମଧ୍ୟ କରୁଛନ୍ତି ଓ ବିଭିନ୍ନ ଦେଶକୁ ୮୮ କିସମର ଡ୍ରାଗନ ଫ୍ରୁଟସ୍ ରପ୍ତାନୀ କରୁଛନ୍ତି। ପେସାରେ କରାକାଡୁ ଜଣେ ଇଣ୍ଡଷ୍ଟ୍ରିଆଲ ଟେକ୍‌ନିସିଆନ। ସେ ଚାକିରିରୁ ଅବସର ନେବାପରେ ପିଲାମାନଙ୍କ ପଢ଼ା ଲାଗି ଡ୍ରାଗନଫ୍ରୁଟ୍ସ ନର୍ସରୀ ଆରମ୍ଭ କରିଥିଲେ। କରାକାଡୁ ନିଜେ ମଧ୍ୟ ଦୁଇଟି କିସମର ଡ୍ରାଗନ୍‌ଫ୍ରୁଟ ବିକାଶ କରଛନ୍ତି। ଗୋଟିଏର ନାମ 'ଲାଲମିର୍ଚ୍ଚି' ଓ ଅନ୍ୟଟିର ନାମ ରଖିଛନ୍ତି 'ଓ୍ୱଣ୍ଡର ବୟ'। ଗୋଟିଏ ନୂଆ ପ୍ରକାର ଫଳ ବିକଶିତ କରି ସ୍ୱୀକୃତି ପାଇଁ ୫ ବର୍ଷ ଲାଗିଯାଏ ବୋଲି କହନ୍ତି କରାକାଡୁ।

## ୨୫ ବର୍ଷ ତଳର ଧରିତ୍ରୀ

ୁDHARITRI

୨ ସେପ୍ଟେମ୍ବର ୧୯୯୭

- କଙ୍ଗୋ ଗଣତାନ୍ତ୍ରିକ ସାଧାରଣତନ୍ତ୍ରର ରାଜଧାନୀ ବାହାରେ ଥିବା ଏକ ସୁଇମିଂପୁଲରେ ବୁଡ଼ିଯାଇ ୧୮ ଛାତ୍ର ମୃତ।
- ହାୱାଲା ମାମଲାରେ ସିବିଆଇର ଚାଲେଞ୍ଜ ପିଟିସନକୁ ଗ୍ରହଣ କରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାଧବରାଓ ସିନ୍ଧିଆ, ଅର୍ଜୁନ ସିଂ, ଏନ୍.ଡି. ତିୱାରୀ ଏବଂ ଆର୍.କେ. ଧାବନଙ୍କୁ ହାଇକୋର୍ଟ ନୋଟିସ।
- ଭାରତୀୟ ବ୍ୟାଡ଼ମିଣ୍ଟନ କନ୍‌ଫେଡେରେସନ (ଆଇବିସି)ର ସଭାପତି ଭାବେ ପୂର୍ବତନ ଅଲ ଇଂଲଣ୍ଡ ଚାମ୍ପିୟନ ପ୍ରକାଶ ପାଦୁକୋନ ନିର୍ବାଚିତ।

## su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | 9 | 4 | 1 | |
| 3 | | | | 5 | | | | |
| | 2 | | | | | | 7 | 9 |
| | 4 | | 2 | | 7 | | | |
| 8 | 9 | | | | 5 | | | |
| 1 | | 5 | 8 | | | 3 | | |
| | | | | | 8 | | | |
| | 5 | | | 1 | | | | 4 |
| | | 1 | | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 4 | 6 | 7 | 8 | 9 | 2 | 1 |
| 2 | 9 | 1 | 5 | 3 | 4 | 7 | 8 | 6 |
| 8 | 7 | 6 | 1 | 2 | 9 | 5 | 3 | 4 |
| 7 | 8 | 2 | 4 | 5 | 1 | 3 | 6 | 9 |
| 4 | 6 | 9 | 3 | 8 | 7 | 1 | 5 | 2 |
| 1 | 3 | 5 | 2 | 9 | 6 | 8 | 4 | 7 |
| 6 | 4 | 3 | 9 | 1 | 5 | 2 | 7 | 8 |
| 5 | 1 | 7 | 8 | 6 | 2 | 4 | 9 | 3 |
| 9 | 2 | 8 | 7 | 4 | 3 | 6 | 1 | 5 |

ଗତକାଲିର ଉତ୍ତର

# ବୟକଟ୍



ଡ.ମୌସୁମୀ ପରିଡ଼ା

ବୟକଟ୍ ବା ବହିଷ୍କାର ଆଜିକାଲି ସୋସିଆଲ ମିଡିଆରେ ହଟଚମଟ ସୃଷ୍ଟି କରିଛି। ନାମୀଦାମୀ ଅଭିନେତା ନେଇ ବନାଯାଇଥିବା ଚଳଚ୍ଚିତ୍ର ବକ୍ସ ଅଫିସରେ ଫ୍ଲପ୍ ହୋଇଚାଲିଛି। ଜନଶୂନ୍ୟ ସିନେମା ହଲ୍, ବିଭିନ୍ନ ତର୍କବିତର୍କ, ଅଭିନେତା ଓ ଅଭିନେତ୍ରୀମାନଙ୍କ ମନ୍ତବ୍ୟ ଓ ସିନେମା ହଲ୍ ବାହାରର ନୀରବତାକୁ ଦେଖି ଅନୁମାନ କରିହେଉଛି ଯେ ବୟକଟ୍ କରିବାକୁ ଚାଲିଥିବା ସୋସିଆଲ ମିଡିଆର ଆନ୍ଦୋଳନ ଫିଲ୍ମପ୍ରେମୀମାନଙ୍କୁ ଏକଜୁଟ କରିପାରିଛି। ନିକଟରେ ରିଲିଜ୍ ହୋଇଥିବା କିଛି ଚଳଚ୍ଚିତ୍ର ଯେଉଁଭଳି ଚମକୃତ କରିବା କଥା ସେପରି କରିପାରିନାହିଁ। ଆୟ ତୁଳନାରେ ବ୍ୟୟର ପରିମାଣ ଅଧିକ। ହିଟ୍ ହେବା ତ ଦୂରର କଥା ଓଲଟା ବିଭିନ୍ନ ଆଲୋଚନା, ପର୍ଯ୍ୟାଲୋଚନା, ତର୍କବିତର୍କ ମନୋରଞ୍ଜନ ଶିଳ୍ପ ସହିତ ଅଭିନେତାମାନଙ୍କୁ ମଧ୍ୟ ବିବାଦ ଘେରକୁ ଟାଣିଆଣିଛି।

କୋଭିଡ୍ ଯୋଗୁ ପ୍ରାୟ ୨ବର୍ଷ ଧରି ସବୁକିଛି ଠପ୍ ପଡ଼ିଥିବାବେଳେ ସ୍ଥିତିରେ ସୁଧାର ଆସିବା ଯୋଗୁ ଫିଲ୍ମ ନିର୍ମାଣ କରି ହଲ୍‌ରେ ରିଲିଜ୍ କରିବା ନିର୍ମାତାମାନଙ୍କ ପାଇଁ ଯେତିକି କଷ୍ଟକର ଥିଲା, ଅଭିନେତାମାନଙ୍କ ପାଇଁ ମଧ୍ୟ ଥିଲା ସେତିକି ଚ୍ୟାଲେଞ୍ଜିଂ। କିନ୍ତୁ ହାତ ଗଣତିରେ କିଛି ଫିଲ୍ମକୁ ଛାଡ଼ିଦେଲେ ବାକି ସବୁ ଫ୍ଲପ୍ ତାଲିକାରେ ଗଲା। ବଡ଼ ବ୍ୟାନରରେ ନିର୍ମିତ ହୋଇଥିବା ଚଳଚ୍ଚିତ୍ର ମଧ୍ୟ ଏଥିରୁ ବାଦ୍ ପଡ଼ିଲା ନାହିଁ। ଆମୀର ଖାନ୍, ଅକ୍ଷୟ କୁମାରଙ୍କ ପରି ତାରକାମାନେ ଫ୍ଲପ୍ ହେଲେ। ବଲିଉଡ୍ ଫିଲ୍ମର ଫ୍ଲପ୍ ସିରିଜ୍ ଚାଲିଥିବାବେଳେ ଦକ୍ଷିଣ ଭାରତୀୟ ଫିଲ୍ମ କିନ୍ତୁ ହିଟ୍ ହେଉଥିଲା।

ବାହୁବଳି ପରି ବ୍ୟୟବହୁଳ ଫିଲ୍ମ ପରଠାରୁ ଟ୍ରେଣ୍ଡ୍ ବଦଳିଯାଇଛି ହୁଏତ। ବଲିଉଡ୍ ସହିତ ଦକ୍ଷିଣ ଭାରତର ମନୋରଞ୍ଜନ ଶିଳ୍ପ ମଧ୍ୟ କମ୍ ଲୋକପ୍ରିୟ ହୋଇରହିନାହିଁ। ଆଜିକାଲି ସେମାନଙ୍କ କାହାଣୀ ଚୟନ, ନାଚଗୀତ, ଫାଇଟିଂ ଶୈଳୀରେ ପିଲାଠାରୁ ବୁଢ଼ା ଯାଏଁ ସମସ୍ତେ ବାଇଆ। ଗୋଟେ ସମୟରେ ବଲିଉଡ୍‌ରେ ଅଭିନେତାମାନେ ଲୋକମାନଙ୍କ ପାଇଁ ଭଗବାନ୍ ବୋଲାଉଥିବାବେଳେ ହଠାତ୍ ଏପରି ପରିବର୍ତ୍ତନ କାହିଁକି ହେଲା ତା'ର କାରଣ ଖୋଜିବସିଲେ ଅନେକ ହେବ।

ଲୋକମାନେ ଚିରାଚରିତ କଥାବସ୍ତୁକୁ ହୁଏତ ପସନ୍ଦ କରିପାରିଲେନି ଅଥବା ବହୁ ସମୟରେ ନିର୍ମିତ ହେଉଥିବା ଅନ୍ୟ ଭାଷାଭାଷୀ ଦେଶୀୟ ଓ ବୈଦେଶିକ କପିପେଷ୍ଟ କାହାଣୀକୁ ସହଜରେ ଗ୍ରହଣ କରିପାରିଲେନାହିଁ। ସାଧାରଣ ଜନତା ହିଁ ଅଭିନେତାମାନଙ୍କ ଭଗବାନ୍। ଅଭିନେତାମାନେ ମଧ୍ୟ ଅହଂକାରରେ କେତେବେଳେ ଦେଶ ବିପକ୍ଷରେ କହୁଛନ୍ତି ତ କେତେବେଳେ ଫିଲ୍ମ ଦେଖଣାହାରିଙ୍କ ପ୍ରତି କଟୁ ମନ୍ତବ୍ୟ ବ୍ୟକ୍ତ କରୁଛନ୍ତି ଯାହା ମନୋରଞ୍ଜନ ଶିଳ୍ପ ପ୍ରତି ଆଦୌ ଶୁଭଙ୍କର ନୁହେଁ। ସେମାନଙ୍କ ବକ୍ତବ୍ୟ ଯଦି ଆକ୍ଷେପମୂଳକ ହୁଏ, କୌଣସି ଧର୍ମର ଲୋକଙ୍କୁ ଆଘାତ ଦିଏ ତେବେ ସେ କ୍ଷତି ଭରଣା କରିବାକୁ ତ ପଡ଼ିବ।

ଆଜିକାଲି ଚାରିକାନ୍ଥ ଭିତର ଗୁପ୍ତକଥା ଆଉ ଲୁଚିରହିନାହିଁ। ଲୋକମାନେ ଅଭିନେତାମାନଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଜାଣୁଛନ୍ତି। ସେମାନଙ୍କ ବିପର୍ଯ୍ୟସ୍ତ ଜୀବନଶୈଳୀ ଓ ନିଶାଖୋର୍ ପ୍ରବୃତ୍ତିକୁ ଦେଖି ଲୋକେ ବୁଝିଗଲେଣି ସେମାନେ ଭଗବାନ୍




ନୁହନ୍ତି। ଆଜିକାଲି ବଲିଉଡ୍‌ରେ ନିଶା କାରବାର ଖବର ବେଶ୍ ହଇଚଇ ସୃଷ୍ଟି କରିଛି। କେତେଜଣ ନାମୀଦାମୀ ଅଭିନେତା ନିଶା କାରବାରରେ ସମ୍ପୃକ୍ତ ଥିବାର ଆକଳନ କରାଯାଉଛି।

ବିଳମ୍ବିତ ରାତିରେ ନିଶାସକ୍ତ ଅବସ୍ଥାରେ ବିପର୍ଯ୍ୟସ୍ତ ବେଶବାସ ସୂଚାଇଦେଉଛି ସେମାନଙ୍କ ଉପରେ ଥିବା ମିଛ ଆବରଣକୁ। ସୋସିଆଲ ମିଡିଆରେ ଏସବୁ ଭାଇରାଲ୍ ହେବା ପରେ ଲୋକମାନେ ଏମାନଙ୍କ ସ୍ୱରୂପକୁ ବୁଝିଯାଇଛନ୍ତି ଯାହା ଆଗରୁ ସମ୍ଭବ ନ ଥିଲା। ସୁଶାନ୍ତ ସିଂହ ରାଜପୁତଙ୍କ ପରି ଜଣେ ମେଧାବୀ ଛାତ୍ର ଅଭିନେତା ହିସାବରେ ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜ ଅଭିନୟ ଦକ୍ଷତା ଦ୍ୱାରା ଚମକୃତ କରି ଦେଇଥିବାବେଳେ ତାଙ୍କ ମୃତ୍ୟୁକୁ ନେଇ ଯେତେସବୁ ଆକଳନ କରାଯାଇଛି ସେସବୁ ମଧ୍ୟ ବଲିଉଡ୍‌ର କଳା କାରନାମାକୁ ପଦାରେ ପକାଇଦେଲା। ଅନେକ ଗୁଜବ ଉଠିଥିବାବେଳେ କେହି ଜଣେ ହେଲେ ଅଭିନେତାଙ୍କ ମୃତ୍ୟୁକୁ ନେଇ ଉଠିଥିବା ପ୍ରଶ୍ନକୁ ପ୍ରତିହତ କରିପାରିଲେ ନାହିଁ। ରାଜନୀତିକ ଭୂମିକାକୁ ନେଇ ମଧ୍ୟ ଆଲୋଚନା ହେଲା। ଅବଶ୍ୟ ସେ ମୃତ୍ୟୁ ରହସ୍ୟ ଘେରରେ ରହିଗଲା। କିନ୍ତୁ ବଲିଉଡ୍‌ରେ ନିଶାର ଶିକାର ଯେ ସମସ୍ତେ ଏକଥା ଆଉ ପର୍ଦ୍ଦା ତଳେ ଲୁଚି ରହିପାରିଲାନାହିଁ।

ସୁଶାନ୍ତ ସିଂହଙ୍କ ମୃତ୍ୟୁର ସତ୍ୟକୁ ସାମ୍ନାକୁ ଆଣିବାର ପ୍ରୟାସ ଜାରିରଖିଥିବା ଜନତା ହୃଦୟଙ୍ଗମ କଲେ ଯେ ବଲିଉଡ୍‌ରେ ନେପୋଟିଜମ୍ କାୟା ବିସ୍ତାରିଛି। ଇଣ୍ଡଷ୍ଟ୍ରି ବାହାରର ପ୍ରତିଭାବାନ୍ ଅଭିନେତାଙ୍କୁ ବାଦ୍‌ଦେଇ ଅଭିନୟ ଜାଣି ନ ଥିବା ସମ୍ପର୍କୀୟମାନଙ୍କୁ ଅଭିନୟର ସୁଯୋଗ ଦିଆଯାଉଛି। ସେଠାରେ ହେଉଥିବା ଅନ୍ୟାୟ, ନିଶା କାରବାର ଓ ନେପୋଟିଜମ୍ ପାଇଁ ବହୁ କଳାକାର ସମୟ ଗର୍ଭରେ ହଜିଯାଇଛନ୍ତି, ଅନେକେ ଏବେ ବି ହାତବାନ୍ଧି ବସିଛନ୍ତି। ସତ୍ୟ ଜଣାପଡ଼ିଯିବା ପରେ ଲୋକମାନଙ୍କ ମନରେ କ୍ରମଶଃ ବିତୃଷ୍ଣା ଜନ୍ମିଲା, ଯାହାର ପରିଣାମ ଆଜି ଇଣ୍ଡଷ୍ଟ୍ରି ଭୋଗ କରୁଛି। ଏ ସବୁର ପାର୍ଶ୍ୱ ପ୍ରତିକ୍ରିୟା ହେଉଛି ବୟକଟ୍ ବା ବାସନ୍ଦ।

ଧର୍ମୀୟ ଭାବନାରେ ବ୍ୟାଘାତ ସୃଷ୍ଟି କରୁଥିବା ନିର୍ମାତା, ନିର୍ଦ୍ଦେଶକ ଓ ଅଭିନେତାମାନଙ୍କୁ ମଧ୍ୟ ଲୋକମାନେ ବିରୋଧ କରିବା ଶିଖିଗଲେଣି ଯାହା ଆଗରୁ ହେଉ ନ ଥିଲା। ପିକେ ଓ ମାଇଁ ଗଡ୍ ଫିଲ୍ମକୁ ଲୋକମାନେ ଦେଖି ପ୍ରତିକ୍ରିୟାଶୀଳ ହୋଇ ନ ଥିବାବେଳେ ଲାଲ୍ ସିଂହ ଚଡା ପାଇଁ ଏତେ ପରିମାଣରେ ବିଦ୍ରୋହ କେବେ ବି କୌଣସି ଗୋଟିଏ କାରଣ ପାଇଁ ହୋଇ ନ ପାରେ। ଏଥିପାଇଁ ଅସନ୍ତୋଷ ଧୀରେ ଧୀରେ ଦାନା ବାନ୍ଧିଛି।

ଲୋକମାନେ ଦକ୍ଷିଣୀ ଫିଲ୍ମ ଆଡ଼କୁ ମୁହାଁଇଲେଣି। ସେଥିପାଇଁ ପୁଷ୍ପା–ଦ ଫାୟାର୍, ଆର୍ ଆର୍ ଆର୍, କେଜିଏଫ୍ ଭଳି ଫିଲ୍ମ ସୁପର ଡୁପର ହିଟ୍ ହୋଇଛି। ଏଭଳି ସ୍ଥିତିରେ ବଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରି ଲୋକମାନଙ୍କ ଆସ୍ଥାଭାଜନ ହେବା ପାଇଁ ନିଜକୁ ସୁଧାରିବା ଆବଶ୍ୟକ। କାରଣ ଲୋକମାନେ ସେମାନଙ୍କ ଅଭିନୟ ସାଙ୍ଗକୁ ସେମାନଙ୍କୁ ମଧ୍ୟ ପରଖୁଛନ୍ତି। ଯେଉଁମାନେ ସେମାନଙ୍କ ଘର ପରିବାରକୁ ଚଳାଉଛନ୍ତି ସେମାନଙ୍କ ମାନସିକତାକୁ କୁଠାରାଘାତ କଲେ ପ୍ରତିବାଦ ହେବ। କ୍ଷତିଗ୍ରସ୍ତ ହେବେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଡ଼ିତ ସବୁ ପ୍ରକାର ଲୋକ। ମନେରଖିବାକୁ ହେବ ଯେ ମନୋରଞ୍ଜନ ଶିଳ୍ପ ଲୋକମାନଙ୍କ ପାଇଁ। ଅଭିନେତାଟିଏ ଲୋକମାନଙ୍କର ତାଳିଓ ଅର୍ଥରେ ବଞ୍ଚେ। ଲୋକମାନେ ମଧ୍ୟ ଅଭିନୟକୁ ଉପଭୋଗ କରନ୍ତି। ଉଭୟଙ୍କ ଗ୍ରହଣୀୟତାରେ ମନୋରଞ୍ଜନ ଶିଳ୍ପ ତିଷ୍ଠେ। ସେତକ ମନେରଖି ଆଗକୁ ଯତ୍ନଶୀଳ ହେବା ଆବଶ୍ୟକ।

ମୋ: ୯୪୩୭୩୧୭୦୨୬

# କିଏ ଆପଣା, କିଏ ପର



ଦେବାଶିଷ ରଥ

ନବାଗତର ଆଗମନରେ ପରିବାରରେ ଆନନ୍ଦର ଲହରି ଖେଳିଯାଏ। ହୋଇପାରେ ସିଏ ପୁଅ କିମ୍ବା ଝିଅ। ଅବଶ୍ୟ ଝିଅ ଅପେକ୍ଷା ପୁଅର ଆଗମନରେ ଆନନ୍ଦର ମାତ୍ରା ଟିକିଏ ବେଶି ରହିଥାଏ। ଏହା ତ ପାରମ୍ପରିକ ସାମାଜିକ ଜୀବନରୁ ପ୍ରାୟତଃ ପରିବାର ପାଇଁ ସାମୂହିକ ମାନସିକତାର ପରିପନ୍ଥୀ ହୋଇଯାଇଛି। ଏଭଳି ଧାରଣା ସତ୍ୟସିଦ୍ଧ ହୋଇ ଯାଇଛି ଯେ ପୁଅ ହିଁ ନିଜ ପରିବାର, କୁଳ ବା ବଂଶରକ୍ଷା କରିଥାଏ, ଯେତେବେଳେ ଝିଅମାନେ ଏଥିପାଇଁ ଅନୁପଯୁକ୍ତ। ଏହା ହିଁ ବୈଦିକ ଓ ଶାସ୍ତ୍ରାଭିମତ, ଯାହାର ଅନୁଶାସନ ଆମମାନଙ୍କ ପାଇଁ ନୈତିକ ପଥ ପ୍ରଦର୍ଶକ। ପିଢ଼ି ପରେ ପିଢ଼ି କେବଳ ପୁଅ ହିଁ ନିଜ ପରିବାର ତଥା ପିତୃ ପୁରୁଷମାନଙ୍କ ପାଇଁ ଉତ୍ତର ଦାୟାଦ ବା ଉତ୍ତରାଧିକାରୀ ହୋଇପାରିବ। ଝିଅଟିଏ ମାତୃ ହୃଦୟର ସେହି ଅତୁଳନୀୟ ସ୍ନେହ ଓ ମମତାର ସ୍ପର୍ଶ ପାଇ ଛୋଟରୁ ବଡ଼ ହୁଏ। ଇତ୍ୟବସରରେ ମାଆ ଝିଅଟି ପାଇଁ ଲାଳନ ପାଳନ ଗୁରୁଦାୟିତ୍ୱ ନିଖୁଣ ଢଙ୍ଗରେ ସମ୍ପାଦନ କରିଥାଏ, କେବଳ ମାଆ କାହିଁକି ବାପା ମଧ୍ୟ ତା' ପାଇଁ ପିତୃତ୍ୱ ସମ୍ବଳିତ ଦାୟିତ୍ୱ ତୁଲାଇବାରେ କେବେ ବି ଖିଲାପ କରନ୍ତି ନାହିଁ। କେବଳ ଝିଅ କାହିଁକି ପୁଅ ପାଇଁ ସେମାନଙ୍କର ମାତୃତ୍ୱ ଓ ପିତୃତ୍ୱର ଦାୟିତ୍ୱ ତଥା କର୍ତ୍ତବ୍ୟ ଟିକିଏ ଊଣା ନ ଥାଏ। ସେମାନଙ୍କର ସ୍ନେହ ଓ ମମତାର ଆବେଗରେ ଉଭୟ ସମଭାବରେ ଅନୁବନ୍ଧିତ। କଥାରେ ଅଛି 'ଝିଅ ଜନମ ପର ଘରକୁ'। ବିବାହ ପରେ ଝିଅଟି ନିଜ ପରିବାରବର୍ଗ ଆତ୍ମୀୟ ସ୍ୱଜନ ତଥା ବନ୍ଧୁବାନ୍ଧବଙ୍କୁ ଛାଡ଼ି ଚାଲିଯାଏ ଶାଶୁଘରକୁ। ସେତେବେଳେ ନିଜ ବାପା ଓ ମାଆଙ୍କ ପ୍ରତି ତା'ର ଆନ୍ତରିକତା ପ୍ରଦର୍ଶନର କୌଣସି ତୁଳନା ନ ଥାଏ। ସେମାନଙ୍କ ସୁଖ ଦୁଃଖରେ ସେ ସମଭାଗୀ ହୋଇଥାଏ।

ଜଣେ ବିବାହିତ ଝିଅ ପ୍ରତି ବାପା ଓ ମାଆଙ୍କର କ'ଣ ବା ଅଧିକାର ରହିଛି। ତଥାପି ସେମାନଙ୍କ ପରିସ୍ଥିତି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ଝିଅଠାରେ ପରିଲକ୍ଷିତ ହୋଇଥାଏ; ଯାହା କି ସାମ୍ପ୍ରତିକ ପାରିବାରିକ ଚଳଣିରେ ପୁଅଠାରେ ବ୍ୟତିକ୍ରମତାର ଏକ ନିଦର୍ଶନ ହୋଇଥାଏ। ପୁଅଟି କାହିଁ କେତେ ଆଦର ଓ ଯତ୍ନର ସହିତ ଲାଳିତ ପାଳିତ ହୋଇ ଛୋଟରୁ ବଡ଼ ହୋଇଥାଏ। ଏଥିରେ ବାପାଙ୍କର ଅବଦାନ ମଧ୍ୟ କିଛି କମ୍ ନ ଥାଏ। ମାଆ ଯେପରି ପୁଅ ପାଇଁ ମାତୃତ୍ୱର ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇଥାଏ ବାପା ସେହିପରି ନିଜ ପିତୃତ୍ୱର। ପୁଅର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରିବା ପାଇଁ ଜୀବନରେ ଆସୁଥିବା ସମସ୍ତ ଦୁଃଖକଷ୍ଟକୁ ସେମାନେ ମୁଣ୍ଡ ପାତି ସାହିଯାନ୍ତି। ନିଜ ଗୋଡ଼ ନିଜେ ଠିଆ ହୋଇ ମଣିଷ ପରି ମଣିଷଟିଏ ହେବାର ଚିନ୍ତା ସେମାନଙ୍କୁ ନିତିଦିନ ଘାରୁଥାଏ। ଛୋଟରୁ ବଡ଼ ହୋଇ ଯୁବକଟିଏ ହେବା ପର୍ଯ୍ୟନ୍ତ ତା'ର ବାପା ଓ ମାଆଙ୍କ ପ୍ରତି ଆଦର ସମ୍ମାନ ସେବା ତଥା ଭକ୍ତିର ଭାବ ପ୍ରାୟତଃ ଅକ୍ଷୁଣ୍ଣ ରହେ। କିନ୍ତୁ ହାତକୁ ଦୁଇ ହାତ ହୋଇଯିବା ଅର୍ଥାତ୍ ବିବାହର କିଛିଦିନ ପରେ ସେମାନଙ୍କର ପାରିବାରିକ ଚଳଣି ଏକ ଭିନ୍ନ ମୋଡ଼ ନେଇଥାଏ। ବେଳେବେଳେ ଏଭଳି ପରିସ୍ଥିତି ଉପୁଜେ ଯେତେବେଳେ ପୁଅର ନିଜ ବାପା ମାଆଙ୍କ ପ୍ରତି ପୂର୍ବରୁ ଥିବା ଆନ୍ତରିକତା ଭାବ କେଉଁଆଡ଼େ ଉଭେଇ ଯାଏ। ସାମ୍ପ୍ରତିକ ପାରିବାରିକ ସ୍ଥିତିକୁ ଅନୁଧ୍ୟାନ କଲେ ଆମେ ନିଶ୍ଚିତ ହୋଇଯିବା ଯେ ଏହା କେବଳ ଗୋଟିଏ ପରିବାରର ନୁହେଁ ବରଂ ପ୍ରାୟତଃ ଅଧିକାଂଶ ପରିବାର ପାଇଁ ଏକ ଗତାନୁଗତିକ ସମସ୍ୟାର ସଂକେତ ଦେଉଛି; ଯେଉଁଥିପାଇଁ କେଉଁଠି ବାପା ତ କେଉଁଠି ମାଆ ତ ଆଉ କେଉଁଠି ଉଭୟଙ୍କ ଅବସ୍ଥା ଦୁରବସ୍ଥାର ରୂପ ନେଉଛି।

ଜନ୍ମ ଦେଇଥିବା ପୁଅଠାରୁ ତା'ର ବାପା ଓ ମାଆ କ'ଣ ବା ଆଶା କରି ନ ଥାନ୍ତି ଯଥା ସେ ବଡ଼ ହୋଇ ସେମାନଙ୍କର ଅସହାୟତାକୁ ଉପଲବ୍ଧି କରିପାରିବ ଏବଂ ଉପଯୁକ୍ତ ଦାୟିତ୍ୱ ଓ ଯତ୍ନ ନେଇପାରିବ। କିନ୍ତୁ ସେମାନଙ୍କର ଏହି ଆଶା ଦିବାସ୍ୱପ୍ନ ନୁହେଁ ତ ଆଉ କ'ଣ? ସମୟ ଆସେ ଯେତେବେଳେ ଏକାକୀ ବାପା, ମାଆ କିମ୍ବା ଉଭୟ ବାପା ଓ ମାଆଙ୍କୁ ନିଜର ପୁଅଠାରୁ ଅଲଗା ହୋଇ ଜୀବନ ବିତାଇବାକୁ ପଡ଼ିଥାଏ। ବିଶେଷଭାବେ କହିବାକୁ ଗଲେ ସ୍ତ୍ରୀ ଯେତେବେଳେ ସ୍ୱାମୀ ପାଇଁ ଚାବିଦିଆ କଣ୍ଢେଇ ପାଲଟିଯିବ ସେତେବେଳେ ଯାଇ ପାରିବାରିକ ଚଳଣିରେ ଏକ ସମ୍ପୂର୍ଣ୍ଣ ଭିନ୍ନ ଧରଣର ପରିବର୍ତ୍ତନ ଆସିଯିବ; ଯେଉଁଥି ପାଇଁ ପୁଅ ହୋଇ ନିଜର ବାପା ଓ ମାଆଙ୍କ ପ୍ରତି ଯେଉଁଳି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁରୂପେ ସମ୍ପାଦନ କରିପାରିବ, ସ୍ୱାମୀ ହିସାବରେ ସ୍ତ୍ରୀ ପାଇଁ ମଧ୍ୟ ସେପରି। ତେଣୁ ଆସନ୍ତୁ ଆମେ ଏକାଠି ହୋଇ ଏକ ନିରପେକ୍ଷ ମାନସିକତାର ଭାରସାମ୍ୟ ରକ୍ଷା କରିବା ସହ ସ୍ୱାଭାବିକ ପାରିବାରିକ ଶୃଙ୍ଖଳା ବଜାୟ ରଖିବା।

**ରାମେଶ୍ୱର, ଖୋର୍ଦ୍ଧା**
**ମୋ: ୯୯୩୮୭୪୭୮୨୧**

## ପାଠକ ଶ୍ରେଷ୍ଠ ବିଚାରକ

### ନେତାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଉ

ମହାଶୟ,
ଭାରତବର୍ଷ ପୃଥିବୀର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର। ଲକ୍ଷ ଲକ୍ଷ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଗ୍ରାମ ଓ ବଳିଦାନ ଯୋଗୁ ଦେଶ ସ୍ୱାଧୀନ ହୋଇଥିଲା। ସଂଗ୍ରାମୀମାନଙ୍କର ଆଶା ଥିଲା କି ଦେଶ ସ୍ୱାଧୀନ ହେବାପରେ ଦୁର୍ନୀତି, ଭ୍ରଷ୍ଟାଚାରର ଅନ୍ତ ହେବ। ହେଲେ ସଂଗ୍ରାମୀମାନଙ୍କର ସେହି ସ୍ୱପ୍ନ ଧୂଳିସାତ୍ ହୋଇଛି। ଦେଶର କେତେ ଜଣ କ୍ଷମତାଲିପ୍ସୁ ସାଂସଦ ଓ ବିଧାୟକ ସେଦିନର ଅତ୍ୟାଚାରୀ ଇଂରେଜ ସରକାରଠାରୁ ଶତଗୁଣ ଅଧିକ ଦେଶର ଜନତାଙ୍କୁ ଶୋଷଣ କରୁଛନ୍ତି। ରାଜନୀତି ବର୍ତ୍ତମାନ ସର୍ବାଧିକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଅଧିକାଂଶ ସାଂସଦ ଓ ବିଧାୟକ କ୍ଷମତାର ଅପବ୍ୟବହାର କରି କଳାଧନ ଠୁଳକରି ଦେଶବିଦେଶରେ ସ୍ଥାବର ଅସ୍ଥାବର ସମ୍ପତ୍ତି ଆକାରରେ ରଖିଛନ୍ତି। ଦୁଃଖର ବିଷୟ ଏମାନଙ୍କ ଘରେ ଭିଜିଲାନ୍ସ, ସିବିଆଇ ଅଥବା ଇଡି ଚଢ଼ାଉ କରାଯାଉନାହିଁ। ଜନତାଙ୍କୁ ଭୁଆଁ ବୁଲାଇବା ପାଇଁ କେତେବେଳେ କେମିତି କେରାଣ୍ଡିକୁ ଧରାଯାଉଛି, ବାଳିଆକୁ ନୁହେଁ। ଜନସାଧାରଣ ଦଳୀୟ ଭାବନାର ଉର୍ଦ୍ଧ୍ୱକୁ ଉଠି ଦୁର୍ନୀତିଗ୍ରସ୍ତ ସାଂସଦ ଓ ବିଧାୟକଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠାବ ପାଇଁ ଜୋରଦାର ଆନ୍ଦୋଳନ ଆରମ୍ଭ କରିବା ଉଚିତ। ଏହା ନ ହେଲେ ମୂଷାଙ୍କର ବିନାଶ ହେବନାହିଁ କି ଦେଶର ବିକାଶ ହୋଇପାରିବ ନାହିଁ।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗିରିପରେ ପୁଣି ଉଠିଥିଲା ଗିରି–ଲହରୀ
ଜଟିଳ ପଥରେ ମଟର ଚାଲଇ ପହଁରି
ତଳେ କାହିଁ ଧାଏଁ କୁଟିଳ ଝରଣା
ଚାହିଁଲେ ଚକିତ ହୁଏ କଳପନା
ଛାତି ଚିରି ତହିଁ ଗୀତ ଉଠିଥିଲା ମୋହରି
ଗିରି ପରେ ଗିରି ତଥି ପରେ ଗିରି–ଲହରୀ !

–(ଜୟପୁର ଘାଟି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ପାଣିକୋଇଲିରୁ ଭୁବନେଶ୍ୱର ଯୁବକ ଉଦ୍ଧାର

**ପାଣିକୋଇଲି,୧୯(ଡି.ଏନ.ଏ.):** ଭୁବନେଶ୍ୱରରୁ ରାଗି ପଳାଇ ଆସିଥିବା ଜଣେ ଯୁବକଙ୍କୁ ପାଣିକୋଇଲି ପୋଲିସ ଉଦ୍ଧାର କରିବା ପରେ ତାଙ୍କ ପରିବାରକୁ ଡାକି ହସ୍ତାନ୍ତର କରିଛି। ସେହେଲେ ଭୁବନେଶ୍ୱର ଡୁମୁଡୁମା ଅଞ୍ଚଳର ସୋମନାଥ ବ୍ରହ୍ମାଙ୍କ ପୁଅ ନୀଳକଣ୍ଠ। ପାରିବାରିକ କଳହରୁ ଘରୁ ରାଗି ଏକ ସ୍କୁଟି ଯୋଗେ ସେ ପାଣିକୋଇଲି ପଳାଇ ଆସିଥିଲେ। ଶର୍ମା ଟାଙ୍କି ନିକଟରେ ନିଶାସକ୍ତ ହୋଇ ଅଚେତ ଭାବେ ପଡ଼ିଥିବା ବେଳେ ରାଜପଥ ପାଟ୍ରୋଲିଂ ସବଇନ୍ସପେକ୍ଟର ଅଶୋକ କୁମାର ବଳ ତାଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇବା ପରେ ପାଣିକୋଇଲି ଥାନାକୁ ଆଣିଥିଲେ। ଏନେଇ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ଭୁବନେଶ୍ୱରରୁ ତାଙ୍କ ମାଆ, ଭଉଣୀ ଓ ସମ୍ପର୍କୀୟ ଭାଇ ଆସି ପହଞ୍ଚିଥିଲେ। ପୋଲିସ ସେମାନଙ୍କ ପରିବାର ସହ ଆଲୋଚନା କରିବା ପରେ ନୀଳକଣ୍ଠଙ୍କୁ ହସ୍ତାନ୍ତର କରିଛି।

### ବୃଦ୍ଧାଙ୍କଠାରୁ ସୁନାଚୁଡ଼ି ଚୋରି, ଜଣେ ଗିରଫ

**ଭୁବନେଶ୍ୱର,୧୯ (ବ୍ୟୁରୋ):** ଘରେ ଶୋଇଥିବାବେଳେ ଜଣେ ବୃଦ୍ଧାଙ୍କ ହାତରୁ ସୁନା ଚୁଡ଼ି ନେଇ ଫେରାର ଘଟଣାରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ମଦନ ବେହେରା (୨୦)। ପୋଲିସ ତାଙ୍କଠାରୁ ୨ଟି ସୁନା ଚୁଡ଼ି ଜବତ କରିବା ସହ ଏକ ମାମଲା (ନଂ.୩୧୧/୨୨) ରୁଜୁ କରି ଅଭିଯୁକ୍ତ ମଦନଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ସାନନ୍ଦ କର୍ମକର୍ତ୍ତା ନିର୍ବାଚିତ

**ଭୁବନେଶ୍ୱର,୧୯(ବ୍ୟୁରୋ):** ଶ୍ରୀଅରବିନ୍ଦ ନଗରାଞ୍ଚଳ ପ୍ରତିବେଶୀ ଉନ୍ନୟନ ସଂଘ (ସାନନ୍ଦ) କାର୍ଯ୍ୟକାରୀ ପରିଷଦର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଧୀରେନ କୁମାର ବାରିକ, ଉପସଭାପତି ଅଭିମନ୍ୟୁ ଦାଶ, ସାଧାରଣ ସମ୍ପାଦକ ପ୍ରଭଞ୍ଜନ ମହାନ୍ତି, ଯୁଗ୍ମ ସାଧାରଣ ସମ୍ପାଦକ ଦୟାନିଧି ରାଉତରାୟ ଓ କୋଷାଧ୍ୟକ୍ଷ ଅଶ୍ୱିନୀ କୁମାର ପଟ୍ଟନାୟକ ମନୋନୀତ ହୋଇଛନ୍ତି। ପରିଷଦ ସଭ୍ୟ ଭାବେ ଡ. ହୃଷୀକେଶ ମଲ୍ଲିକ, କିଶୋର କୁମାର ରାଉତ, ଧୀରେନ୍ଦ୍ର କୁମାର ସାହୁ ଓ ଅଭିମନ୍ୟୁ ପାଢ଼ୀଙ୍କୁ ଚୟନ କରାଯାଇଛି। ସଂଘର ଉପଦେଷ୍ଟା ମଣ୍ଡଳୀରେ ଗୟାଧର ପୁହାଣ, ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଜୟନ୍ତ କୁମାର ବିଶ୍ୱାଳ, ନାରାୟଣ ଦାସ, ହରିହର ମହାନ୍ତି ପ୍ରମୁଖ ରହିଛନ୍ତି। କାର୍ଯ୍ୟକାରୀ ପରିଷଦର ସଭ୍ୟ ଡ. ମଲ୍ଲିକ କହିଛନ୍ତି, ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶ ଅନୁସରଣରେ 'ପାଠଚକ୍ର'ର ଆଲୋଚନା ସହିତ ସଂଘର ମୁଖପତ୍ର 'ଅରୋଭୂମି' ପ୍ରକାଶନକୁ ତ୍ୱରାନ୍ୱିତ କରାଯିବ। ସଭାପତି ବାରିକ କହିଛନ୍ତି, ସଂଘର ଅନୁମୋଦନ ନେଇ ଶ୍ରୀଅରବିନ୍ଦ ନଗରର ଶିଶୁ ଓ ଯୁବକଙ୍କୁ ସମାଜ ଉନ୍ନୟନ କାର୍ଯ୍ୟରେ ସଂଗଠିତ କରାଯିବ। ଏଥିସହିତ ଶିଶୁ କିଶୋରଙ୍କ ପ୍ରତିଭାର ବିକାଶ ଦିଗରେ ଉଦ୍ୟମ ହେବ। କାର୍ଯ୍ୟକାରୀ ପରିଷଦରେ ବରିଷ୍ଠ ଆବାସିକ ସଦସ୍ୟଙ୍କ ସହିତ ସ୍ଥାନୀୟ ବିଧାୟକ ଓ କର୍ପୋରେଟରଙ୍କୁ ନିମନ୍ତ୍ରିତ ସଭ୍ୟ ଭାବେ ନିଆଯାଇଛି।

# ୨୦ ୱାର୍ଡ ପାଇଁ ୧୨.୩୪ କୋଟି ଟଙ୍କାର ପ୍ରକଳ୍ପ

## ବିଏମ୍‌ସି ପକ୍ଷରୁ ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ, ଶିଳାନ୍ୟାସ


ପାତ୍ରପଡ଼ା ନାମ୍ରକଣୀ ପୋଖରୀ ପୁନଃରୁଦ୍ଧାର କାର୍ଯ୍ୟର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧୯ (ବ୍ୟୁରୋ)**

ସ୍ୱାୟତ୍ତ ଶାସନ ଦିବସ ପରିପ୍ରେକ୍ଷୀରେ ୩ଦିନିଆ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନ ଗୁରୁବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି। ୨୦ ୱାର୍ଡରେ ମୋଟ ୧୨ କୋଟି ୩୪ଲକ୍ଷ ୬୪ ହଜାର ଟଙ୍କାର ପ୍ରକଳ୍ପ ରହିଛି। ୧୩ଟି ପ୍ରକଳ୍ପର ଉଦ୍‌ଘାଟନ ହୋଇଥିବାବେଳେ ୭ଟିର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

ପ୍ରଥମେ ୱାର୍ଡ ନଂ.୬୫ ଅନ୍ତର୍ଗତ ପାତ୍ରପଡ଼ା ନାମ୍ରକଣୀ ପୋଖରୀ ପୁନରୁଦ୍ଧାର କାର୍ଯ୍ୟର ଉଦ୍‌ଘାଟନ ହୋଇଥିଲା। ଏଥିପାଇଁ ୧୮୯ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ସେହିପରି ୮୯.୨୨ ଲକ୍ଷ ଟଙ୍କା ବଜେଟ୍‌ରେ ୱାର୍ଡ ନଂ.୬୪ ଅନ୍ତର୍ଗତ ଡୁମୁଡୁମା ଡିଏନ୍ ଆକ୍ସି ପାର୍କ ପାଖରେ କଂକ୍ରିଟ ବକ୍ସ ଡ୍ରେନ୍‌ର ଉଦ୍‌ଘାଟନ ହୋଇଛି। ଏଥିସହ ୧୬୫ ଲକ୍ଷ ଟଙ୍କା ବ୍ୟୟରେ ୱାର୍ଡ ନଂ. ୬୩ର ଜାଗମରା ବରବାରୀ ପୋଖରୀ ପୁନରୁଦ୍ଧାର, ୪୯.୯୯ ଲକ୍ଷ ଟଙ୍କା ବ୍ୟୟରେ ୱାର୍ଡ ନଂ. ୫୦ରେ ଜାତୀୟ ରାଜପଥଠାରୁ ମହିମା ମିଶ୍ର ଗଳିରାସ୍ତା ଓ ଡ୍ରେନ୍ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ, ୫୦ଲକ୍ଷ ଟଙ୍କା ବ୍ୟୟରେ ୪୮ ନଂ. ୱାର୍ଡରେ ପ୍ରିୟଦର୍ଶିନୀ ମାର୍କେଟ ପିଣ୍ଡିଠାରେ ପେଭର୍ ବ୍ଲକ ରାସ୍ତା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ, ୧୪.୪୫ ଲକ୍ଷ ଟଙ୍କା ବ୍ୟୟରେ ୱାର୍ଡ ନଂ.୩୮ରେ ନୟାପଲ୍ଲୀ ଇନ୍ଦିରା ମଇଦାନରେ ରାସ୍ତାକଡ଼ ମୁକ୍ତ ବାୟୁ ବ୍ୟାୟାମଶାଳାର ଉଦ୍‌ଘାଟନ, ୫୧.୮୦ ଲକ୍ଷ ଟଙ୍କା ବ୍ୟୟରେ ୱାର୍ଡ ନଂ. ୫୩ରେ ଭୀମପୁର ଭୋଇସାହିରେ ରାସ୍ତା ଉଦ୍‌ଘାଟନ, ୯୯.୭୭ ଲକ୍ଷ ଟଙ୍କା ବ୍ୟୟରେ ନିଉ ଫରେଷ୍ଟ ପାର୍କ ଜଗନ୍ନାଥ ମନ୍ଦିର ନିକଟରେ ଆର୍‌ସିସି ବକ୍ସ ଡ୍ରେନର ଭିତ୍ତିପ୍ରସ୍ତର ସ୍ଥାପନ, ୪.୬୪ ଲକ୍ଷ ଟଙ୍କା ବ୍ୟୟରେ ୱାର୍ଡ ନଂ. ୬୦ ମୂଳାପଡିଆରେ ଏମ୍‌ସିସି ଉଦ୍‌ଘାଟନ, ୩୪.୬୮ ଲକ୍ଷ ଟଙ୍କା ବ୍ୟୟରେ ୱାର୍ଡ ନଂ. ୬୨ ବିଡିଏ କଲୋନୀ ଫେଜ୍-୧ରୁ ଇନ୍ଦ୍ରପ୍ରସ୍ଥ ପୋଖରୀପୁଟ ରାସ୍ତା ଉନ୍ନତିକରଣର ଉଦ୍‌ଘାଟନ ହୋଇଥିଲା।

ଦ୍ୱିତୀୟ ପର୍ଯ୍ୟାୟରେ ଅପରାହ୍ନରେ ୨୨.୯୮ ଲକ୍ଷ ଟଙ୍କା ବ୍ୟୟରେ ୱାର୍ଡ ନଂ. ୫୯ ନୂଆଗାଁଠାରେ ଗଙ୍ଗୁଆ ନଦୀ ତଟବନ୍ଧଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଦ୍‌ଘାଟନ, ୧୭.୯୪ ଲକ୍ଷ ଟଙ୍କା ବ୍ୟୟରେ ୱାର୍ଡ ନଂ ୫୫ରେ ଲୁଇସ୍ ରୋଡ୍‌ରୁ ରଶ୍ମି ହୋମ୍ ପର୍ଯ୍ୟନ୍ତ ପେଭର୍ ବ୍ଲକ ରାସ୍ତାର ଉଦ୍‌ଘାଟନ, ୯୮.୨୮ ଲକ୍ଷ ବ୍ୟୟରେ ୱାର୍ଡ ୪୫ରେ ଲକ୍ଷ୍ମୀସାଗର ଚମ୍ପା ପୋଖରୀ ଡ୍ରେନ ନଂ. ୬ ଦିଗ ପରିବର୍ତ୍ତନର ଭିତ୍ତିପ୍ରସ୍ତର ସ୍ଥାପନ, ୬୩.୧୦ ଲକ୍ଷ ବ୍ୟୟରେ ଚିନ୍ତାମଣିଶ୍ୱର ବିଶ୍ୱନାଥ ନଗରରେ କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ, ୯୯.୬୫ ଲକ୍ଷ ବ୍ୟୟରେ ୱାର୍ଡ ନଂ.୩୧ରେ ଦେବରାଜ ବିଦ୍ୟାଳୟ ନିକଟ ଡ୍ରେନ ନଂ. ୧୦ ଉପରେ କଂକ୍ରିଟ କାଛ ଉଦ୍‌ଘାଟନ, ୫୭.୮୮ ଲକ୍ଷ ବ୍ୟୟରେ ୱାର୍ଡ ନଂ.୩୨ ଅନ୍ତର୍ଗତ ଝାରପଡ଼ାଠାରେ ଏମ୍‌ଆର୍‌ଏଫ୍ ଉଦ୍‌ଘାଟନ, ୫୧.୭୭ ଲକ୍ଷ ବ୍ୟୟରେ ଝାରପଡ଼ା ଡ୍ରେନ ନଂ.୧୦ ନିକଟରେ ବକ୍ସ କଲଭର୍ଟ ଉଦ୍‌ଘାଟନ, ୪୩.୬୨ ଲକ୍ଷ ବ୍ୟୟରେ ୱାର୍ଡ ନଂ.୩୪ ସତ୍ୟନଗର ରାସ୍ତା ଉନ୍ନତୀକରଣର ଭିତ୍ତିପ୍ରସ୍ତର ସ୍ଥାପନ, ୨୦.୬୮ ଲକ୍ଷ ବ୍ୟୟରେ ୱାର୍ଡ ନଂ.୩୦ ଅନ୍ତର୍ଗତ ଶହୀଦନଗର ଚିକିତ୍ସାଳୟ ସମ୍ମୁଖ ରାସ୍ତା ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ୧୦.୧୯ ଲକ୍ଷ ବ୍ୟୟରେ ୱାର୍ଡ ନଂ. ୩୭ କସ୍ତୁରବା ବିଦ୍ୟାଳୟ ଖେଳପଡ଼ିଆ ଏବଂ ଶିକ୍ଷାକେନ୍ଦ୍ରଠାରେ ଚଲାପଥ ଓ ୧୮ଟି ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣର ଉଦ୍‌ଘାଟନ ହୋଇଥିଲା।

ଏସବୁ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରେ ବିଜ୍ଞାନ ଓ କାରିଗରି କୌଶଳ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ସୁରେଶ କୁମାର ରାଉତରାୟ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଯୋଗଦେଇଥିଲେ।

### ଆଉ ଜଣେ ଛାତ୍ରଙ୍କ ମୃତଦେହ ଜବତ

#### କୁଆଖାଇରେ ୫ ସାଙ୍ଗ ବୁଡ଼ି ଯାଇଥିଲେ

**ଫୁଲନଖରା,୧୯(ଡି.ଏନ୍.ଏ.)**

କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀସ୍ଥିତ କୁଆଖାଇ ନଦୀରେ ବୁଡ଼ି ନିଖୋଜ ଥିବା ଆଉଜଣେ ଛାତ୍ରଙ୍କ ମୃତଦେହ ଗୁରୁବାର ସକାଳେ ମିଳିଛି। ସେ ହେଲେ ଭୁବନେଶ୍ୱର ପଟିଆ ଅଞ୍ଚଳର ରତ୍ନ ରଞ୍ଜନ ମାଧ୍। ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିବା ପରେ ମୃତଦେହକୁ ନଦୀକୂଳରୁ ଏକ କିମି ଦୂର ଏକ ବାଲି ଢିପରୁ ଜବତ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୪/୨୨) ରୁଜୁ କରି ତଦନ୍ତ ଚଳାଇଛି। ପଟିଆ ଅଞ୍ଚଳର ୫ଜଣ ଛାତ୍ର ମହାବୀର ପ୍ରସାଦ ଗୌଡ଼, ଶୁଭମ୍ ମହାନ୍ତି, ଲିପୁନା ରାଉତ, ରତ୍ନ ରଞ୍ଜନ ମାଧ୍ ଓ ଆଶୁତୋଷ ପାଲ୍ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଦୁଇଟି ସ୍କୁଟିରେ ଘରୁ ଟ୍ୟୁଶନ୍‌କୁ ଆସିଥିଲେ। ସେଠାରେ ଗଣେଶ ପୂଜା ସାରି ଅପରାହ୍ନ ପ୍ରାୟ ୧ଟାରେ କୁଆଖାଇରେ ଗାଧୋଉଥିବାବେଳେ ପାଣି ସ୍ରୋତରେ ଭାସିଯାଇଥିଲେ। ମହାବୀର ଓ ଶୁଭମ୍ ନଦୀକୂଳକୁ ପହଁରି ଆସିଥିଲେ। ଲୋକେ ଲିପୁନାଙ୍କୁ ଉଦ୍ଧାର କରିଥିବାବେଳେ ପୋଲିସ, ଅଗ୍ନିଶମ ଏବଂ ଓଡ୍ରାଫ ଟିମ୍ ଆଶୁତୋଷଙ୍କ ମୃତଦେହ ଜବତ କରିଥିଲେ। ହେଲେ ରତ୍ନଙ୍କ ପତ୍ତା ମିଳି ନ ଥିଲା।

## କଳା କପଡ଼ା ବାନ୍ଧି ଭାଜପାର ଧାରଣା, ବିକ୍ଷୋଭ




### ବିଏମ୍‌ସିର ସ୍ୱାୟତ୍ତ ଶାସନ ପାଳନକୁ ବିରୋଧ

**ଭୁବନେଶ୍ୱର, ୧୯ (ବ୍ୟୁରୋ)**

ସ୍ୱାୟତ୍ତ ଶାସନ ପାଳନକୁ ବିରୋଧ କରି ଗୁରୁବାର ଭୁବନେଶ୍ୱର ଜିଲା ଭାଜପା ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ସମସ୍ତ କାର୍ଯ୍ୟକର୍ତ୍ତା ମୁହଁରେ କଳା କପଡା ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ମାର୍ଟ ସିଟି ଦୁର୍ଗନ୍ଧମୟ ଓ ଅଳିଆ ସମସ୍ୟା ଘେରରେ ରହିଛି। ଭୁବନେଶ୍ୱର ସହରକୁ ୧ନମ୍ବର ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବାବେଳେ ବାସ୍ତବ ଚିତ୍ର ସଂପୂର୍ଣ୍ଣ ଭିନ୍ନ। ରାଜଧାନୀରେ ମାଳ ମାଳ ସମସ୍ୟା ରହିଛି, କିନ୍ତୁ ବିଏମ୍‌ସି ଅଧିକାରୀମାନେ ଏହାର ସମାଧାନ କରୁନାହାନ୍ତି। ରାଜଧାନୀରେ ଘଣ୍ଟାଏ ବର୍ଷା ହେଲେ ବମିଖାଲ, ରସୁଲଗଡ, ଇସ୍କନ ଓ ନୟାପଲ୍ଲୀରେ ଜଳ ଭରିଯାଉଛି। ସମସ୍ୟା ସମାଧାନ ପାଇଁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ବିଏମ୍‌ସି କର୍ତ୍ତୃପକ୍ଷ ରାଜଧାନୀ ବାସିନ୍ଦାଙ୍କ ସହିତ ପ୍ରତାରଣା କରିଛନ୍ତି। ସହରରେ ଅଳିଆ ସମସ୍ୟା, ଡ୍ରେନେଜ ଅବ୍ୟବସ୍ଥା, ଡେଙ୍ଗୁ ସମସ୍ୟା ଅଣାୟତ୍ତ, ରାସ୍ତାଘାଟ ମରଣଯନ୍ତା ଓ ବର୍ଷାପାଣିରେ ରାସ୍ତା ସମସ୍ୟା ରହିଥିଲେ ମଧ୍ୟ ବିଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଜିଲା ସଭାପତି ସିଂଙ୍କ ସମେତ ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ଭୁବନେଶ୍ୱରବାସୀଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ବିଏମସି ନ ଯୋଗାଇବା ପର୍ଯ୍ୟନ୍ତ ଜିଲା ଭାଜପା ରାଜରାସ୍ତାରେ ପ୍ରତିବାଦ କରିବା ସହିତ ଲୋକଙ୍କ ପାଖକୁ ଯିବ ବୋଲି ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି। ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲା ପ୍ରଭାରୀ ଭୁବନ ମୋହନ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ହିଂମାଂଶୁ ଶେଖର ଛୋଟରାୟ, ଅଭିଷେକ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ଶହୀଦନଗର ଦୁର୍ଗାପୂଜା ଭସାଣି ଉତ୍ସବ ସମିତିର ନୂତନ କର୍ମକର୍ତ୍ତା

**ଭୁବନେଶ୍ୱର,୧୯(ବ୍ୟୁରୋ)**

ଶହୀଦନଗର ଦୁର୍ଗାପୂଜା ମଣ୍ଡପ ଭସାଣି ଉତ୍ସବ ସମିତିର ସାଧାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳା ଓ ଭାଇଚାରା ଭିତ୍ତିରେ କରିବା ପାଇଁ ନିଷ୍ପତ୍ତି ନିଆଯିବା ସହିତ ଆସନ୍ତା ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ମୁଖ୍ୟ ଉପଦେଷ୍ଟା ଭାବେ ରବୀନ୍ଦ୍ରନାଥ ବିଶ୍ୱାଳ, ଉପଦେଷ୍ଟା ସୁଧୀର ଶତପଥୀ, ଧରଣୀଧର ଜେନା, ସୁକାନ୍ତ ପ୍ରଧାନ, ରମେଶ ଚନ୍ଦ୍ର ସାହୁ, ରବୀନ୍ଦ୍ର ନାୟକ ଓ ପ୍ରଭାସ ସୁନ୍ଦରାଏ, ସଭାପତି ଭାବେ ଡ. ଜଗନ୍ନାଥ ମହାପାତ୍ର, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ଦାସ, ଉପସଭାପତି ମନେନ୍ଦ୍ର ଦାସ, ଦିଲୀପ ଦାଶଶର୍ମା, ଜ୍ୟୋତିଷ ସାହୁ, ଉପେନ୍ଦ୍ର ପାଇକରାଏ, ସୁରେଶ ଚନ୍ଦ୍ର ରାଉତରାୟ, ଗିରିଶ ଚନ୍ଦ୍ର ରାଉତ, ପ୍ରଭାତ ପରିଡ଼ା, ଦେବରାଜ ମହାନ୍ତି, ଉଗ୍ରସେନ ମଙ୍ଗରାଜ, ସୁଶାନ୍ତ ଜେନା ଓ ରାଜେନ୍ଦ୍ର ମଲ୍ଲିକ ରହିଛନ୍ତି। ସାଧାରଣ ସମ୍ପାଦକ ହରିଶ ପ୍ରସାଦ ରଥ, ସମ୍ପାଦକ ଶିବସୁନ୍ଦର ଛୋଟରାୟ, ଯୁଗ୍ମ ସମ୍ପାଦକ ବିଭୂତି ଭୂଷଣ କର, ପ୍ରମୋଦ ସାହୁ, ସୁବଳ ବେହେରା, ବିମଳ ମଣ୍ଡଳ, ବସନ୍ତ ସାହୁ, କୃତାର୍ଥ ପ୍ରଧାନ, ଗଗନ ବିହାରୀ ବସ୍ତିଆ, ଶିବନାରାୟଣ ରାୟ, ବିଜୟ କୁମାର ଚୌଧୁରୀ ଓ ସତ୍ୟବ୍ରତ ନାୟକ, କୋଷାଧ୍ୟକ୍ଷ ଅଚ୍ୟୁତ ପ୍ରସାଦ ବେହେରା, ସହ କୋଷାଧ୍ୟକ୍ଷ ବିଜୟ ଦାସ ଓ ମିଡିଆ କନ୍‌ଭେନର ଭାବେ ସନତ ମିଶ୍ର ନିର୍ବାଚିତ ହୋଇଛନ୍ତି।

### ଜାପାନରେ ଗ୍ଲୋବାଲ୍ ସପୋର୍ଟର୍ ଭାବେ ପୁରୀର କୁନା ଦାଶ ମନୋନୀତ

**ପୁରୀ ଅଫିସ,୧୯**

ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି ପୁରୀର କୁନା ଦାଶ। କୁନା ଏବେ ଭାରତ-ଜାପାନ ମୈତ୍ରୀ ସଂଘର ସଭାପତି ତଥା କ୍ୟୋଟୋ ଜାପାନର ଅନ୍ତର୍ଜାତୀୟ ପର୍ଯ୍ୟଟନ ରାଷ୍ଟ୍ରଦୂତ ଏବଂ ପୁରୀ ଚନ୍ଦ୍ରଶେଖର ଏକାଡେମୀର ସଭାପତି ରହିଛନ୍ତି। କ୍ୟୋଟୋର କଳା, ସଂସ୍କୃତି, ଅର୍ଥନୀତି ଓ ପର୍ଯ୍ୟଟନକୁ ବିଶ୍ୱରେ ପ୍ରଚାର, ପ୍ରସାର କରିବା ପାଇଁ ସେଠାକାର ସରକାର କୁନାଙ୍କୁ ଗ୍ଲୋବାଲ୍ ସପୋର୍ଟର୍ ଭାବେ ମନୋନୀତ କରିଛନ୍ତି। ଏ ନେଇ ଆୟୋଜିତ ଏକ କାର୍ଯ୍ୟକ୍ରମରେ କୁନାଙ୍କୁ କ୍ୟୋଟୋର ମେୟର କାଦୋକାୱା ଡାଇସା ସମ୍ମାନିତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ମନୋନୟନ କ୍ଷେତ୍ରରେ କୁନା ହେଉଛନ୍ତି ପ୍ରଥମ ଭାରତୀୟ। ବିଶ୍ୱରେ ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଓ ଭାବଗତ ସମ୍ପର୍କ ମଜଭୁତ କରିଥିବା କ୍ଷେତ୍ରରେ ଉକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥାଏ। କୁନା ଦୀର୍ଘ ୩୦ ବର୍ଷ ହେଲା ଜାପାନରେ ରହି ଭାରତ ଓ କ୍ୟୋଟୋ ମଧ୍ୟରେ ସାଂସ୍କୃତିକ ଓ ଭାବଗତ ସମ୍ପର୍କକୁ ନିବିଡ଼ କରିଆସୁଛନ୍ତି। ଭାରତର ଯୁବତୀ ଯୁବକ କିଭଳି ଜାପାନରେ କର୍ମନିଯୁକ୍ତି ପାଇପାରିବେ ସେ ନେଇ ପ୍ରଚେଷ୍ଟା ଚଳାଇଛନ୍ତି। ଏ ନେଇ ପୁରୀ ବାଲିଘାଇରେ ଚନ୍ଦ୍ରଶେଖର ଏକାଡେମୀରେ ଆଇଟି ଓ ଜାପାନିଜ ଭାଷା ଶିକ୍ଷା ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସେହିପରି ଜାପାନରେ ରହୁଥିବା ଭାରତୀୟଙ୍କ ପାଇଁ କ୍ୟୋଟୋରେ ଏହାର ଏକ ଶାଖା ପ୍ରତିଷ୍ଠା କରିଛନ୍ତି। ମନୋନୀତ ହୋଇ ସେ ଖୁସି ଏବଂ ଜାପାନ-ଭାରତ ମଧ୍ୟରେ ସମ୍ପର୍କକୁ ଅଧିକ ମଜଭୁତ କରାଇବା ପାଇଁ ସେ ପ୍ରୟାସ କରୁଥିବା କୁନା କହିଛନ୍ତି।



କୁନା ଦାଶଙ୍କ ସହ କାଦୋକାୱା ଡାଇସା।

## କ୍ୟାପିଟାଲ ହସ୍ପିଟାଲରେ ଅଗ୍ନି ସୁରକ୍ଷା ମକ୍ ଡ୍ରିଲ



**ଭୁବନେଶ୍ୱର,୧୯ (ବ୍ୟୁରୋ)**

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଅଗ୍ନିଶମ ବାହିନୀ ପକ୍ଷରୁ ଅଗ୍ନି ସୁରକ୍ଷା ମକ୍ ଡ୍ରିଲ ଅନୁଷ୍ଠିତ ହୋଇଥିଲା। ହସ୍ପିଟାଲ ପ୍ରସୂତି ବିଭାଗର ୧୦୦ ବେଡ୍ ବିଶିଷ୍ଟ କୋଠାରେ ଏହି ମକ୍ ଡ୍ରିଲ କରାଯାଇଥିଲା। ହସ୍ପିଟାଲରେ ନିଆଁ ଲାଗିଲେ କିଭଳି କର୍ମଚାରୀଙ୍କ ଦ୍ୱାରା ଆୟତ୍ତ କରାଯାଇପାରିବ ଏବଂ ଉକ୍ତ ସମୟରେ ରୋଗୀଙ୍କୁ କେମିତି ଶୀଘ୍ର ସୁରକ୍ଷିତ ଭାବେ ବାହାର କରାଯାଇପାରିବ, ସେ ବାବଦରେ ହସ୍ପିଟାଲ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହାସହ ଏହି ଉଚ୍ଚ ଅଟ୍ଟାଳିକାରୁ ହାଇଡ୍ରୋଲିକ ସ୍କାଏଲିଫ୍ଟ ଦ୍ୱାରା ରୋଗୀଙ୍କୁ ଉଦ୍ଧାର କରାଯିବାର କୌଶଳ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଷ୍ଟାଫ୍ ନର୍ସ, ସୁରକ୍ଷାକର୍ମୀ, ହାଉସକିପିଂ କର୍ମଚାରୀ ସାମିଲ ହୋଇଥିଲେ।



## 'ପ୍ରତି ପ୍ରକଳ୍ପରେ ପରିବେଶ ରକ୍ଷାକୁ ବିଡିଏର ଗୁରୁତ୍ୱ'

### ୪୦ତମ ପ୍ରତିଷ୍ଠା ଦିବସ



ବିଡିଏ ଉପାଧ୍ୟକ୍ଷ ସଞ୍ଜୟ କୁମାର ସିଂହ ଓ ଅନ୍ୟମାନେ ବାର୍ଷିକ ରିପୋର୍ଟ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୧୯ (ବ୍ୟୁରୋ)**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଗୁରୁବାର ୪୦ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏଥିସହ ନୂଆ ଲକ୍ଷ୍ୟ ଓ ଭରସାକୁ ନେଇ ଯାତ୍ରା ଆରମ୍ଭ କରିଛି। ବିଡିଏ କନ୍‌ଫରେନ୍ସ ହଲ୍‌ରେ ନିରାଡମ୍ବର ଭାବେ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଏ ଉପାଧ୍ୟକ୍ଷ ସଞ୍ଜୟ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ବିଡିଏ ସମସ୍ତ ବ୍ୟବସ୍ଥା ଅନ୍‌ଲାଇନ୍‌ରେ କରିବା ପରେ ସରକାରଙ୍କ '୫-ଟି' ମନ୍ତ୍ରକୁ ପ୍ରତିପାଦିତ କରିପାରିଛି। ଏବେ ଏହି ଅନ୍‌ଲାଇନ ବ୍ୟବସ୍ଥାକୁ ସିଡିଏ ଆପଣେଇବାକୁ ଯାଉଛି। ବର୍ଷ ବର୍ଷ ଧରି ଲିଙ୍ଗରାଜ ବିହାର, ଜାଗମରା ବାରଭୁଜା ମାର୍କେଟ ଓ ରାମଚନ୍ଦ୍ରପୁରରେ ଲାଗି ରହିଥିବା ଜମି ସମସ୍ୟା ଅତି କମ୍ ସମୟରେ ସମାଧାନ ହୋଇପାରିଛି। ଏବେ ଲୋକ ଭରସା କରିଛନ୍ତି। ଏହି ଭରସା କିଭଳି ତୁଟିବ ନାହିଁ ତାହାକୁ ଆଖି ଆଗରେ ରଖି ଆମକୁ କାମ କରିବାକୁ ହେବ। ତଥାପି ଆମ ଦକ୍ଷତାର ଆମେ ୨୦ ପ୍ରତିଶତ ବ୍ୟବହାର କରୁଛେ। ଆଗକୁ ଶତପ୍ରତିଶତ ବ୍ୟବହାର କରିବାକୁ ହେବ। ଏଥିରେ ସମସ୍ତଙ୍କର ସହଯୋଗ ଜରୁରୀ। ତେବେ ବର୍ତ୍ତମାନର ପରିବେଶଜନିତ ବିପଦକୁ ମୁକାବିଲା କରିବାକୁ ହେଲେ ପ୍ରତ୍ୟେକ ପ୍ରକଳ୍ପରେ ପରିବେଶ ରକ୍ଷା ନେଇ ଯୋଜନା ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।

ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବିଡିଏ କର୍ମଚାରୀ ରେବତୀକାନ୍ତ କାନୁନ୍‌ଗୋଙ୍କ ଝିଅ ହର୍ଷିତା କାନୁନ୍‌ଗୋ ଓ ଧନଞ୍ଜୟ ପରିଡାଙ୍କ ଝିଅ ଅର୍ପିତା ପ୍ରିୟଦର୍ଶିନୀଙ୍କୁ ବିଡିଏ ଉପାଧ୍ୟକ୍ଷ ସଞ୍ଜୟ କୁମାର ସିଂହ ନଗଦ ୫ ହଜାର ଟଙ୍କା ପୁରସ୍କାର ରାଶି ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଏଥିସହ ବିଡିଏର ବାର୍ଷିକ ରିପୋର୍ଟ ଉନ୍ମୋଚିତ ହୋଇଥିଲା। ବରିଷ୍ଠ ସହାୟକ ସୁରେନ୍ଦ୍ର ଦାସ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସେକ୍ରେଟାରି କବିନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣରେ ବିଭିନ୍ନ ସଫଳ ପ୍ରକଳ୍ପ ଉପରେ ଆଲୋକପାତ କରିଥିଲେ। ଫାଇନାନ୍ସ ମେମ୍ବର ରୁଦ୍ରନାରାୟଣ ଆଚାର୍ଯ୍ୟ, ପ୍ଲାନିଂ ମେମ୍ବର ଗୌରୀଶଙ୍କର ଭୂୟାଁ, ଇଞ୍ଜିନିୟରିଂ ମେମ୍ବର ଅକ୍ଷୟ କୁମାର ବଡ୍ତୁ, ଅତିରିକ୍ତ କମିଶନର(ଏନ୍‌ଫୋର୍ସମେଣ୍ଟ) ହରିଶ୍ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଏ କର୍ମଚାରୀ ୟୁନିୟନ ଫୋରମ ପକ୍ଷରୁ ସବିତାରାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଉପକୂଳ ନିୟନ୍ତ୍ରିତ ଅଞ୍ଚଳ ସୁରକ୍ଷାରେ ଅବହେଳା

## ସିଏଜି ରିପୋର୍ଟରେ ପ୍ରଶାସନର ବିଫଳତା

- ଅଲିଭ ରିଡ୍‌ଲେ ନେଷ୍ଟିଂ ସାଇଟ୍‌ରେ କାରାଗାର କୋଠା
- ଜବରଦଖଲ ହେବାରେ ଲାଗିଛି ବାଲୁଖଣ୍ଡ ଅଭୟାରଣ୍ୟ

ପୁରୀ ଅଫିସ,୧୯

୮୭ ବର୍ଗ କିଲୋମିଟର ପରିବ୍ୟାପ୍ତ ବାଲୁଖଣ୍ଡ ଅଭୟାରଣ୍ୟ ପୁରୀ ବେଳାଭୂମିକୁ ଲାଗି ରହିଛି। ଏହାକୁ ନେଇ ଗଢ଼ିଉଠିଛି ଉପକୂଳ ନିୟନ୍ତ୍ରିତ ଅଞ୍ଚଳ। ଜୈବ ବିବିଧତାରେ ପରିପୂର୍ଣ୍ଣ ବାଲୁଖଣ୍ଡ ଅଭୟାରଣ୍ୟ ସମେତ ଏହି ଉପକୂଳ ନିୟନ୍ତ୍ରଣ ଅଞ୍ଚଳର ସୁରକ୍ଷା ଲାଗି ବନ ବିଭାଗ ଆବଶ୍ୟକ ପଦକ୍ଷେପ ନେଉନାହିଁ। ଫନୀରେ ବାଲୁଖଣ୍ଡ ଅଭୟାରଣ୍ୟ ଧ୍ୱଂସପ୍ରାୟ ସ୍ଥିତିରେ ପହଞ୍ଚିଥିଲା। ସଂପ୍ରତି ଏହା କ୍ରମଶଃ ଜବରଦଖଲ ହେବାରେ ଲାଗିଛି। ଫଳରେ ଅଭୟାରଣ୍ୟ ସଙ୍କୁଚିତ ହେବାର ଆଶଙ୍କା ବଢ଼ିଛି। ସଦ୍ୟ ପ୍ରକାଶିତ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ (ସିଏଜି)ଙ୍କ ରିପୋର୍ଟ ଅନୁଯାୟୀ, ଉପକୂଳ ନିୟନ୍ତ୍ରଣ ଅଞ୍ଚଳକୁ ସୁରକ୍ଷା ଦେବାରେ ପ୍ରଶାସନ ବିଫଳ ହୋଇଛି। ଏପରି କି ସରକାର ନିଜେ ବାଲୁଖଣ୍ଡ ଅଭୟାରଣ୍ୟ ମଧ୍ୟରେ କୋଠା ନିର୍ମାଣ କରି ଏହାକୁ ସଙ୍କୁଚିତ କରିବାରେ ଲାଗିଛନ୍ତି। ବାଲୁଖଣ୍ଡ ଅଭୟାରଣ୍ୟର ସୀମା ମଧ୍ୟରେ ପୁରୀ ଜିଲା କାରାଗାର ନିର୍ମାଣ ହୋଇଛି। ସମ୍ପୃକ୍ତ ଅଞ୍ଚଳ ଅଲିଭ ରିଡ୍‌ଲେଙ୍କ ନେଷ୍ଟିଂ ସାଇଟ୍ ଭାବେ ଚିହ୍ନିତ। ସାମୁଦ୍ରିକ ଜୀବଙ୍କ ସୁରକ୍ଷାକୁ ବାଜିରେ ଲଗାଇ ପ୍ରଶାସନ ସେଠାରେ କୋଠା ନିର୍ମାଣ କରିବାକୁ କିପରି ନିଷ୍ପତ୍ତି ନେଲା ସେନେଇ ପରିବେଶବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି।

ସିଏଜି ରିପୋର୍ଟ ତଥ୍ୟରେ ଦର୍ଶାଯାଇଛି ଯେ, ରାଜ୍ୟସ୍ତରରେ କୋଷ୍ଟାଲ୍ ଜୋନ୍ ମ୍ୟାନେଜମେଣ୍ଟ ଅଥରିଟି କାର୍ଯ୍ୟକ୍ଷମ ଥିବାବେଳେ ଜିଲାସ୍ତରରେ ଜିଲାସ୍ତରୀୟ କମିଟିମାନ ମଧ୍ୟ ରହିଛି। ଉଭୟ ରାଜ୍ୟ ଓ ଜିଲା କର୍ତ୍ତୃପକ୍ଷ ମିଳିତ ଭାବେ ଉପକୂଳ ଅଞ୍ଚଳର ସୁରକ୍ଷା ସ୍ଥିତି ଯାଞ୍ଚ କରିବାର ଆବଶ୍ୟକତା ଥିଲେ ମଧ୍ୟ ଠିକ ଭାବେ ତାହା କାର୍ଯ୍ୟକାରୀ କରାଯାଉନାହିଁ। ଫଳରେ ଉଭୟ ସରକାରୀ ଓ ଘରୋଇ ଜବରଦଖଲ ବଢ଼ିବାରେ ଲାଗିଛି। ବନ୍ୟଜନ୍ତୁ ସଂରକ୍ଷଣ ଆଇନ ପ୍ରଭାବିତ ହେଉଛି। ସେହିଭଳି ଜିଲାରେ ଉପକୂଳ ନିୟନ୍ତ୍ରିତ ଅଞ୍ଚଳର ସୁରକ୍ଷା ପାଇଁ ଥିବା କମିଟି କାର୍ଯ୍ୟକ୍ଷମ ହୋଇନାହିଁ। ବନ୍ୟଜନ୍ତୁ ପ୍ରଭାବିତ ହେଉଥିବା ସତ୍ତ୍ୱେ ପ୍ରଶାସନ ଆଇନକୁ ଉଲ୍ଲଂଘନ କରି କୋଠା ନିର୍ମାଣ କରିବାରେ ଲାଗିଛି। ସେହିଭଳି ପ୍ରସ୍ତାବିତ ଶ୍ରୀଜଗନ୍ନାଥ ବିମାନବନ୍ଦର ମଧ୍ୟ ପୁରୀ ବେଳାଭୂମିର ଉପକୂଳ ନିୟନ୍ତ୍ରିତ ଅଞ୍ଚଳ ମଧ୍ୟରେ ଆସୁଛି। ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି, ପୁରୀ କାରାଗାର ହୋଇଥିବା ସ୍ଥାନ ଅଲିଭ ରିଡ୍‌ଲେଙ୍କ ଅଣ୍ଡା ଦେବା ସ୍ଥଳ ହୋଇଥିବାରୁ ପ୍ରଶାସନ ଏଭଳି ନିଷ୍ପତ୍ତି ନେବା ପୂର୍ବରୁ ଚିନ୍ତା କରିବା ଆବଶ୍ୟକ ଥିଲା। ଅନ୍ୟପକ୍ଷରେ ଜିଲା ବନ ଅଧିକାରୀ ରାମସ୍ୱାମୀ କହିଛନ୍ତି, ଅଲିଭ ରିଡ୍‌ଲେ ଅଣ୍ଡା ଦେବା ସମୟ ପାଖେଇ ଆସୁଥିବାରୁ ଅଭୟାରଣ୍ୟ ସଂଶ୍ଳିଷ୍ଟ ବେଳାଭୂମିରେ ବନବିଭାଗ ପକ୍ଷରୁ କ୍ୟାମ୍ପ କରାଯିବ। ଶୀତଋତୁ ପାଖେଇ ଆସୁଥିବାରୁ ଅଲିଭ ରିଡ୍‌ଲେଙ୍କ ପ୍ରଜନନ ସମୟ ନିକଟତର ହେଲାଣି। ଏଭଳି ସ୍ଥଳେ ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ଓ ପ୍ରଜନନ ପ୍ରକ୍ରିୟାର ସଫଳ ପରିଚାଳନା ଉପରେ ବିଭାଗ ଧ୍ୟାନ ଦେଉଛି। ତେବେ ପୁରୀ ଜିଲାର ଉପକୂଳ ନିୟନ୍ତ୍ରିତ ଅଞ୍ଚଳ ଜବରଦଖଲ ହୋଇଥିବା ନେଇ କୌଣସି ସୂଚନା ଏପର୍ଯ୍ୟନ୍ତ ଆମ ପାଖରେ ନାହିଁ। ଏନେଇ ତଦନ୍ତ କରାଯିବ। ସେହିପରି ପରିବେଶବିତ୍ ହେକ୍ଟର ମିଶ୍ର କହିଛନ୍ତି, ନିୟନ୍ତ୍ରିତ ଅଞ୍ଚଳରେ ସାଧାରଣତଃ ୩ ପ୍ରକାରର ଆଇନ ଉଲ୍ଲଂଘନ ହୋଇଥାଏ। ପ୍ରଥମତଃ ଜନବସତି ନିର୍ମାଣ ଉଦ୍ଦେଶ୍ୟରେ ସମୁଦ୍ରକୁ ପୋତାଯାଇ କୋଠାବାଡ଼ି କିମ୍ବା କୌଣସି ଭିତ୍ତିଭୂମି ନିର୍ମାଣ କରାଗଲେ ଏହାକୁ ସିଆର୍‌ଜେଡ୍-୧ ବୋଲି କୁହାଯାଏ। ଦ୍ୱିତୀୟରେ ସମୁଦ୍ରର ୫ଶହ ମିଟର ଦୂରତା ମଧ୍ୟରେ କୌଣସି କୋଠାବାଡ଼ି ନିର୍ମାଣ ହେଲେ ଏଥିପାଇଁ ଉପକୂଳ ନିୟନ୍ତ୍ରିତ ଅଞ୍ଚଳର କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ନେବା ଦରକାର, ନଚେତ୍ ଏହାକୁ ବେଆଇନ ବୋଲି ଗ୍ରହଣ କରାଯିବ। ଏହାକୁ ସିଆରଜେଡ୍-୨ କୁହାଯାଏ। ସେହିପରି ତୃତୀୟରେ ସମୁଦ୍ରକୁ ଯାତାୟାତ କରିବା ପାଇଁ ଥିବା ରାସ୍ତାକୁ କେହି ଅବରୋଧ କଲେ ତାହାକୁ ନିୟମ ଉଲ୍ଲଂଘନ ଭାବେ ବିବେଚନା କରାଯାଏ। ଏହାକୁ ସିଆରଜେଡ୍-୩ କୁହାଯାଏ। ଏହା ବ୍ୟତୀତ ବନ୍ୟଜନ୍ତୁଙ୍କ ସଂରକ୍ଷଣ ଉଦ୍ଦେଶ୍ୟରେ ଚିହ୍ନଟ ହୋଇଥିବା ଅଞ୍ଚଳରେ କୌଣସି ପ୍ରକାର ନିର୍ମାଣ ନିମନ୍ତେ ମଧ୍ୟ ଅନୁମତି ଆବଶ୍ୟକ ବୋଲି ମିଶ୍ର ମତ ଦେଇଛନ୍ତି।



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ, ସନ୍ଧ୍ୟା ୬ଟା ୪୫।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ 'ନାଟ୍ୟଧାରା'ର ନାଟକ 'ଏପରି..', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା ୧୫।

### ଖୋର୍ଦ୍ଧା

- ବିମଳ ରଥଙ୍କ ୬୬ତମ ଜନ୍ମ ଜୟନ୍ତୀ ଉତ୍ସବ, ଟାଉନ ହଲ, ଅପରାହ୍ନ ୫ଟା।
- ଗଣପତି ମହୋତ୍ସବ ଶୁଭାରମ୍ଭ, ନବୀନାବାଗ, ପୂଜା ମଣ୍ଡପ, ସନ୍ଧ୍ୟା ୬ଟା।
- ବାଲିଗାଡିଆ ବାସନ୍ତି କ୍ଲବ ପକ୍ଷରୁ ପଲ୍ଲୀ ଉତ୍ସବ, ଜଙ୍କିଆ, ସନ୍ଧ୍ୟା ୬ଟା।



ନାଟ୍ୟଧାରା ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଗୁରୁବାର ପରିବେଷିତ ନାଟକ 'ଜୀବାନ୍ଧ'ର ଏକ ଦୃଶ୍ୟ।

## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୯ (ବ୍ୟୁରୋ)

ଜଣେ ନାବାଳିକାଙ୍କୁ ବାରମ୍ବାର ବଳାତ୍କାର କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବନଫୁଲ ବସ୍ତିର ସନ୍ତୁ ଓରଫ୍ ସନ୍ତୋଷ ନାୟକ(୨୩)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ସନ୍ତୁ ହେଉଛନ୍ତି ଜଣେ ଅଭ୍ୟାସଗତ ଅପରାଧୀ। ତାଙ୍କ ନାମରେ ପୂର୍ବରୁ ଲକ୍ଷ୍ମୀସାଗର, ଖାରବେଳନଗର, ବଡଗଡ ଓ ଇନ୍‌ଫୋସିଟି ଥାନାରେ ୧୩ ମାମଲା ରହିଥିବାବେଳେ ବାରମ୍ବାର ଗିରଫ ହୋଇ ଜେଲ୍ ଯାଇଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।

ସୂଚନାନୁସାରେ, ଅଭିଯୁକ୍ତ ସନ୍ତୁ ଗତ ୩୧ ତାରିଖରେ ପୀଡିତା ଅଭିଯୋଗକାରିଣୀଙ୍କ ଘରକୁ ଆସିଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ ତାଙ୍କୁ ବଳାତ୍କାର କରିଥିଲେ। ପୀଡିତାଙ୍କ ମା ଘରେ ପହଞ୍ଚି ଘଟଣା ଦେଖି ପାଟି କରିବାରୁ ଅଭିଯୁକ୍ତ ସନ୍ତୁ ତାଙ୍କୁ ଖଣ୍ଡାରେ ହାଣି ମାରିଦେବାକୁ ଧମକ ଦେଇ ପଳାଇଥିଲେ। ପରେ ସେ ଖଣ୍ଡା ଧରି ପୁଣି ତାଙ୍କ ଘରକୁ ଆସି ପୀଡିତାଙ୍କୁ ବଳାତ୍କାର କରିବା ପାଇଁ ଉଦ୍ୟମ କରିଥିଲେ। ଚିତ୍କାର ଶୁଣି ଆଖପାଖର ଲୋକେ ପହଞ୍ଚି ଅଭିଯୁକ୍ତଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ଅଭିଯୁକ୍ତ ସନ୍ତୁ ଅରୁଣ ନାମକ ବ୍ୟକ୍ତିଙ୍କୁ ଖଣ୍ଡାରେ ହାଣି ପଳାଇଥିଲେ। ଫଳରେ ତାଙ୍କ ବାମ ହାତ ପାପୁଲିରେ ଗଭୀର କ୍ଷତ ହୋଇଥିଲା। ପରେ ମା'ଙ୍କ ସହ ପୀଡିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରଶ୍ମୀ



@ ଦୀପତେଶ୍



@ ନିଜହାରୀ



@ ପ୍ରସନ୍ନ



@ ଓମ୍

## ୩୦ ହଜାର ଠକେଇ, ନକଲି କମ୍ପାନୀ କର୍ମଚାରୀ ଗିରଫ

ଭୁବନେଶ୍ୱର,୧୯ (ବ୍ୟୁରୋ)

ନିଜକୁ ରାଜ୍ୟର ଅମୁଲ କମ୍ପାନୀର ମୁଖ୍ୟ ବୋଲି ପରିଚୟ ଦେଇଥିଲେ। କମ୍ ଟଙ୍କାରେ ଅମୁଲ ଆଉଟ୍‌ଲେଟ କାଉଣ୍ଟର ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇ ଜଣେ ବ୍ୟକ୍ତିଙ୍କଠାରୁ ୩୦ ହଜାର ଟଙ୍କା ଠକିଥିବା ଜଣେ ବ୍ୟକ୍ତିଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ରହୁଥିବା କଟକ ଜିଲା ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ନୂଆବଜାର ଗ୍ରାମର ଜ୍ଞାନରଞ୍ଜନ ସାରଙ୍ଗୀ (୪୨)। ତାଙ୍କଠାରୁ ୩୦ ହଜାର ଟଙ୍କା ଜବତ କରାଯାଇଛି। ଏନେଇ ପୋଲିସ ମାମଲା (ନଂ ୪୪୫/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## କ୍ରୁଟ୍‌କୁ 'ସ୍ମାର୍ଟ ସଲ୍ୟୁଶନ ଚ୍ୟାଲେଞ୍ଜ ଆଣ୍ଡ ଇନ୍‌କ୍ଲୁସିଭ୍ ସିଟିଜ୍ ଆୱାର୍ଡ'

ଭୁବନେଶ୍ୱର, ୧୯(ବ୍ୟୁରୋ)

ରାଜ୍ୟରେ ସହରାଞ୍ଚଳ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ, ବିଶେଷକରି ଉନ୍ନତ 'ମୋ ବସ୍' ସେବା ଯୋଗାଉଥିବା କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) କ୍ରମାଗତ ଭାବେ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ପାଇ ଆସୁଛି। ଏବେ ମୋ ବସ୍ ସେବାରେ ଅଭିନବ ଓ ନିରାପଦ ଯାତ୍ରାର ଅନୁଭୂତି ଦେବା ଦିଗରେ ଉନ୍ନତ ପଦକ୍ଷେପ ପାଇଁ କ୍ରୁଟ୍‌କୁ ଜାତିସଂଘ (ୟୁଏନ୍ ଇଣ୍ଡିଆ) ଓ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅର୍ବାନ ଆଫେୟାର୍ସ (ଏନ୍ଆଇୟୁଏ) ପକ୍ଷରୁ 'ସ୍ମାର୍ଟ ସଲ୍ୟୁଶନ ଚ୍ୟାଲେଞ୍ଜ ଆଣ୍ଡ ଇନ୍‌କ୍ଲୁସିଭ୍ ସିଟିଜ୍ ଆୱାର୍ଡ' ମିଳିଛି। ଗୁରୁବାର ନୂଆଦିଲ୍ଲୀଠାରେ ଜେନେରାଲ ମ୍ୟାନେଜର ଦୀପ୍ତି ମହାପାତ୍ର କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରୀ ହର୍‌ଦୀପ ସିଂ ପୁରୀଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏନେଇ ଦୀପ୍ତି କହିଛନ୍ତି, କ୍ରୁଟ୍ ସର୍ବଦା ଯାତ୍ରୀଙ୍କୁ ଏକ ଉତ୍ତମ ଓ ସୁରକ୍ଷିତ ଯାତ୍ରାର ଅନୁଭୂତି ଦେବାରେ କାର୍ଯ୍ୟରତ। ଏହି ସମ୍ମାନଜନକ ଜାତିସଂଘ ପୁରସ୍କାର ଗ୍ରହଣ କରିବା ସାରା ରାଜ୍ୟ ପାଇଁ ଏକ ଗର୍ବର ବିଷୟ। ବର୍ତ୍ତମାନ ମୋ ବସ୍ ସେବା ଜନସାଧାରଣଙ୍କ ଦୈନନ୍ଦିନ ଜୀବନ ସହିତ ଯୋଡ଼ି ହୋଇପାରିଛି। ସହରାଞ୍ଚଳ ପରିବହନ କ୍ଷେତ୍ରରେ ମୋ ବସ୍ ସେବା ବିଶେଷ ପ୍ରଭାବି ରୂପେ ସମସ୍ତ ଜନସାଧାରଣଙ୍କ ପାଖରେ ପହଞ୍ଚି ପାରିଛି। ମୋ ବସ୍ ଉପରେ ଜନସାଧାରଣଙ୍କ ଅତୁଟ ବିଶ୍ୱାସ ଥିବାରୁ ରାଜ୍ୟ ସରକାର ଓ ପ୍ରତ୍ୟେକ ଯାତ୍ରୀଙ୍କ ପାଖରେ କୃତଜ୍ଞ। ସର୍ବଦା ଉତ୍ତମ ସେବା ଯୋଗାଇଦେବା ପାଇଁ ଅନବରତ କାର୍ଯ୍ୟ କରୁଥିବା କ୍ରୁଟ୍‌ର ପ୍ରତ୍ୟେକ କର୍ମଚାରୀଙ୍କ ପରିଶ୍ରମ ଓ ନିଷ୍ଠା ଯୋଗୁ ଏହା ସଫଳ ହୋଇପାରିଛି ବୋଲି ସେ କହିଛନ୍ତି। ସେହିପରି କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ କହିଛନ୍ତି, ମୋ ବସ୍‌କୁ ଦୈନନ୍ଦିନ ବ୍ୟବହାର କରୁଥିବା ସାଧାରଣଜନତାଙ୍କ ପାଇଁ ଏହି ଜାତୀୟ ମାନ୍ୟତା ମିଳିବା ସମ୍ଭବ ହୋଇଛି। କ୍ରୁଟ୍ ଦ୍ୱାରା ଯୋଗାଇ ଦିଆଯାଉଥିବା ମୋ ବସ୍ ସେବା ଲିଙ୍ଗ, ବୟସ ଏବଂ ଦକ୍ଷତା ଅନୁଯାୟୀ ପ୍ରତିଟି ବର୍ଗର ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ। ବର୍ତ୍ତମାନ ସମୟରେ ବ୍ୟକ୍ତିଗତ ଯାନର କମ୍ ବ୍ୟବହାର କରି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଜନ ପରିବହନକୁ ବ୍ୟବହାର କଲେ ଟ୍ରାଫିକ୍ ସମସ୍ୟାରେ ନିୟମିତ ସୁଧାର ଆସିପାରିବ ବୋଲି ସେ କହିଛନ୍ତି।



କ୍ରୁଟ୍ ଜେନେରାଲ ମ୍ୟାନେଜର ଦୀପ୍ତି ମହାପାତ୍ର ମନ୍ତ୍ରୀ ହର୍‌ଦୀପ ସିଂ ପୁରୀଙ୍କଠାରୁ ସମ୍ମାନ ଗ୍ରହଣ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀରେ ବିଜେଡି ଦେବ ସମ୍ବର୍ଦ୍ଧନା

- ୪ରେ ମୁଖ୍ୟମନ୍ତ୍ରୀ ପାଇବେ ଜୀବନବ୍ୟାପୀ ସାଧନା ସମ୍ମାନ
- ଜିଲା ସଭାପତି ଓ ରାଜ୍ୟ କର୍ମକର୍ତ୍ତା ଯିବେ ଦିଲ୍ଲୀ
- ୬ରେ ବିମାନବନ୍ଦରରେ କର୍ମୀଙ୍କୁ ଏକାଠି କରିବାକୁ ନେତାଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୯(ବ୍ୟୁରୋ)

ଆସନ୍ତା ୪ ତାରିଖରେ ନୂଆଦିଲ୍ଲୀଠାରେ କ୍ୟାପିଟାଲ ଫାଉଣ୍ଡେଶନ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯିବ। ସଫଳ ଓ ଉଲ୍ଲେଖନୀୟ ନେତୃତ୍ୱ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବାକୁ ଥିବାରୁ ଶୁଭେଚ୍ଛା ଜଣାଇବା ପାଇଁ ଛାତ୍ର ଓ ଯୁବ ବିଜେଡି କର୍ମକର୍ତ୍ତା ଦିଲ୍ଲୀ ଗସ୍ତ କରିବେ। ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟରଠାରେ ଆୟୋଜିତ ହେବାକୁ ଥିବା ଏହି ସମ୍ବର୍ଦ୍ଧନା ଉତ୍ସବରେ ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତା ଯୋଗଦେବେ ବୋଲି ଜଣାପଡ଼ିଛି। ବିଜେଡି ସଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହେବ। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ଓ ଛାତ୍ର ବ୍ୟାପାର) ପ୍ରଣବ ବଳବନ୍ତରାୟଙ୍କ ପରିଚାଳନାରେ ଏବଂ ଛାତ୍ର ବିଜେଡି ରାଜ୍ୟ ସଭାପତି ଦେବୀରଞ୍ଜନ ତ୍ରିପାଠୀ, ଯୁବ ବିଜେଡି ରାଜ୍ୟ ସଭାପତି ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଓ ଯୁବ ଜନତା ଦଳର ସମସ୍ତ ଜିଲା ସଭାପତିଙ୍କ ସମେତ ସମସ୍ତ ରାଜ୍ୟ କର୍ମକର୍ତ୍ତା ଯୋଗଦାନ କରିବେ ବୋଲି ସୂଚନା ଦିଆଯାଇଛି। ଛାତ୍ର ବିଜେଡି ରାଜ୍ୟ ସଭାପତି ଦେବୀରଞ୍ଜନ ତ୍ରିପାଠୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯାଉଥିବାରୁ ଯୁବ ଓ ଛାତ୍ର ଜନତା ଦଳ ଉତ୍ସାହିତ। ଏହା ଛାତ୍ର ଓ ଯୁବ ବିଜେଡି କର୍ମକର୍ତ୍ତାଙ୍କ ମଧ୍ୟରେ ଶକ୍ତି ସଞ୍ଚାର କରିବ। ଆସନ୍ତା ୬ ତାରିଖରେ ମୁଖ୍ୟମନ୍ତ୍ରୀ ଫେରିବା କାର୍ଯ୍ୟକ୍ରମ ଥିବାରୁ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରାଯିବା ପାଇଁ ବହୁ ନେତାଙ୍କୁ ନିଜ ନିଜର ନିର୍ବାଚନ ମଣ୍ଡଳୀରୁ ୫୦୦ ଲେଖାଏ କର୍ମୀଙ୍କୁ ଡକାଇବା ଲାଗି ନିର୍ଦ୍ଦେଶ ଦିଆଯାଇଛି।




ୱାର୍ଲ୍ଡ ଫେଡେରେଶନ ଅଫ୍ ଟ୍ରେଡ୍ ୟୁନିଅନ ଡାକରାରେ ଆନ୍ତର୍ଜାତିକ ଶାନ୍ତି ଦିବସ ଉପଲକ୍ଷେ ଗୁରୁବାର ଏଆଇୟୁଟିୟୁସି ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ ସହ ଶାନ୍ତିର ଆହ୍ୱାନ ଦିଆଯାଉଛି।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଗୁରୁବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଭୁବନେଶ୍ୱର ରାଜମହଲ ଛକସ୍ଥିତ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଓ ଅନ୍ୟମାନେ।

**ସେନ୍‌ସେକ୍ସରେ ୭୭୦ ପଏଣ୍ଟ ହ୍ରାସ**

**ନୂଆଦିଲ୍ଲୀ:** ଗତ କିଛିଦିନ ହେଲା ଶେୟାର ବଜାରର କାରବାର ଅସ୍ଥିରତା ମଧରେ ଶେଷ ହେଉଛି। ଫଳରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ ମଧ ଦ୍ୱନ୍ଦ୍ୱ ମଧରେ ନିବେଶ କରୁଛନ୍ତି। ଚଳିତ ସପ୍ତାହର ୩ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଷ୍ଟକ୍ ବଜାରର କାରବାର ମାନ୍ଦା ରହିବା ସାଙ୍ଗକୁ ନିବେଶକମାନେ ନିରାଶ ହୋଇଛନ୍ତି। ଏପରିକି ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧.୫%ରେ ବଜାର ଶେୟାର ହ୍ରାସ ଘଟିଥିବା ଜଣାପଡିଛି। ଗୁରୁବାର ସେନ୍‌ସେକ୍ସ ୭୭୦.୪୮(୧.୨୯%) ପଏଣ୍ଟ ଖସି ୫୮,୭୬୬.୫୯ ଅଙ୍କ ଏବଂ ନିଫ୍ଟି-୫୦ରେ ମଧ ୨୧୬.୫୦ (୧.୨୨%) ପଏଣ୍ଟ ହ୍ରାସ ଘଟି ୧୭,୫୪୨.୮୦ ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଅଗଷ୍ଟରେ ଜିଏସ୍‌ଟି ସଂଗ୍ରହ ୧.୪୩ ଲକ୍ଷ କୋଟି




- ପୂର୍ବ ବର୍ଷ ଅପେକ୍ଷା ୨୮% ବୃଦ୍ଧି
- କ୍ରମାଗତ ଭାବେ ୬ଷ୍ଠ ଥର ୧.୪୦ ଟ୍ରିଲିୟନ ଟିକସ ସଂଗ୍ରହ

**ନୂଆଦିଲ୍ଲୀ,୧।୯**

ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ସରକାର ଟିକସ ଆଦାୟକୁ ଗୁରୁତ୍ୱ ଦେଇ ଆସିଛନ୍ତି। ଫଳରେ କ୍ରମାଗତ ଭାବେ ଟିକସ ଆଦାୟ ପୂର୍ବ ଅପେକ୍ଷା ଅଧିକ ହୋଇଥିବା ସରକାର ମଧ ସ୍ୱୀକାର କରିଛନ୍ତି। ବିଶେଷକରି ଏକକ ଟିକସ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ପ୍ରଚଳନ ହେବାଠାରୁ ଟିକସ ସଂଗ୍ରହ ମଧ ପ୍ରତି ମାସ ବୃଦ୍ଧି ପାଉଛି। ଏପରିକି ଗୁରୁବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁସାରେ ଚଳିତ ବର୍ଷ ଅଗଷ୍ଟରେ ଦେଶର ଜିଏସ୍‌ଟି ରାଜସ୍ୱ ସଂଗ୍ରହ ୧.୪୩ ଲକ୍ଷ କୋଟରୁ ଅଧିକ ହୋଇଛି। ଏପରିକି କ୍ରମାଗତ ୬ଷ୍ଠ ମାସ ପାଇଁ ୧.୪ ଟ୍ରିଲିୟନରୁ ଅଧିକ ଜିଏସ୍‌ଟି ସଂଗ୍ରହ ରାଶି ରହିଛି। ହେଲେ ଚଳିତ ବର୍ଷ ଜୁଲାଇର ଜିଏସ୍‌ଟି ରାଜସ୍ୱ ସଂଗ୍ରହ ୧.୪୯ ଲକ୍ଷ କୋଟି ତୁଳନାରେ ୪% କମ୍ ରହିଛି। କିନ୍ତୁ ୨୦୨୧ ଅଗଷ୍ଟ ତୁଳନାରେ ଏହା ୨୮% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୨୦୨୧ ଅଗଷ୍ଟରେ ଜିଏସ୍‌ଟି ସଂଗ୍ରହ ୧.୧୨ ଟ୍ରିଲିୟନ ହୋଇଥିଲା।

ଚଳିତ ବର୍ଷ ଅଗଷ୍ଟ ମାସରେ ସଂଗ୍ରହ ହୋଇଥିବା ମୋଟ ୧,୪୩,୬୧୨ କୋଟିର ଜିଏସ୍‌ଟି ମଧ୍ୟରୁ କେନ୍ଦ୍ରୀୟ ଜିଏସ୍‌ଟି ୨୪,୭୧୦ କୋଟି ଟଙ୍କା ରହିଥିବା ବେଳେ ରାଜ୍ୟ ଜିଏସ୍‌ଟି ୩୦,୯୫୧ କୋଟି ଟଙ୍କା ରହିଛି। ସେହିଭଳି ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି ବାବଦକୁ ୭୭,୭୮୨ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ସେସ୍ ବାବଦକୁ ମୋଟ ୧୦,୧୬୮ କୋଟି ଟଙ୍କା ଅନ୍ତର୍ଭୁକ୍ତ ରହିଛି ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଚଳିତ ବର୍ଷ ଅଗଷ୍ଟରେ ଓଡ଼ିଶାରେ ଜିଏସ୍‌ଟି ସଂଗ୍ରହ ୧୭% ବୃଦ୍ଧି ପାଇ ୩୮୮୪ କୋଟିରେ ପହଞ୍ଚିଛି।

## ୯୧.୫୦ ଟଙ୍କା କମିଲା କମର୍ସିଆଲ ଗ୍ୟାସ୍ ଦର

**ନୂଆଦିଲ୍ଲୀ,୧।୯:** ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡିକର ସୂଚନା ଅନୁଯାୟୀ ନୂଆଦିଲ୍ଲୀରେ ଗୁରୁବାରଠାରୁ କମର୍ସିଆଲ ଗ୍ୟାସ୍ (୧୯କି.ଗ୍ରା) ଏଲ୍‌ପିଜି ସିଲିଣ୍ଡର ପିଛା ୯୧.୫୦ ଟଙ୍କା ହ୍ରାସ ଘଟିଛି। ଫଳରେ ନୂଆଦିଲ୍ଲୀରେ ଖାଉଟି ଗୁରୁବାରଠାରୁ ୧୮୮୫ ଟଙ୍କାରେ କମର୍ସିଆଲ ସିଲିଣ୍ଡର ପାଇପାରିବେ। ପୂର୍ବରୁ ଏହା ୧୯୭୬.୫୦ ଟଙ୍କାରେ କ୍ରୟ କରିବାକୁ ପଡୁଥିଲା। ସେହିପରି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର କୋଲାକାତାରେ ବର୍ତ୍ତମାନ ୧୯୯୫ ଟଙ୍କା ଥିଲାବେଳେ ମୁମ୍ବାଇରେ ୧୮୪୪ ଟଙ୍କା ଏବଂ ଚେନ୍ନାଇରେ ୨୦୪୫ ଟଙ୍କାରେ କିଣିବାକୁ ହେବ ବୋଲି ତୈଳ କମ୍ପାନୀଗୁଡିକ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ କ୍ରମାଗତ ୫ ମାସ ପାଇଁ କମର୍ସିଆଲ ଗ୍ୟାସ୍ ଦର ପରିବର୍ତ୍ତନ ହେଉଥିବା ବେଳେ ଘରୋଇ ଏଲ୍‌ପିଜି ସିଲିଣ୍ଡର ଦର(୧୦୫୩ ଟଙ୍କା)ରେ କୌଣସି ପରିବର୍ତ୍ତନ ଘଟିନାହିଁ।

## ପୁରୀରେ ଏଫ୍‌ଏନ୍‌ପିର ଏକ୍ସକ୍ଲୁସିଭ ଆଉଟଲେଟ୍



**ଭୁବନେଶ୍ୱର,୧।୯**

ଦେଶର ପ୍ରମୁଖ ଷ୍ଟାର୍ଟଅପ୍ ୟୁନିଟ୍ ଫର୍ନସ ଏନ୍ ପେଟାଲ୍ସ (ଏଫ୍‌ଏନ୍‌ପି) ର ଏକ୍ସକ୍ଲୁସିଭ ଆଉଟଲେଟ୍ ନିକଟରେ ପୁରୀ ସହରରେ ଉଦ୍‌ଘାଟିତ ହୋଇଯାଇଛି। ୭୫୦ ବର୍ଗଫୁଟ ପରିମିତ ସ୍ଥାନରେ ଗଢି ଉଠିଥିବା ଏହି ଷ୍ଟୋରଟି ପୁରୀ ଗ୍ରାଣ୍ଡ ରୋଡ୍‌ଠାରେ ଶୁଭାରମ୍ଭ ହୋଇଥିବା ଏଫ୍‌ଏନ୍‌ପି ପକ୍ଷରୁ କୁହାଯାଇଛି। ଏଠାରେ ଦେଶୀ ବିଦେଶୀ ଫୁଲ ସାଙ୍ଗକୁ ପ୍ଲାଣ୍ଟର୍ସ, ତାଜା କେକ୍, କୃତ୍ରିମ ଫୁଲ, ସାଜସଜ୍ଜା ସାମଗ୍ରୀ ଇତ୍ୟାଦି ଉପଲବ୍ଧ। ଏ ସମ୍ପର୍କରେ ଏଫ୍‌ଏନ୍‌ପିର ସିଓଓ (ରିଟେଲ ଆଣ୍ଡ ଫ୍ରାଞ୍ଚାଇଜି) ଅନିଲ ଶର୍ମା କହିଛନ୍ତି, ଓଡ଼ିଶାର ପୁରୀ ସହରରେ ଆମେ ଆମର ପ୍ରଥମ ଦୋକାନ ଖୋଲିଥିବାରୁ ବେଶ୍ ଉତ୍ସାହିତ ଅଛୁ। ଏପରିକି ଦ୍ରୁତ ବିସ୍ତାର ଯୋଜନା ସହ ଆମର ବ୍ରାଣ୍ଡର ଗତିଧାରା ମଧ ଜାରି ରହିଛି। ସବୁ ବର୍ଗର ଗ୍ରାହକ ସେବା ଓ ବ୍ରାଣ୍ଡ୍ ଅଭିଜ୍ଞତାକୁ ମୂଳମନ୍ତ୍ର କରି ଆମେ ବିଶ୍ୱସନୀୟତା ସ୍ଥାପନ ଲକ୍ଷ୍ୟ ରଖିଛୁ। ସମ୍ପ୍ରତି ଆମେ ଗୁଣାତ୍ମକ ସେବା ଓ ନେଟ୍‌ୱର୍କ ବିସ୍ତାର ଦ୍ୱାରା ଗ୍ରାହକମାନଙ୍କ ସହ ଏକ ଦୀର୍ଘସ୍ଥାୟୀ ସମ୍ପର୍କ ସ୍ଥାପନ ଉପରେ ଗୁରୁତ୍ୱ ଦେଉଛୁ। ଏଠାରେ ବିଭିନ୍ନ କଟା ଫୁଲ ଓ ଅନ୍ୟାନ୍ୟ ଫୁଲର ବ୍ୟବସ୍ଥା, କୃତ୍ରିମ ଓ ଶୁଖିଲା ଫୁଲ, ଉଦ୍ଭିଦ ଓ ସାଜସଜ୍ଜା ସାମଗ୍ରୀ ସହ ସୁଗନ୍ଧିତ ମହମବତି, ମହମବତି ଷ୍ଟାଣ୍ଡ, ଆମଦାନିକୃତ ଇଟାଲୀ ଗ୍ଲାସ୍ ଭେଜ୍ ଓ ସ୍ୱତନ୍ତ୍ର ଉପହାର ସାମଗ୍ରୀ ଉପଲବ୍ଧ ହୋଇଥାଏ। ଏହା ବ୍ୟତୀତ ଫଟୋ ଫ୍ରେମ୍, ଡିଜାଇନର, ଆରୋମାଥେରାପି ଓ ପୋଟୋପୋରିସ ଉପରେ ଆଧାରିତ ସ୍ୱତନ୍ତ୍ର ଧୂପ, ବିଶେଷ ଫୁଲ ଓ ଆକର୍ଷଣୀୟ ସାମଗ୍ରୀ ଉପଲବ୍ଧ ହୋଇଥାଏ। ସେହିପରି କେକ୍ ଷ୍ଟୋରରେ ତାଜା କେକ୍‌ସାମଗ୍ରୀ, ଚକୋଲେଟ,ସ୍ନାକସ, ପାନୀୟ ଓ ଅନ୍ୟାନ୍ୟ ସାଭୋରିୟସ୍ ସାଙ୍ଗକୁ ବିବାହ ପାଇଁ କେକ୍, ବେଲୁନ ଆର୍ଟ ଓ ପାର୍ଟି ଆସେସୋରିଜ, ବ୍ୟକ୍ତିଗତ ଉପହାର ସାମଗ୍ରୀ ତଥା ଗ୍ରୀନ୍ ପ୍ଲାଣ୍ଟର୍ସ ଏହାର ପ୍ରମୁଖ ସାମଗ୍ରୀ ଭାବେ ରହିଛି।

## 'ଓଡ଼ିଶାରେ ବୃଦ୍ଧି ପାଉଛି ରପ୍ତାନି କାରବାର'




**ଭୁବନେଶ୍ୱର,୧।୯**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର କର୍ପୋରେଟ୍ ବ୍ୟାଙ୍କିଙ୍ଗ୍ ଶାଖା ଦ୍ୱାରା ନିକଟରେ ଏକ ଦିନିକିଆ ରପ୍ତାନି ଓ ଆମଦାନୀକାରୀଙ୍କ ବୈଠକ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଉକ୍ତ ବୈଠକରେ ପିଏନ୍‌ବିର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ଅଞ୍ଚଳ ମୁଖ୍ୟ ଏ.ଉଦୟ ଭାସ୍କର ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧରେ ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ଚିତ୍ତରଞ୍ଜନ ପୃଷ୍ଟି, ଉପ ମଣ୍ଡଳ ମୁଖ୍ୟ ଉମାକାନ୍ତ ଦାସ ଏବଂ କର୍ପୋରେଟ୍ ବ୍ୟାଙ୍କିଙ୍ଗ୍ ଶାଖା ମୁଖ୍ୟ କ୍ଷେତ୍ରମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି କୋଭିଡ୍ ମହାମାରୀର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଓଡ଼ିଶା ରପ୍ତାନି କାରବାରରେ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ବେଶ୍ ଭଲ ପ୍ରଦର୍ଶନ କରିଛି। ଏପରିକି ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗ ଅଧୀନରେ ଥିବା ରପ୍ତାନି ପ୍ରୋତ୍ସାହନ ଓ ମାର୍କେଟିଂ ନିର୍ଦ୍ଦେଶାଳୟର ସୂଚନା ଅନୁଯାୟୀ ଗତ ଆର୍ଥିକ ବର୍ଷରେ ଓଡ଼ିଶାର ରପ୍ତାନି କାରବାର ୭୪,୦୦୦ ହଜାର କୋଟି ଟଙ୍କା ଅତିକ୍ରମ କରିବ ବୋଲି ଆଶା କରାଯାଉଛି, ଯାହା ୨୦୧୯-୨୦ ଆର୍ଥିକ ବର୍ଷରେ ସୃଷ୍ଟି ହୋଇଥିବା ୫୧,୭୪୨ କୋଟି ଟଙ୍କାରୁ ଅଧିକ ହେବ ବୋଲି କୁହାଯାଇଛି। ସେହିଭଳି ଓଡ଼ିଶାରେ ରପ୍ତାନି କାରବାର ବୃଦ୍ଧି ପାଇଁ ବିପୁଳ ସୁଯୋଗ ରହିଛି ବୋଲି ଉପସ୍ଥିତ ଅତିଥି ଓ ବ୍ୟାଙ୍କ ପଦାଧିକାରୀମାନେ ମତବ୍ୟକ୍ତ କରିଥିଲେ।

## ପତଞ୍ଜଳି ଫୁଡ୍‌ସର ନୂଆ ପାମ୍ ଅଏଲ୍ ମିଲ୍‌ର ଶିଳାନ୍ୟାସ

**ନୂଆଦିଲ୍ଲୀ,୧।୯**

ଦେଶର ପ୍ରମୁଖ ଖାଦ୍ୟ ଏଫ୍‌ଏମ୍‌ସିଜି ଉଦ୍ୟୋଗ ପତଞ୍ଜଳି ଫୁଡ୍‌ସ ପକ୍ଷରୁ ଅରୁଣାଚଳ ପ୍ରଦେଶର ଇଷ୍ଟ ସିଆଙ୍ଗ୍ ଜିଲାର ନିଗଲୋକେରେ ଥିବା ଇଣ୍ଡଷ୍ଟ୍ରିଆଲ୍ ଗ୍ରୋଥ୍ ସେଣ୍ଟରଠାରେ କମ୍ପାନୀର ନୂଆ ପାମ୍ ଅଏଲ୍ ମିଲ୍‌ର ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ଅରୁଣାଚଳ ପ୍ରଦେଶର କୃଷିମନ୍ତ୍ରୀ ଟାଗେ ଟାକି ଏବଂ ପତଞ୍ଜଳିର ପ୍ରମୁଖ ଆଚାର୍ଯ୍ୟ ବାଲ୍‌କ୍ରିଷ୍ଣାଙ୍କ ଉପସ୍ଥିତିରେ ଏହାର ଶିଳାନ୍ୟାସ ହୋଇଥିଲା। ବିଶେଷକରି ପତଞ୍ଜଳି ପକ୍ଷରୁ ଉତ୍ତର-ପୂର୍ବ ଭାରତ ପାଇଁ ସ୍ୱତନ୍ତ୍ର ପାମ୍ ଅଏଲ୍ ପ୍ରୋଗ୍ରାମ ମଧ ପ୍ରସ୍ତୁତ କରାଯାଇଛି, ଯାହା ଆସନ୍ତା ୩୦ ବର୍ଷ ପର୍ଯ୍ୟନ୍ତ ରାଜ୍ୟର ଅର୍ଥନୀତିକୁ ଲାଭ ପ୍ରଦାନ ସହ ବିକଶିତ କରିବ ବୋଲି ପତଞ୍ଜଳି ପକ୍ଷରୁ କୁହାଯାଇଛି। ଏଠାରୁ ବାର୍ଷିକ ୭.୫ ଲକ୍ଷ ଟନ୍ ପାମ୍ ଅଏଲ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାଦ୍ୱାରା ତେଲ ଆମଦାନୀରେ ଖର୍ଚ୍ଚ ହେଉଥିବା ୧୦,୫୦୦ କୋଟି ଟଙ୍କାର ସଞ୍ଚୟ ହୋଇପାରିବ। ସେହିଭଳି ଏହାଦ୍ୱାରା ୫.୮ ଲକ୍ଷ ଲୋକଙ୍କ ଲାଗି ନିଯୁକ୍ତି ମଧ ସୁଯୋଗ ସୃଷ୍ଟି ହେବ। ପତଞ୍ଜଳି ଫୁଡ୍‌ସ ପକ୍ଷରୁ ଓଡ଼ିଶା ସମେତ ୧୧ଟି ରାଜ୍ୟର ୫୫ଟି ଜିଲାର ୬୦ ହଜାର ହେକ୍ଟର ଜମିରେ ପାମ୍ ଚାଷ କରାଯାଉଛି ବୋଲି ଜଣାପଡ଼ିଛି।



## ବାୟର ପକ୍ଷରୁ ଫିନେରେନୋନ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୧।୯**

ଦେଶର ପ୍ରମୁଖ ଫାର୍ମା କମ୍ପାନୀ ବାୟର ପକ୍ଷରୁ ଫିନେରେନୋନ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଫିନେରେନୋନ୍ ହେଉଛି ଏକ ଫାଷ୍ଟ-ଇନ୍-କ୍ଲାସ୍ ଷ୍ଟେରୋଇଡାଲ,ସିଲେକ୍ଟିଭ୍ ମିନେରାଲୋକୋର୍ଟିକୋଏଡ୍ ରିସେପ୍ଟର ଆଣ୍ଟାଗୋନିଷ୍ଟ, ଯାହାକି ଟାଇପ୍-୨ ଡାଇବେଟିସ୍ ସହ ଜଡ଼ିତ ଜଟିଳ କିଡ୍‌ନୀ ରୋଗ ଥିବା ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ। ସଦ୍ୟତମ ଇଣ୍ଡିଆନ କ୍ରନିକ୍ କିଡ୍‌ନୀ ଡିଜିଜ୍ (ଆଇସିକେଡି) ଅଧ୍ୟୟନ ଭାରତରେ ଡାଇବେଟିସ୍ ବା ମଧୁମେହକୁ ଜଟିଳ କିଡ୍‌ନୀ ରୋଗ ଓ ଶେଷ ପର୍ଯ୍ୟାୟ କିଡ୍‌ନୀ ରୋଗର ମୁଖ୍ୟ କାରଣ ଭାବେ ଚିହ୍ନିଟ କରିଛି। ବିଶ୍ୱବ୍ୟାପୀ ୧୩୦୦୦ରୁ ଅଧିକ ରୋଗୀଙ୍କୁ ସାମିଲ କରାଯାଇଥିବା ଫିନେରେନୋନ୍‌ର ଗୁରୁତ୍ୱପୂର୍ଣ୍ଣ ଫେଜ୍ ୩ କ୍ଲିନିକାଲ ଟ୍ରାଏଲ ପ୍ରୋଗ୍ରାମକୁ ଟାଇପ୍-୨ ଡାଇବେଟିସ୍ ସହ ଜଡ଼ିତ ଜଟିଳ କିଡ୍‌ନୀ ରୋଗ ଥିବା ରୋଗୀମାନଙ୍କଠାରେ କିଡ୍‌ନୀ ଓ ହୃଦ୍‌ରୋଗ ପରିଣାମର ସୁରକ୍ଷା ଓ ଦକ୍ଷତାକୁ ଯାଞ୍ଚ କରିବା ପାଇଁ କରାଯାଇଥିଲା। ଏ ସମ୍ପର୍କରେ ବାୟର ଜାଇଡସ୍ ଫାର୍ମାର ପରିଚାଳନା ନିର୍ଦ୍ଦେଶକ ମନୋଜ ସାକ୍ସେନା କହିଛନ୍ତି, ଜଟିଳ କିଡ୍‌ନୀ ରୋଗ ଓ ଡାଇବେଟିସ୍ ଥିବା ରୋଗୀଙ୍କଠାରେ ଥେରାପି ବା ଚିକିତ୍ସାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶେଷ ପର୍ଯ୍ୟାୟ ରେନାଲ ଡିଜିଜ୍ କିମ୍ବା କିଡ୍‌ନୀ ଫେଲ୍‌କୁ ରୋକିବା। ଚିକିତ୍ସା ସତ୍ତ୍ୱେ ଏହି ରୋଗୀମାନଙ୍କଠାରେ କିଡ୍‌ନୀ ବିଫଳତା ଦେଖାଯାଇଥାଏ।

## ଆଇଏମ୍‌ଇ ଇଣ୍ଡିଆ ସହ ପତଞ୍ଜଳିର ସହବନ୍ଧନ



**ନୂଆଦିଲ୍ଲୀ,୧।୯**

ବୈଦେଶିକ ଅର୍ଥ କାରବାର କରୁଥିବା ପ୍ରମୁଖ ଘରୋଇ ସଂସ୍ଥା ଆଇଏମ୍‌ଇ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସହ ପତଞ୍ଜଳି ଆୟୁର୍ବେଦ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି। ଏହି ଚୁକ୍ତି ବିଶେଷକରି ଭାରତରେ ବସବାସ କରୁଥିବା ନେପାଳୀ ନାଗରିକ ପତଞ୍ଜଳିର ସମସ୍ତ ଆଉଟଲେଟ୍ ଜରିଆରେ ଅର୍ଥ କାରବାର କରିପାରିବେ ବୋଲି ଉଭୟ ପକ୍ଷ ସହମତି ପ୍ରକାଶ କରିଛନ୍ତି। ଫଳରେ ଏହା ଜରିଆରେ ନେପାଳୀ ନାଗରିକମାନେ ନିଜ ପରିବାରକୁ ସହଜରେ ଟଙ୍କା ପଠାଇପାରିବେ ବୋଲି ଉଭୟ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ସ୍ୱାମୀ ରାମଦେବ କହିଛନ୍ତି, ଏହି ସହବନ୍ଧନ ଖାଲି ଯେ ଉଭୟ ସଂସ୍ଥାର ସମ୍ପର୍କ ବୃଦ୍ଧି କରିବ ତା' ନୁହେଁ, ଏହା ଉଭୟ ଭାରତ ଓ ନେପାଳର ରେମିଟାନ୍ସ ସହଯୋଗିତା ଦୃଢ଼ କରିବ। ସେହିଭଳି ନେପାଳର ଭାଇଭଉଣୀମାନେ ସୁବିଧାରେ ସେମାନଙ୍କ ପରିବାର ଲୋକଙ୍କୁ ପାଣ୍ଠି ପଠାଇପାରିବେ। ସେହିଭଳି ଆଚାର୍ଯ୍ୟ ବାଲ୍‌କ୍ରିଷ୍ଣା କହିଛନ୍ତି, ଏହି ସହଯୋଗିତା ପତଞ୍ଜଳିର ଆର୍ଥିକ ସେବାରେ ଆଉ ଏକ ମାଇଲଖୁଣ୍ଟ ଭାବେ ସାମିଲ ହୋଇଛି।

## ୬୬ତମ ପୂର୍ତ୍ତି ଉତ୍ସବ ପାଳନ କରୁଛି ଏଲ୍‌ଆଇସି

**ନୂଆଦିଲ୍ଲୀ,୧।୯**

ଭାରତୀୟ ଜୀବନବୀମା ନିଗମ (ଏଲ୍‌ଆଇସି) ବିଗତ ୬୬ବର୍ଷ ହେବ ଦେଶବାସୀଙ୍କୁ ବୀମାଭିତ୍ତିକ ସେବା ଯୋଗାଇ ଆସିଛି। ଏପରିକି ନିକଟରେ ନିଗମ ୬୬ତମ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିଛି। ନିଗମ ବର୍ତ୍ତମାନ ୬୭ ବର୍ଷରେ ପାଦ ଦେଇଛି। ସେହିଭଳି ଏଲ୍‌ଆଇସି ଏବେ ୧୪ ଦେଶରେ ସେବା ଯୋଗାଇବା ସହ ନିଜର ଉପସ୍ଥିତିକୁ ମଧ ଜାହିର କରିପାରିଛି। ୧୯୫୬ ମସିହାରେ ପ୍ରାୟ ୫ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଆରମ୍ଭ ହୋଇଥିବା ବୀମାଭିତ୍ତିକ ସଂସ୍ଥା ଏଲ୍‌ଆଇସି ବର୍ତ୍ତମାନ ୪୨,୩୦,୬୧୬ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ୩୭,୩୫,୭୫୯ କୋଟି ଟଙ୍କାର ଲାଇଫ୍ ଫଣ୍ଡ ରହିଛି। ବୀମା କ୍ଷେତ୍ରରେ ଦୀର୍ଘ ୨ ଦଶନ୍ଧି ଧରି ଅନ୍ୟ ବୀମା କମ୍ପାନୀଗୁଡ଼ିକଠାରୁ ଢେର ଉପରେ ବା ବଜାର ଲିଡର ହୋଇ ରହିପାରିଛି। ପ୍ରଥମ ବର୍ଷ ବୀମା ପ୍ରିମିୟମରେ ଏହାର ମୋଟ ବଜାର ଅଂଶ ୬୩.୨୫% ରହିଛି। ସେହିଭଳି ପଲିସି ନମ୍ବର କ୍ଷେତ୍ରରେ ଏହା ୭୪.୬୨% ଅଂଶ ହାସଲ କରିପାରିଛି। ୨୦୨୧-୨୨ରେ ନିଗମର ୨.୧୭ କୋଟି ନୂଆ ପଲିସି ବିକ୍ରି କରିଛି। ଏପରିକି ନିଗମ ପ୍ରଥମ ବର୍ଷ ପ୍ରିମିୟମ ଆୟରେ ୭.୯୨% ଅଭିବୃଦ୍ଧି ହାସଲ କରିଛି। ଚଳିତ ବର୍ଷ ମାର୍ଚ୍ଚ ୩୧ ଶେଷ ସୁଦ୍ଧା ଏହା ବାବଦକୁ ନିଗମ ୧.୯୮ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛି। ପେନ୍‌ସନ ଏବଂ ଗ୍ରୁପ୍ ସୁପର ଆନୁଏସନ ବିଜ୍‌ନେସ କ୍ରମାଗତ ଭାବେ ୩ୟ ବର୍ଷ ଲାଗି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି। ଏ କ୍ଷେତ୍ରରେ ନିଗମର ନୂଆ ବିଜ୍‌ନେସ ପ୍ରିମିୟମ ଆୟ ୧,୪୩,୯୩୮ କୋଟି ଟଙ୍କା ରହିଛି। ଚଳିତ ବର୍ଷର ପ୍ରଥମ ବର୍ଷ ପ୍ରିମିୟମରେ ନିଗମ ୬୪.୯୬% ବଜାର ଅଂଶଧନ ହାସଲ କରିପାରିଛି। ୨୦୨୧-୨୨ରେ ଏହା ୨୬୩.୨୩ ଲକ୍ଷର ବୀମା ଦାବି ବାବଦକୁ ୧,୯୨,୫୬୮ ଲକ୍ଷ କୋଟି ଟଙ୍କାର ସମାଧାନ ହୋଇଛି। ଅପରପକ୍ଷରେ ନିଗମର ୮ଟି ଜୋନ୍ କାର୍ଯ୍ୟାଳୟ ସାଙ୍ଗକୁ ୧୧୩ ଡିଭିଜନ, ୭୪ କଷ୍ଟମର ଜୋନ୍, ୨୦୪୮ ଶାଖା କାର୍ଯ୍ୟାଳୟ, ୧୫୬୪ ସାଟେଲାଇଟ ଅଫିସ ଓ ୪୪,୯୦୦ ପ୍ରିମିୟମ ପଏଣ୍ଟ ଆଣ୍ଡ ଲାଇଫ ପ୍ଲସ୍ ଅଫିସ ଏବଂ ୧୩.୨୬ ଲକ୍ଷ ଏଜେଣ୍ଟଙ୍କ ସମେତ ୭୪ ବ୍ୟାଙ୍କ ସହ ମିଳିତ ଭାବେ ବୀମା ଭିତ୍ତିକ ସେବା ଯୋଗାଇ ଆସୁଛି ବୋଲି ଏଲ୍‌ଆଇସି ପକ୍ଷରୁ କୁହାଯାଇଛି।




**ରାଜ୍ୟ ଖବର**

## ଜଙ୍ଗଲକୁ ଧାଇଁଲେ ମଦ ବ୍ୟବସାୟୀ

**କାମାକ୍ଷାନଗର, ୧।୯(ଡି.ଏନ୍.ଏ.)**

### ଠେଙ୍ଗାବାଡ଼ି ଧରି ଗୋଡ଼ାଇଲେ ମହିଳା



ବେଆଇନ ଚୋରା ମଦ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ବିରୋଧରେ ମୋର୍ଚ୍ଚା ଖୋଲିଛନ୍ତି ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ମକୁଆକାଟେଣୀ ପଞ୍ଚାୟତ ବାଘବସା ଗ୍ରାମର ମହିଳା। ନିଶା ପାଇଁ ପରିବାର ଉଜୁଡ଼ି ଯାଉଥିବାବେଳେ ଗ୍ରାମକୁ ମଦମୁକ୍ତ କରିବାକୁ ସେମାନେ ସଂକଳ୍ପ ନେଇଛନ୍ତି। ବହୁସଂଖ୍ୟାରେ ମହିଳା ଠେଙ୍ଗାବାଡ଼ି ଧରି ଗୋଡ଼ାଇବାରୁ ପ୍ରାଣ ବିକଳରେ ଜଣେ ମଦ ବ୍ୟବସାୟୀ ଜଙ୍ଗଲକୁ ଦୌଡ଼ି ପଳାଇଯିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଅଭିଯୋଗ ଅନୁଯାୟୀ, ଚୋରା ମଦ ବ୍ୟବସାୟର ପେଣ୍ଠସ୍ଥଳୀ ପାଲଟିଛି ବାଘବସା। ଏହାକୁ ନେଇ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବା ସହ ଶାନ୍ତି ଭଗ୍ନ ହେଉଛି। ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ମଦ ବିକ୍ରେତା କାହା କଥା ଶୁଣୁନାହାନ୍ତି। ଗୁରୁବାର ମହିଳାମାନେ ସଂଘବଦ୍ଧ ହୋଇ ସମ୍ପୃକ୍ତ ମଦ ବ୍ୟବସାୟୀଙ୍କୁ ଚେତାବନୀ ଦେଇଥିଲେ। ଏହାକୁ ନେଇ ଯୁକ୍ତିତର୍କ ବଢ଼ିବାରୁ ସେମାନେ ଘରୁ ମଦ ବ୍ୟବସାୟୀଙ୍କୁ ଟାଣି ଆଣିବାକୁ ଉଦ୍ୟମ କରିଥିଲେ। ତେବେ ବ୍ୟବସାୟୀ ଜଣକ କୌଶଳକ୍ରମେ ଘର ପଛ ପାଖ ଦେଇ ଜଙ୍ଗଲକୁ ପଳାଇଥିଲେ। ପୋଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ସ୍ଥିତି ଭୟଙ୍କର ହେବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

## ଡଙ୍ଗା ବୁଡ଼ି ସ୍ତ୍ରୀ ମୃତ, ସ୍ୱାମୀ ପହଁରି ଚାଲି ଆସିଲେ କୂଳକୁ

**ଚିତ୍ରକୋଣ୍ଡା,୧।୯(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଏକ ଡଙ୍ଗା ବୁଡିଯାଇ ଜଣେ ମହିଳା ନିଖୋଜ ଥିଲେ। ଗୁରୁବାର ତାଙ୍କ ମୃତଦେହ ମିଳିଛି। ସେ ହେଲେ ଯନ୍ତ୍ରୀ ଗ୍ରାମର ମୋତି ଗୋଲାରି (୪୦)। ବୁଧବାର ଅପରାହ୍ନ ୩ଟାରେ ମୋତି ଏକ ଦେଶୀ ଡଙ୍ଗାରେ ସ୍ୱାମୀ ଅର୍ଜୁନ ଗୋଲାରିଙ୍କ ସହ ଫେରୁଥିବା ବେଳେ ହଠାତ୍ ଝଡ଼ ତୋଫାନ ହୋଇ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡିଯାଇଥିଲା। ଏଥିରେ ମୋତି ନିଖୋଜ ହୋଇଯାଇଥିଲେ। ସ୍ୱାମୀ ଅର୍ଜୁନ ପହଁରି ପହଁରି ନଦୀ କୂଳକୁ ଚାଲି ଆସିଥିଲେ। ଘଟଣା ଜାଣିବା ପରେ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନଦୀରେ ଖୋଜାଖୋଜି କରି ମୋତିଙ୍କ ମୃତଦେହ ଜବତ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

## ସ୍ତ୍ରୀଙ୍କ ଆଗରେ ପୋଖରୀକୁ ଡେଇଁ ନିଖୋଜ

**କେନ୍ଦୁଝର, ୧।୯ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଟାଉନ ଥାନା ଶିରିପୁର ଅଞ୍ଚଳରେ ପୋଖରୀକୁ ଡେଇଁ ଜଣେ ବ୍ୟକ୍ତି ନିଖୋଜ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଗୁରୁବାର ସକାଳେ ଏହି ଘଟଣା ଘଟିଥିବା ବେଳେ ବହୁ ଖୋଜାଖୋଜି ପରେ ମଧ ନିଖୋଜ ବ୍ୟକ୍ତିଙ୍କ ପତ୍ତା ମିଳିନାହିଁ। ବ୍ୟକ୍ତି ଜଣଙ୍କ ହେଲେ କଟରାବେଡ଼ା ଗ୍ରାମର କୁନୁ ମାଝି।

ସ୍ତ୍ରୀଙ୍କ କହିବା ଅନୁଯାୟୀ, କୁନୁ ଶିରିପୁର ସାହିରୁ ଆସୁଥିବାବେଳେ ଅସାବଧାନତା ବଶତଃ ରାସ୍ତାପାର୍ଶ୍ୱରେ ଥିବା ପୋଖରୀରେ ପଡ଼ି ଯାଇଥିଲେ। ଅନ୍ୟପଟେ ସ୍ତ୍ରୀଙ୍କ ବଚସା ହେବାରୁ ସେ ପୋଖରୀକୁ ଡେଇଁ ପଡ଼ିଥିବା କୁହାଯାଉଛି। ତେବେ ପ୍ରକୃତ କାରଣ ଜଣାପଡ଼ି ନାହିଁ। ସୂଚନାଯୋଗ୍ୟ, ଏହି ରାସ୍ତା କଡ଼ରେ ଥିବା ପୋଖରୀ କିଛି ମାସ ତଳେ ପୁନରୁଦ୍ଧାର କରାଯାଇଥିଲା। ମେଶିନ ଲଗାଇ ଅଧିକ ଖାଲ କରିଦେବା ଫଳରେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ରାସ୍ତାରେ କୁନୁ ଯାଉଥିବା ବେଳେ ପଡ଼ିଯାଇଥିବାରୁ ଉଦ୍ଧାର କରିବା କଷ୍ଟକର ହୋଇପଡ଼ିଛି। ଏନେଇ ସ୍ଥାନୀୟ ଲୋକ ଦମକଳ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ, ଓଡ୍ରାଫ ଟିମ୍ ଉଦ୍ୟମ କରି ମଧ ଖୋଜିବାରେ ବିଫଳ ହୋଇଛନ୍ତି। ପୋଲିସ ଏନେଇ ତଦନ୍ତ ଜାରି ରଖିଛି। ଶିରିପୁର ପୋଖରୀ ଅସୁରକ୍ଷିତ ଭାବେ ଖୋଲା ଯାଇଥିବାରୁ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏଣୁ ଏହା ଚାରିପାଖରେ ସୁରକ୍ଷା ବାଡ଼ ଦେବା ସହ କିଏ ଓ କାହିଁକି ଉକ୍ତ ପୋଖରୀକୁ ଖନନ କରିଛନ୍ତି ସେନେଇ ସ୍ଥାନୀୟ ଅଞ୍ଚଳବାସୀ ତଦନ୍ତ ଦାବି କରିଛନ୍ତି।


ଅଗ୍ନିଶମ ବାହିନୀ ପୋଖରୀରେ ନିଖୋଜ ବ୍ୟକ୍ତିଙ୍କୁ ଖୋଜୁଛନ୍ତି।

## ସଂକ୍ଷେପରେ

### 'ଟି ଆମୋ' ମ୍ୟୁଜିକ ଭିଡିଓ ମୁକ୍ତିଲାଭ

ଭୁବନେଶ୍ୱର,୧।୯(ବ୍ୟୁରୋ) ଗଣେଶ ଚତୁର୍ଥୀ ଅବସରରେ 'ଶ୍ରୁତି ପ୍ରତିଶ୍ରୁତି' ପ୍ରଡକ୍ସନ ବ୍ୟାନରରେ ଓଡ଼ିଆ ରୋମାଣ୍ଟିକ୍ ଗୀତ 'ଟି -ଆମୋ'ର ଅଫିସିଆଲ୍ ମ୍ୟୁଜିକ୍ ଭିଡିଓ ଗୁରୁବାର ମୁକ୍ତିଲାଭ କରିଛି। ପ୍ରଫେସର ଚିନ୍ମୟୀ ମହାନ୍ତିଙ୍କ ଗୀତ ରଚନାକୁ ସଙ୍ଗୀତରେ ସଜେଇଛନ୍ତି ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତି। ଓଡ଼ିଶାର କିମ୍ବଦନ୍ତୀ ଗାୟକ ପ୍ରଣବ ପଟ୍ଟନାୟକ ଓ ଅବନ୍ତିକା ପଟ୍ଟନାୟକ ଏଥିରେ କଣ୍ଠଦାନ କରିଛନ୍ତି। ନବାଗତା ମୈତ୍ରୀ ତ୍ରିପାଠୀ ଏବଂ ତୃପ୍ତି ରଞ୍ଜନ ଦାସ ଅଭିନୟ କରି ଓଡ଼ିଆ ଆଲବମ୍ ଜଗତରେ ପାଦ ଥାପିଛନ୍ତି। ଚିତ୍ର ଉତ୍ତୋଳନ ଓ ଆଲବମ୍ ନିର୍ଦ୍ଦେଶନାର ଭାର ମହାନ୍ତି ସମ୍ଭାଳିଥିବା ବେଳେ ଭିଡିଓ ଏଡିଟିଂ ସମ୍ପାଦନା କରିଛନ୍ତି ଶୁଭାଶିଷ ପଟ୍ଟନାୟକ। ଓଡ଼ିଆ ସଙ୍ଗୀତ ଜଗତରେ 'ଟି-ଆମୋ' ଶବ୍ଦ ପ୍ରଥମ ଥର ବ୍ୟବହାର ହୋଇଛି। 'ଟି-ଆମୋ' ଅର୍ଥ ଆଇ ଲଭ୍ ୟୁ। ଓଡ଼ିଆ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

### ଝୁଲନ୍ତା ମୃତଦେହ ଜବତ

ବାଣପୁର,୧।୯(ଡି.ଏନ୍.ଏ.): ବାଣପୁର ଥାନା ଅଧୀନ ଦୁଲଣୀ ଗ୍ରାମ ନିକଟରୁ ଝୁଲନ୍ତା ଅବସ୍ଥାରେ ଗୁରୁବାର ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ସେ ହେଲେ ଏହି ଗ୍ରାମର ସୂର୍ଯ୍ୟ ନାରାୟଣ ମିଶ୍ର (୫୫)। ଦୀର୍ଘଦିନ ହେବ ମିଶ୍ର କର୍କଟ ରୋଗରେ ପୀଡ଼ିତ ଥିଲେ। ଯନ୍ତ୍ରଣା ସହି ନ ପାରି ସେ ଆତ୍ମହତ୍ୟା କରିଥିବା ଥାନାଧିକାରୀ ଜୟ ପ୍ରକାଶ ପରିଡା କହିଛନ୍ତି। ମୃତଦେହ ନିକଟରେ ପଡିଥିବା ବ୍ୟାଗରୁ ଏକ ସୁଇସାଇଡ ନୋଟ ଜବତ ହୋଇଛି।

### ତୁଳସୀ ବନରେ ପୂଜା ପାଇଲେ ଗଜାନନ

ଭୁବନେଶ୍ୱର,୧।୯: ଦୀର୍ଘ ୨୫ ବର୍ଷ ହେବ ୟୁନିଟ-୪, ମଧୁସୂଦନ ନଗରସ୍ଥିତ ସରକାରୀ ବାଳିକା ବିଦ୍ୟାଳୟ ସମ୍ମୁଖରେ ସାର୍ବଜନୀନ ଗଜାନନ ପୂଜା କମିଟି ପକ୍ଷରୁ ଏକ ଭିନ୍ନ ଧରଣର ଗଣେଶ ପୂଜା ପାଳିତ ହୋଇଆସୁଛି। ଚଳିତ ବର୍ଷ ପୂଜାକୁ ସ୍ମରଣୀୟ କରିବା ପାଇଁ ତୁଳସୀବନ ମଧ୍ୟରେ ଗଜାନନଙ୍କ ୭ଫୁଟର ଏକ ସୁନ୍ଦର ପ୍ରତିମୂର୍ତ୍ତିକୁ ସମସ୍ତ ରୀତିନୀତି ଓ ବିଧି ମୁତାବକ ପୂଜା କରାଯାଇଛି। ବରିଷ୍ଠ ଓ କନିଷ୍ଠ ବର୍ଗଙ୍କ ମିଳିତ ସହଯୋଗରେ ବିଏମସିର ନିୟମାବଳୀ ଅନୁସାରେ ପୂଜା ପାଳିତ ହୋଇଯାଇଛି।

# ସାଇବର ଠକଙ୍କ ଟାର୍ଗେଟରେ ଓଡ଼ିଶା ମହିଳା

**ଏନ୍‌ସିଆର୍‌ବି ରିପୋର୍ଟ ୨୦୨୧**

- ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲାରେ ଓଡ଼ିଶା ପ୍ରଥମ

ଭୁବନେଶ୍ୱର,୧।୯(ବ୍ୟୁରୋ):

ଦେଶରେ ମହିଳା ବିରୋଧୀ, ନିର୍ଯାତନା, ବଳାତ୍କାର ଆଦି ଅପରାଧ ମାମଲା ବଢୁଥିବା ବେଳେ ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲା ମଧ୍ୟ ଚିନ୍ତାଜନକ ସ୍ଥିତିରେ ରହିଛି। ୨୦୨୧ରେ ଦେଶବ୍ୟାପୀ ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲା ମୋଟ ୨,୫୯୭ ରୁଜୁ ହୋଇଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରୁ ଜଣାପଡ଼ିଛି। ସେଥିରୁ ଓଡ଼ିଶାରେ ସର୍ବାଧିକ ୨୬% ମାମଲା ରହିଛି। ମହିଳାଙ୍କ ଅଶ୍ଳୀଳ ଫଟୋ ଓ ଭିଡ଼ିଓକୁ ଭାଇରାଲ କରିବା ଏବଂ ମହିଳାଙ୍କ ଫଟୋ ଓ ଭିଡିଓକୁ ମର୍ଫିଂ କରି ଅଶ୍ଳୀଳତାରେ ପରିଣତ କରିବା ପରେ ସେମାନଙ୍କୁ ସାଇବର ଠକ ବ୍ଲାକ୍‌ମେଲ କରୁଛନ୍ତି। ଦେଶର ଅନ୍ୟ ରାଜ୍ୟ ତୁଳନାରେ ୨୦୨୧ ବର୍ଷରେ ଓଡ଼ିଶାରେ ଏହି ମାମଲା ସର୍ବାଧିକ ବୋଲି ଏନ୍‌ସିଆର୍‌ବି ରିପୋର୍ଟରୁ ସ୍ପଷ୍ଟ ହୋଇଛି। ତଥ୍ୟ ଅନୁଯାୟୀ, ୨୦୨୧ରେ ଓଡ଼ିଶାରେ ୫୬୫ ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲା ରୁଜୁ ହୋଇଛି। ଏହି ମାମଲା ମଧ୍ୟରୁ ୩୦୧ଟି ସାଇବର ଅଶ୍ଳୀଳତା ହୋଇଥିବାବେଳେ ୨୬୪ ଫେକ୍ ପ୍ରୋଫାଇଲ ବା ମର୍ଫିଂ ମାମଲା ରହିଛି। ୨୦୨୦ରେ ଏ ସମ୍ବନ୍ଧୀୟ ମାମଲା ଓଡ଼ିଶାରେ ୫୨୬ ରହିଥିଲା। ସେଥିରୁ ୨୯୨ସାଇବର ଅଶ୍ଳୀଳତା ଥିବାବେଳେ ୨୩୪ଟି ମର୍ଫିଂ ମାମଲା ରହିଥିଲା।

ସୂଚନା ଅନୁଯାୟୀ, ସାଇବର ଠକମାନେ ଲୋନ ଆପ୍ ପ୍ରସ୍ତୁତ କରି ଲୋନ ଦେବା ଆଳରେ ଜାଲ ବିଛାଉଛନ୍ତି। ବିଶେଷକରି ମହିଳାମାନଙ୍କୁ ସେମାନେ ଟାର୍ଗେଟ କରି ଉକ୍ତ ଆପ୍ ଜରିଆରେ ବିଭିନ୍ନ ପ୍ରଲୋଭନ ଦେଖାଉଛନ୍ତି। ପରେ ମହିଳାମାନେ ଲୋନ ନେବାବେଳେ ସାଇବର ଠକ ସେମାନଙ୍କ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ଆଦି ରଖି ଦେଉଛନ୍ତି। ଏହାପରେ ଅଧିକ ଟଙ୍କା ଦାବି କରି ସେମାନଙ୍କ ସମ୍ପର୍କୀୟଙ୍କ ମୋବାଇଲକୁ ତାଙ୍କର ଫଟୋକୁ ଅଶ୍ଳୀଳ ଫଟୋ ସହ ଯୋଡ଼ି ବ୍ଲାକ୍‌ମେଲ କରୁଛନ୍ତି। ସେହିପରି ମହିଳାମାନଙ୍କ ଅନ୍ତରଙ୍ଗ ମୂହୁର୍ତ୍ତର ଫଟୋ ଓ ଭିଡିଓକୁ ପରବର୍ତ୍ତୀ ସମୟରେ ଭାଇରାଲ କରୁଛନ୍ତି। ଏଭଳି ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏନେଇ ସଚେତନତା ସୃଷ୍ଟି କରାଯାଇପାରିଲେ ଏହାକୁ କମାଯାଇପାରିବ ବୋଲି ସାଇବର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଗତ ମାସରେ କଟକର ଜଣେ ଆଇନ ଛାତ୍ରୀ ଲୋନ ଆପ୍‌ରେ ବ୍ୟକ୍ତିଗତ ତଥ୍ୟ ଦେଇ ଲୋନ୍ ନେଇଥିଲେ। ଏହାପରେ ସେ ମର୍ଫି ଏବଂ ବ୍ଲାକମେଲର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା।

# କୃଷି ହେଉଛି ଓଡ଼ିଶାର ସଂସ୍କୃତି

**ହିମାଚଳ ପ୍ରଦେଶରେ ନୂଆଁଖାଇ ଭେଟ୍‌ଘାଟ**

ଭୁବନେଶ୍ୱର, ୧।୯ (ବ୍ୟୁରୋ)

ଓଡିଆ ସମାଜ ହିମାଚଳ ପ୍ରଦେଶ ପକ୍ଷରୁ ଗୁରୁବାର ଶାହାପୁରଠାରେ ନୂଆଁଖାଇ ଭେଟ୍‌ଘାଟ ପାଳିତ ହୋଇଯାଇଛି। ଡ. ଗୌରୀଶଙ୍କର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରି ନୂଆଁଖାଇ ପର୍ବ ବିଷୟରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁରର ବିଦ୍ୱାନ ରାମକୃଷ୍ଣ ନାୟକ ଆଭାସି ମାଧ୍ୟମରେ ଯୋଗଦେଇ କହିଲେ, ଧାନ ଅମଳ ହେବାପରେ ପ୍ରଥମ ଧାନକୁ ମା' ସମଲେଶ୍ୱରୀଙ୍କୁ ଅର୍ପଣ କରିବା ପରେ ଚାଷୀ ଭୋଗ ପାଏ। ଏହିଦିନ ଗାଁ ଓ ପଡାର ଲୋକେ ଏକମନ ହୋଇ ଏକାଠି ଭୋଜନ କରନ୍ତି ଓ ବାଣ୍ଟିକୁଣ୍ଟି ଅନ୍ନଜଳ ଖାଆନ୍ତି। ଓଡିଶାର ଭାତହାଣ୍ଡି ବରଗଡ଼ ଆଖପାଖରେ ଏହି ପର୍ବର ଜନ୍ମ ଓ ବିସ୍ତାର। କୃଷି ଏକ ବ୍ୟବସାୟ ନୁହେଁ, ଏହା ଓଡ଼ିଶାର ସଂସ୍କୃତି। ନୂଆଁଖାଇ ଏହାର ଜ୍ୱଳନ୍ତ ଉଦାହରଣ। ଓଡ଼ିଶାର ଗଣପର୍ବ ନୂଆଁଖାଇ ହିମାଚଳ ପ୍ରଦେଶରେ ପାଳନ କରାଯିବା ଭାରତୀୟ ସଂସ୍କୃତିର ମହାନତା ପ୍ରତିପାଦିତ କରୁଛି ବୋଲି ସେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଡ. ସୁରେନ୍ଦ୍ର ଅଧକ୍ଷତା କରି କହିଲେ, ଭାରତର ମହାନ ସଂସ୍କୃତି ପାଇଁ ଏହା ବିଶ୍ୱଗୁରୁ ହେବାର ସାମର୍ଥ୍ୟ ରଖିଛି। ଅନ୍ୟତମ ଉଦ୍ୟୋକ୍ତା ଅଧ୍ୟାପକ ସୁଦାମ ଚରଣ ସାହୁ ନୂଆଁଖାଇ ଉତ୍ସବର ସାମାଜିକ ଓ ସାଂସ୍କୃତିକ ବାର୍ତ୍ତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥି ଓ ଉପସ୍ଥିତ ସମସ୍ତଙ୍କୁ ବିଭିନ୍ନ ପ୍ରକାର ଓଡିଆ ବ୍ୟଞ୍ଜନ ପରିବେଷଣ କରାଯାଇଥିଲା।


ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# 'ଏଡିୟୁ ଗୋଦାର' ସହ ପରଦାକୁ ଆସିବ 'ମହାବାହୁ'






**ଫିଲ୍ମ ଫ୍ରାଇଡେ**

ଭୁବନେଶ୍ୱର,୧।୯(ବ୍ୟୁରୋ)

ବହୁ ପ୍ରତୀକ୍ଷାର ଅନ୍ତ ପରେ ଏଥର ଫିଲ୍ମ ଫ୍ରାଇ ଡେ'ରେ ଓଡ଼ିଆ ଫିଚର ଫିଲ୍ମ ଏଡିୟୁ ଗୋଦାର ଶୁକ୍ରବାର ପ୍ରେକ୍ଷାଳୟକୁ ଆସିଛି। ଭୁବନେଶ୍ୱର, କଟକ ସହ ରାଜ୍ୟ ବାହାରେ ମଧ୍ୟ ମୁକ୍ତିଲାଭ କରୁଛି। ସୋସିଆଲ ମିଡିଆରେ ଚର୍ଚ୍ଚା ସହ ଓଡ଼ିଆ ସିନେପ୍ରେମୀଙ୍କ ମଧ୍ୟରେ ଆଶା ସୃଷ୍ଟି କରିଥିବା ଏହି ସାମାଜିକ, ସାଂସ୍କୃତିକ କମିକ୍ ଫିଲ୍ମ ଓଡ଼ିଶାରେ ଶୁଟିଂ ହୋଇଛି। କିମ୍ବଦନ୍ତୀ ଚଳଚ୍ଚିତ୍ର ନିର୍ମାତା ଫ୍ରାନ୍ସର ଜିନ୍ ଲୁକ୍ ଗୋଦାରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ପ୍ରଥମଥର ପାଇଁ ଏହି ଓଡ଼ିଆ ଫିଲ୍ମ ସର୍ବ ଭାରତୀୟ ସ୍ତରରେ ମୁକ୍ତିଲାଭ ହେଉଛି। ଏହାକୁ ପ୍ରତିଷ୍ଠିତ ସିନେ ସମୀକ୍ଷକ ତରଣ ଆଦର୍ଶ ପ୍ରଚାର ପ୍ରସାର କରିଥିବାବେଳେ ଫିଲ୍ମ ନିର୍ମାତା ଅନୁରାଗ କାଶ୍ୟପ ଫିଲ୍ମ ସମ୍ପର୍କରେ ଟୁଇଟ୍ କରିଛନ୍ତି। ସ୍ୱସ୍ତିକ ଆର୍ଟ ହାଉସ୍‌ରେ ପ୍ରସ୍ତୁତ ଏହି ଫିଲ୍ମରେ ପ୍ରଯୋଜକ ସ୍ୱସ୍ତିକ ଚୌଧୁରୀ ଓ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ରହିଥିବାବେଳେ ଉପସ୍ଥାପନ ଦାୟିତ୍ୱରେ ଅନୁ ଚୌଧୁରୀ ପ୍ରମୁଖ ରହିଛନ୍ତି। ଅଭିନେତା ବିକାଶ ଦାସ ଚୌଧୁରୀ, ଦ୍ୱିପନୀତ ଦାସମହାପାତ୍ର, ଅଭିଷେକ ଗିରି, ସୁମିତ ପଣ୍ଡା, ସୁଧାରଶ୍ରୀ ମଧୁସ୍ମିତା, ସନ୍ଦୀପ ବଳ ପ୍ରମୁଖ ଏଥିରେ ନଜର ଆସିବେ।

ଶୁକ୍ରବାର ଅନ୍ୟ ଏକ ଓଡ଼ିଆ ଫିଲ୍ମ 'ମହାବାହୁ' ମଧ୍ୟ ମୁକ୍ତିଲାଭ କରୁଛି। ଫିଲ୍ମ ନାମରୁ ହିଁ ଏହା ଭକ୍ତିଭାବରେ ଦର୍ଶକଙ୍କୁ ପ୍ରେକ୍ଷାଳୟକୁ ଟାଣି ଆଣିବ ବୋଲି ଆଶା କରାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ମନୋରଞ୍ଜନ ଭରା ଏହି କାହାଣୀରେ ମୁଖ୍ୟ ଚରିତ୍ରରେ ଅଭିନେତା ଆକାଶ ଦାସ ପଟ୍ଟନାୟ କରହିଛନ୍ତି। ସେହିଭଳି ଶ୍ରୀତମ ଦାସ, ଉଷସୀ ମିଶ୍ର, ପୁନମ୍, ହରିହର ମହାପାତ୍ର, ତପି ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି। ପ୍ରଯୋଜନା ଦାୟିତ୍ୱରେ ଯୁଗ୍ମ ପ୍ରଯୋଜକ ରମେଶ ବାରିକ୍ ଓ କେ.ତମନ୍ନା ରହିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ୍ ଆନନ୍ଦ। ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀତମ ଦାସ।

# ଯୁବକଙ୍କ କ୍ଷତାକ୍ତ ମୃତଦେହ ଜବତ

**ହତ୍ୟା ସନ୍ଦେହ, ସାଇକେଲ ଓ ମୋବାଇଲ ଜବତ**

ଯାଁଳା,୧।୯(ଡି.ଏନ୍.ଏ.)

ଇନ୍‌ଫୋଭ୍ୟାଲି ଥାନା ପୋଲିସ ଗୁରୁବାର ସକାଳେ ମଦନପୁର ପଞ୍ଚାୟତ ଜାଗସରା ନିକଟରୁ କ୍ଷତାକ୍ତ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୪୦ରୁ ୪୫ ବର୍ଷ ହେବ। ପୋଲିସ ମୃତକଙ୍କ ପକେଟରୁ ଏକ ମୋବାଇଲ ଫୋନ, ଶହେ ଟଙ୍କା ଓ ନିକଟରେ ପଡ଼ିଥିବା ଏକ ସାଇକେଲ ଜବତ କରିଛି। ତାଙ୍କୁ କେହି ହତ୍ୟା କରି ଏଠାରେ ଫୋପାଡ଼ି ଦେଇଥିବା ପୋଲିସ ଅନୁମାନ କରୁଛି। ସୂଚନା ମୁତାବକ, ଜାଗସରା ନିକଟ ଏକ ପଡ଼ିଆରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହା ପରେ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ତେବେ ମୃତକଙ୍କ ପରିଚୟ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ଭଙ୍ଗାଯିବ ନାହିଁ ଖାନ୍‌ନଗର ଜଗନ୍ନାଥ ମନ୍ଦିର

- ବସ୍ତି ଆଗକୁ ନିର୍ମାଣ ହେବ ବ୍ରିଜ
- ଥଇଥାନ ପରେ ଆରମ୍ଭ ହେବ କାର୍ଯ୍ୟ

କଟକ ଅଫିସ,୧।୯

କଟକ ଖାନ୍‌ନଗରସ୍ଥିତ ଜଗନ୍ନାଥ ମନ୍ଦିର ଭଙ୍ଗାଯିବ ନାହିଁ। ନିର୍ମାଣ ହେବାକୁ ଥିବା ୪ ଲେନ୍ ରାସ୍ତା ପାଇଁ ଉକ୍ତ ମନ୍ଦିର ନିକଟରୁ ବ୍ରିଜ୍ ନିର୍ମାଣ ହୋଇଥାନ୍ତା। ଫଳରେ ଉକ୍ତ ମନ୍ଦିର ଭଙ୍ଗାଯିବ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଏହି ମନ୍ଦିର ଭଙ୍ଗାଯିବନି। ଏହାର ପାର୍ଶ୍ୱ ଦେଇ ରାସ୍ତା ନିର୍ମାଣ କରାଯିବ। କେବଳ ସେଠାରେ ଥିବା ପ୍ରାୟ ୨୦୦ ପରିବାରକୁ ସ୍ଥାନାନ୍ତର କରାଯିବ। ଏଥିପାଇଁ ବସ୍ତିବାସିନ୍ଦାଙ୍କୁ ସହାୟତା ରାଶି ପ୍ରଦାନ ସହ ଥଇଥାନ ବ୍ୟବସ୍ଥା କରାଯିବ ବୋଲି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ କହିଛନ୍ତି। ସୂଚନାଯୋଗ୍ୟ, ଖାନ୍‌ନଗରରେ ନୂତନ ନେତାଜୀ ବସ୍ ଟର୍ମିନାଲ କାର୍ଯ୍ୟ ଜାରି ରହିଛି। ବସ୍‌ଷ୍ଟାଣ୍ଡକୁ ଲାଗି ରିଂରୋଡ୍ ସମ୍ପ୍ରସାରଣ କରାଯିବା ପାଇଁ ସ୍ଥିର ହୋଇଥିଲା। ଏଥିପାଇଁ ବସ୍ ଟର୍ମିନାଲ ସମ୍ମୁଖରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପୋତା ହୋଇ ରାସ୍ତା ନିର୍ମାଣ ହେବ। ଉକ୍ତ ସ୍ଥାନରେ ଥିବା ଦୋକାନ, ବସ୍ତି ଓ ମନ୍ଦିରକୁ ସର୍ଭେ କରିବା ପାଇଁ ସିଏମ୍‌ସିକୁ ଦାୟିତ୍ୱ ଦିଆଯାଇଥିଲା। ଇତିମଧ୍ୟରେ ସର୍ଭେ ଶେଷ ହୋଇଛି। ବସ୍ ଟର୍ମିନାଲ ସମ୍ମୁଖରୁ ବସ୍ତି ଶେଷ ପର୍ଯ୍ୟନ୍ତ ସ୍ଥାନ ପୋତାଯାଇ ରାସ୍ତା ନିର୍ମାଣ କରାଯିବ। ବସ୍ତିର ଶେଷ ମୁଣ୍ଡରୁ ଆଗକୁ ବ୍ରିଜ୍ ନିର୍ମାଣ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି।




ୟୁନିଟ-୪ ସ୍ଥିତ ମଧୁସୂଦନ ନଗର ସାର୍ବଜନୀନ ଗଜାନନ ପୂଜା କମିଟି।


ପାଟଣା ସାହି ଗଣେସ ପୂଜା।


ରାମେଶ୍ୱର ପାଟଣା ପୂଜା କମିଟି।


ବମିଖାଲ ପୂଜା କମିଟି।


ରସୁଲଗଡ଼ କୋଚିଲେଇ ମାର୍କେଟ୍।


କ୍ଲବ୍ ଏଭରେଷ୍ଟ ଘାଟିକିଆ ଗଣେଶ ପୂଜା।


ଫଟୋଗ୍ରାଫର ଆସୋସିଏଶନରେ ଗଣେଶ ପୂଜା।


ଶ୍ରୀ ଜଗନ୍ନାଥ କ୍ଲବ୍।

# ରାଜ୍ୟପାଳଙ୍କୁ ଭେଟିଲେ ଶାସକ ଦଳ ବିଧାୟକ

## ଝାଡ଼ଖଣ୍ଡରେ ରାଜନୈତିକ ସଙ୍କଟ

ରାଞ୍ଚି,୧୯

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ନେତା ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ପଦରେ ରହିବେ କି ନାହିଁ, ତାହାକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ସରକାର ଭାଙ୍ଗିବା ଲାଗି ଭାଜପା ଉଦ୍ୟମ ଚଳାଇଥିବା ଅଭିଯୋଗ ହେଉଛି। ଗୁରୁବାର ଶାସକ ଜେଏମ୍ଏମ୍-କଂଗ୍ରେସ ମେଣ୍ଟର ନେତାମାନେ ରାଜ୍ୟପାଳ ରମେଶ ବୈଶଙ୍କୁ ଭେଟି ତାଙ୍କ କାର୍ଯ୍ୟାଳୟରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ହେବା ନେଇ ଅଭିଯୋଗ କରିଛନ୍ତି। ଏନେଇ ରାଜ୍ୟପାଳ ରାଜ୍ୟବାସୀଙ୍କୁ ସ୍ପଷ୍ଟ କରିବାକୁ ସେମାନେ ଅନୁରୋଧ କରିଛନ୍ତି।

ଖଣି କାରବାରରେ ସମ୍ପୃକ୍ତ ମୁଖ୍ୟମନ୍ତ୍ରୀ ସୋରେନ୍‌ଙ୍କ ବିଧାୟକ ପଦ ରଦ୍ଦ ଲାଗି ନିର୍ବାଚନ କମିଶନ ରାଜ୍ୟପାଳଙ୍କୁ ସୁପାରିସ ପତ୍ର ପଠାଇଥିଲେ। ଏହି ପତ୍ର ଲିକ୍ ହେବା ଫଳରେ ରାଜ୍ୟରେ ରାଜନୈତିକ ଅସ୍ଥିରତା, ଦ୍ୱନ୍ଦ୍ୱ ଏବଂ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏହା ରାଜ୍ୟର ପ୍ରଶାସନକୁ ସ୍ଥାଣୁ କରିଦେଇଛି। ସୋରେନଙ୍କ ନେତୃତ୍ୱରେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରଙ୍କୁ ବେଆଇନ ଭାବେ ଅସ୍ଥିର କରିବା ଲାଗି ବିରୋଧୀ ଦଳ ପ୍ରୋତ୍ସାହିତ ହୋଇଥିବା ଶାସକ ଦଳ ନେତାମାନେ ରାଜ୍ୟପାଳଙ୍କୁ ଦେଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି।

ଝାଡ଼ଖଣ୍ଡ ବିଧାନସଭାରେ ଶାସକ ମେଣ୍ଟର ଆବଶ୍ୟକ ସଂଖ୍ୟା ରହିଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ବିଧାୟକ ପଦ ରଦ୍ଦ ହେଲେ ଏହା ସରକାରକୁ ପ୍ରଭାବିତ କରିବ ନାହିଁ। ଯଦି ରାଜ୍ୟପାଳ ନିର୍ବାଚନ କମିଶନଙ୍କଠାରୁ ଏସମ୍ପର୍କିତ ସୁପାରିସପତ୍ର ପାଇଥାନ୍ତି, ତେବେ ନିଜ ମତାମତ ଘୋଷଣା କରନ୍ତୁ ବୋଲି ଶାସକ ଦଳ ନେତାମାନେ ତାଙ୍କୁ କହିଛନ୍ତି। ରାଜ୍ୟପାଳ ନିଜ ନିଷ୍ପତ୍ତି ଘୋଷଣା କରୁ ନ ଥିବାରୁ ସରକାର ଭାଙ୍ଗିବା ପାଇଁ ଭାଜପା 'ଅପରେଶନ ଲୋଟସ୍' ଚଳାଇପାରେ ବୋଲି ଅଭିଯୋଗ ହୋଇଛି। ସେଥିପାଇଁ ଶାସକ ଦଳ ବିଧାୟକମାନଙ୍କୁ ଛତିଶଗଡ଼ରେ ରଖାଯାଇଛି।


ଝାଡ଼ଖଣ୍ଡ ରାଜ୍ୟପାଳ ରମେଶ ବୈଶଙ୍କୁ ଶାସକ ଦଳ ବିଧାୟକମାନେ ଭେଟି ଦାବିପତ୍ର ଦେଉଛନ୍ତି।

# ଆର୍‌ଏସ୍‌ଏସ୍‌କୁ ମମତାଙ୍କ ପ୍ରଶଂସା

କୋଲକାତା,୧୯

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅଧ୍ୟକ୍ଷା ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ପ୍ରଶଂସା କରିବାକୁ ନେଇ ଚା' କପ୍‌ରେ ଏକ ନୂଆ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ବୁଧବାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମମତା କହିଥିଲେ, ଆର୍‌ଏସ୍‌ଏସ୍‌ରେ ସମସ୍ତେ ଖରାପ ନୁହନ୍ତି। ଉକ୍ତ ସଂଗଠନର ଅନେକ ସଦସ୍ୟ ଭାଜପାକୁ ସମର୍ଥନ କରନ୍ତି ନାହିଁ ବୋଲି ସେ କହିଥିଲେ। ମମତାଙ୍କର ଏଭଳି ସୁବିଧାବାଦୀ ରାଜନୀତିକୁ ଏଆଇଏମ୍ଆଇଏମ୍, କଂଗ୍ରେସ ଏବଂ ସିପିଏମ୍ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ଟିଏମ୍‌ସି ନେତ୍ରୀଙ୍କ ସାର୍ଟିଫିକେଟ ଆବଶ୍ୟକ ନାହିଁ ବୋଲି ଭାଜପା କହିଛି। ଆର୍‌ଏସ୍‌ଏସ୍ ମମତାଙ୍କ ବିବୃତିକୁ ନେଇ କୌଣସି ମତ ରଖି ନ ଥିବାବେଳେ ପଶ୍ଚିମବଙ୍ଗରେ ରାଜନୈତିକ ହିଂସା ବଢୁଥିବାରୁ ଏହାକୁ ରୋକିବା ଲାଗି ପରାମର୍ଶ ଦେଇଛି।

୨୦୦୩ରେ ମଧ୍ୟ ମମତା ଆର୍‌ଏସ୍‌ଏସ୍‌କୁ ଦେଶଭକ୍ତ ବୋଲି କହିଥିଲେ। ସେତେବେଳେ ଉକ୍ତ ସଂଗଠନ ମମତାଙ୍କୁ ପ୍ରଶଂସା କରିବା ସହ ତାଙ୍କୁ ଦୁର୍ଗା ବୋଲି ଅଭିହିତ କରିଥିଲା ବୋଲି ଏଆଇଏମ୍ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସି କହିଛନ୍ତି। ସେ ତୃଣମୂଳ କଂଗ୍ରେସ ନେତ୍ରୀଙ୍କ ଧର୍ମନିରପେକ୍ଷତା ଉପରେ ପ୍ରଶ୍ନ କରିଛନ୍ତି। ଭୋଟ ପାଇଁ ମମତା କେତେବେଳେ ହିନ୍ଦୁତ୍ୱବାଦୀ ଓ କେତେବେଳେ ମୁସଲମାନଙ୍କୁ ପ୍ରଶଂସା କରୁଥିବା କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି।


ମମତା ବାନାର୍ଜୀ

# ବନ୍ୟା ମନୁଷ୍ୟକୃତ, ସରକାରୀ ଅପାରଗତା ଦାୟୀ: ଭାଜପା

ଭୁବନେଶ୍ୱର,୧୯(ବ୍ୟୁରୋ)

ନିକଟରେ ଓଡ଼ିଶାରେ ହୋଇଥିବା ବନ୍ୟା ସମ୍ପୂର୍ଣ୍ଣ ମନୁଷ୍ୟକୃତ ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ହୀରାକୁଦ ନଦୀବନ୍ଧର ଉପର ଏବଂ ତଳ ପାର୍ଶ୍ୱରେ ଜଳ ପରିଚାଳନାରେ ବିଫଳତା ଯୋଗୁ ବନ୍ୟା ସ୍ଥିତି ଭୟଙ୍କର ହୋଇପଡ଼ିଥିଲା। ରାଜ୍ୟ ସରକାର ଚାହିଁଥିଲେ ଏହାକୁ ରୋକିପାରିଥାନ୍ତେ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଶାସକ ଦଳକୁ ଇଙ୍ଗିତ କରି ସେ ଆହୁରି ମଧ୍ୟ କହିଛନ୍ତି, ବନ୍ୟା ପରବର୍ତ୍ତୀ ପରିଚାଳନାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ସାଧାରଣ ମଣିଷପଣିଆ ଭୁଲିଯାଇଥିବା ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କ ଜୀବନ ସହିତ ଖେଳିଛନ୍ତି। ବନ୍ୟା ପୀଡ଼ିତଙ୍କ ପାଖରେ ପ୍ରଶାସନ, ମନ୍ତ୍ରୀ, ନେତା କେହି ପହଞ୍ଚି ନାହାନ୍ତି। ୭ଦିନରେ ରିପୋର୍ଟ ଆସିବ ବୋଲି କୃଷି ମନ୍ତ୍ରୀ କହିଥିବାବେଳେ ୧୫ଦିନରେ କ୍ଷତିପୂରଣ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ହେଲେ ଅଦ୍ୟାବଧି ପ୍ରକୃତ କ୍ଷୟକ୍ଷତି ଆକଳନ କରିବାରେ ପ୍ରଶାସନ ବିଫଳ ହୋଇଛି ବୋଲି ସେ କହିଛନ୍ତି।

ଭାଜପାର ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି, ଭାଜପାର ଏକ ଟିମ୍ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲା। ରିପୋର୍ଟରୁ ଜଣାପଡୁଛି ବନ୍ୟା ସମ୍ପୂର୍ଣ୍ଣ ମନୁଷ୍ୟକୃତ। ରାଜ୍ୟ ସରକାରଙ୍କ ଅବହେଳା, ଦାୟିତ୍ୱହୀନତା ଏବଂ ଅପାରଗତା କାରଣରୁ ଓଡ଼ିଶାରେ ଏପରି ଅଭାବନୀୟ ବନ୍ୟା ହେଲା। ରାଜ୍ୟ ସରକାରଙ୍କ ଅଧିକାରୀମାନେ ବନ୍ୟା ଆଶଙ୍କା ନ ଥିବା ଜୁଲାଇ ଶେଷରେ କହିଥିଲେ। ମହାନଦୀ ଶୁଖିଲା ପଡିଛି ବୋଲି ଚିତ୍କାର କରୁଥିଲେ। କିନ୍ତୁ ଛତିଶଗଡ଼ରେ ବନ୍ୟା ସୃଷ୍ଟି ହେବାରୁ ସେମାନେ ପାଣି ନିଷ୍କାସନ କରିଥିଲେ। ଫଳରେ ଓଡ଼ିଶାରେ ବନ୍ୟା ହେଲା। ବନ୍ୟା ପରିଚାଳନା ଲାଗି ଛତିଶଗଡ଼-ଓଡ଼ିଶାର ଜଳ ସମ୍ପଦ ବିଭାଗ ମଧ୍ୟରେ ବର୍ଷକୁ ୨ ଥର ବୈଠକ କରିବା କଥା। କିନ୍ତୁ ୪ ବର୍ଷ ହେବ ରାଜ୍ୟ ସରକାର ବୈଠକକୁ ଉଚିତ ମନେ କରୁନାହାନ୍ତି। ପ୍ରତିବର୍ଷ ବନ୍ଧ ମରାମତି ଲାଗି ରାଜ୍ୟ ସରକାର ମିଛ ବିଲ୍ ପ୍ରସ୍ତୁତ କରି ଖର୍ଚ୍ଚ ଦେଖାଉଛନ୍ତି। କୌଣସି ନଦୀବନ୍ଧ କି ପୋଲର ମରାମତି ପାଇଁ କୌଣସି ଜାଗାରେ ମୁଠାଏ ମାଟି ରାଜ୍ୟ ସରକାର ପକାଇ ନ ଥିବାର ଗ୍ରାଉଣ୍ଡ ଜିରୋ ଅନୁଧ୍ୟାନ ସମୟରେ ସ୍ପଷ୍ଟ ଜଣାପଡ଼ିଛି ବୋଲି ପୃଥ୍ୱୀରାଜ କହିଛନ୍ତି।

# ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ପ୍ରଶ୍ନକୁ ନେଇ ଅକଳିରେ କେସିଆର୍, ନୀତୀଶ

ପାଟନା,୧୯

ପାଟନାରେ ବୁଧବାର ଏକ ଖବରଦାତା ସମ୍ମିଳନୀରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଭାଜପାମୁକ୍ତ ଭାରତ ଗଠନ ଲାଗି ବିରୋଧୀ ଦଳଗୁଡ଼ିକୁ ଏକାଠି ହେବା ଲାଗି ଆହ୍ୱାନ ଦେଇଥିଲେ। ଏହି ସମୟରେ ଖବରଦାତାମାନେ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ମିଳିତ ବିରୋଧୀ ଦଳର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ସମ୍ପର୍କରେ ପ୍ରଶ୍ନ କରିବାରୁ ଉଭୟ ନେତା ଅକଳିରେ ପଡ଼ିଯାଇଥିଲେ। କେସିଆର୍ ପ୍ରଶ୍ନକୁ ସମ୍ମୁଖୀନ ହେଉଥିଲାବେଳେ ତାଙ୍କ ବିହାର ପ୍ରତିପକ୍ଷ ମଞ୍ଚ ଛାଡ଼ି ଚାଲିଯିବାକୁ ଉଦ୍ୟତ ହୋଇଥିଲେ। 'ଆପଣ ଚାଲିଯାଆନ୍ତୁ ନାହିଁ, ଦୟାକରି ବସନ୍ତୁ' ବୋଲି କେସିଆର୍ ନୀତୀଶଙ୍କୁ କହୁଥିବା ଦେଖାଯାଇଥିଲା। ଏହି ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏନ୍‌ଡିଏର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦିଙ୍କୁ କିଏ ମୁକାବିଲା କରିବେ ଏହା ଏକ ବଡ଼ ପ୍ରଶ୍ନ ହୋଇଥିବାବେଳେ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଏହାକୁ ନେଇ ମତଭେଦ ଉପରୋକ୍ତ ଘଟଣାରୁ ସ୍ପଷ୍ଟ ହୋଇଯାଇଛି। ଭାଜପା ନେତାମାନେ ଉକ୍ତ ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ତେବେ ଭିଡିଓରେ ଖବରଦାତା ସମ୍ମିଳନୀ ସମୟର ଦୃଶ୍ୟକୁ ଭୁଲ୍ ଉପସ୍ଥାପନା କରାଯାଇଥିବା ନୀତୀଶଙ୍କ ଘନିଷ୍ଠମାନେ କହୁଛନ୍ତି। ଖବରଦାତାମାନେ ଗୋଟିଏ ପ୍ରଶ୍ନକୁ ବାରମ୍ବାର ପଚାରିବାରୁ ଜେଡିୟୁ ନେତା ସ୍ଥାନ ଛାଡ଼ି ଚାଲିଯିବାକୁ ଚାହୁଁଥିଲେ ବୋଲି ସେମାନେ କହିଛନ୍ତି। ନୀତୀଶ ଜଣେ ଶ୍ରେଷ୍ଠ ଓ ବରିଷ୍ଠ ନେତା ବୋଲି ପୂର୍ବରୁ କେସିଆର କହିଥିଲେ। ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ସମ୍ପର୍କରେ ଆମେ ଏକାଠି ବସି ନିଷ୍ପତ୍ତି ନେବୁ ବୋଲି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଥିଲେ। ବିରୋଧୀଙ୍କୁ ଏକାଠି କରିବା ଲାଗି ଉଦ୍ୟମ ଚଳାଇଥିବା କେସିଆର୍ ନୀତୀଶକୁମାରଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ସମର୍ଥନ କରିବେ କି ବୋଲି ଷଷ୍ଠ ଥର ପ୍ରଶ୍ନ କରିବାରୁ ଜେଡିୟୁ ନେତା ଖବରଦାତା ସମ୍ମିଳନୀ ଶେଷ ହେଲା ବୋଲି ଇଙ୍ଗିତ କରି ଉଠି ଚାଲିଯିବାକୁ ଉଦ୍ୟମ କରିଥିଲେ। ବସନ୍ତୁ ବୋଲି କହି କେସିଆର୍ ତାଙ୍କ ହାତ ଧରି ଟାଣିଥିଲେ ଓ ପ୍ରଶ୍ନର ଉତ୍ତର ରଖିବାକୁ ଚାହିଁଥିଲେ।



ଖବରଦାତା ସମ୍ମିଳନୀରୁ ଉଠି ପଳାଉଥିବା ନୀତୀଶ କୁମାରଙ୍କୁ କେସିଆର୍ ଟାଣି ଧରୁଛନ୍ତି।

# ଶାସକ ଦଳ ଉପରେ ବର୍ଷିଲା କଂଗ୍ରେସ

## ଶିଶୁ ଅପହରଣ, ନାରୀ ନିର୍ଯାତନାରେ ଦେଶରେ ଓଡ଼ିଶା ପ୍ରଥମ

ଭୁବନେଶ୍ୱର,୧୯(ବ୍ୟୁରୋ)

ଶିଶୁ ଅପହରଣ ଓ ନାରୀ ନିର୍ଯାତନା କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହି ଅପବାଦ ମୁଣ୍ଡାଇଛି। ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋର ସଦ୍ୟ ପ୍ରକାଶିତ ଏହି ତଥ୍ୟ ରାଜ୍ୟରେ ଶାସକ ଦଳର ଅପାରଗତା, ଦାୟିତ୍ୱହୀନତା ଏବଂ ନିଷ୍କ୍ରିୟତାକୁ ସ୍ପଷ୍ଟ କରୁଛି ବୋଲି କଂଗ୍ରେସ ଗଣମାଧ୍ୟମ ଆବାହକ ସତ୍ୟ ପ୍ରକାଶ ନାଏକ କହିଛନ୍ତି।

କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସତ୍ୟ ପ୍ରକାଶ କହିଛନ୍ତି ଯେ, ଓଡ଼ିଶାରେ ୫ ବର୍ଷରେ ୧୫ ହଜାର ଶିଶୁ ନିଖୋଜ ଅଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେମାନଙ୍କ ମଧ୍ୟରେ ୧୨ ହଜାର ୧୯୯ ଜଣ ଶିଶୁ କନ୍ୟା ରହିଛନ୍ତି। ତେଣୁ ବିଜେଡିର ମା'ଙ୍କୁ ସମ୍ମାନ ଆହ୍ୱାନ ପାଣିରଗାର ସଦୃଶ। ନାରୀ ସୁରକ୍ଷା ପ୍ରସଙ୍ଗରେ ରାଜ୍ୟ ସରକାର ନିଜ ପାରିବା ପଣିଆର ପ୍ରଚାର କରୁଥିବାବେଳେ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟ ନବୀନ ସରକାରଙ୍କ ଅସଲ ସ୍ୱରୂପ ପଦାରେ ପକାଇ ଦେଇଛି। ଓଡ଼ିଶାରୁ ଲଗାତର ଶିଶୁ କନ୍ୟାଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ରାଜ୍ୟ ପୋଲିସ ବିଭାଗ, ମୁଖ୍ୟମନ୍ତ୍ରୀ, ଗୃହରାଷ୍ଟ୍ର ମନ୍ତ୍ରୀ, ଡିଜି ପୋଲିସ ଏଭଳି ଶୋଚନୀୟ ଅବସ୍ଥା ପାଇଁ ସାଧାରଣ ଜନତାଙ୍କ ପାଖରେ ଉତ୍ତରଦାୟୀ ନୁହଁନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଓଡ଼ିଶାବାସୀଙ୍କ ପ୍ରକୃତ ଅବସ୍ଥାକୁ ଲୁଚାଇ ନବୀନ ବାବୁଙ୍କୁ 'ଲାଇଫଟାଇମ ଆଚିଭିମେଣ୍ଟ' ପୁରସ୍କାର ପାଇଁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦେବାକୁ ପ୍ରଚୁର ଅର୍ଥ ବ୍ୟୟ କରାଯାଇ ବର୍ଣ୍ଣାଢ଼୍ୟ ଆୟୋଜନ ଚାଲିଛି। ବିଜେଡିର ମହିଳା ସଙ୍ଗଠନ ଅମେରୁଦଣ୍ଡୀ। ମହିଳାଙ୍କ ପ୍ରତି ଅପରାଧ କ୍ଷେତ୍ରରେ ଦେଶର ହାର ଠାରୁ ରାଜ୍ୟର ହାର ବଢ଼ିଯାଇଛି। ଦେଶରେ ଏହା ୧୫ ପ୍ରତିଶତ ଥିବାବେଳେ ଓଡ଼ିଶାରେ ୨୩ ପ୍ରତିଶତ ରହିଛି। ସେହିପରି ଏହି କ୍ଷେତ୍ରରେ ଦଣ୍ଡବିଧାନ ହାର ଜାତୀୟ ସ୍ତରରେ ୨୬ ପ୍ରତିଶତ ଥିବାବେଳେ ଓଡ଼ିଶାରେ ତାହା ୮ ପ୍ରତିଶତରେ ସିମୀତ ରହିଛି। ମହିଳାମାନଙ୍କ ପ୍ରତି ଏ ରାଜ୍ୟରେ ଭୟଙ୍କର ବିପଦ ସୃଷ୍ଟି ହୋଇଥିବାବେଳେ ଏ ସଙ୍ଗଠନ ନିର୍ବାକ ହୋଇ ବସିଛି ବୋଲି କଂଗ୍ରେସ ଗଣମାଧ୍ୟମ ଆବାହକ ସତ୍ୟ ପ୍ରକାଶ କହିଛନ୍ତି।


ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

# ମହିଳା ବିଜେଡି କାର୍ଯ୍ୟକାରିଣୀ ତାଲିକାରେ ମୃତା ମୀନାକ୍ଷୀ

## ଦୁର୍ଭାଗ୍ୟଜନକ ବୋଲି କହିଲା ଭାଜପା

ଭୁବନେଶ୍ୱର(ବ୍ୟୁରୋ)/ ବ୍ରହ୍ମପୁର ଅଫିସ, ୧୯

ମହିଳା ବିଜେଡି କାର୍ଯ୍ୟକାରିଣୀ ତାଲିକାରେ ଜଣେ ମୃତା ମହିଳାଙ୍କ ନାମ ରହିବାକୁ ନେଇ ଶାସକ ଦଳକୁ ଘେରିଛି ଭାଜପା। ନାରୀ ସଶକ୍ତୀକରଣର କଥା କହି ମିଛ ବାହୁସ୍ଫୋଟ ମାରୁଥିବା ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଦଳୀୟ ଆଧାରରେ ମହିଳା ଶାଖାର ଜୁମ୍ଲୋ ସମ୍ପ୍ରସାରଣ କରି ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଅପଚେଷ୍ଟା କରୁଛି। ଆଗରୁ ବିଜେଡି ମୃତକଙ୍କ ନାଁରେ ରାଶନ କାର୍ଡ, ଘର ଦେଉଥିଲା। ଏବେ ପଦବୀରେ ମଧ୍ୟ ମୃତକଙ୍କ ନାମକୁ ଯୋଡ଼ିଛି ବୋଲି ଭାଜପା ନେତ୍ରୀ ସ୍ମୃତି ପଟ୍ଟନାୟକ ଅଭିଯୋଗ କରିଛନ୍ତି।

ଦଳୀୟ ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ମୃତି କହିଛନ୍ତି, ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ମୀନାକ୍ଷୀ ମିଶ୍ର ପୁଅଙ୍କ ପାଇଁ ରାଜ୍ୟ ସରକାରଙ୍କୁ ନ୍ୟାୟ ଭିକ୍ଷା କରି ଆତ୍ମହତ୍ୟା କରିଛନ୍ତି। ଜଣେ ମୃତା ମହିଳାଙ୍କ ନାମ ବିଜେଡିର ସାଙ୍ଗଠନିକ ପଦବୀରେ ସ୍ଥାନିତ କରାଯିବା ଲଜ୍ଜାର ବିଷୟ। ସେ ଆହୁରି କହିଛନ୍ତି, ଏନ୍‌ସିଆର୍‌ବି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲି ଦେଇଛି। ଓଡ଼ିଶାରେ ୨୦୨୦ରେ ୨୫,୪୮୯ ମହିଳା ବିରୋଧୀ ଅପରାଧ ଘଟିଥିବାବେଳେ ୨୦୨୧ରେ ଏହି ସଂଖ୍ୟା ୩୧,୩୫୨ରେ ପହଞ୍ଚିଛି। ପୂର୍ବବର୍ଷ ଅପେକ୍ଷା ମହିଳା ଅପହରଣ ୩୭%, ମହିଳା ଅସଦାଚରଣ ୧୭.୮%, ନାବାଳିକା ଯୌନ ନିର୍ଯାତନା ୧୩.୩୫%, ବଳାତ୍କାର ମାମଲା ୨୦.୨୩% ବୃଦ୍ଧି ପାଇବା ଲଜ୍ଜାଜନକ ବିଷୟ। ଗତବର୍ଷ ଅଗଷ୍ଟରେ ନିଖୋଜ ୨ ବର୍ଷୀୟା ପିହୁର ଏ ପର୍ଯ୍ୟନ୍ତ କୌଣସି ସନ୍ଧାନ ମିଳିନାହିଁ। ରାଜ୍ୟ ସରକାର ପିହୁକୁ ଖୋଜିଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ଦେବା ଘୋଷଣା କରିଛନ୍ତି। ରାଜ୍ୟରେ ମହିଳା, ଶିଶୁ ନିର୍ଯାତନା ସମ୍ପର୍କରେ ଶାସକ ଦଳର ନେତ୍ରୀମାନେ ମୁହଁ ନ ଖୋଲିବା ପରିତାପର ବିଷୟ ବୋଲି ସ୍ମୃତି କହିଛନ୍ତି।

ସୂଚନାଯୋଗ୍ୟ, ପୁଅ କୃତ୍ତିବାସ ମିଶ୍ରଙ୍କୁ ପୋଲିସ ଏକ ମିଥ୍ୟା ମାମଲାରେ ଗିରଫ କରିଥିବା ମୀନାକ୍ଷୀ ଅଭିଯୋଗ କରିଥିଲେ। ନ୍ୟାୟ ଭିକ୍ଷା କରି ୨୦୨୦ ଫେବୃୟାରୀ ୧୨ରେ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ସେହିବର୍ଷ ଫେବୃୟାରୀ ୨୧ରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଖେଳ ଖବର

# କଟକ ଏ, କିଟ୍, ଯାଜପୁରର ବୃହତ୍ ବିଜୟ

## ୧୯ ବର୍ଷରୁ କମ୍ ଆନ୍ତଃଜିଲା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ

ଭୁବନେଶ୍ୱର,୧୯ (ସ୍ପୋର୍ଟ୍ସ ବ୍ୟୁରୋ)

୧୯ ବର୍ଷରୁ କମ ଆନ୍ତଃ ଜିଲା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ବୃହତ୍ ବିଜୟ ହାସଲ କରିଛି କଟକ ଏ, କିଟ୍ ଓ ଯାଜପୁର। ଗୁରୁବାର ୯ଟି ମ୍ୟାଚ୍ ଖେଳାଯାଇଥିବା ବେଳେ ଏଥିରେ ଦୁଇଟି ଶତକ ସ୍କୋର ହୋଇଛି। ସେହିପରି ଦୁଇଜଣ ବୋଲର ୫ ଉଇକେଟ ସଫଳତା ହାସଲ କରିଛନ୍ତି। କଟକ-ଏ ନୂଆପଡାକୁ ୧୦ ଉଇକେଟରେ ପରାସ୍ତ କରିଛି। ଦଳ ପକ୍ଷରୁ ପ୍ରିୟାଂଶୁ ମହାନ୍ତି ୬ ରନରେ ୭ଉଇକେଟ ନେବାରୁ ନୂଆପଡା ୧୫ ରନରେ ଅଲଆଉଟ ହୋଇଥିଲା। ଜବାବରେ କୌଣସି ଉଇକେଟ ନ ହରାଇ କଟକ ଏ ବିଜୟୀ ହୋଇଥିଲା। ଯାଜପୁର ୨୫୬ ରନରେ ନୟାଗଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଯାଜପୁର ପକ୍ଷରୁ ଏମ୍‌ଡି ସୋହେଲ(୧୧୨), ଚନ୍ଦନ ନାୟକ(୯୧)ଓ ସୟଦ ଇଜହାରୁଦ୍ଦିନ (୫୬) ରନ କରିଥିବା ବେଳେ ଦଳ ୯ ଉଇକେଟ ବିନିମୟରେ ୩୭୮ ରନ୍ କରିଥିଲା। ନୟାଗଡ୨୨.୨ ଓଭରରେ ୧୨୨ ରନରେ ଅଲଆଉଟ ହୋଇଯାଇଥିଲା। କିଟ୍ ଓ ଢେଙ୍କାନାଳ ମଧ୍ୟରେ ଖେଳାଯାଇଥିବା ମ୍ୟାଚକୁ କିଟ୍ ୧୭୬ ରନରେ ଜିତି ନେଇଛି। ଜଗଜିତ ଦାସଙ୍କ ୧୦୦ ରନ୍ ବଳରେ କିଟ୍ ୪ ଉଇକେଟ ହରାଇ ୨୬୪ ରନ୍ କରିଥିଲା। ଜବାବରେ ରମେଶ ମାଲେକାଙ୍କ ୫ ଉଇକେଟ ସଫଳତା ବଳରେ ଢେଙ୍କାନାଳ ୮୦ ରନରେ ଅଲଆଉଟ ହୋଇଥିଲା। ଅନ୍ୟପକ୍ଷରେ ପୁରୀ ୭୪ରନରେ ନବରଙ୍ଗପୁରକୁ, ଭୁବନେଶ୍ୱର ବି ୯୭ ରନରେ ପାରାଦୀପକୁ, ଖୋର୍ଦ୍ଧା ଦଳ ଭୁବନେଶ୍ୱର-ଏକୁ ୩୯ ରନରେ, ଅନୁଗୋଳ ୭ ଉଇକେଟରେ କଟକ-ବିକୁ, ଗଞ୍ଜାମ ୨୨ ରନରେ କନ୍ଧମାଳକୁ ହରାଇଥିବା ବେଳେ ଭଦ୍ରକ ୨ରନରେ ଗଜପତିକୁ ହରାଇଛି।


ରମେଶ ମାଲେକା


ପ୍ରିୟାଂଶୁ ମହାନ୍ତି

## ସେହ୍ୱାଗ ଗୁଜରାଟ ଜାଏଣ୍ଟ୍ସ, ଗମ୍ଭୀର ଇଣ୍ଡିଆ କ୍ୟାପିଟାଲ୍ସ ଅଧିନାୟକ

**ନୂଆଦିଲ୍ଲୀ, ୧୯ (ପି.ଟି.):** ଆସନ୍ତା ଲିଜେଣ୍ଡ୍ସ ଲିଗ୍ କ୍ରିକେଟ (ଏଲ୍ଏଲ୍‌ସି) ପାଇଁ ଭାରତର ପୂର୍ବତନ ଓପନିଂ ଯୋଡ଼ି ବୀରେନ୍ଦ୍ର ସେହ୍ୱାଗ ଓ ଗୌତମ ଗମ୍ଭୀର ଯଥାକ୍ରମେ ଗୁଜରାଟ ଜାଏଣ୍ଟ୍ସ ଓ ଇଣ୍ଡିଆ କ୍ୟାପିଟାଲ୍ସର ଅଧିନାୟକତ୍ୱ କରିବେ। ଆଦାନୀ ଗ୍ରୁପ୍ ଗୁଜରାଟ ଜାଏଣ୍ଟ୍ସ ଦଳର ମାଲିକ ହୋଇଥିବା ବେଳେ ଜିଏମ୍ଆର୍ ସ୍ପୋର୍ଟ୍ସ ଲାଇନ୍ ଇଣ୍ଡିଆ କ୍ୟାପିଟାଲ୍ସର ମାଲିକ ରହିଛି। ଏହି ଟୁର୍ନାମେଣ୍ଟ ପ୍ରଥମ ଥର ଖେଳାଯାଉଛି। ଭାରତର ୬ଟି ସହରରେ ମ୍ୟାଚଗୁଡ଼ିକ ଖେଳାଯିବ। ସେପ୍ଟେମ୍ବର ୧୬ରେ କୋଲକାତାର ଇଡେନ୍ ଗାର୍ଡେନ୍ସଠାରେ ଉଦ୍‌ଘାଟନୀ ମ୍ୟାଚ ହେବ। ଏହାପରେ ଲକ୍ଷ୍ନୌ, ନୂଆଦିଲ୍ଲୀ, କଟକ ଓ ଯୋଧପୁରରେ ଖେଳାଯିବ। ପ୍ଲେ-ଅଫ୍ ଓ ଫାଇନାଲ୍ସ ପାଇଁ ଭେନ୍ୟୁ ସ୍ଥିର କରାଯାଇ ନାହିଁ।

# ଓଡ଼ିଶା ପ୍ରତିଯୋଗୀ ଜିତିଲେ ୮ ପଦକ

## ପୂର୍ବାଞ୍ଚଳ ଖେଲୋ ଇଣ୍ଡିଆ ମହିଳା ଜୁଡୋ



ପଦକ ବିଜୟୀ ଓଡ଼ିଶା ଜୁଡୋ ଦଳ ।

**ଭୁବନେଶ୍ୱର, ୧୯ (ସ୍ପୋର୍ଟ୍ସ ବ୍ୟୁରୋ):** ଆସାମ ଜୁଡୋ ଆସୋସିଏଶନ, ଜୁଡୋ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ମିଳିତ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ପୂର୍ବାଞ୍ଚଳ ଖେଲୋ ଇଣ୍ଡିଆ ମହିଳା ଜୁଡୋ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ୮ ପଦକ ଲାଭ କରିଛନ୍ତି। ସବ୍‌ଜୁନିୟର କାଟେଗୋରିରେ ସୋନିଆ ଗମାଙ୍ଗୋ ଓ ଲକ୍ଷ୍ମୀ ବର୍ମନ ରୌପ୍ୟ ଜିତିଥିବା ବେଳେ ଅର୍ପିତା କହଁର ଓ ପୂଜା ମାଝି ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। କ୍ୟାଡେଟ୍ କାଟେଗୋରିରେ ବନ୍ଦନା ମାଝି ରୌପ୍ୟ ହାସଲ କରିଛନ୍ତି। ଜୁନିୟର କାଟେଗୋରିରେ ବନ୍ଦନା ମାଝି ଓ ଉର୍ମିଳା ସାହୁ ବ୍ରୋଞ୍ଜ ପାଇଛନ୍ତି। ସିନିୟର କାଟେଗୋରିରେ ବନ୍ଦନା ମାଝି ବ୍ରୋଞ୍ଜ ହାସଲ କରିଛନ୍ତି। ଏହା ଓପନ ଟୁର୍ନାମେଣ୍ଟ ହୋଇଥିବାରୁ ବନ୍ଦନା ମାଝି କ୍ୟାଡେଟ୍, ଜୁନିୟର ଓ ସିନିୟର ବିଭାଗରେ ଅଂଶଗ୍ରହଣ କରି ୩ ପଦକ ହାସଲ କରିପାରିଛନ୍ତି। ଓଡ଼ିଶା ଟିମ୍ ସହିତ କୋଚ୍ ଭାବେ ବିଶ୍ୱଜିତ୍ ମାହାରି, ଲୋପାମୁଦ୍ରା ପତି, ମ୍ୟାନେଜର ଭାବେ ରୂପରଞ୍ଜନ ପତି ଏବଂ ଅଫିସିଆଲ ଭାବେ ଗୀତାଞ୍ଜଳି ପଣ୍ଡା ଓ କନ୍ଦନ ମୁର୍ମୁ ପ୍ରମୁଖ ଗସ୍ତ କରିଥିଲେ। ଏହି ସଫଳତା ପାଇଁ ଓଡ଼ିଶା ରାଜ୍ୟ ଜୁଡୋ ସଂଘର ସିଇଓ ଗୀତାଞ୍ଜଳି ପଣ୍ଡା, ସାଧାରଣ ସମ୍ପାଦକ ପି.ସି. ମିଶ୍ର ଏବଂ ବୈଷୟିକ ସମ୍ପାଦକ କନ୍ଦନ ମୁର୍ମୁ ପ୍ରମୁଖ ଜୁଡୋକାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ଖୋ ଖୋ ରୋମାଞ୍ଚ

**ରୋମାଞ୍ଚ ଆଣିଛି ସ୍ୱଦେଶୀ କ୍ରୀଡ଼ା। ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋ ଲିଗ୍ ଏବେ କ୍ରୀଡ଼ା ଜଗତରେ ବେଶ୍ ଚର୍ଚ୍ଚାରେ ରହିଛି । ନିୟମରେ ଅନେକ ପରିବର୍ତ୍ତନ, ବାଜା, ବାଣ, ଦର୍ଶକଙ୍କ ଉପସ୍ଥିତି, ରଙ୍ଗବେରଙ୍ଗର ଆଲୋକମାଳା ମଧ୍ୟରେ ରାତି ମ୍ୟାଚ୍ ପ୍ରତିଯୋଗିତାକୁ ବେଶ୍ ମନୋଜ୍ଞ କରିଛି।**

**–ପ୍ରସ୍ତୁତି: ତପନ କୁମାର ସ୍ୱାଇଁ**

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଛି ଅଲ୍‌ଟିମେଟ ଖୋ ଖୋ । ଖୋ ଖୋ ଏକ ସ୍ୱଦେଶୀ କ୍ରୀଡ଼ା ହୋଇଥିଲେ ହେଁ ନିୟମରେ ଅନେକ ପରିବର୍ତ୍ତନ ସହ ଆତ୍ମ ପ୍ରକାଶ କରିଛି ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଲିଗ । ପ୍ରତିଯୋଗିତାର ସର୍ବପ୍ରଥମ ସଂସ୍କରଣ ଅନେକ କାରଣରୁ ରୋମାଞ୍ଚକ ହୋଇପାରିଛି। ବାଜା, ବାଣ, ଦର୍ଶକଙ୍କ ଉପସ୍ଥିତି, ରଙ୍ଗବେରଙ୍ଗର ଆଲୋକମାଳା ମଧ୍ୟରେ ରାତି ମ୍ୟାଚ, ଗୋଟିଏ ଦଳରେ ଏକାଧିକ ରାଜ୍ୟର ଖେଳାଳିଙ୍କ ସମାହାର ପ୍ରତିଯୋଗିତାକୁ ବେଶ୍ ମନୋଜ୍ଞ କରିଛି । ନିଲାମ ପ୍ରକ୍ରିୟାରେ ଖେଳାଳିମାନେ ବିଭିନ୍ନ ଦଳପାଇଁ କିଣା ହୋଇଛନ୍ତି । ତେଣୁ ଦଳରେ ସନ୍ତୁଳନ ରକ୍ଷା ପାଇଁ ଫ୍ରାଞ୍ଚାଇଜ୍ ମାଲିକମାନେ ଯଥାସାଧ୍ୟ ଉଦ୍ୟମ କରିଛନ୍ତି । ଯେଉଁ ଦଳ ଯେତେ ସନ୍ତୁଳିତ ସେ ସେତେ ଭଲ ପ୍ରଦର୍ଶନ ଦେବାକୁ ସକ୍ଷମ ହୋଇଛି । ଲିଗ୍ ପର୍ଯ୍ୟାୟ ଶେଷ ହୋଇଥିବାରୁ ପ୍ରତିଯୋଗିତାର ରୋମାଞ୍ଚ ବଢ଼ିଛି । ଏବେ ହେବ ଟାଇଟଲ ପାଇଁ ଟକ୍କର । କ୍ୱାଲିଫାୟର–୧ରେ ଟେବୁଲ ଟପ୍ପର ଗୁଜରାଟ ଜାଏଣ୍ଟ୍ସ ଓ ଭୁବନେଶ୍ୱର ଭିତ୍ତିକ ଦଳ ଓଡ଼ିଶା ଜଗରନଟ୍ସ ମଧ୍ୟରେ ମୁକାବିଲା ହେବ । ତୃତୀୟ ଓ ୪ର୍ଥ ସ୍ଥାନୀୟ ଦଳ ତେଲଗୁ ଯୋଦ୍ଧାସ ଓ ଚେନ୍ନାଇ ସୁପର ଗନ୍ସ ଏଲିମିନେଟର ଖେଳିବେ । ଏଲିମିନେଟରରେ ବିଜୟୀ ଦଳ କ୍ୱାଲିଫାୟର–୧ର ପରାଜିତ ଦଳକୁ କ୍ୱାଲିଫାୟର–୨ରେ ଭେଟିବ । ଏହାପରେ ଦୁଇ କ୍ୱାଲିଫାୟର ଦଳର ବିଜେତାଙ୍କ ମଧ୍ୟରେ ଫାଇନାଲ ୪ ତାରିଖରେ ଖେଳାଯିବ ।

### କୋଚ୍ ଅଶ୍ୱିନଙ୍କ ଦୃଢ଼ୋକ୍ତି

ଅଲଟିମେଟ ଖୋ ଖୋ ଲିଗର ପ୍ରଥମ ସଂସ୍କରଣ ୬ ଦଳ ବିଶିଷ୍ଟ ହୋଇଥିବାରୁ ଲିଗ୍ ପର୍ଯ୍ୟାୟରେ ସମସ୍ତ ଦଳ ୧୦ଟି ଲେଖାଏ ମ୍ୟାଚ ଖେଳିଛନ୍ତି । ୮ଟି ମ୍ୟାଚ ଶେଷସୁଦ୍ଧା ଓଡ଼ିଶା ଜଗରନଟ୍ସ ପ୍ରଥମ ୨ ଦଳ ମଧ୍ୟରେ ରହିବା ନିଶ୍ଚିତ ହୋଇଯିବା ପରେ ପରୀକ୍ଷା ନିରୀକ୍ଷା କରିଥିଲେ କୋଚ୍ ଅଶ୍ୱିନ କୁମାର ଶର୍ମା । ସେ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେଇ ରିଜର୍ଭ ଖେଳାଳିଙ୍କୁ ସୁଯୋଗ ଦେଇଥିଲେ । ଫଳରେ ଦଳର ସନ୍ତୁଳନ ବିଗିଡ଼ି ଥିଲା ଏବଂ ଲିଗ୍ ପର୍ଯ୍ୟାୟର ଶେଷ ୨ଟି ମ୍ୟାଚ ହାରିଥିଲା ଓଡ଼ିଶା । ମାତ୍ର ଏହା ଦଳର ମନୋବଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି କୋଚ୍ ଅଶ୍ୱିନ । ‘‘ଆମେ ଜାଣି ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେଇଛୁ । ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଆମର ଲକ୍ଷ୍ୟ ଥିଲା । ମାତ୍ର ସେମାନଙ୍କ ମଧ୍ୟରୁ କେତେକ ସୁଯୋଗର ସଦ୍‌ବ୍ୟବହାର କରିପାରିଲେ ନାହିଁ । ଫଳରେ ମ୍ୟାଚ ଅବସରରେ ଏକାଧିକ ତ୍ରୁଟି ଯୋଗୁ ମ୍ୟାଚ ହାରିଲୁ’’ ବୋଲି କହିଛନ୍ତି ଅଶ୍ୱିନ । ତେବେ ଆଗାମୀ ମ୍ୟାଚ ଜିତି ଓଡ଼ିଶା ଦଳ ଫାଇନାଲରେ ପ୍ରବେଶ କରିବ ବୋଲି ସେ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି । ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିବାରୁ ସେ ଓଡ଼ିଶା ସରକାରଙ୍କୁ ପ୍ରଶଂସାରେ ପୋତିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକାଧିକ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଥିବାରୁ ଓଡ଼ିଶା ଖୋ ଖୋ ଆଜି ଏହି ପ୍ରତିଯୋଗିତାରେ ଖେଳିବା ସମ୍ଭବ ହୋଇପାରିଛି । ଏଥିପାଇଁ ଓଡ଼ିଶା ସରକାରଙ୍କୁ ଯେତେ ପ୍ରଶଂସା କଲେ କମ୍ ହେବ ବୋଲି ସେ କହିଛନ୍ତି ।

### ଲିଗ୍ ପର୍ଯ୍ୟାୟ ଶେଷରେ ବିଭିନ୍ନ ଦଳର ସ୍ଥିତି

| ଦଳ | ମ୍ୟାଚ | ବିଜୟ | ପରାଜୟ | ସ୍କୋରବ୍ୟବଧାନ | ପଏଣ୍ଟ |
|---|---|---|---|---|---|
| ଗୁଜରାଟ ଜାଏଣ୍ଟ୍ସ | ୧୦ | ୭ | ୩ | –୮ | ୨୩ |
| ଓଡ଼ିଶା ଜଗରନଟ୍ସ | ୧୦ | ୭ | ୩ | –୪ | ୨୧ |
| ତେଲ୍‌ଗୁ ଯୋଦ୍ଧାସ | ୧୦ | ୬ | ୪ | ୧୫୦ | ୧୯ |
| ଚେନ୍ନାଇ କୁଇକ୍ ଗନ୍ସ | ୧୦ | ୫ | ୫ | –୩ | ୧୫ |
| ମୁମ୍ବାଇ ଖିଲାଡିଜ୍ | ୧୦ | ୪ | ୬ | –୩୬ | ୧୨ |
| ରାଜସ୍ଥାନ ୱାରିୟର୍ସ | ୧୦ | ୧ | ୯ | –୯୯ | ୪ |

## ପ୍ରଦର୍ଶନର ଛାପ ଛାଡ଼ିଲେ ଓଡ଼ିଶା ଖେଳାଳି

ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ମୋଟ ୧୦ ଜଣ ଓଡ଼ିଆ ଖେଳାଳି ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ଓଡ଼ିଶା ଜଗରନଟ୍ସ ଦଳରେ ୬ ଜଣ, ଗୁଜରାଟ ଜାଏଣ୍ଟ୍ସ ଦଳରେ ୩ ଓ ରାଜସ୍ଥାନ ୱାରିୟର୍ସ ଦଳରେ ଜଣେ ଖେଳାଳି ସାମିଲ । ଜଗରନଟ୍ସ ଦଳରେ ଖେଳିଥିବା ଖେଳାଳିମାନେ ହେଲେ ଜଗନ୍ନାଥ ମୁର୍ମୁ, ଲିପୁନ ମୁଖୀ, ସ୍ୱୟମ ସତ୍ୟପ୍ରକାଶ ପରିଜା, ସୁକାନ୍ତ ସିଂ, ସିଦ୍ଧେଶ୍ୱର ଟୁଡୁ ଓ ଶୁଭାଶିଷ ସାନ୍ତ୍ରା । ଗୁଜରାଟ ଜାଏଣ୍ଟ୍ସରେ ଏନ. ଜଗନ୍ନାଥ ଦାସ, ଦେବେନ୍ଦ୍ର ନାଥ ଓ ଅଜୟ କୁମାର ମାଣ୍ଡି ଖେଳିଥିବାବେଳେ ରାଜସ୍ଥାନ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ଭରତ କୁମାର ପ୍ରଧାନ ।

### ଓଡ଼ିଶା ସରକାରଙ୍କୁ ଧନ୍ୟବାଦ

ଓଡ଼ିଶା ଜଗରନଟ୍ସ ଦଳର ଅନ୍ୟତମ ସିନିୟର ଖେଳାଳି ହେଲେ ଜଗନ୍ନାଥ ମୁର୍ମୁ । ମୟୂରଭଞ୍ଜ ବେତନଟୀର ଜଗନ୍ନାଥ ଏବେ ବାଲେଶ୍ୱରରେ ରହୁଛନ୍ତି । ନିଜ ଘର ନିକଟରେ ସିନିୟର ଖେଳାଳିଙ୍କ ନିକଟରୁ ଖେଳ ଦେଖି ସେ ଖୋ ଖୋ ପ୍ରତି ଆଗ୍ରହୀ ହୋଇଥିଲେ । ଖୋ ଖୋକୁ କ୍ୟାରିୟର କରିଥିବାବେଳେ ଏକ କ୍ଲବରେ ଗତ ୧୦ ବର୍ଷରୁ ଊର୍ଦ୍ଧ୍ୱ ଖେଳି ଆସୁଛନ୍ତି । ଏଫ୍‌ଏମ୍ କଲେଜରେ ଯୁକ୍ତ ୨ ପରେ ଖେଳରେ ନିଜକୁ ହଜାଇ ଦେଇଛନ୍ତି । ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିସାରିଛନ୍ତି । ଭଲ ଖେଳ ଜାରି ରଖିବା ତାଙ୍କର ଲକ୍ଷ୍ୟ ବୋଲି ଅଗଷ୍ଟ ୩୧ ତାରିଖରେ ପୁଣେରେ ଓଡ଼ିଶା ଜଗରନଟ୍ସ–ତେଲଗୁ ଯୋଦ୍ଧାସ ମ୍ୟାଚ ଶେଷ ହେବାପରେ କଥା ହେବା ଅବସରରେ ପ୍ରକାଶ କରିଛନ୍ତି ଜଗନ୍ନାଥ । ଓଡ଼ିଶା ସରକାର ଖେଳ ପାଇଁ ଅନେକ କିଛି କରୁଛନ୍ତି । ଭବିଷ୍ୟତରେ ଖୋ ଖୋ ଖେଳାଳିଙ୍କ ପାଇଁ ଚାକିରି ଲାଗି ବ୍ୟବସ୍ଥା କଲେ ଆହୁରି ଭଲ ହେବ ବୋଲି ସେ ପ୍ରକାଶ କରିଛନ୍ତି ।

### ଗରିବ ପରିବାରରୁ ତାରକା ଖେଳାଳି

ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ରାଜସ୍ଥାନ ୱାରିୟର୍ସ ପକ୍ଷରୁ ଖେଳିଥିଲେ ଓଡ଼ିଶାର ଭରତ କୁମାର ପ୍ରଧାନ । ତାଙ୍କ ଘର ପୁରୀ ଜିଲାର ଡେଲାଙ୍ଗ ନିକଟସ୍ଥ ମୁନିନ୍ଦାରେ । ବାପା ରାଜମିସ୍ତ୍ରି କାମ କରନ୍ତି । ତାଙ୍କୁ ସାହାଯ୍ୟ କରିଥାନ୍ତି ଭରତ । ମା’ ଗୃହିଣୀ । ଏବେ ମହାରାଷ୍ଟ୍ରର ଅମରାବତୀ ବିଶ୍ୱବିଦ୍ୟାଳୟରେ ବି.ଟେକ୍ କରୁଛନ୍ତି । ହାଇସ୍କୁଲରେ ପଢୁଥିବାବେଳେ ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ତାଙ୍କୁ ଖୋ ଖୋ ଖେଳ ଶିଖାଇଥିଲେ । ଏପର୍ଯ୍ୟନ୍ତ ମଧ୍ୟ ସୂର୍ଯ୍ୟନାରାୟଣ ତାଙ୍କ ହାତ ଛାଡ଼ି ନ ଥିବା ପ୍ରକାଶ କରିଛନ୍ତି ଭରତ । ବାପାଙ୍କ ପରେ ଯଦି କେହି ତାଙ୍କୁ ଏ ଦିଗରେ ଅଧିକ ସାହାଯ୍ୟ କରିଛନ୍ତି ତେବେ ସେ ହେଉଛନ୍ତି ସୂର୍ଯ୍ୟନାରାୟଣ । ଭରତ କହିଛନ୍ତି ଯେ, ‘‘ଖେଳରେ ଆଗକୁ ବଢ଼ିବାପରେ ମୁଁ ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ସାର୍‌ଙ୍କ ସଂସ୍ପର୍ଶରେ ଆସିଲି । ଏହାପରେ କ୍ୟାମ୍ପରେ ଯୋଗଦେଇ ଅଲ୍‌ଟିମେଟ ଖୋ ଖୋରେ ଖେଳିବା ସୁଯୋଗ ପାଇଲି । ଭାରତ ପକ୍ଷରୁ ଖେଳି ସାରିଛି । ଲିଗ୍‌ରେ ମୁଁ ମୋଟ ୯ଟି ମ୍ୟାଚ ଖେଳିଛି ଏବଂ ଶତପ୍ରତିଶତ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଛି । କମ୍ବିନେଶନରେ ତାଳମେଳ ନ ରହିବାରୁ ଏଥର ରାଜସ୍ଥାନ ଆଶାନୁରୂପ ପ୍ରଦର୍ଶନ ଦେଇପାରିଲା ନାହିଁ । ନିୟମରେ ଅନେକ ପରିବର୍ତ୍ତନ ହୋଇଛି । ଏହା ଏବେ ଏକ କଷ୍ଟସାଧ ଏବଂ ପାୱାର ଗେମ୍ ହୋଇଯାଇଛି । ପୂର୍ବରୁ ଖୋ ଖୋକୁ କେହି ସେପରି ପଚାରୁ ନ ଥିଲେ । ମାତ୍ର ଏବେ ଏହି କ୍ରୀଡ଼ା ଲୋକପ୍ରିୟ ହୋଇଯାଇଛି । ଏକ ଗରିବ ପରିବାରରୁ ଆସି ମୁଁ ଆଜି ଯଦି ଏଠାରେ ପହଞ୍ଚିଥାଏ ତେବେ ବାପା, ମା, ସୂର୍ଯ୍ୟ ସାର୍ ଓ ପ୍ରଦ୍ୟୁମ୍ନ ସାର୍‌ଙ୍କ ପାଇଁ । ସେଥିପାଇଁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇବି’’ ବୋଲି ଦେଢ଼ ଲକ୍ଷ ଟଙ୍କା ବିନିମୟରେ ରାଜସ୍ଥାନ ଦଳରେ ସାମିଲ ହୋଇଥିବା ଭରତ କହିଛନ୍ତି । ମଧ୍ୟପ୍ରଦେଶରେ ସିନିୟର ନ୍ୟାଶନାଲ ହୋଇଥିଲା । ସେଠାରେ ଭଲ ପ୍ରଦର୍ଶନ କରି ସେ ନୂଆଦିଲ୍ଲୀ କ୍ୟାମ୍ପକୁ ଯାଇଥଲେ । ସେଠାରୁ ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ସୁଯୋଗ ପାଇଲେ । ଆଗକୁ ଆହୁରି ଭଲ ପ୍ରଦର୍ଶନ କରି ବାପା, ମା’ଙ୍କ ପାଇଁ ଏକ ଘର କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି ।



କୋଚ ଆଶିଷ ଶର୍ମାଙ୍କ ସହିତ ଜଗନ୍ନାଥ ମୁର୍ମୁ ।

### ଆଥ୍‌ଲେଟିକ୍ସରୁ ଖୋ ଖୋ

ଗୁଜରାଟ ଜାଏଣ୍ଟ୍ସରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଖେଳାଳି ହେଲେ ଟି. ଜଗନ୍ନାଥ ଦାସ । ଅଷ୍ଟମ ଶ୍ରେଣୀରୁ ଖେଳ ଆରମ୍ଭ କରନ୍ତି । ଘର କଟକର ଆଠଗଡ଼ । ସ୍କୁଲ ସମୟରୁ ସିନିୟର ପିଲାଙ୍କୁ ଦେଖି ଖୋ ଖୋ ଆରମ୍ଭ କରିଥିଲେ । ସ୍କୁଲରେ ବାର୍ଷିକ ଉତ୍ସବରେ ଆଥ୍‌ଲେଟିକ୍ସରେ ଭାଗନେଇ ଦୌଡ଼ାଦୌଡ଼ି କରୁଥିଲେ । ଶିକ୍ଷକ ଓ ସିନିୟରଙ୍କ ପରାମର୍ଶରେ ଏହାପରେ ଖୋ ଖୋକୁ କ୍ୟାରିୟର କରିବାକୁ ଇଚ୍ଛା କରିଥିଲେ । ବାପା ଜୋତା ଦୋକାନ କରିଛନ୍ତି । ଦୁଇଭାଇ ଓ ଗୋଟିଏ ଭଉଣୀ । ଏବେ ଆଠଗଡ଼ କଲେଜରେ ଯୁକ୍ତ ୩ ପଢୁଛନ୍ତି । ଗୁଜରାଟ ଫ୍ରାଞ୍ଚାଇଜ୍ ୩ ଲକ୍ଷ ଟଙ୍କା ଦେଇ ତାଙ୍କୁ କିଣିଛି । ଜଗନ୍ନାଥଙ୍କ ମତରେ ‘‘ଆଗାମୀ ମ୍ୟାଚ ସେମିଫାଇନାଲର ରୂପ ନେଇଛି । ପ୍ରଥମ ସିଜନ ହୋଇଥିବାରୁ ଗୁଜରାଟ ପାଇଁ କିଛି କରିବାର ଆଗ୍ରହ ଅଛି । ଓଡ଼ିଶା ଜଗରନଟ୍ସ ଦଳ ଆମ ରାଜ୍ୟର ହୋଇଥିଲେ ହେଁ ମୁଁ ନିଜ ଦଳ ଗୁଜରାଟ ପକ୍ଷରୁ ଶ୍ରେଷ୍ଠ ପ୍ରଦର୍ଶନ ସହ ଏହାକୁ ଜିତାଇବାକୁ ୧୦୦ ପ୍ରତିଶତ ଚେଷ୍ଟା କରିବି । ଗୁଜରାଟ, ଓଡ଼ିଶା ଓ ତେଲଗୁ ଯୋଦ୍ଧାସ ସବୁଠାରୁ ଭଲ ପ୍ରଦର୍ଶନ କରିଛନ୍ତି । ଏପର୍ଯ୍ୟନ୍ତ ଭାରତ ପକ୍ଷରୁ ଖେଳି ନ ଥିଲେ ହେଁ ଆଗକୁ ଇଚ୍ଛା ଅଛି । ନିକଟରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ରୌପ୍ୟ ପଦକ ଜିତିଥିବା ଓଡ଼ିଶା ଦଳର ମୁଁ ସଦସ୍ୟ ଥିଲି । ଖୋ ଖୋକୁ ପ୍ରୋତ୍ସାହନ ଦେଇଥିବାରୁ ଓଡ଼ିଶା ସରକାରଙ୍କୁ ଅନେକ ଧନ୍ୟବାଦ । ରାଜ୍ୟର ଖୋ ଖେଳାଳିଙ୍କୁ ସୁଯୋଗ ମିଳୁଛି । ବହୁତ ସୁବିଧା ସୁଯୋଗ ମିଳିଛି ବୋଲି ସେ ପ୍ରକାଶ କରିଛନ୍ତି ।



ଟି. ଜଗନ୍ନାଥ ଓ ଭରତ କୁମାର ପ୍ରଧାନ।

## ବିଭିନ୍ନ ବିଭାଗରେ ଶୀର୍ଷ ଖେଳାଳି

### ଶ୍ରେଷ୍ଠ ଆଟାକର

| ଖେଳାଳି | ପଏଣ୍ଟ |
|---|---|
| ମାଜାହର ଜମାଦାର | ୧୦୫ |
| ରାମଜି କାଶ୍ୟପ | ୧୦୩ |
| ହୃଷୀକେଶ ମୁର୍ଚାଭାଡେ | ୮୩ |

### ଶ୍ରେଷ୍ଠ ଡିଫେଣ୍ଡର

| ଖେଳାଳି | ଡିଫେଣ୍ଡିଂ ଟାଇମ୍ |
|---|---|
| ରାମଜି କାଶ୍ୟପ | ୧୯:୪୯ |
| ଏସ. ଶ୍ରୀଜେଶ | ୧୭.୩୫ |
| ବିଜୟ ହଜାରେ | ୧୬:୩୮ |

### ଟପ୍ ୱାଜିର୍ସ

| ଖେଳାଳି | ୱାଜିର ପଏଣ୍ଟ |
|---|---|
| ଧ୍ରୁବେଶ ସାଲୁଙ୍କେ | ୭୪ |
| ଅଭିନନ୍ଦନ ପାଟିଲ | ୭୩ |
| ହୃଷୀକେଶ ମୁର୍ଚାଭାଡେ | ୭୩ |

### ମୋଟ ସ୍କାଏ ଡାଇଭ୍ସ

| ଖେଳାଳି | ସଂଖ୍ୟା |
|---|---|
| ରାମଜି କାଶ୍ୟପ | ୨୩ |
| ମାଜାହର ଜମାଦାର | ୧୬ |
| ରୋହନ ସିଙ୍ଗାଡେ | ୧୫ |

### ମୋଟ ପୋଲ୍ ଡାଇଭ୍ସ

| ଖେଳାଳି | ସଂଖ୍ୟା |
|---|---|
| ନିଲେଶ ଯାଦବ | ୧୦ |
| ଅରୁଣ ଗୁନ୍‌କି | ୧୦ |
| ରଞ୍ଜନ ଶେଟି | ୮ |

### ନଟ ଆଉଟ୍ସ

| ଖେଳାଳି | ସଂଖ୍ୟା |
|---|---|
| ଅଭିନନ୍ଦନ ପାଟିଲ | ୮ |
| ମାଜାହର ଜମାଦାର | ୮ |
| ରୋହନ ସିଙ୍ଗାଡେ | ୭ |

### ମୋଟ ଟଚ୍ ପଏଣ୍ଟ୍ସ

| ଖେଳାଳି | ସଂଖ୍ୟା |
|---|---|
| ଏସ. ଶ୍ରୀଜେଶ | ୬୬ |
| ଅଭିନନ୍ଦନ ପାଟିଲ | ୫୬ |
| ଧ୍ରୁବେଶ ସାଲୁଙ୍କେ | ୪୦ |

### ମୋଟ ଡାଇଭ ପଏଣ୍ଟ୍ସ

| ଖେଳାଳି | ପଏଣ୍ଟ |
|---|---|
| ରାମଜୀ କାଶ୍ୟପ | ୮୩ |
| ମାଜାହର ଜମାଦାର | ୭୯ |
| ହୃଷୀକେଶ ମୁର୍ଚାଭାଡେ | ୬୩ |





ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨/୨୦୨୨ Bhubaneswar, Friday, September 2/ 2022

# ଆଜିଠାରୁ ପ୍ଲେଅଫ୍

## ପୁରସ୍କାର ରାଶି ୨ କୋଟି

**ପୁଣେ,୧।୯(ପି.ଟି)**

ସ୍ୱଦେଶୀ ଖେଳ ଖୋ ଖୋକୁ ଏକ ପରିବର୍ତ୍ତିତ ରୂପରେ ପେସ୍ କରାଯାଇଥିବା ବେଳେ ଅନ୍ତିମ ଚରଣରେ ପହଞ୍ଚିଛି ପ୍ରଥମ ସଂସ୍କରଣର ଟୁର୍ନାମେଣ୍ଟ। ଶୁକ୍ରବାରଠାରୁ ପ୍ଲେ ଅଫ୍ ଆରମ୍ଭ ହେଉଥିବା ବେଳେ ୨ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି। ଓଡ଼ିଶା ଜଗରନଟ୍ସ, ଗୁଜରାଟ ଜାଏଣ୍ଟ୍ସ, ତେଲୁଗୁ ଯୋଦ୍ଧାସ ଓ ଚେନ୍ନାଇ କ୍ୱିକ୍ ଗନ୍ସ ପ୍ଲେ ଅଫ୍‌ରେ ପ୍ରବେଶ କରିଛି। ୬ଟି ଦଳକୁ ନେଇ ଏହି ଟୁର୍ନାମେଣ୍ଟଟି ଆରମ୍ଭ କରାଯାଇଥିଲା। ପଏଣ୍ଟ ଟେବଲ ପ୍ରଥମ ଦୁଇ ସ୍ଥାନରେ ରହିବା ସହିତ ଗୁଜରାଟ ଜାଏଣ୍ଟ୍ସ ଓ ଓଡ଼ିଶା ଜଗରନଟ୍ସ କ୍ୱାଲିଫାଏ କରିଥିଲେ। ସମୁଦାୟ ୨ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିବା ବେଳେ ଚାମ୍ପିୟନ ଦଳକୁ ମିଳିବ ୧ କୋଟି ଟଙ୍କାର ପୁରସ୍କାର । ଏହା ସହିତ ରନର୍ସ ଅପ୍ ଦଳକୁ ୫୦ ଲକ୍ଷ ଟଙ୍କା ଓ ତୃତୀୟ ସ୍ଥାନରେ ରହିଥିବା ଦଳକୁ ୩୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ଅନ୍ୟାନ୍ୟ ପୁରସ୍କାର ଭାବେ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ।

ପ୍ରଥମ ଦୁଇ ସ୍ଥାନରେ ଲିଗ୍ ପର୍ଯ୍ୟାୟ ଶେଷ କରିଥିବା ଗୁଜରାଟ ଜାଏଣ୍ଟ୍ସ ଓ ଓଡ଼ିଶା ଜଗରନଟ୍ସ ଶୁକ୍ରବାର ପ୍ରଥମ ପ୍ଲେ ଅଫ୍‌ରେ ସାମ୍ନାସାମ୍ନି ହେବେ। ଏହି ମ୍ୟାଚରେ ବିଜୟୀ ଦଳ ଫାଇନାଲରେ ପ୍ରବେଶ କରିବ ଅନ୍ୟ ଦଳଟି ଏଲିମିନେଟରର ବିଜେତାକୁ ଭେଟିବ। ଉଭୟ ଗୁଜରାଟ ଓ ଓଡ଼ିଶା ନିକଟରେ ଫାଇନାଲ ପ୍ରବେଶର ସୁଯୋଗ ରହିବ। ଔଜର୍ସ ଅଭିନନ୍ଦନ ପାଟିଲ(୭୩) ଓ ଶୁଭାଶିଷ ସନ୍ତ୍ରା(୪୯) ଯଥାକ୍ରମେ ଆଟାକିଂ ପଏଣ୍ଟ ସ୍କୋର କରିଛନ୍ତି। ଚେନ୍ନାଇ କ୍ୱିକ୍ ଗନ୍ସ ୫ ଓ ତେଲୁଗୁ ଯୋଦ୍ଧା ୬ଟି ବିଜୟ ସହିତ କ୍ୱାଲିଫାଏ କରିଛନ୍ତି। ତେବେ ଉଭୟ ଦଳର କିଛି ଖେଳାଳିଙ୍କ ଉପରେ ସଭିଙ୍କ ନଜର ରହିବ। ଚେନ୍ନାଇର ଅଲରାଉଣ୍ଡର ରାମଜୀ କଶ୍ୟପ ଲିଗର ଟପ୍ ଡିଫେଣ୍ଡର ଭାବରେ ୧୯.୪୯ ମିନିଟ ଡିଫେଣ୍ଡ କରିଛନ୍ତି। ଏହା ସହିତ ସେ ଆଟାକରେ ୧୦୩ ପଏଣ୍ଟ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ତେଲୁଗୁ ଯୋଦ୍ଧାର ଅରୁଣ ଗୁଙ୍କି ପ୍ରତି ମ୍ୟାଚ ପିଛା ୭.୭୮ ପଏଣ୍ଟ ସ୍କୋର କରିବାର ରେକର୍ଡ ନିଜ ନାମରେ ରଖିଛନ୍ତି। ରବିବାର ଫାଇନାଲ ମ୍ୟାଚ ଖେଳାଯିବ।

## ସିଏସ୍‌କେର ଜୋହାନ୍ସବର୍ଗ ଫ୍ରାଞ୍ଚାଇଜ୍‌ର ନାମ ଘୋଷଣା

**ଚେନ୍ନାଇ, ୧।୯ (ପି.ଟି.):** ଦକ୍ଷିଣ ଆଫ୍ରିକା ଟି୨୦କ୍ରିକେଟ (ଏସ୍‌ଏ ୨୦) ପାଇଁ ଚେନ୍ନାଇ ସୁପର କିଙ୍ଗ୍ସ ଲିମିଟେଡ୍ (ସିଏସ୍‌କେ-ସିଏଲ୍)ର ଜୋହାନ୍ସବର୍ଗଭିତ୍ତିକ ଫ୍ରାଞ୍ଚାଇଜ୍ ନାମ ଜୋବର୍ଗ ସୁପର କିଙ୍ଗ୍ସ ରଖାଯାଇଥିବା ଗୁରୁବାର ଘୋଷଣା କରାଯାଇଛି। ଫାଫ୍ ଡୁ'ପ୍ଲେସି ଦଳର ଅଧିନାୟକତ୍ୱ କରିବେ। ଷ୍ଟିଫେନ୍ ଫ୍ଲେମିଂଙ୍କୁ ଦଳ କୋଚ୍ କରାଯାଇଛି। ସିଏସ୍‌କେସିଏଲ୍‌ର ସିଇଓ କେ.ଏସ୍. ବିଶ୍ୱନାଥନ, ଏସ୍‌ଏ ଟି୨୦ ଲିଗ୍ କମିଶନର ଗ୍ରେମ୍ ସ୍ମିଥ୍ ଓ ଦି ୱାଣ୍ଡର୍ସଙ୍କ ମଧ୍ୟରେ ଆଲୋଚନା ପରେ ଏହି ଘୋଷଣା କରାଯାଇଛି। ଏହି ଅବସରରେ ଟିମ୍‌ର ଲୋଗୋ ମଧ୍ୟ ଉନ୍ମୋଚିତ ହୋଇଥିଲା।

## ଜିତିଲେ ସେରେନା: ଫର୍ନାଣ୍ଡିଜ୍, ସାକାରି ଆଉଟ୍

**ୟୁଏସ୍ ଓପନ୍**

**ନ୍ୟୁୟର୍କ,୧।୯(ପି.ଟି):** ୨୦୨୨ ୟୁଏସ୍ ଓପନ ଚାମ୍ପିୟନଶିପରେ ଦେଖିବାକୁ ମିଳିଛି ବଡ଼ ବିପର୍ଯ୍ୟୟ। ଅନ୍ତିମ କ୍ୟାରିୟର ଗ୍ରାଣ୍ଡସ୍ଲାମ ଖେଳୁଥିବା ସେରେନା ୱିଲିୟମ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ପରାଜିତ ହୋଇଛନ୍ତି ୨୦୨୧ ରନର୍ସ ଅପ୍ ଲେୟଲା ଫର୍ନାଣ୍ଡିଜ୍ ଏବଂ ମାରିଆ ସାକାରିଙ୍କ ଅଭିଯାନ ଦ୍ୱିତୀୟ ରାଉଣ୍ଡରେ ଶେଷ ହୋଇଛି। ଫ୍ଲସିଙ୍ଗ ମିଡୋସ୍ (ୟୁଏସ୍ ଓପନ)ରେ ସିଡେଡ୍ ଖେଳାଳିମାନେ ପରାଜିତ ହେଉଥିବା ବେଳେ ବିଶ୍ୱ ମାନ୍ୟତାର ୨ ନମ୍ବରରେ ରହିଥିବା ଆନେଟ୍ କୋଣ୍ଟାଭିଟଙ୍କୁ ହରାଇଛନ୍ତି ସେରେନା। ୭-୬(୪), ୨-୬ ଓ ୬-୨ରେ ସେରେନା ମ୍ୟାଚ ଜିତି ନେଇଥିଲେ। ପ୍ରଥମ ସେଟ୍‌କୁ ସେରେନା ଟାଇବ୍ରେକରରେ ଜିତି ନେଇଥିବା ବେଳେ ଦ୍ୱିତୀୟ ସେଟ୍‌ରେ ପ୍ରତ୍ୟାବର୍ତ୍ତନ କରିଥିଲେ ଆନେଟ୍। ନିର୍ଣ୍ଣାୟକ ସେଟ୍‌କୁ ଜିତିବା ସହିତ ୪୦ ବର୍ଷୀୟ ସେରେନା ବାଜି ମାରିନେଇଥିଲେ। ସେରେନାଙ୍କ ବିଜୟର କିଛି ସମୟ ପରେ ମାରିଆ ସାକ୍କାରି ମଧ୍ୟ ପରାଜିତ ହୋଇଥିଲେ। ଏହି ମ୍ୟାଚ ଶେଷ ହେବାର ଠିକ୍ ୧୦ ମିନିଟ ମଧ୍ୟରେ ୨୦୨୧ ସିଜନର ରନର୍ସ ଅପ୍ ଲେୟଲା ଫର୍ନାଣ୍ଡିଜ ମଧ୍ୟ ନିଜ ମୁକାବିଲାରେ ପରାଜିତ ହୋଇଥିଲେ। ବିଶ୍ୱ ମାନ୍ୟତାର ୧୪ ନମ୍ବର ସ୍ଥାନରେ ରହିଥିବା ଲେୟଲା ୬-୩ ଓ ୭-୬ରେ ଲିଉଡମାଲା ସାମସୋନୋଭାଙ୍କ ନିକଟରୁ ପରାଜୟ ବରଣ କରିଥିଲେ।


ସେରେନା ୱିଲିୟମ୍ସ

## ଏସ୍‌ଏସ୍‌ବିଏମ୍‌ଟି ଜୋନାଲ ଫୁଟ୍‌ବଲ ଟୁର୍ନାମେଣ୍ଟ



ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୧।୯ (ସ୍ପୋର୍ଟ୍ସ ବ୍ୟୁରୋ):** ସିଏସ୍‌ଆଇଆର୍ କ୍ରୀଡ଼ା ପ୍ରୋତ୍ସାହନ ଦ୍ୱାରା ୫୧ତମ ଏସ୍‌ଏସ୍‌ବିଏମ୍‌ଟି ତୃତୀୟ ଜୋନାଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହା ଶନିବାର ଉଦ୍‌ଯାପିତ ହେବ। ଏଥିରେ ସିଏସ୍‌ଆଇଆର୍ ଲାବ୍/ଅନୁଷ୍ଠାନର ୭ଟି ଫୁଟ୍‌ବଲ ଦଳ ଭାଗ ନେଇଛନ୍ତି। ସେଗୁଡ଼ିକ ହେଲେ ସିଏସ୍‌ଆଇଆର-ସିଆଇଏମ୍‌ଏଫ୍‌ଆର (ଧାନବାଦ), ସିଇସିଆରଆଇ (କରାଇକୁଦି), ସିଏଫ୍‌ଟିଆର୍‌ଆଇ (ମହୀଶୂର), ଆଇଏମ୍‌ଟେକ୍ (ଚଣ୍ଡିଗଡ଼), ଏନ୍‌ବିଆର୍‌ଆଇ (ଲକ୍ଷ୍ନୌ), ଏନ୍‌ଏଏଲ୍ ବାଙ୍ଗାଲୋର ଓ ଏଚ୍‌କ୍ୟୁସ୍ (ନୂଆଦିଲ୍ଲୀ)। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି କ୍ୟାମ୍ପସ ଫୁଟ୍‌ବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଯୋଗଦେଇଥିଲେ। ଏହି ଅବସରରେ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ନିର୍ଦ୍ଦେଶକ ପ୍ରଫେସର ଏସ୍. ବାସୁ ସିନିୟର ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ବାମ ପ୍ରସାଦ ବାଗ୍, ସିନିୟର ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ବଙ୍କିମ ଚନ୍ଦ୍ର ତ୍ରିପାଠୀ, ଆଡମିନିଷ୍ଟ୍ରେଟିଭ କଣ୍ଟ୍ରୋଲର ବି.ସି. ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବୈଜ୍ଞାନିକ ମନୀଷ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ସୁପର-୪ରେ ଶ୍ରୀଲଙ୍କା

**ଏସିଆ କପ୍**

**ଦୁବାଇ,୧।୯:** ବାଂଲାଦେଶ ବିପକ୍ଷ ଏସିଆ କପ୍ ଟି୨୦ ମୁକାବିଲାକୁ ଶ୍ରୀଲଙ୍କା ୨ ଉଇକେଟରେ ଜିତି ସୁପର-୪ରେ ପ୍ରବେଶ କରିଛି। ବାଂଲାଦେଶ ୧୮୩ ରନ କରିଥିବା ବେଳେ ୪ଟି ବଲ ପୂର୍ବରୁ ମ୍ୟାଚ ଜିତି ନେଇଥିଲା ଶ୍ରୀଲଙ୍କା। ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ମେହିଦୀ ହସନ ମିରାଜଙ୍କ ୩୮ ଓ ଆଫିଫ୍ ହୋସେନଙ୍କ ୩୯ ରନ ବଳରେ ବାଂଲାଦେଶ ୧୮୩ ରନ୍ କରିଥିଲା। ଶେଷ ଆଡକୁ ମହମ୍ମଦୁଲ୍ଲା ୨୭ ରନ୍ କରିଥିବା ବେଳେ ମୋସାଡେକ୍ ହୋସେନ୍ ୯ ବଲରୁ ୨୪ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଚାମିକା କରୁଣାରତ୍ନେ ଓ ୱାନିନ୍ଦୁ ହସରଙ୍ଗା ୨ଟି ଉଇକେଟ ଅକ୍ତିଆର କରିଥିଲେ। ଦିଲଶାନ ମଧୁଶଙ୍କା, ମହୀଷ ତୀକ୍ଷଣା ଓ ଆସିଥା ଫର୍ନାଣ୍ଡୋ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ କୁଶାଲ ମେଣ୍ଡିସଙ୍କ ୬୦ ଓ ଅଧିନାୟକ ଦସୁନ ସନକାଙ୍କ ୪୫ ରନ ସହିତ ଜିତି ନେଇଛି ଶ୍ରୀଲଙ୍କା। ଏବାଦତ ହୋସେନ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଟାସ୍କିନ ଅହମ୍ମଦ ୨ଟି ଉଇକେଟ ନେଇଥିଲେ।

## ପ୍ରଣୟ କ୍ୱାର୍ଟରଫାଇନାଲରେ, ଶ୍ରୀକାନ୍ତ ପରାସ୍ତ

**ଜାପାନ ଓପନ ବ୍ୟାଡ୍‌ମିଣ୍ଟନ**

**ଓସାକା, ୧।୯ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ.ଏସ୍. ପ୍ରଣୟ ଜାପାନ ଓପନ ସୁପର ୭୫୦ ଟୁର୍ନାମେଣ୍ଟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେ ପୂର୍ବତନ ବିଶ୍ୱ ଚାମ୍ପିୟନ ସିଙ୍ଗାପୁରର ଲୋ କିନ୍ ୟେଙ୍କ ବିପକ୍ଷରେ ବିଜୟ ହାସଲ କରିଛନ୍ତି। କିନ୍ତୁ କିଡାମ୍ବି ଶ୍ରୀକାନ୍ତ କିନ୍ତୁ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ବିଶ୍ୱର ପୂର୍ବତନ ୮ ନମ୍ବର ଖେଳାଳି ପ୍ରଣୟ ଗତ ସପ୍ତାହରେ ବିଶ୍ୱ ଚାମ୍ପିୟନଶିପ୍ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲେ। ଏଠାରେ ସେ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ୮ମ ସିଡ୍ ଲୋ'ଙ୍କୁ ୨୨-୨୦, ୨୧-୧୯ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୪୪ ମିନିଟ୍‌ରେ ଶେଷ ହୋଇଥିଲା। ଦୁଇ ଖେଳାଳି ୪ର୍ଥ ଥର ପରସ୍ପରକୁ ଭେଟିଥିଲେ। ହେଲେ ପ୍ରଣୟଙ୍କର ସିଙ୍ଗାପୁରର ବିଶ୍ୱର ୭ ନମ୍ବର ଖେଳାଳିଙ୍କ ବିପକ୍ଷରେ ଏହା ତୃତୀୟ ବିଜୟ ଥିଲା। ୩୦ବର୍ଷୀୟ ଭାରତୀୟ ପରବର୍ତ୍ତୀ ରାଉଣ୍ଡରେ ଚାଇନିଜ ତାଇପେଇର ଚୋ ତିନ୍ ଚେନ୍‌ଙ୍କୁ ଭେଟିବେ, ଯିଏକି ଗତ ସପ୍ତାହରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଜିତିଥିଲେ। ବର୍ତ୍ତମାନ ବିଶ୍ୱର ୧୮ ନମ୍ବର ମାନ୍ୟତାପ୍ରାପ୍ତ ପ୍ରଣୟ ଚେନ୍‌ଙ୍କ ବିପକ୍ଷ ତାଙ୍କର ଗତ ଦୁଇଟି ମ୍ୟାଚରେ ବିଜୟୀ ହୋଇଥିଲେ। କିନ୍ତୁ ଓଭରାଲ ସେ ୩-୪ରେ ପଛୁଆ ରହିଛନ୍ତି। ବୁଧବାର ବିଶ୍ୱର ୫ ନମ୍ବର ମାନ୍ୟତାପ୍ରାପ୍ତ ମାଲେସିଆର ଲି ଜି ଜିଆଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ଶ୍ରୀକାନ୍ତ ତାଙ୍କ ପ୍ରଭାବୀ ପ୍ରଦର୍ଶନ ବଜାୟ ରଖିପାରି ନ ଥିଲେ। ସେ ସ୍ଥାନୀୟ ଫେଭରାଇଟ୍ ତଥା ବିଶ୍ୱର ୧୭ ନମ୍ବର କାନ୍ତା ସୁନେୟାମାଙ୍କଠାରୁ ୧୦-୨୧, ୧୬-୨୧ରେ ପରାସ୍ତ ହୋଇଛନ୍ତି। ଏହା ପୂର୍ବରୁ ଦୁଇ ଖେଳାଳି ଥରେ ମାତ୍ର ପରସ୍ପରକୁ ଭେଟିଥିଲେ ୨୦୧୯ କୋରିଆନ୍ ଓପନ୍‌ରେ।


ଏଚ.ଏସ୍. ପ୍ରଣୟ

## ଫାଓ ଲିଗ୍ ୨୦୨୨: ମଙ୍ଗଳା କ୍ଲବ୍ ବିଜୟୀ


ସନରାଇଜର୍ସ କ୍ଲବ ଓ ମଙ୍ଗଳା କ୍ଲବ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭୁବନେଶ୍ୱର, ୧।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ରାଜ୍ୟସ୍ତରୀୟ ଫାଓ ଲିଗ୍ ୨୦୨୨ରେ ମଙ୍ଗଳା କ୍ଲବ୍ ବିଜୟୀ ହୋଇଛି। ଗୁରୁବାର ଖେଳାଯାଇଥିବା ଚଳିତ ସିଜନର ୭୯ତମ ମ୍ୟାଚରେ ୩-୨ରେ ସନ୍‌ରାଇଜର୍ସ କ୍ଲବକୁ ହରାଇଛି ମଙ୍ଗଳା କ୍ଲବ୍। ସନରାଇଜର୍ସ କ୍ଲବ ପକ୍ଷରୁ ମ୍ୟାଚର ୧୫ତମ ଓ ୧୬ ତମ ମିନିଟରେ ଦୁଇଟି ଗୋଲ ସ୍କୋର ହୋଇଥିଲା। ଚାନ୍ଦ ଗୋପ(୧୫ମିନିଟ) ଓ ତ୍ରିଦେବ ମୁଖୀ(୧୬ ମିନିଟ୍‌ରେ)ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ତେବେ ମାଲଭ ନାୟକ(୩୮ ମିନିଟ୍), ଚନ୍ଦନ ନାୟକ(୬୦ ମିନିଟ୍) ଓ ବିଜୟ ଦାସ (୬୮ ମିନିଟ) ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ।

## ପ୍ରଥମ ଦିବସରେ ନ୍ୟୁଜିଲାଣ୍ଡ ଏ ୧୫୬/୫

**ବେଙ୍ଗାଲୁରୁ,୧।୯(ପି.ଟି):** ଭାରତ ଏ ଏବଂ ନ୍ୟୁଜିଲାଣ୍ଡ ଏ ମଧ୍ୟରେ ପ୍ରଥମ ୪ ଦିନିଆ ଟେଷ୍ଟ ମ୍ୟାଚ୍ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବେଙ୍ଗଲ ପେସ୍ ବୋଲର ମୁକେଶ କୁମାର ଘାତକ ବୋଲିଂ କରିଥିବା ବେଳେ ନ୍ୟୁଜିଲାଣ୍ଡ ଦଳ ୫ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରିଛି। ବର୍ଷା ବାଧାପ୍ରାପ୍ତ ପ୍ରଥମ ଦିନରେ ମାତ୍ର ୬୧ ଓଭର ଖେଳ ସମ୍ଭବ ହୋଇଥିଲା। ମୁକେଶ ୧୩-୩-୩୪-୩ର ଚମତ୍କାର ବୋଲିଂ ଫିଗର ହାସଲ କରିଥିଲେ। ତେବେ ସେ ଉଭୟ ନୂଆ ପୁରୁଣା ବଲରେ ଉଇକେଟ ନେଇ ସମସ୍ତଙ୍କୁ ଚମକେଇ ଦେଇଥିଲେ। ଅର୍ଜନ ନାଗସ୍ୱାଲା ଓ ୟଶ୍ ଦୟାଲ ଅନ୍ୟ ଦୁଇଟ ଉଇକେଟ ନିଜ ମଧ୍ୟରେ ବାଣ୍ଟି ନେଇଥିଲେ। ତୃତୀୟ ଓ ଚତୁର୍ଥ ଷ୍ଟମ୍ପ ଚାନେଲରେ ବୋଲିଂ କରୁଥିବା ମୁକେଶ କିୱି ବ୍ୟାଟ୍ସମ୍ୟାନଙ୍କୁ ଅଧିକ ସମସ୍ୟାରେ ପକାଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିଥିବା ଜୋ କାର୍ଟର ଅପରାଜିତ ୭୩ ରନ କରିଛନ୍ତି। ୧୭୦ ବଲର ଏହି ଧୈର୍ଯ୍ୟପୂର୍ଣ୍ଣ ଇନିଂସରେ ୧୦ଟି ଚୌକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ରବର୍ଟ ଓ ଡନେଲ ୨୪ ରନ୍ କରିଥିଲେ।













ମୋର ନାମ ପ୍ରିୟମ୍ବଦା ଶର୍ମା, ଜିଲ୍ଲା ମେରଠ, ଉତ୍ତରପ୍ରଦେଶର ବାସିନ୍ଦା । ମୁଁ ସିଲେଇ ସେଣ୍ଟର ଚଳାଏ । ସାରାଦିନର କାମ କାରଣରୁ ମୁଁ ସବୁବେଳେ କ୍ଲାନ୍ତ ରହୁଥିଲି । ଘରର ଦୈନନ୍ଦିନ କାମ ବି କରିପାରୁ ନ ଥିଲି । ଦିନକୁ ଦିନ ମୋର ସମସ୍ୟା ବଢ଼ିଚାଲିଥିଲା । ଦିନେ ମୁଁ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ଓ ଟାବ୍‌ଲେଟ୍ସ ବିଷୟରେ ଜାଣିବାକୁ ପାଇଲି । ମାତ୍ର ଅଳ୍ପକିଛି ଦିନ 'ସଚ୍ଚୀ ସହେଲୀ' ନିୟମିତ ସେବନ କରିବା ଦ୍ୱାରା ଆଜି ମୋତେ ଆଉ କ୍ଲାନ୍ତି ଅନୁଭୂତ ହେଉନାହିଁ । ଏବଂ ଆଜି ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଅଛି । 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ପ୍ରକୃତରେ ଆମର ସଚ୍ଚୀ ସହେଲୀ ଅଟେ ।

ମୋର ନାମ ମୋନିକା ତଂବର, ବୟସ 22 ବର୍ଷ, ମଧ୍ୟପ୍ରଦେଶର ବାସିନ୍ଦା । ବିଗତ ଅନେକ ସମୟ ଧରି ମୁଁ କ୍ଲାନ୍ତି, ଅଣ୍ଟା ଯନ୍ତ୍ରଣା, କଠିନ ବ୍ୟଥା ଭଳି ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି । ଚିଡ଼ିଚିଡ଼ାପଣ ମଧ୍ୟ ବହୁତ ବଢ଼ିଯାଇଥିଲା । 67 ଆୟୁର୍ବେଦିକ ଜଡ଼ିବୁଟିରେ ପ୍ରସ୍ତୁତ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍‌ର ନିୟମିତ ସେବନ ଦ୍ୱାରା ମୋତେ ଶରୀରର ଅନେକ ସମସ୍ୟା ଯେପରିକି କ୍ଲାନ୍ତି, ଅଣ୍ଟା ଯନ୍ତ୍ରଣା, କଠିନ ବ୍ୟଥା ଏବଂ ଚିଡ଼ିଚିଡ଼ାପଣକୁ ଦୂର କରିବାରେ ବହୁତ ଲାଭ ମିଳିଲା । ଆଜି ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ । ଆପଣ ମଧ୍ୟ 'ସଚ୍ଚୀ ସହେଲୀ' ଟନିକ୍ ବ୍ୟବହାର କରନ୍ତୁ ଓ ନିଜେ ପାର୍ଥକ୍ୟ ଦେଖନ୍ତୁ ।

ମୋର ନାମ ମେହରାଜ ବାନୋ, 30 ବର୍ଷ, ଜିଲ୍ଲା ଗୁନା (ମଧ୍ୟପ୍ରଦେଶ)ର ବାସିନ୍ଦା । ଗୃହିଣୀ ହେବା କାରଣରୁ ଘରର ସବୁ କାମର ଦାୟିତ୍ୱ ମୋ ଉପରେ । ଏହି କାରଣରୁ ମୁଁ କ୍ଲାନ୍ତି, ଦୁର୍ବଳତା, ରକ୍ତହୀନତା, ମୁଣ୍ଡବୁଲା ଭଳି ସମସ୍ୟା କାରଣରୁ ବ୍ୟଥିତ ଥିଲି । ଦିନେ ମୁଁ ଖବରକାଗଜରେ 'ସଚ୍ଚୀ ସହେଲୀ'ର ବିଜ୍ଞାପନ ଦେଖିଲି । ମାତ୍ର 5 ମାସ ଦୈନିକ ପ୍ରୟୋଗ ଦ୍ୱାରା ମୋ ଶରୀରର ସବୁ ସମସ୍ୟା, ଯେପରିକି କ୍ଲାନ୍ତି, ଅଣ୍ଟା ଯନ୍ତ୍ରଣା, ମୁଣ୍ଡ ବୁଲା ଆଦି ସମସ୍ୟାରୁ ଅନେକ ମାତ୍ରାରେ ଆରାମ ମିଳିଲା । ଆଜି ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଅଟେ । 'ସଚ୍ଚୀ ସହେଲୀ' ବାସ୍ତବରେ ଅତ୍ୟନ୍ତ ଲାଭଦାୟକ ଅଟେ ।

ମୁଁ ରୁକ୍‌ସାନା, ବୟସ 24 ବର୍ଷ, ଜିଲ୍ଲା- ହାପୁର (ୟୁ.ପି.)ର ବାସିନ୍ଦା । ମୁଁ କଠିନ ବ୍ୟଥା, ଅନିୟମିତତା, ରକ୍ତହୀନତା, କ୍ଲାନ୍ତି ଭଳି ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି, ଯେଉଁ କାରଣରୁ ମୁଁ ଦୁର୍ବଳତା ଅନୁଭବ କରୁଥିଲି। 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ଓ ଟାବ୍‌ଲେଟ୍ସରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ନିୟମିତ ବ୍ୟବହାର ଦ୍ୱାରା ମୋତେ ସବୁ ଶାରୀରିକ ସମସ୍ୟା, ଯେପରିକି କଠିନ ବ୍ୟଥା, ଅନିୟମିତତା, ରକ୍ତହୀନତା ଆଦିରୁ ବହୁମାତ୍ରାରେ ଉପଶମ ମିଳିଛି । 67 ଜଡ଼ି-ବୁଟିରେ ତିଆରି ଆୟୁର୍ବେଦିକ 'ସଚ୍ଚୀ ସହେଲୀ' ଆପଣ ମଧ୍ୟ ବ୍ୟବହାର କରନ୍ତୁ ଏବଂ ଏହା ଉପରେ ଭରସା କରନ୍ତୁ ।

24x7 Helpline : 77106 44444 | ଆପଣଙ୍କ ନିକଟତମ ମେଡିକାଲ ଷ୍ଟୋର୍‌ରୁ କିଣନ୍ତୁ

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




୧।୯।୨୦୨୨

| ୩,୮୬,୧୭୪ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଦାହଲୀଳା ନୀତି ସମ୍ପନ୍ନ

ପୁରୀ ଅଫିସ, ୧।୯: ଶ୍ରୀକ୍ଷେତ୍ରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳା କ୍ରମରେ ଗୁରୁବାର ଶ୍ରୀମନ୍ଦିରରେ ଦାହଲୀଳା ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ବଢ଼ିବା ପରେ ଦକ୍ଷିଣୀଘରୁ ମଦନମୋହନଙ୍କୁ ରତ୍ନସଂହାସନ ନିକଟକୁ ବିଜେ କରାଯାଇଥିଲା। ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ନାଟମଣ୍ଡପ ଖଟ ଉପରେ ମଦନମୋହନ ବିଜେ ହୋଇଥିଲେ। ସେଠାରେ ଦାହଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ପରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ବାହୁଡ଼ା ବିଜେ କରିଥିଲେ। ପୌରାଣିକ ମତବାଦ ଅନୁଯାୟୀ, ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଗୋପାଳ ବାଳକଙ୍କ ସହ ଗୋଚାରଣ କରୁଥିବାବେଳେ ଏକଦା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥିଲା। ଏହି ସମୟରେ ଗାଈପଲ ନିକଟରେ ଥିବା ସର ବନ ମଧକୁ ପ୍ରବେଶ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ଗୋପାଳ ବାଳକଙ୍କ ସହ ଗାଈପଲଙ୍କୁ ଆଣିବାକୁ ଯିବା ସମୟରେ ହଠାତ୍ ବନରେ ନିଆଁ ଲାଗିଯାଇଥିଲା। ଗୋପାଳ ପିଲାମାନେ ଗାଈପଲଙ୍କୁ ଉଦ୍ଧାର କରିବା ଲାଗି ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ। ତୁମ୍ଭେମାନେ ଆଖି ବନ୍ଦ କର, ମୁଁ ଅଗ୍ନିଜ୍ୱାଳାକୁ ଶାନ୍ତ କରିଦେବି ବୋଲି ଶ୍ରୀକୃଷ୍ଣ କହିଥିଲେ। ଗୋପାଳ ବାଳକମାନେ ଆଖି ବନ୍ଦ କରିବା ପରେ ଶ୍ରୀକୃଷ୍ଣ ଅଗ୍ନିଙ୍କୁ ଶାନ୍ତ କରିଦେଇଥିଲେ। ଏହାକୁ ଦାହଲୀଳା କୁହାଯାଏ।

### ମୁଖ୍ୟ ଅଭିଯୁକ୍ତ ଗିରଫ, ୨ ଫେରାର
#### ଗୃହରକ୍ଷୀଙ୍କୁ ଆକ୍ରମଣ ଘଟଣା

ପୁରୀ ଅଫିସ, ୧୯: ବାସେଲିସାହି ଥାନା ଅଧୀନ ମାଟିତୋଟା ଅଞ୍ଚଳରେ ଗୃହରକ୍ଷୀ ଦୀପକ ମାଝୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଗୁରୁବାର ପୋଲିସ ମୁଖ୍ୟ ଅଭିଯୁକ୍ତ ଗୋଖାସାହିର ବିଜୟ କୁମାର ପଣ୍ଡା ଓରଫ ବିଜୁଙ୍କୁ ଗିରଫ କରିଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ସମର୍ଥ ତରାଇ ଓ ରଞ୍ଜନ ବେହେରା ଅଦ୍ୟାବଧି ଫେରାର ଥିବା ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି। ସୂଚନାଯୋଗ୍ୟ, ବୁଧବାର ସନ୍ଧ୍ୟାରେ ଦୀପକ ମାଟିତୋଟାସ୍ଥିତ ତାଙ୍କ ଘରକୁ ଫେରୁଥିବା ବେଳେ ବିଜୟ ଓ ତାଙ୍କ ସହଯୋଗୀମାନେ ଦୀପକଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏନେଇ ଦୀପକ ବାସେଲିସାହି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ କେସ୍ (ନଂ. ୨୦୩/୨୨) ରଜୁ କରି ତଦନ୍ତ ଆରମ୍ଭ କରିଥିଲା। ବୁଧବାର ରାତିରେ ଅଭିଯୁକ୍ତ ବିଜୟଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଥିଲା।

### ପାଇଖାନା ଘରୁ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

ବଳଙ୍ଗା,୧।୯(ଡି.ଏନ୍.ଏ.): ବଳଙ୍ଗା ଥାନା ଅନ୍ତର୍ଗତ ମୌଜିବେଗ ଗ୍ରାମର ଏକ ପାଇଖାନା ଘରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ଚକ୍ରଧର ସାହୁ (୫୫)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ଡାକ୍ତରଖାନାକୁ ପଠାଇଛି। ସୂଚନା ମୁତାବକ, ଚକ୍ରଧରଙ୍କ ପୁଅ ନାରାୟଣ ସାହୁ ମଙ୍ଗଳବାର ତାଙ୍କ ଶ୍ୱଶୁର ଘରକୁ ଯାଇଥିଲେ। ଗୁରୁବାର ସକାଳେ ଚକ୍ରଧରଙ୍କ ପଡ଼ୋଶୀ କୌଣସି କାର୍ଯ୍ୟରେ ଘର ବାରିପଟେ ଯିବାବେଳେ ତାଙ୍କ ମୃତଦେହ ପାଇଖାନା ଘରେ ଝୁଲୁଥିବା ଅବସ୍ଥାରେ ଦେଖି ନାରାୟଣଙ୍କୁ ଖବର ଦେଇଥିଲେ। ନାରାୟଣ ଘରେ ପହଞ୍ଚି ପୋଲିସକୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ କିଛିଦିନ ହେବ ଚକ୍ରଧର ମାନସିକ ଦୁଃଶ୍ଚିନ୍ତାରେ ରହୁଥିଲେ। ଘରେ କେହି ନ ଥିବା ସୁଯୋଗରେ ବାପା ଆତ୍ମହତ୍ୟା କରିଥାଇପାରନ୍ତି।

# ଚାଇଲ୍ଡଲାଇନ କର୍ମଚାରୀଙ୍କୁ ଆକ୍ରମଣ

**ଭିକ ମାଗୁଥିବା ପିଲାଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ**

- ଶିଶୁ ଭିକ୍ଷାବୃତ୍ତିରେ ଲିପ୍ତ ଅନୁପ୍ରବେଶକାରୀ
- ଟଙ୍କା ରୋଜଗାରର ଅନ୍ୟତମ ମାଧମ

ପୁରୀ ଅଫିସ,୧।୯:

ଭିକ୍ଷାବୃତ୍ତିରେ ଲିପ୍ତ ଶିଶୁଙ୍କୁ ଉଦ୍ଧାର କରିବାବେଳେ ଗୁରୁବାର ଚାଇଲ୍ଡ ଲାଇନ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଆକ୍ରମଣ ହୋଇଛି। ଖବର ପାଇ ପୋଲିସ ପହଞ୍ଚି ଅଧିକାରୀ ଓ କର୍ମଚାରୀଙ୍କୁ ଉଦ୍ଧାର କରିଛି। ଏଥିସହ ସମ୍ପୃକ୍ତ ଶିଶୁମାନଙ୍କୁ ସେମାନଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରାଯିବା ସହିତ ଭିକ୍ଷାବୃତ୍ତି ନ କରିବାକୁ ତାଗିଦା କରାଯାଇଛି।


ଶିଶୁମାନଙ୍କ ଅଭିଭାବକଙ୍କୁ ପୋଲିସ ବୁଝାଶୁଝା କରୁଛି ।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୧ଟାରେ ପୁରୀ ଚାଇଲ୍ଡ ଲାଇନକୁ କେହି ଫୋନ୍ କରି ୨୦ରୁ ଉର୍ଦ୍ଧ୍ୱ ପିଲା ଅର୍ବାନ ହାଟ ଓ ବୁଦ୍ଧ ମନ୍ଦିର ସମ୍ମୁଖରେ ଭିକ ମାଗୁଥିବା ନେଇ ସୂଚନା ଦେଇଥିଲେ। ଏହାପରେ ଚାଇଲ୍ଡଲାଇନ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଭିକ୍ଷାବୃତ୍ତି କରୁଥିବା ପିଲାଙ୍କୁ ଉଦ୍ଧାର କରି ଗାଡ଼ି ନିକଟକୁ ଆଣୁଥିଲେ। ଏହି ସମୟରେ ସମ୍ପୃକ୍ତ ପିଲାମାନଙ୍କ ସହିତ ଥିବା ୧୦ ଜଣ ମହିଳା ଏବଂ ୭ରୁ ୮ଜଣ ପୁରୁଷ ଚାଇଲ୍ଡଲାଇନ ଅଧିକାରୀ ଓ କର୍ମଚାରୀଙ୍କ ଆକ୍ରମଣ କରିଥିଲେ। ଚାଇଲ୍ଡ ଲାଇନ ଗାଡ଼ି ଓ ଆମ୍ବୁଲାନ୍ସ ଉପରକୁ ଇଟା, ପଥର ଫିଙ୍ଗିଥିଲେ। ଏ ନେଇ ଚାଇଲ୍ଡଲାଇନ କର୍ମଚାରୀମାନେ ପୋଲିସକୁ ଫୋନ୍ କରି ଜଣାଇଥିଲେ। ପୋଲିସ ଆସିବା ପରେ ସଂପୃକ୍ତ ବ୍ୟକ୍ତିମାନେ ନିଜ ନିଜ ପିଲାଙ୍କୁ ନେବାକୁ ଜିଦ୍ ଧରିଥିଲେ। ପୋଲିସ ଭିକ୍ଷାବୃତ୍ତି କରୁଥିବା ପିଲାଙ୍କ ଦାୟିତ୍ୱ ସେମାନଙ୍କ ପରିବାର ବର୍ଗ ଓ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଥିଲା। ତେବେ ପିଲାମାନେ ଭିକ୍ଷାବୃତ୍ତି କରିପାରିବେ ନାହିଁ ବୋଲି ସ୍ପଷ୍ଟ ଭାବେ ଜଣାଇଥିଲା। ଏହାପରେ ସଂପୃକ୍ତ ଗୋଷ୍ଠୀ ନିଜ ଆସବାବପତ୍ର ଧରି ଚାଲିଯାଇଥିଲେ। ଚାଇଲ୍ଡଲାଇନ୍ ନିର୍ଦ୍ଦେଶକ ଦେବାଶିଷ ରଥ କହିଛନ୍ତି, ଏମାନେ ଯାଯାବର ଜୀବନ ଯାପନ କରୁଛନ୍ତି। ପିଲାଙ୍କୁ ମାଧ୍ୟମ କରି ଟଙ୍କା ରୋଜଗାର କରୁଛନ୍ତି। ପର୍ଯ୍ୟଟକଙ୍କୁ ଦେଖିଲେ ପିଲାମାନେ ତାଙ୍କ ଗୋଡ଼ ଧରି ତଳେ ବସି ରହୁଛନ୍ତି। ଫଳରେ ପର୍ଯ୍ୟଟକମାନେ ବାଧହୋଇ କିଛି ଟଙ୍କା ଦେଉଛନ୍ତି। ଏହାପରେ ପିଲାମାନେ ସେମାନଙ୍କ ସହ ଥିବା ବ୍ୟକ୍ତିମାନଙ୍କୁ ଟଙ୍କା ଦେଇ ପୁଣି ଥରେ କାମରେ ଲାଗିଯାଉଛନ୍ତି। ପିଲାଙ୍କୁ ଏଭଳି କାର୍ଯ୍ୟ ପାଇଁ ତାଲିମ ଦିଆଯାଉଛି। ପୁରୀ ସହରର ବିଭିନ୍ନ ସ୍ଥାନକୁ ଏଭଳି ଗୋଷ୍ଠୀ କ୍ରମାଗତ ଭାବେ ସ୍ଥାନାନ୍ତର ହେଉଛନ୍ତି। କେତେବେଳେ ରେଳଷ୍ଟେଶନ ପାଖରେ ତ ଅଉ କେବେ ଭୂଦାନ ଅଞ୍ଚଳରେ ଭିକ୍ଷାବୃତ୍ତି କରୁଛନ୍ତି। ଗୁରୁବାର ସେମାନଙ୍କୁ ତାଗିଦା କରି ଛାଡ଼ି ଦିଆଯାଇଛି। ଶୁକ୍ରବାର ପୁଣି ସମ୍ଭାବ୍ୟ ସ୍ଥାନଗୁଡ଼ିକରେ ଯାଞ୍ଚ କରାଯିବ। କୌଣସି ନାବାଳିକା ଓ ନାବାଳକ ଭିକ୍ଷାବୃତ୍ତି କରୁଥିବା ଦେଖିବାକୁ ମିଳିଲେ ତାଙ୍କୁ ଉଦ୍ଧାର କରାଯିବ। ଏହି କାର୍ଯ୍ୟରେ ପୋଲିସର ସହଯୋଗ ରହିବ ବୋଲି ସେ କହିଛନ୍ତି। ବୁଦ୍ଧିଜୀବୀ ପ୍ରସନ୍ନଜ୍ୟୋତି ମିଶ୍ର କହିଛନ୍ତି। ପୁରୀରେ ଏଭଳି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିମାନେ ଅନୁପ୍ରବେଶକାରୀ। ସେମାନଙ୍କ ବିରୋଧରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଉଚିତ।

# ଜାପାନରେ ଗ୍ଲୋବାଲ୍ ସପୋର୍ଟର୍ ଭାବେ ପୁରୀର କୁନା ଦାଶ ମନୋନୀତ

ପୁରୀ ଅଫିସ,୧୯:


କାଦୋକାୱା ଦାଇସାକୁଙ୍କ ସହ କୁନା ଦାଶ ।

ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି ପୁରୀର କୁନା ଦାଶ। କୁନା ଏବେ ଭାରତ-ଜାପାନ ମୈତ୍ରୀ ସଂଘର ସଭାପତି ତଥା କ୍ୟୋଟୋ ଜାପାନର ଅନ୍ତର୍ଜାତୀୟ ପର୍ଯ୍ୟଟନ ରାଷ୍ଟ୍ରଦୂତ ଏବଂ ପୁରୀ ଚନ୍ଦ୍ରଶେଖର ଏକାଡେମୀର ସଭାପତି ରହିଛନ୍ତି। କ୍ୟୋଟୋର କଳା, ସଂସ୍କୃତି, ଅର୍ଥନୀତି ଓ ପର୍ଯ୍ୟଟନକୁ ବିଶ୍ୱରେ ପ୍ରଚାର, ପ୍ରସାର କରିବା ପାଇଁ ସେଠାକାର ସରକାର କୁନାଙ୍କୁ ଗ୍ଲୋବାଲ୍ ସପୋର୍ଟର୍ ଭାବେ ମନୋନୀତ କରିଛନ୍ତି। ଏ ନେଇ ଆୟୋଜିତ ଏକ କାର୍ଯ୍ୟକ୍ରମରେ କୁନାଙ୍କୁ କ୍ୟୋଟୋର ମେୟର କାଦୋକାୱା ଦାଇସାକୁ ସମ୍ମାନିତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ମନୋନୟନ କ୍ଷେତ୍ରରେ କୁନା ହେଉଛନ୍ତି ପ୍ରଥମ ଭାରତୀୟ। ବିଶ୍ୱରେ ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଓ ଭାବଗତ ସମ୍ପର୍କ ମଜଭୁତ କରିଥିବା କ୍ଷେତ୍ରରେ ଉକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥାଏ। କୁନା ଦୀର୍ଘ ୩୦ ହେଲା ଜାପାନରେ ରହି ଭାରତ ଓ କ୍ୟୋଟୋ ମଧ୍ୟରେ ସାଂସ୍କୃତିକ ଓ ଭାବଗତ ସମ୍ପର୍କକୁ ନିବିଡ଼ କରିଆସୁଛନ୍ତି। ଭାରତର ଯୁବତୀ ଯୁବକ କିଭଳି ଜାପାନରେ କର୍ମନିଯୁକ୍ତି ପାଇପାରିବେ ସେ ନେଇ ପ୍ରଚେଷ୍ଟା ଚଳାଇଛନ୍ତି। ଏ ନେଇ ପୁରୀ ବାଲିଘାଇରେ ଚନ୍ଦ୍ରଶେଖର ଏକାଡେମୀରେ ଆଇଟି ଓ ଜାପାନିଜ ଭାଷା ଶିକ୍ଷା ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସେହିପରି ଜାପାନରେ ରହୁଥିବା ଭାରତୀୟଙ୍କ ପାଇଁ କ୍ୟୋଟୋରେ ଏହାର ଏକ ଶାଖା ପ୍ରତିଷ୍ଠା କରିଛନ୍ତି। ମନୋନୀତ ହୋଇ ସେ ଖୁସି ଏବଂ ଜାପାନ- ଭାରତ ମଧ୍ୟରେ ସମ୍ପର୍କକୁ ଅଧିକ ମଜଭୁତ କରାଇବା ପାଇଁ ସେ ପ୍ରୟାସ କରୁଥିବା କୁନା କହିଛନ୍ତି।


ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଗୁରୁବାର ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପରିବେଷିତ ନାଟକ 'ଅଜାମିଳ ପଣ୍ଡା'ର ଏକ ଦୃଶ୍ୟ ।

# କୁକର୍ମ ସତ୍ତ୍ୱେ ବୈକୁଣ୍ଠପୁର ଗଲେ ଅଜାମିଳ

**ନାଟକ ଅଜାମିଳ ପଣ୍ଡା ମଞ୍ଚସ୍ଥ**

ପୁରୀ ଅଫିସ,୧୯

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଗୁରୁବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଆଧାରିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରତିମାସର ପ୍ରଥମ ଦିନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତଥର ନାଟକର ଅଜାମିଳ ପଣ୍ଡା ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଉପାଧ୍ୟକ୍ଷ ମନ୍ମଥ ଶତପଥୀ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତ ରାୟ ଏବଂ ଅଧ୍ୟାପକ ବିପିନାନନ୍ଦ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବଲାଙ୍ଗୀରର କଣ୍ଠଶିଳ୍ପୀ ଦିବ୍ୟରଞ୍ଜନ ପଟ୍ଟନାୟକ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ସାହାଯ୍ୟ କରିଥିଲେ ହରିଶ ଚନ୍ଦ୍ର ଦାଶ, ଅନୀଲ ଦାସ ଏବଂ ସତ୍ୟନାରାୟଣ ଗୁରୁ। ପରେ ନାଟ୍ୟ ନିର୍ଦ୍ଦେଶକ ଭଗବାନ ଗୁରୁଙ୍କ ନିର୍ଦ୍ଦେଶନାରେ ମହାପ୍ରଭୁଙ୍କ ଉପରେ ଆଧାରିତ ନାଟକ ଅଜାମିଳ ପଣ୍ଡା ନାଟକ ମଞ୍ଚସ୍ଥ ହୋଇଥିଲା।

ଅଜାମିଳ ପଣ୍ଡା ବ୍ରାହ୍ମଣ କୂଳରେ ଜନ୍ମ ହୋଇଥିଲେ। ହେଲେ ନିଜର ଅପକର୍ମ ଓ କୁକର୍ମ ପାଇଁ ତାଙ୍କୁ ଘରୁ ନିଷ୍କାସିତ କରିଥିଲେ ପରିବାର ଲୋକେ। ଫଳରେ ଅଜାମିଳ ଘରୁ ବାହାର ଜଙ୍ଗଲ ଅଭିମୁଖେ ଯାଉ ଯାଉ ଜଙ୍ଗଲ ମଧ୍ୟରେ ଏକ ଶବରପଲ୍ଲୀ ଦେଖିଲେ। ଶବରମାନଙ୍କ ପକ୍ଷରୁ ନାଚଗୀତ କରାଯାଉଥିବା ଦେଖି ଅଜାମିଳ ସେଠାରେ ଅଟକ ରହିଗଲେ। କାଳକ୍ରମେ ଶବର ସର୍ଦ୍ଦାରର କନ୍ୟାକୁ ଅଜାମିଳ ବିବାହ କରି ସେଠାରେ ରହିଲା। ତା'ର ୫ଟି ସନ୍ତାନ ହେଲା। ମାତ୍ର ଅଜାମିଳ ଅପକର୍ମ ଜାରି ରଖିଲା। ଫଳରେ ଜଣେ ଋଷି ଅଜାମିଳକୁ ରୋଗଗ୍ରସ୍ତ ହେବା ନେଇ ଅଭିଶାପ ଦେଲେ। ଏଣୁ ସେ ରୋଗଗ୍ରସ୍ତ ହୋଇ ଜଙ୍ଗଲ ମଧ୍ୟରେ ପଡିରହି ଝରଣା ପାଣି ପିଇ ବଞ୍ଚୁଥିବା ସମୟରେ ଶେଷରେ ନାରାୟଣଙ୍କ ନାମ ଜପ କରିବାରେ ଲାଗିଲା। ଫଳରେ ପ୍ରଭୁ ନାରାୟଣ ତାଙ୍କୁ ଦର୍ଶନ ଦେଇଥିଲେ। ଦର୍ଶନ ଦେବା କ୍ଷଣି ଅଜାମିଳର ମୃତ୍ୟୁ ଘଟିଲା। ପରେ ତା'ର ଆତ୍ମାକୁ ଯମପୁର ନେବା ପାଇଁ ଯମଦୂତ ଏବଂ ବୈକୁଣ୍ଠପୁରକୁ ନେବା ପାଇଁ ବିଷ୍ଣୁଗଣ ଆସିଥିଲେ। ଶେଷରେ ବିଷ୍ଣୁଗଣ ଅଜାମିଳ ଆତ୍ମାକୁ ବୈକୁଣ୍ଠପୁର ନେଇଗଲେ। ଏହିପରି ଏକ ଆଧ୍ୟାତ୍ମିକ ବିଷୟବସ୍ତୁକୁ ନେଇ ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାମକୃଷ୍ଣ ମହାପାତ୍ର ଏବଂ ବିକାଶ ଦତ୍ତ ପରିଚାଳନା କରିଥିଲେ।

## ଗଛରୁ ଝୁଲନ୍ତା ମୃତଦେହ ଜବତ

ପୁରୀ ଅଫିସ, ୧୯:

ବାସେଲିସାହି ଥାନା ପୋଲିସ ଗୁରୁବାର ଏକ ବର ଗଛରୁ ଝୁଲନ୍ତା ଅବସ୍ଥାରେ ଏକ ମୃତଦେହ ଜବତ କରିଛି। ମୃତକ ହେଲେ ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର କ୍ଷୀରୋଦ ବେହେରା (୫୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୧୯/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଶ୍ରୀଲୋକନାଥ ମନ୍ଦିର ପରିସରସ୍ଥ ପାର୍ବତୀ ସାଗର ନିକଟରେ ଥିବା ବରଗଛରେ ଏକ ମୃତଦେହ ଝୁଲୁଥିବା ଗୁରୁବାର ସକାଳେ ଦେଖିବାକୁ ମିଳଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବାସେଲି ସାହି ଥାନା ପୋଲିସ ସେଠାରେ ପହଞ୍ଚି ତଦନ୍ତ କରିଥିଲା। ଘଟଣାସ୍ଥଳରୁ ପୋଲିସ ପର୍ସ, ପେନ୍ ଏବଂ ଲୁଙ୍ଗି ଜବତ କରାଯାଇଛି। ପାରିବାରିକ କଳହକୁ ନେଇ କ୍ଷୀରୋଦ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଥିବାବେଳେ ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କହିଛି।

## ଗୁହାଳ ଜଳି ୨ ଗାଈ ଅର୍ଦ୍ଧଦଗ୍ଧ

ବଳଙ୍ଗା,୧।୯(ଡି.ଏନ୍.ଏ.):

ବଳଙ୍ଗା ଥାନା ଅନ୍ତର୍ଗତ ଭଗବତୀପୁର ଦଳିତ ସାହିର ଜଣଙ୍କ ଗୁହାଳରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଗୁହାଳ ସମ୍ପୂର୍ଣ୍ଣ ଜଳିଯାଇଥିବା ସହ ୨ ଗାଈଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉଛି। ପ୍ରକାଶ ଯେ, ସବୁଦିନ ପରି ନୁରୀ ବେହେରା ରାତିରେ ଗୁହାଳରେ ଗାଈଙ୍କ ପାଇଁ ମଶା ଧୂଆଁ ଦେଇଥିଲେ। ବିଳମ୍ବିତ ରାତିରେ ଗାଈମାନେ ରଡି ଛାଡିବାରୁ ତାଙ୍କ ଶବ୍ଦ ଶୁଣି ନୁରୀ ବାହାରକୁ ଆସି ଗୁହାଳ ଜଳୁଥିବା ଦେଖିଥିଲେ। ସାହି ପଡିଶାଙ୍କୁ ପାଟି କରି ଡାକି ନିଆଁକୁ ଆୟତ୍ତ କରିବା ସହ ଗୁହାଳରୁ ଗାଈଙ୍କୁ ଉଦ୍ଧାର କରିଥିଲେ।

# ମନ ମୋହୁଛି ସୁଦୃଶ୍ୟ ତୋରଣ


ମେଡିକାଲ ଛକ ଗଣପତି ସମିତି ପକ୍ଷରୁ ନିର୍ମିତ ପୂଜା ମଣ୍ଡପ ତୋରଣ ।

ପୁରୀ ଅଫିସ, ୧୯:

ପୁରୀ ସହରର ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କେତେକ ଅନୁଷ୍ଠାନ ପକ୍ଷରୁ ଭକ୍ତିସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବଡ଼ଦାଣ୍ଡସ୍ଥିତ ମୋତିଚାନ୍ଦ ବଜାର, ମରିଚିକୋଟ ବିନାୟକ ସମିତି, ମରିଚିକୋଟସ୍ଥିତ ଅଶୋକ ବିନାୟକ ସମିତି, ମାର୍କେଟ ଛକସ୍ଥିତ ନୀଳଗିରି, ମାର୍କେଟ ଛକସ୍ଥିତ ଗଣପତି ସମିତି, ବଳଗଣ୍ଡି ଗଣପତି ସମିତି, କୁଣ୍ଡେଇମେଣ୍ଟ ସାହିର ପଞ୍ଚମୁଖୀ ସମିତି ପକ୍ଷରୁ ନିର୍ମିତ ସୁଦୃଶ୍ୟ ତୋରଣ ସାଙ୍ଗକୁ ଆକର୍ଷଣୀୟ ମେଢ ଦେଖିବାକୁ ମଣ୍ଡପ ନିକଟରେ ଭିଡ଼ ଲାଗୁଛି। ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଚିତ୍ରକର ସାହି ସରସ୍ୱତୀ ଜ୍ଞାନ ମନ୍ଦିର, ଦଣ୍ଡତୋଟାସ୍ଥିତ ଉତ୍କଳ ବଚପନ୍ ସ୍କୁଲ, ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବିଶ୍ୱମ୍ଭର ବିଦ୍ୟାପୀଠ, ଜିଲା ସ୍କୁଲ, ବାଲିଘାଟସ୍ଥିତ ଶ୍ରୀରାମକୃଷ୍ଣ ବିଦ୍ୟା ନିକେତନ, ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଳଗଣ୍ଡି ଉଚ୍ଚ ବିଦ୍ୟାଳୟ, ଭୋଳାନାଥ ବିଦ୍ୟାପୀଠ ସମେତ ବହୁ ଶିକ୍ଷାନୁଷ୍ଠାନରେ ବିଘ୍ନନାଶନଙ୍କ ପୂଜା କରାଯାଇଛି।


ପୁରୀ ଗଣେଶ ଜାଗା ମାର୍କେଟରେ ନିର୍ମିତ ପୂଜା ମଣ୍ଡପ ତୋରଣ ।

# ଅନୁସୂଚିତ ଜାତି କମିଶନଙ୍କ ଦ୍ୱାରସ୍ଥ ହେଲେ ସ୍ତ୍ରୀ

- ସୂଚନା ଅଧିକାର କର୍ମୀଙ୍କୁ ଆକ୍ରମଣ ଘଟଣା
- ଆଜି ଥାନା ଆଗରେ ବିକ୍ଷୋଭ

ପୁରୀ ଅଫିସ,୧୯:

ପୁରୀର ସୂଚନା ଅଧିକାର କର୍ମୀ ସନ୍ତୋଷ ମହାନ୍ତିଙ୍କ ଉପରେ ଆକ୍ରମଣ ଘଟଣାକୁ ୫ଦିନ ବିତିଗଲାଣି। ହେଲେ ଏପର୍ଯ୍ୟନ୍ତ ପ୍ରମୁଖ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିନାହିଁ। ତେଣୁ ପୋଲିସ ତଦନ୍ତରେ ଅସନ୍ତୋଷ ପ୍ରକାଶ କରିଛନ୍ତି ସନ୍ତୋଷଙ୍କ ସ୍ତ୍ରୀ ସୌଦାମିନୀ ସେଠୀ। ଏନେଇ ସେ ଅନୁସୂଚିତ ଜାତି କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। କମିଶନଙ୍କୁ ଡାକ ଜରିଆରେ ଅଭିଯୋଗପତ୍ର ପଠାଇ ନ୍ୟାୟ ଭିକ୍ଷା କରିଛନ୍ତି।

ସୂଚନାଥାଉକି, ଗତ ୨୭ତାରିଖରେ ସୌଦାମିନୀ ରାଧାକ୍ରିଷ୍ଣା ଲେନ୍‌ସ୍ଥିତ ଘରୁ ବାହାରି ମଧୁବନଠାରେ ଥିବା ସରସ୍ୱତୀ ବିଦ୍ୟାମନ୍ଦିରକୁ ଯାଉଥିଲେ। ରାସ୍ତାରେ ଯିବାବେଳେ ଛଇତନା ଗ୍ରାମର ଦୁଇ ଯୁବକ ତାଙ୍କୁ ଅଟକାଇ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ସ୍ୱାମୀ ସନ୍ତୋଷଙ୍କୁ ଆର୍‌ଟିଆଇ ଫାଇଲ ନ କରିବାକୁ ଚେତାବନୀ ଦେଇଥିଲେ। ଏପରିକି ପରଦିନ ଅର୍ଥାତ୍ ୨୮ତାରିଖରେ ଛଇତନା ସରପଞ୍ଚ, ତାଙ୍କ ସ୍ୱାମୀ ଓ ସହଯୋଗୀମାନେ ମିଶି ସନ୍ତୋଷଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତେଣୁ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ଏଥିସହ ଏହି ମାମଲା ସମ୍ପର୍କରେ ପୁରୀ ଏସ୍‌ପିଙ୍କୁ ରିପୋର୍ଟ ତଲବ କରାଯାଉ ବୋଲି ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ସନ୍ତୋଷଙ୍କୁ ଆକ୍ରମଣ ପ୍ରତିବାଦରେ ପୁରୀର ସୂଚନା ଅଧିକାର କର୍ମୀମାନେ ଶୁକ୍ରବାର ସଦର ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ନ କରିବା ଯାଏ ସେମାନେ ଧାରଣା ଦେବେ। ନ୍ୟାୟ ନ ମିଳିଲେ ଆସନ୍ତା ୫ ତାରିଖରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜେଲଭରୋ ଆନ୍ଦୋଳନ କରିବେ। ରାଜ୍ୟର ଶତାଧିକ ସୂଚନା ଅଧିକାର କର୍ମୀ ଏଥିରେ ଯୋଗଦେବେ ବୋଲି ସୂଚନା ଅଧିକାର କର୍ମୀ ସଂଘର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ କହିଛନ୍ତି।

# ରାସ୍ତାରେ ଡ୍ରେନ୍ ପାଣି, ଯାତାୟାତରେ ସମସ୍ୟା

- ଅଞ୍ଚଳବାସୀଙ୍କ ଅସନ୍ତୋଷ
- ପ୍ରଶାସନର ନଜର ନାହିଁ

ପୁରୀ ଅଫିସ, ୧୯:

ପୁରୀ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ସରକାର ଯୋଜନା କରୁଥିବାବେଳେ ପ୍ରଶାସନ ପ୍ରଚେଷ୍ଟା ଚଳାଇଥିବା କହୁଛି। ତେବେ ପ୍ରକୃତ ପକ୍ଷେ ଯୋଜନା କାର୍ଯ୍ୟକାରୀତା ଠାରୁ ବହୁ ଦୂରରେ ପୁରୀ ସହର ରହିଛି। ଶ୍ରୀମନ୍ଦିର ଠାରୁ ୩୦୦ ମିଟର ଦୂର ଏକ ରାସ୍ତାରେ ଡ୍ରେନ୍ ପାଣିର ସୁଅ ଛୁଟୁଥିବା ଗୁରୁବାର ଦେଖିବାକୁ ମିଳିଥିଲା। ଦୁର୍ଗନ୍ଧମୟ ଗନ୍ଧରେ ଫାଟିପଡୁଛି ନାକ। ମାତ୍ର ପ୍ରଶାସନ ଦୃଷ୍ଟିରେ ପଡୁନାହିଁ। ଏଥିଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ପୁରୀ ପୌରସଂସ୍ଥା ଅନ୍ତର୍ଗତ ୧୬ ଓ ୧୭ନଂ ୱାର୍ଡର ଚୁଡ଼ଙ୍ଗ ସାହି ରାସ୍ତା ଦେଇ ଶ୍ରୀକୃଷ୍ଣ ସିନେମା ହଲ ଆସିବା ରାସ୍ତା ପାର୍ଶ୍ୱ ରାମଜୀ ମଠ ନିକଟରେ କିଛି ଦିନ ହେବ ଡ୍ରେନ୍ ପାଣି ରାସ୍ତାରେ ବୋହୁଛି। ଫଳରେ ରାସ୍ତା ଉପରେ ବିଭିନ୍ନ ମଇଳା ଭାସୁଛି ଏବଂ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀମାନେ ଯାତାୟାତ ଲାଗି ହଇରାଣ ହେଉଛନ୍ତି। ସେହିପରି ଉକ୍ତ ରାସ୍ତା ଦେଇ ଶ୍ରଦ୍ଧାଳୁମାନେ ମାର୍କଣ୍ଡେୟ ପୁଷ୍କରଣୀ ଓ ମାର୍କଣ୍ଡେଶ୍ୱର ମହାଦେବ ମନ୍ଦିର ଏବଂ ଶ୍ରୀମନ୍ଦିରକୁ ଯାଇଥାନ୍ତି। ତେବେ ରାସ୍ତାରେ ଡ୍ରେନ୍ ପାଣି ଓ ମଇଳା ଭାସୁଥିବାରୁ ସେମାନେ ଯାତାୟତ କରିବାକୁ ନାକ ଟେକୁଛନ୍ତି। ପର୍ଯ୍ୟଟକମାନେ ଏଭଳି ଅବସ୍ଥା ଦେଖି ଏକ ନକାରାତ୍ମକ ଭାବନା ନେଇ ଫେରୁଛନ୍ତି। ତେବେ ଉକ୍ତ ରାସ୍ତା ପାର୍ଶ୍ୱରେ ମଠ, ବିଦ୍ୟାଳୟ ରହିଛି। ଉକ୍ତ ରାସ୍ତା ଦେଇ ଯିବାକୁ ଛାତ୍ରୀଛାତ୍ର ଅମଙ୍ଗ ହେଉଛନ୍ତି। ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ଉକ୍ତ ସମସ୍ୟାକୁ ନେଇ ପୌରପାଳିକାକୁ ସ୍ଥାନୀୟ ଲୋକେ ଜଣାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇନାହିଁ। ଏ ନେଇ ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ସାହି ଲୋକେ ଡ୍ରେନ ପାଣିକୁ ସ୍ୱରେଜକୁ ଛାଡ଼ି ଦେଇଥିଲେ। ମାତ୍ର ଏବେ ସ୍ୱରେଜ ପକ୍ଷରୁ ଉକ୍ତ ଡ୍ରେନକୁ ବନ୍ଦ କରିଦିଆଯାଇଛି। ଫଳରେ ପାଣି ରାସ୍ତା ଉପରକୁ ବୋହିଆସୁଛି। ଉକ୍ତ ସ୍ଥାନରେ ଡ୍ରେନ ନିର୍ମାଣ ଦ୍ୱାରା ସମସ୍ୟାର ସମାଧାନ ହୋଇପାରିବ। ଦୁଇଦିନ ତଳେ କର୍ମଚାରୀମାନେ ଡ୍ରେନ୍ ସଫା କରାଯାଇଥିଲା। ଏ ସଂକ୍ରନ୍ତରେ ସାନିଟେଶନ୍ ଟିମ୍‌କୁ କୁହାଯାଇଛି। ସମସ୍ୟାର ସ୍ଥାୟୀ ସମାଧାନ ଲାଗି ପଦକ୍ଷେପ ନିଆଯାଉଛି।


ରାସ୍ତାରେ ବୋହୁଥିବା ଡ୍ରେନ ପାଣି ।

## ୯୦ ଭିନ୍ନକ୍ଷମଙ୍କୁ ପାଠ୍ୟ ଉପକରଣ ବଣ୍ଟନ

କଟକ ସଦର,(ଡି.ଏନ୍.ଏ.): ୪୨ ମୌଜା ଅନ୍ତର୍ଗତ ବେଲେଶ୍ୱର ବଧିର ବିଦ୍ୟାଳୟରେ ବୁଧବାର ନିଆରା ଢଙ୍ଗରେ ଗଣେଶ ପୂଜା ପାଳନ କରାଯାଇଥିଲା। ପୂଜା ପରେ କଟକ ସଦର ବ୍ଲକ ଅନ୍ତର୍ଗତ ହାଟସାହିର ନୂତନ ଆଶା ଫାଉଣ୍ଡେଶନ ତରଫରୁ ୯୦ ଜଣ ଭିନ୍ନକ୍ଷମ ପିଲାଙ୍କୁ ଖାତା, ପେନ୍‌ସିଲ୍, ବିସ୍କୁଟ, ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେଶନ ସଭାପତି ରୁଦ୍ରନାରାୟଣ ପଣ୍ଡା, ଉପ ସଭାପତି ପଙ୍କଜ ଦାଶ, ସମ୍ପାଦକ ବିଶ୍ୱଜିତ୍ ଦାଶ, ସହ ସମ୍ପାଦକ କିଶନ ଦାଶ ଓ କୋଷାଧ୍ୟକ୍ଷ ରିଶିକେଶ ପଣ୍ଡା ସାମିଲ ହୋଇଥିଲେ। ଆଗାମୀ ଦିନରେ ଏଭଳି ସେବାମୂଳକ କାର୍ଯ୍ୟ ଜାରି ରହିବ ବୋଲି ମାର୍ଗଦର୍ଶକ ସତ୍ୟବ୍ରତ ତ୍ରିପାଠୀ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

### କାଠଯୋଡ଼ି ନଦୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**କଟକ ସଦର,୧୯(ଡି.ଏନ୍.ଏ.):** କାଠଯୋଡ଼ି ନଦୀରେ ବୁଡ଼ି ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ କନ୍ଦରପୁର ଥାନା ଅନ୍ତର୍ଗତ ସିଦ୍ଧେଶ୍ୱରପୁର ଗ୍ରାମର ପ୍ରଭାତ ସାହୁ(୧୫)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୨୨) ରୁଜୁ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଗୁରୁବାର ପୂର୍ବାହ୍ନ ୧୧ଟାରେ ପ୍ରଭାତ ଅନ୍ୟ ୨ ସାଙ୍ଗଙ୍କ ସହ ନଦୀରେ ଗାଧୋଉଥିଲେ। ଏହି ସମୟରେ ହଠାତ୍ ଚୋରାବାଲିରେ ପ୍ରଭାତଙ୍କ ଦୁଇ ଗୋଡ଼ ପୋତି ହୋଇଯିବାରୁ ସେ ପାଣିରେ ବୁଡି ଯାଇଥିଲେ। ଗ୍ରାମବାସୀ ସେଠାରେ ବହୁ ଖୋଜାଖୋଜି କରିବା ପରେ ପ୍ରଭାତଙ୍କ ମୃତଦେହ ଉଦ୍ଧାର କରିଥିଲେ। ସୂଚନାଯୋଗ୍ୟ, ପ୍ରଭାତ ସ୍ଥାନୀୟ ଗୋପାଳ ସ୍ମୃତି ବିଦ୍ୟାପୀଠର ଛାତ୍ର ଥିଲେ।

### ସମସ୍ୟା ସମାଧାନ ପାଇଁ ଦାବିପତ୍ର

**କଟକ ସଦର,୧୯(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ଅଞ୍ଚଳରେ ଅନେକ ସମସ୍ୟା ରହିଛି। ଏହାର ସମାଧାନ ପାଇଁ ଉତ୍କଳ ବିକାଶ ପରିଷଦ ପକ୍ଷରୁ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଏକ ଦାବିପତ୍ର ପ୍ରଦାନ କରଯାଇଛି। ୪୨ ମୌଜା ମୁଖ୍ୟ ରାସ୍ତାର ନବୀକରଣ କାମ ସାରିବା, ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ପୂରଣ, ବର୍ଷାଜଳ ନିଷ୍କାସନ ପାଇଁ ମଲ୍ଲିଆଯୋରୀର ଖନନ, ବଳିବାମନ ପୀଠକୁ ସବୁ ଦିନିଆ ରାସ୍ତା ନିର୍ମାଣ ଭଳି ଅନେକ ସମସ୍ୟା ରହିଛି। ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ।

### ମହାନଦୀରେ ବୁଡ଼ି ବୃଦ୍ଧା ମୃତ

**ତିଗିରିଆ,୧୯(ଡି.ଏନ୍.ଏ.):** ମହାନଦୀରେ ବୁଡି ତିଗିରିଆ ଥାନା ଅନ୍ତର୍ଗତ ବଡ଼ନାଉପୁଟ ପଞ୍ଚାୟତ ବଉଳାଙ୍ଗ ଗ୍ରାମର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସ୍ୱର୍ଗତ ସତ୍ୟାନନ୍ଦ ମହାନ୍ତିଙ୍କ ସ୍ତ୍ରୀ ଦୁଃଖୀ ବେୱା (୮୦)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୦/୨୦୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୂଚନା ମୁତାବକ, ବେୱା ଗୁରୁବାର ଭୋର ସମୟରେ ଗାଁକୁ ଲାଗିଥିବା ମହାନଦୀ ତୁଠକୁ ଶୌଚ ହେବାକୁ ଯାଇ ପାଣିରେ ବୁଡି ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ପରେ ବୃଦ୍ଧା ନଦୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ବୃଦ୍ଧାଙ୍କ ମୃତଦେହକୁ ଜବତ କରିଥିଲେ।

# ‘ନୂଆଁଖାଇ ସଦ୍‌ଭାବନାର ପର୍ବ’

**କଟକ ଅଫିସ,୧୯**



ତେଲେଙ୍ଗାବଜାରସ୍ଥିତ ରଘୁନାଥଜୀଉ ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ କଟକ ତେଲେଙ୍ଗାବଜାରସ୍ଥିତ ରଘୁନାଥଜୀଉ ମନ୍ଦିର ପରିସରରେ ନୂଆଁଖାଇ ପର୍ବ ପାଳିତ ହୋଇଥିଲା। ଗଗନ ଚନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, ନୂଆଁଖାଇ କେବଳ ପଶ୍ଚିମ ଓଡ଼ିଶାର ଗଣପର୍ବ ନୁହେଁ ବରଂ ଏହା ସଦ୍‌ଭାବନାର ପର୍ବ। ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡା. ରବି ରଞ୍ଜନ ସାହୁ, ସମ୍ମାନିତ ବକ୍ତା ଭାବେ ପ୍ରଶାନ୍ତ ଦାସ, ସମ୍ପାଦକ ମାଧବ ମିଶ୍ର, ଅରୁଣା ସାମନ୍ତରାୟ, ବିଦ୍ୟୁତ୍ ଲାଲା, ଭୁବନାନନ୍ଦ ମହାନ୍ତି, ବୈଷ୍ଣବ ପରିଡ଼ା, ବିଚିତ୍ରାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାଧାରଣ ସମ୍ପାଦକ ଶ୍ୟାମ ସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

ସାରଳା ସାହିତ୍ୟ ସଂସଦ ଓ ଉତ୍କଳ ସାହିତ୍ୟ କଳାପରିଷଦର ମିଳିତ ଆନୁକୂଲ୍ୟରେ କଟକ ସାରଳାଭବନରେ ନୂଆଁଖାଇ ପର୍ବ ପାଳିତ ହୋଇଥିଲା। ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ନୂଆଁଖାଇ ଭେଟ୍‌ଘାଟ୍ ମାଧ୍ୟମରେ ଲୋକ ସମ୍ପର୍କକୁ ଅଧିକ ଦୃଢ଼ୀଭୂତ କରିପାରିବା। ଏଥିରେ ସମ୍ମାନିତ ଅତିଥି ଭାବେ କବି ଓ ପ୍ରଶାସକ ପ୍ରସନ୍ନ କୁମାର ଜେନା, ସମ୍ମାନିତ ବକ୍ତା ଭାବେ ପ୍ରଫେସର ନିରଞ୍ଜନ ତ୍ରିପାଠୀ, ପ୍ରଶାସକ ବଂଶୀଧର ରାଉତ ଓ ଅଧ୍ୟାପକ ଗୋପୀନାଥ ପଣ୍ଡା ଯୋଗ ଦେଇଥିଲେ। ପରିଷଦର ସାଧାରଣ ସମ୍ପାଦକ ତଥା ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁକବି ସ୍ୱର୍ଣ୍ଣଲତା ସିଂହସାମନ୍ତ, ହେମନ୍ତ ମହାରଣା, ଅଜିତ୍ ମହାପାତ୍ର, ବିଭୂତି ଭୂଷଣ ସାମଲ, ବିଜୟ କୁମାର ନାଥ, ମହେଶ୍ୱର ବିଶ୍ୱାଳ, ମନୋରଞ୍ଜନ ମହାପାତ୍ର, ପ୍ରୀତିମୟୀ ଦାସ ଉପସ୍ଥିତ ଥିଲେ। ଦୀନବନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ।

କଟକ ଶ୍ରୀରାମଚନ୍ଦ୍ର ଭବନରେ ନୂଆଁଖାଇ ପର୍ବ ଗୁରୁବାର ପାଳିତ ହୋଇଥିଲା। ଏଥିରେ ବକ୍ତାମାନେ ଯୋଗଦେଇ କହିଥିଲେ, ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଏହି ପର୍ବ ଆଜି ଓଡ଼ିଶା ପାଇଁ ନୂତନ ପରିଚୟ ସୃଷ୍ଟି କରିଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୀଳଚକ୍ର ଅନୁଷ୍ଠାନର ଅଧ୍ୟକ୍ଷା ନମିତା ପଣ୍ଡା, ସମ୍ମାନିତ ଅତିଥି ଭାବେ ଅରବିନ୍ଦ ଦାସ, କବି ପ୍ରତିଭା ଦାସ, ଧୀରେନ୍ଦ୍ର ନାଥ ନାୟକ, ହେମଲତା ସିଂହ, ସଂଗ୍ରାମ କେଶରୀ ସାମନ୍ତରାୟ, ଅରୁଣ ଅଗ୍ରୱାଲ, ସୁକୁମାର ସାମଲ, ଶଶିକାନ୍ତ ରାଉତ, ମୁରଲୀଧର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଅତିଥି ପରିଚୟ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

# ‘ଦେଶ ଗଠନରେ ବ୍ରତୀ ହୁଅନ୍ତୁ ଯୁବବର୍ଗ’

**ଖୁଣ୍ଟୁଣୀ,୧୯ (ଡି.ଏନ.ଏ)**

ଆଠଗଡ଼ ବ୍ଲକ କଣ୍ଡରେଇ ପଞ୍ଚାୟତ ଅଧୀନ ସତ୍ୟନାରାୟଣପୁର ଗ୍ରାମର ଭାଗବତ କୋଠଘର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ମହାଲକ୍ଷ୍ମୀପୁର ଗ୍ରାମରେ ଗଣପତି ଯୁବକ ସଂଘର ନୂତନ ଗୃହକୁ ମନ୍ତ୍ରୀ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ ଯୁବବର୍ଗ ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ, ସମିତି ସଭ୍ୟ ବିଶ୍ୱନାଥ ପୂର୍ତ୍ତି, ପଞ୍ଚାୟତ ବିଜେଡି ସଭାପତି କୁଳମଣି ବେଉରା ଏବଂ ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ରୋଜାଲିନ ବେହେରା ଯୋଗଦେଇଥିଲେ।

# ଆଉ ଜଣେ ଛାତ୍ରଙ୍କ ମୃତଦେହ ଜବତ

**ଫୁଲନଖରା,୧୯(ଡି.ଏନ୍.ଏ.)**

**କୁଆଖାଇରେ ୫ ସାଙ୍ଗ ବୁଡ଼ି ଯାଇଥିଲେ**

କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀସ୍ଥିତ କୁଆଖାଇ ନଦୀରେ ବୁଡି ନିଖୋଜ ହୋଇଯାଇଥିବା ଆଉ ଜଣେ ଛାତ୍ରଙ୍କ ମୃତଦେହ ଗୁରୁବାର ଉଦ୍ଧାର କରାଯାଇଛି। ସେ ହେଲେ ଭୁବନେଶ୍ୱର ପଟିଆ ଅଞ୍ଚଳର ରତୁ ରଞ୍ଜନ ମାଧି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏ ନେଇ ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୪/୨୨) ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ପଟିଆ ଅଞ୍ଚଳର ୫ଜଣ ଛାତ୍ର ମହାବୀର ପ୍ରସାଦ ଗୌଡ଼, ଶୁଭମ୍ ମହାନ୍ତି, ଲିପୁନା ରାଉତ, ରତୁ ରଞ୍ଜନ ମାଧି ଓ ଆଶୁତୋଷ ପାଲ୍ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଦୁଇଟି ସ୍କୁଟିରେ ଘରୁ ଟ୍ୟୁଶନ୍‌କୁ ଆସିଥିଲେ। ସେଠାରେ ଗଣେଶ ପୂଜା ସାରି ଅପରାହ୍ନ ପ୍ରାୟ ୧ଟାରେ କୁଆଖାଇ ନଦୀକୂଳକୁ ଯାଇଥିଲେ। ସେଠାରେ ଗାଧୋଉଥିବାବେଳେ ପାଣି ସ୍ରୋତରେ ଭାସିଯାଇଥିଲେ। ଏହି ସମୟରେ ମହାବୀର ଓ ଶୁଭମ୍ କୌଶଳକ୍ରମେ ନଦୀକୂଳକୁ ଆସି ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ଲୋକମାନେ ସେଠାରେ ପହଞ୍ଚି ଲିପୁନାଙ୍କୁ ଉଦ୍ଧାର କରିଥିଲେ। ଖବରପାଇ କଟକ ସଦର ପୋଲିସ, କଟକ ଓ ବାରଙ୍ଗ ଅଗ୍ନିଶମ କର୍ମଚାରୀ ଏବଂ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ୨ ଜଣଙ୍କୁ ଖୋଜାଖୋଜି କରିଥିଲେ। ଅପରାହ୍ନ ପ୍ରାୟ ସାଢେ ୫ଟାରେ କୁଆଖାଇ ନଦୀଘାଟର କିଛି ଦୂରରୁ ଆଶୁତୋଷଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ହେଲେ ରତୁଙ୍କ ପତ୍ତା ମିଳି ନ ଥିଲା। ଗୁରୁବାର ସକାଳେ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିବା ପରେ ରତୁଙ୍କ ମୃତଦେହ ନଦୀକୂଳରୁ ଏକ କିମି ଦୂର ଏକ ବାଲି ଢିପରୁ ଉଦ୍ଧାର କରିଥିଲେ।

# ଭଙ୍ଗାଯିବ ନାହିଁ ଖାନ୍‌ନଗର ଜଗନ୍ନାଥ ମନ୍ଦିର

**କଟକ ଅଫିସ,୧୯**



- ବସ୍ତି ଆଗକୁ ନିର୍ମାଣ ହେବ ବ୍ରିଜ
- ଥଇଥାନ ପରେ ଆରମ୍ଭ ହେବ କାର୍ଯ୍ୟ

କଟକ ଖାନ୍‌ନଗରସ୍ଥିତ ଜଗନ୍ନାଥ ମନ୍ଦିର ଭଙ୍ଗାଯିବ ନାହିଁ। ନିର୍ମାଣ ହେବାକୁ ଥିବା ୪ ଲେନ୍ ରାସ୍ତା ପାଇଁ ଉକ୍ତ ମନ୍ଦିର ନିକଟରୁ ବ୍ରିଜ୍ ନିର୍ମାଣ ହୋଇଥାନ୍ତା। ଫଳରେ ଉକ୍ତ ମନ୍ଦିର ଭଙ୍ଗାଯିବ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଏହି ମନ୍ଦିର ଭଙ୍ଗାଯିବନି। ଏହାର ପାର୍ଶ୍ୱ ଦେଇ ରାସ୍ତା ନିର୍ମାଣ କରାଯିବ। କେବଳ ସେଠାରେ ଥିବା ପ୍ରାୟ ୨୦୦ ପରିବାରକୁ ସ୍ଥାନାନ୍ତର କରାଯିବ। ଏଥିପାଇଁ ବସ୍ତିବାସିନ୍ଦାଙ୍କୁ ସହାୟତା ରାଶି ପ୍ରଦାନ ସହ ଥଇଥାନ ବ୍ୟବସ୍ଥା କରାଯିବ ବୋଲି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ କହିଛନ୍ତି। ସୂଚନାଯୋଗ୍ୟ, ଖାନ୍‌ନଗରରେ ନୂତନ ନେତାଜୀ ବସ୍ ଟର୍ମିନାଲ କାର୍ଯ୍ୟ ଜାରି ରହିଛି । ବସ୍‌ଷ୍ଟାଣ୍ଡକୁ ଲାଗି ରିଂରୋଡ୍ ସମ୍ପ୍ରସାରଣ କରାଯିବା ପାଇଁ ସ୍ଥିର ହୋଇଥିଲା। ଏଥିପାଇଁ ବସ୍ ଟର୍ମିନାଲ ସମ୍ମୁଖରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପୋତା ହୋଇ ରାସ୍ତା ନିର୍ମାଣ ହେବ। ଉକ୍ତ ସ୍ଥାନରେ ଥିବା ଦୋକାନ, ବସ୍ତି ଓ ମନ୍ଦିରକୁ ସର୍ଭେ କରିବା ପାଇଁ ସିଏମ୍‌ସିକୁ ଦାୟିତ୍ୱ ଦିଆଯାଇଥିଲା। ଇତିମଧ୍ୟରେ ସର୍ଭେ ଶେଷ ହୋଇଛି। ବସ୍ ଟର୍ମିନାଲ ସମ୍ମୁଖରୁ ବସ୍ତି ଶେଷ ପର୍ଯ୍ୟନ୍ତ ସ୍ଥାନ ପୋତାଯାଇ ରାସ୍ତା ନିର୍ମାଣ କରାଯିବ। ବସ୍ତିର ଶେଷ ମୁଣ୍ଡରୁ ଆଗକୁ ବ୍ରିଜ୍ ନିର୍ମାଣ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

# ଜଷ୍ଟିସ ଦେବପ୍ରିୟ ମହାପାତ୍ରଙ୍କ ବିୟୋଗରେ ଶୋକସଭା

**କଟକ ଅଫିସ,୧୯**

ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ତଥା ଓଡ଼ିଶା ମାନବିକ ଅଧିକାର ଆୟୋଗର ପ୍ରଥମ ଅଧ୍ୟକ୍ଷ ଜଷ୍ଟିସ ଦେବପ୍ରିୟ ମହାପାତ୍ରଙ୍କ ବିୟୋଗରେ ଦି ଲ କଲେଜ ପୁରାତନ ଛାତ୍ର ସଂଘ ପକ୍ଷରୁ କଟକ ମହାନଦୀବିହାରସ୍ଥିତ ସଭାଗୃହରେ ଏକ ଶୋକସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଡ. ଟହଲି ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ବିଭୁପ୍ରସନ୍ନ ମହାପାତ୍ର ଯୋଗଦେଇ ଜଷ୍ଟିସ ମହାପାତ୍ରଙ୍କ ବିୟୋଗରେ ଆଇନ ଜଗତରେ ବିରାଟ କ୍ଷତି ହେଲା ବୋଲି କହିଥିଲେ। ମୁଖ୍ୟ ପରାମର୍ଶଦାତା ଏସ୍. କେ. ରାୟ, ପରାମର୍ଶଦାତା ପୂର୍ଣ୍ଣଚନ୍ଦ୍ର ମଙ୍ଗରାଜ, ଡ. କୈଳାସ ଚନ୍ଦ୍ର ଦାଶ, ରଣଜିତ୍ କୁମାର ମହାପାତ୍ର, ଗୋକୁଳାନନ୍ଦ ପଟ୍ଟନାୟକଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ଜଷ୍ଟିସ ମହାପାତ୍ରଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଆହତ ମହିଳାଙ୍କୁ ମେଡିକାଲ ନେଲେ ଆର୍‌ପିଏଫ୍

**କଟକ ଅଫିସ,୧୯**

**ଟ୍ରେନ୍‌ରୁ ଖସି ରେଳଧାରଣା ପାର୍ଶ୍ୱରେ ପଡ଼ିଥିଲେ**

ରେଳଧାରଣା ପାର୍ଶ୍ୱରେ ପଡ଼ିଥିବା ଜଣେ ଆହତ ମହିଳାଙ୍କୁ ବୁଧବାର ବିଳମ୍ବିତ ରାତିରେ କଟକ ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) କର୍ମଚାରୀ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେ ହେଲେ ତାଳଚେର ଅଞ୍ଚଳର ମହମ୍ମଦ ଜମିଲଙ୍କ ସ୍ତ୍ରୀ ଜମିଲା ବାନୋ। ମିଳିଥିବା ସୂଚନା ଅନୁସାରେ, ପୁରୀ-ତାଳଚେର ଟ୍ରେନ୍‌ରେ ଯାତ୍ରା କରୁଥିବାବେଳେ ମାଛପୁର ଓ ରାଜା ଆଠଗଡ଼ ଷ୍ଟେଶନ ମଧ୍ୟବର୍ତ୍ତି ସ୍ଥାନରେ ମହିଳା ଜଣଙ୍କ ଖସି ପଡ଼ି ଆହତ ହୋଇଥିଲେ। ଖବରପାଇ ଆର୍‌ପିଏଫ୍ କର୍ମଚାରୀମାନେ ମହିଳାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ଏହି ସମୟରେ ପାଖରେ ତାଙ୍କର ସ୍ୱାମୀ ଥିଲେ। ଗୁରୁବାର ସନ୍ଧ୍ୟାରେ ମହିଳା ଜଣକ ମେଡିକାଲରୁ ଡିସ୍‌ଚାର୍ଜ ହୋଇ ଘରକୁ ଯାଇଥିବା ଜଣାଯାଇଛି। ତେବେ ମହିଳା ଜଣକ ଟଏଲଟ୍ ଯାଇଥିବା ସମୟରେ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲେ। ଏହି ଦମ୍ପତି ତାଙ୍କ ଝିଅର ଚିକିତ୍ସା ପାଇଁ ପ୍ରତି ମାସରେ ତାଳଚେରରୁ ଏସ୍‌ସିବି ମେଡିକାଲକୁ ଆସି ପୁଣି ସେହିଦିନ ଫେରିଥାନ୍ତି ବୋଲି ଆରପିଏଫ୍ ଆଇଆଇସି ଅନୀଲ ସିଂହ ସୂଚନା ଦେଇଛନ୍ତି।

# ମଣ୍ଡପରେ ବିଘ୍ନନାଶନଙ୍କ ପୂଜା


କଟକ ପୋତାପୋଖରୀସ୍ଥିତ ସଂଗ୍ରାମ କ୍ଲବ।


ଝାଞ୍ଜିରୀମଙ୍ଗଳା ତ୍ରିନାଥ ବଜାର ପୂଜା କମିଟି।


ମଙ୍ଗଳାବାଗସ୍ଥିତ ବୁଢ଼ୀ ମଙ୍ଗଳା କ୍ଲବ।


ବକ୍ସିବଜାରସ୍ଥିତ କ୍ଲବ ଆଣ୍ଡ କ୍ଲବ।


ବାଙ୍କୀ।


ଖୁଣ୍ଟୁଣୀସ୍ଥିତ ଘଣ୍ଟିଖାଲ ତଳସାହି ପୂଜା କମିଟି।


କଣ୍ଟାପଡ଼ା ବ୍ଲକ ଓଳଟପୁରସ୍ଥିତ ଏସ୍.ଭି. ନିର୍‌ତାର।


ତିଗିରିଆସ୍ଥିତ ପାଞ୍ଚଗାଁ ଦିବ୍ୟଜ୍ୟୋତି ଆସୋସିଏଶନ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ନିରାକାରପୁର,୧୧ା୯(ଡି.ଏନ୍.ଏ.):ଜଙ୍କିଆ ଥାନା ଅଧୀନ ଛଣରିରି ପଞ୍ଚାୟତ ରମାବିଲି ଟାଙ୍ଗୀ ସାହିରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଗୁରୁବାର ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ପ୍ରକାଶ ପ୍ରଧାନଙ୍କ ଝିଅ ଆରାଧା ପ୍ରଧାନ(୧ବର୍ଷ ୧୧ ମାସ)। ସୂଚନା ମୁତାବକ, ପରିବାର ଲୋକଙ୍କ ଅଜାଣତରେ ସକାଳେ ଆରାଧା ଘରୁ କେଉଁଆଡ଼େ ପଳାଇଥିଲେ। ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଅପରାହ୍ନ ପ୍ରାୟ ୨ଟାରେ ଘର ପାଖରୁ ପ୍ରାୟ ୮୦୦ମିଟର ଦୂରରେ ଏକ ପୋଖରୀରେ ଆରାଧାଙ୍କ ମୃତଦେହ ଭାସୁଥିବା ପରିବାର ଲୋକେ ଖବରପାଇ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଏନେଇ ପ୍ରକାଶଙ୍କ ଅଭିଯୋଗକ୍ରମେ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୬/୨୨) ରୁଜୁ ହୋଇଛି। ତେବେ ଆରାଧା ଏତେ ବାଟ କିପରି ଗଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଯୁବକଙ୍କ କ୍ଷତାକ୍ତ ମୃତଦେହ ଜବତ

**ହତ୍ୟା ସନ୍ଦେହ, ସାଇକେଲ ଓ ମୋବାଇଲ ଜବତ**

ଯାଁଳା,୧୧ା୯(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ପୋଲିସ ଗୁରୁବାର ସକାଳେ ମଦନପୁର ପଞ୍ଚାୟତ ଜାଗସରା ନିକଟରୁ କ୍ଷତାକ୍ତ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୪୦ରୁ ୪୫ ବର୍ଷ ହେବ। ପୋଲିସ ମୃତକଙ୍କ ପକେଟରୁ ଏକ ମୋବାଇଲ ଫୋନ, ଶହେ ଟଙ୍କା ଓ ନିକଟରେ ପଡ଼ିଥିବା ଏକ ସାଇକେଲ ଜବତ କରିଛି। ତାଙ୍କୁ କେହି ହତ୍ୟା କରି ଏଠାରେ ଫୋପାଡ଼ି ଦେଇଥିବା ପୋଲିସ ଅନୁମାନ କରୁଛି। ସୂଚନା ମୁତାବକ, ଜାଗସରା ନିକଟ ଏକ ପଡ଼ିଆରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହା ପରେ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ତେବେ ମୃତକଙ୍କ ପରିଚୟ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ଝୁଲନ୍ତା ମୃତଦେହ ଜବତ

ବାଣପୁର,୧୧ା୯(ଡି.ଏନ୍.ଏ.): ବାଣପୁର ଥାନା ଅଧୀନ ଦୁଲଣୀ ଗ୍ରାମ ନିକଟରୁ ଝୁଲନ୍ତା ଅବସ୍ଥାରେ ଗୁରୁବାର ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ସେ ହେଲେ ଏହି ଗ୍ରାମର ସୂର୍ଯ୍ୟ ନାରାୟଣ ମିଶ୍ର (୫୫)। ଦୀର୍ଘଦିନ ହେବ ମିଶ୍ର କର୍କଟ ରୋଗରେ ପୀଡ଼ିତ ଥିଲେ। ଯନ୍ତ୍ରଣା ସହି ନ ପାରି ସେ ଆତ୍ମହତ୍ୟା କରିଥିବା ଥାନାଧିକାରୀ ଜୟ ପ୍ରକାଶ ପରିଡା କହିଛନ୍ତି। ମୃତଦେହ ନିକଟରେ ପଡିଥିବା ବ୍ୟାଗରୁ ଏକ ସୁଇସାଇଡ ନୋଟ ଜବତ ହୋଇଛି। ସୂଚନାଥାଉ କି, ଗତ ସୋମବାର ସକାଳେ ଏହି ଥାନା ଅଧୀନ ସତ୍‌ସଙ୍ଗ ବିହାର ନିକଟରୁ ପୋଲିସ ଝୁଲନ୍ତା ଅବସ୍ଥାରେ ଏକ ମୃତଦେହ ଜବତ କରିଥିଲା। ତେବେ ତିନି ଦିନ ବିତି ଯାଇଥିଲେ ମଧ ମୃତଦେହର ପରିଚୟ ମିଳି ପାରିନାହିଁ।

### ଶୁଖିଲା ଖାଦ୍ୟ ବଣ୍ଟନ

ଯାଁଳା/ଜଟଣୀ,୧୧ା୯(ଡି.ଏନ୍.ଏ.): ଚଳିତ ବନ୍ୟା ଯୋଗୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହି ସମୟରେ ଅନେକ ଅନୁଷ୍ଠାନ ସହଯୋଗର ହାତ ବଢ଼ାଇଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ଉତ୍କଳ ସେବା ଅନୁଷ୍ଠାନର ସଭ୍ୟମାନେ ବନ୍ୟା ପ୍ରଭାବିତ ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଅଣ୍ଡା ପଞ୍ଚାୟତର ଲୋକମାନଙ୍କୁ ସୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଅନୁଷ୍ଠାନର ସଭ୍ୟ ଅଶୋକ କୁମାର ମଙ୍ଗରାଜ, ନିରୋଜ କୁମାର ମହାନ୍ତି, ପୂର୍ଣ୍ଣ ଚନ୍ଦ୍ର ସେଠୀ, ଜୟଲକ୍ଷ୍ମୀ ଚମ୍ପତି, ବୀରଞ୍ଚି ନାରାୟଣ ମହାନ୍ତି, ସୋମନାଥ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଜଟଣୀ ବ୍ଲକ ଅଧୀନ ତିରିମଲ ପଞ୍ଚାୟତର ବୁଢ଼ଙ୍ଗରା ଏବଂ ଜୋରକଣି ଗ୍ରାମର ବନ୍ୟା ପୀଡିତଙ୍କୁ ଜଟଣୀ ପୌରାଞ୍ଚଳର ଗାନ୍ଧୀନଗରର ସାଇ ସୁଭଦ୍ରା ମହିଳା ଆଞ୍ଚଳିକ ମହାସଂଘ ପକ୍ଷରୁ ଶୁଖିଲା ଖାଦ୍ୟ ସହିତ ମହମବତି ପ୍ରଦାନ କରାଯାଇଛି। ସଭାନେତ୍ରୀ ସସ୍ମିତା ମହାପାତ୍ରଙ୍କ ନେତୃତ୍ୱରେ ସୁଭଦ୍ରା ମା'ମଙ୍ଗଳା, ଉଗ୍ରତାରା, ଦକ୍ଷିଣ କାଳୀ, ପଦ୍ମାଳୟ, ମହାଲକ୍ଷ୍ମୀ, ଶ୍ରୀଗଣେଶ, ତାରିଣୀ, ତ୍ରିଶକ୍ତି, ରାଜଲକ୍ଷ୍ମୀ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ସହଯୋଗ କରିଥିଲେ।


ଜଟଣୀ ବଡ଼ବଜାର ମାର୍କେଟ ବ୍ୟବସାୟୀ ସଂଘ ପକ୍ଷରୁ ପୂଜା ପାଉଥିବା ଗଜାନନଙ୍କ ମୂର୍ତ୍ତି।


**ମୁକୁନ୍ଦପ୍ରସାଦ:**ମା'ଗ୍ରାମ ଦେବତୀ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ଗଣେଶ ପୂଜା।


ନବୀନାବାଘ ବକ୍ସି ଜଗବନ୍ଧୁ କ୍ଲବ ପକ୍ଷରୁ ପୂଜା ପାଉଥିବା ଗଜାନନ।


**ଜଟଣୀ:** ଗୋଲେଇ ମାର୍କେଟ ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ଗଣେଶ ପୂଜା।


ନୀଳଚକ୍ର ମାର୍କେଟ ବ୍ୟବସାୟୀ ସଂଘ।


ମାଛ ଏବଂ ପରିବାର ମାର୍କେଟ ବ୍ୟବସାୟୀ ସଂଘ।

# ଗଜାନନଙ୍କ ଆବାହନରେ ଝଲସୁଛି ସହର

**ଖୋର୍ଦ୍ଧା ଅଫିସ/ଜଟଣୀ, ୧୧ା୯ (ଡି.ଏନ୍.ଏ.) :**

ଶ୍ରୀଗଣେଶ ପୂଜା ଉତ୍ସବର ଗୁରୁବାର ଦ୍ୱିତୀୟ ଦିନରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଖୋର୍ଦ୍ଧା ଏବଂ ଜଟଣୀର ବିଭିନ୍ନ ପୂଜା ପେଣ୍ଡାଲଗୁଡ଼ିକରେ ଗହଳି ପରିଲକ୍ଷିତ ହୋଇଥିଲା। ଆକର୍ଷଣୀୟ ତୋରଣ, ଲାଇଟ ଗେଟ ସହ ରଙ୍ଗିନ ଆଲୋକମାଳାରେ ପୂଜାମଣ୍ଡପ ଗୁଡିକ ଝଲସୁଛି। ସନ୍ଧ୍ୟା ଆଳତୀ ଦର୍ଶନ ଲାଗି ପୂଜାମଣ୍ଡପରେ ଭିଡ ଜମୁଛି। ଖୋର୍ଦ୍ଧା ସହରରେ ୨୦ଟି ପୂଜାମଣ୍ଡପରେ ପୂଜା ପାଉଛନ୍ତି ଶ୍ରୀଗଣେଶ। ନବୀନାବାଗ ସ୍ଥିତ ବକ୍ସି ଜଗବନ୍ଧୁ କ୍ଲବ, ଲକ୍ଷ୍ମୀନୃସିଂହ ମନ୍ଦିର ନିକଟରେ ଗଣେଶ ପୂଜା କମିଟି, ପଲ୍ଲା ମା'ବରୁଣେଇ କ୍ଲବ, ଭାଲିଆବାଡି ଯୁବକ ସଂଘ, ନୂଆ ବସଷ୍ଟାଣ୍ଡ ମାର୍କେଟ ଛକ, ନୂଆ ବସଷ୍ଟାଣ୍ଡ ରୋଡ, ବିଡିଏ କଲୋନୀ ଠାରେ ଗଜାନନ ପୂଜା କମିଟି, ଗୁରୁଜଙ୍ଗ ହାଉସିଂବୋର୍ଡ ଠାରେ ଜୟୀ ରାଜଗୁରୁ କ୍ଲବ, ଦେୱାନ ସାହି ଆଖଡା ଘର ପୂଜା କମିଟି, ମଝି ସାହି ଗଣେଶ ପୂଜା କମିଟି, ମୁକନ୍ଦପ୍ରାସଦ ବଉଳ ସାହି ମା'ଗ୍ରାମଦେବତୀ ପୂଜା କମିଟି, ଗୋଡିପୋଖରୀ ସାହି, ଉପରସାହି, ବାସେଳି ସାହି, ଠେଙ୍ଗାହାଟ, ମହିଳା ମହାବିଦ୍ୟାଳୟ ରୋଡ ମହାବୀର ୟୁଥ କ୍ଲବ, ଶ୍ରୀରାମ ନଗର, ଶାଗୁଆନ ବଗିଚା ଆଦି ମଣ୍ଡପରେ ଧୂମଧାମରେ ଚାଲିଛି ଗଜାନନଙ୍କ ପୂଜା। ପୂଜାମଣ୍ଡପ ଗୁଡିକରେ ଯୁବତୀ, ଯୁବକ ମାନେ ସେଲ୍ଫି ନେଉଥିବା ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁଙ୍କୁ ଆକର୍ଷିତ ଲାଗି ବିଭିନ୍ନ ପୂଜାମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଆକର୍ଷଣୀୟ ମୂର୍ତ୍ତି, ସାଜସଜ୍ଜା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଛି ନବୀନାବାଗର ବକ୍ସି ଜଗବନ୍ଧୁ କ୍ଲବ। ୧୫ଫୁଟର ନଟରାଜ ବେଶରେ ଦର୍ଶନ ଦେଉଛନ୍ତି ଶ୍ରୀଗଣେଶ। ଆସନ୍ତାକାଲି ଠାରୁ ଏଠାରେ ୩ଦିନ ବ୍ୟାପୀ ଗଣପତି ମହୋତ୍ସବ ଆୟୋଜନ କରାଯିବ। ଓଡ଼ିଶୀ, ସମ୍ବଲପୁରୀ, ଭାଙ୍ଗେଡା, ଆସାମ ବିହୁ ତଥା ଲୋକନୃତ୍ୟ ପରିବେଷଣ କରାଯିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ପ୍ରିୟବ୍ରତ ବାରିକ ସୂଚନା ଦେଇଛନ୍ତି। ପିଲାଙ୍କ ପାଇଁ ମିକି ମାଉସ ଆକର୍ଷଣ ସାଜିଛି। ଛୋଟ ପିଲାଙ୍କ ଏଠାରେ ଭିଡ ଜମୁଛି।


ଜଟଣୀ ପୋଷ୍ଟ ଅଫିସ ବ୍ୟବସାୟୀ ସଂଘ ପକ୍ଷରୁ ନିର୍ମିତ ବାହୁବଳୀ ଲାଇଟ୍ ଗେଟ୍।

### ମନମୋହୁଛି ସାଂସ୍କୃତିକ କାର୍ଯ୍ୟକ୍ରମ



କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଉଛି।

ଖୋର୍ଦ୍ଧା ବିଡିଏ କଲୋନୀ ଠାରେ ଗଜାନନ ପୂଜା କମିଟି ପକ୍ଷରୁ ବିଘ୍ନରାଜଙ୍କ ପୂଜା ଅବସରରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ବିଦ୍ୟାଧର ରାଉତ, ପ୍ରମୋଦ ପୃଷ୍ଟି, ଅଶ୍ୱିନୀ କୁମାର ନନ୍ଦ ଓ ଈଶ୍ୱର ଚନ୍ଦ୍ର ପରମଗୁରୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କଣ୍ଠଶିଳ୍ପୀ ମାନେ ଶ୍ରୀଜଗନ୍ନାଥ, ଗଣେଶଙ୍କ ଭକ୍ତି ସଙ୍ଗୀତ ଗାନ କରିଥିଲେ। କମିଟି ସଂଯୋଜକ ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ ଏଠାରେ ଗଣେଶ ପୂଜା ଆୟୋଜିତ ହୋଇ ଆସୁଛି। ସାମାଜିକ କର୍ମୀ ଶୁଭ୍ରାଂଶୁ ଶେଖର ସାମନ୍ତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଜଟଣୀର ବିଭିନ୍ନ ମଣ୍ଡପରେ ରୀତିନୀତିରେ ପୂଜା ପାଉଛନ୍ତି ପ୍ରଭୁ ଗଜାନନଙ୍କ ସହିତ ମା'ଲକ୍ଷ୍ମୀ ଏବଂ ଦେବୀ ସରସ୍ୱତୀ। ଜଟଣୀ ସହର ଓ ଏହାର ଆଖପାଖ ଅଞ୍ଚଳର ଶତାଧିକ ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ରଙ୍ଗବେରଙ୍ଗର ସୁ ଉଚ୍ଚ ଡିଜିଟାଲ ଲାଇଟ, ନଭସ୍ପର୍ଶୀ ତୋରଣ ଦର୍ଶକଙ୍କୁ ଆକୃଷ୍ଟ କରୁଛି। ସ୍ଥାନୀୟ କୁଦିଆରୀ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ମୀନାବଜାରରେ ପ୍ରବଳ ଜନସମାଗମ ହୋଇଥିଲା। ଥାନା ଛକ ନିକଟରେ କୋଣାର୍କ ଗଣନାଟ୍ୟ ଯାତ୍ରା ପାର୍ଟି, ପୋଷ୍ଟ ଅଫିସ ଛକ ଗଣେଶ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଜନସମାଗମ ହୋଇଥିଲା। ରେଳ କର୍ମଚାରୀ ସଂଘ ଏବଂ ସ୍ଥାନୀୟ ପୋଷ୍ଟ ଅଫିସ ଛକ ବ୍ୟବସାୟୀ ସଙ୍ଘ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ଷ୍ଟଲରେ ଲୋକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା।

## ଆଦର୍ଶ ବ୍ୟାୟାମଶାଳା ଉଦ୍‌ଘାଟିତ

**ଜଟଣୀ,୧୧ା୯(ଡି.ଏନ୍.ଏ.):**

ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ପକ୍ଷରୁ ଏକ ଆଦର୍ଶ ବ୍ୟାୟାମଶାଳା ଉଦ୍‌ଘାଟିତ ହୋଇଯାଇଛି। ୱାର୍ଡ ନମ୍ବର ୧୭ ଟ୍ରାଫିକ କଲୋନୀସ୍ଥିତ ଇଣ୍ଡୋର ଷ୍ଟାଡିୟମ ପରିସରରେ ଉକ୍ତ ବ୍ୟାୟାମଶାଳା ଆରମ୍ଭ ହୋଇଛି। ଶାରୀରିକ ସୁସ୍ଥତା ହେଉଛି ଖୁସିର ପ୍ରଥମ ଆବଶ୍ୟକତା। ଏହି ଲକ୍ଷ୍ୟ ସହିତ ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏଶନ, ଖୋର୍ଦ୍ଧା ରୋଡ ଦ୍ୱାରା ରେଳ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କୁ ଶାରୀରିକ ଭାବେ ସୁସ୍ଥ, ସକ୍ରିୟ ଏବଂ ଖୁସି ରଖିବା ପାଇଁ ଟ୍ରାଫିକ୍ କଲୋନୀ ଅନ୍ତର୍ଗତ ଇନଡୋର ବ୍ୟାଡମିଟନ୍ କୋର୍ଟରେ ଏକ ଆଦର୍ଶ ବ୍ୟାୟାମଶାଳା ଖୋଲାଯାଇଛି. ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ ରିଂକେଶ ରୟ ଏବ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମହିଳା କଲ୍ୟାଣ ସଙ୍ଗଠନ ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା ଏହି ବ୍ୟାୟାମଶାଳାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅମିତେଶ ଆନନ୍ଦ, ଅନ୍ୟ ଶାଖା ଅଧିକାରୀ ଏବଂ ପୂର୍ବତଟ ରେଳୱେ ମହିଳା କଲ୍ୟାଣ ସଙ୍ଗଠନର ସଦସ୍ୟ ଉପସ୍ଥିତ ଥିଲେ।



ବ୍ୟାୟାମଶାଳା ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।

## ସଂପୁର ଗ୍ରାମବାସୀ ପାଳିଲେ ନୂଆଁଖାଇ

**ବୋଲଗଡ଼,୧୧ା୯(ଡି.ଏନ୍.ଏ.):**

କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ। ବିଶେଷକରି ପଶ୍ଚିମ ଓଡ଼ିଶାରେ ଏହି ପର୍ବ ଆନନ୍ଦର ସହ ପାଳନ କରାଯାଇଥାଏ। ସେହିପରି ପୂର୍ବ ଓଡ଼ିଶାରେ ମଧ ଏହି ପର୍ବ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମବାସୀ ନୂଆଁଖାଇ ପର୍ବକୁ ମହାଆଡ଼ମ୍ବରରେ ରୀତିନୀତି ଅନୁଯାୟୀ ଗୁରୁବାର ପାଳନ କରିଛନ୍ତି। ଜ୍ୟୋତିଷଙ୍କ ଦ୍ୱାରା ନୂଆଁଖାଇ ଭୋଗ ଲାଗି ସମୟ ନିର୍ଘଣ୍ଟ ଅନୁସାରେ ପୂଜାପାଠ ପରେ ପ୍ରସ୍ତୁତ ନବାହ୍ନ ପ୍ରସାଦକୁ ଗ୍ରାମବାସୀ ବାଲୁଙ୍କେଶ୍ୱର ମନ୍ଦିରରୁ ଆଣି ସମସ୍ତ ପରିବାର ଏକାଠି ହୋଇ ନୂତନ ବସ୍ତ୍ର ପରିଧାନ ପୂର୍ବକ ମିଳିତ ଭାବେ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ଗ୍ରାମର ସମସ୍ତ ଦେବଦେବୀଙ୍କ ନିକଟରେ ଭୋଗ ଲାଗି କରାଯାଇଥିଲା। ବାଲୁଙ୍କେଶ୍ୱର ମନ୍ଦିରଠାରେ ବିଧି ଅନୁସାରେ ସ୍ୱର୍ଗତ ପଦ୍ମ ଚରଣ ଦେଓ ମହାପାତ୍ରଙ୍କ ପରିବାର ନୂଆଁଖାଇ ଗଣପର୍ବର ପରିଚାଳନା କରିଥିଲେ। ଗ୍ରାମରେ ଥିବା ପୁରାତନ ମଠ କୁଞ୍ଜ ବିହାରି ଦେବ, ପଥର ଚକଡା ହନୁମାନ ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର, ନୟାପାଟଣା ସ୍ଥିତ ରଘୁନାଥ ମନ୍ଦିର, ବାଉତୀ ଠାକୁରାଣୀ ମନ୍ଦିରରେ ପ୍ରସାଦ ଲାଗି କରାଯାଇଥିଲା। ଏହି ପର୍ବ ପାଳନକୁ ପୂଜକ ହୃଦାନନ୍ଦ ପଣ୍ଡା, ଗୁଗୁନା ଦାସ, ଲୁଲୁ ମିଶ୍ର, ମଦନ ମାଳି, ଜିତୁନି ଦେଓ ପ୍ରମୁଖ ପରିଚାଳନା କରିଥିଲେ। ନୂଆଁଖାଇ ଭେଟଘାଟ ପର୍ବରେ ଯୋଗଦେଇଥିବା ବ୍ୟକ୍ତିବିଶେଷ ଓ ଗଣମାଧ୍ୟମର ପ୍ରତିନିଧିଙ୍କୁ ଗ୍ରାମ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅଜୟ ମହାନ୍ତି, ନିରଞ୍ଜନ ନାୟକ, ଚିତ୍ତରଞ୍ଜନ ମିଶ୍ର, ରାମଚନ୍ଦ୍ର ଜୟସିଂହ, ପ୍ରମୋଦ ଚୌଧୁରୀ, ରାଜେନ୍ଦ୍ର ସାହୁ, ପ୍ରଶାନ୍ତ ଜେନା, ଆଲୋକ କୁମାର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ, ସଂପୁର ଗ୍ରାମ ରାଜାରାଜୁଡ଼ା ସମୟରୁ ପାଞ୍ଚଗଡ଼ ନାମକ ରାଜ୍ୟର ରାଜଧାନୀ ଥିଲା। ୧୭୦୦ ମସିହାରେ ପୁରୀ ରାଜା ତାଙ୍କର ଝିଅ ତଥା ସମ୍ବଲପୁର ରାଣୀ ମୁକ୍ତା ଦେଈଙ୍କୁ ଏହି ପାଞ୍ଚଗଡ ରାଜ୍ୟକୁ ବିବାହ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପାଞ୍ଚଗଡ ଶାସିକା ମୁକ୍ତା ଦେଈ ସେବେଠାରୁ ସମ୍ବଲପୁର ପରମ୍ପରା ଅନୁସାରେ ନୂଆଁଖାଇ ପର୍ବକୁ ପାଳନ କରିଆସୁଥିବା ବେଳେ ଯାହାକି ଏବେବି ସଂପୁର ଗ୍ରାମବାସୀ ଆନନ୍ଦ ଉଲ୍ଲାସର ସହ ପାଳନ କରି ଆସୁଛନ୍ତି।


ନୂଆଁଖାଇ ଲାଗି ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି।

## ସଂକ୍ଷେପରେ

### ବେଆଇନ ମୋରମ ଚାଲାଣ, ୪ ଗିରଫ

୪ ହାଇୱା ଜବତ

ଟାଙ୍ଗୀ(ଖୋର୍ଦ୍ଧା),୧୧୯(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳରେ ମାଙ୍କଡ଼ା ପଥର, ମୋରମ ଚୋରା ଚାଲାଣ ବଢ଼ିଚାଲିଛି। ବାରମ୍ବାର ପ୍ରଶାସନର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ଏହି ଥାନା ଅଧୀନ ଭୂଷଣ୍ଡପୁର ଅଞ୍ଚଳରେ ଗୁରୁବାର ପୋଲିସ ଚଢ଼ାଉ କରି ୪ଟି ମୋରମ ଭର୍ତ୍ତି ହାଇୱା ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗାଡ଼ି ଚାଳକ ଗଞ୍ଜାମ ଜିଲା ଚିରିକପଡା ଶାସନର ବସନ୍ତ କୁମାର ପ୍ରଧାନ, ଝାଡ଼ଖଣ୍ଡ ରାଜ୍ୟର ପଙ୍କଜ କୁମାର ଯାଦବ, ବେଗୁନିଆ ଥାନା ଅଧୀନ ସାମନ୍ତରାପୁରର ନିବାସ ସାମନ୍ତରାୟ, ମଧ୍ୟପ୍ରଦେଶ ରାଜ୍ୟର ରାଜ କୁମାର ରାଓ୍ୱତ। ବେଆଇନ ଭାବେ ଖଣି ଖନନ କରାଯାଇ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ଗାଡ଼ିରେ ମୋରମ ଚାଲାଣ କରାଯାଉଥିବା ଜଣାପଡିଛି। ଏନେଇ ଥାନାରେ ଦୁଇଟି ମାମଲା (୪୮୪, ୪୮୫/୨୨) ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ କହିଛନ୍ତି।

### ୟଙ୍ଗ ଉତ୍କଳ, ଫ୍ରେଣ୍ଡ୍‌ସ ପାରାଡାଇଜ ଜୁନିୟର ବିଜୟୀ

ମଦନପୁର ଫୁଟବଲ ଲିଗ୍ ଟୁର୍ନାମେଣ୍ଟ

ଯାଁଳା,୧୧୯(ଡି.ଏନ୍.ଏ.): ମଦନପୁରୁ ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟବଲ ଲିଗ୍ ଟୁର୍ନାମେଣ୍ଟର ଗୁରୁବାର ୟଙ୍ଗ ଉତ୍କଳ ଭୁବନେଶ୍ୱର ଏବଂ ଖଣ୍ଡଗିରି ଫୁଟବଲ କ୍ଲବ ଜାଗମରା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୟଙ୍ଗ ଉତ୍କଳ ପକ୍ଷରୁ ମ୍ୟାଚର ୨୫ ମିନିଟରେ ରୋହିତ ନାଚିକା ଗୋଟିଏ ଗୋଲ ଦେବାରୁ ଦଳ ବିଜୟୀ ହେବା ସହ ଦୁଇ ପଏଣ୍ଟ ହାସଲ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ମହାବୀର କ୍ଲବ ଏବଂ ଫ୍ରେଣ୍ଡସ ପାରାଡାଇଜ ଜୁନିୟର ଜଟଣୀ ମଧ୍ୟରେ ହୋଇଥିଲା। ଫ୍ରେଣ୍ଡସ ପାରାଡାଇଜ ପକ୍ଷରୁ ୨୪ ମିନିଟରେ ମୁସ୍ତାକିମ ଖାନ, ୩୮ ମିନିଟରେ ଦେବାଶିଷ ପରିଡା ଗୋଟିଏ ଲେଖାଏ ଗୋଲ ଦେବାରୁ ଦଳ ବିଜୟୀ ହେବା ସହ ଦୁଇ ପଏଣ୍ଟ ହାସଲ କରିଥିଲା। ପ୍ରକାଶ ନାୟକ, ମନୋରଞ୍ଜନ ଖୁଣ୍ଟିଆ ଓ ଲଳିତ ମୋହନ ବଲିୟାରସିଂ ମ୍ୟାଚ୍ ପରିଚାଳନା କରିଥିଲେ।

### ମୁଖ୍ୟ ଅଭିଯୁକ୍ତ ଗିରଫ, ୨ ଫେରାର

ଗୃହରକ୍ଷୀଙ୍କୁ ଆକ୍ରମଣ ଘଟଣା

ପୁରୀ ଅଫିସ, ୧୧୯: ବାସେଲିସାହି ଥାନା ଅଧୀନ ମାଟିତୋଟା ଅଞ୍ଚଳରେ ଗୃହରକ୍ଷୀ ଦୀପକ ମାଝୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଗୁରୁବାର ପୋଲିସ ମୁଖ୍ୟ ଅଭିଯୁକ୍ତ ଗୋଖାସାହିର ବିଜୟ କୁମାର ପଣ୍ଡା ଓରଫ ବିଜୁଙ୍କୁ ଗିରଫ କରିଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ସମର୍ଥ ତରାଇ ଓ ରଞ୍ଜନ ବେହେରା ଅଦ୍ୟାବଧି ଫେରାର ଥିବା ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି। ସୂଚନାଯୋଗ୍ୟ, ବୁଧବାର ସନ୍ଧ୍ୟାରେ ଦୀପକ ମାଟିତୋଟାସ୍ଥିତ ତାଙ୍କ ଘରକୁ ଫେରୁଥିବା ବେଳେ ବିଜୟ ଓ ତାଙ୍କ ସହଯୋଗୀମାନେ ଦୀପକଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏନେଇ ଦୀପକ ବାସେଲିସାହି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ କେସ୍ (ନଂ. ୨୦୩/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବୁଧବାର ରାତିରେ ଅଭିଯୁକ୍ତ ବିଜୟଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଥିଲା।

### ପାଇଖାନା ଘରୁ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

ବଲଙ୍ଗା,୧୧୯(ଡି.ଏନ୍.ଏ.): ବଲଙ୍ଗା ଥାନା ଅନ୍ତର୍ଗତ ମୌଜିବେଗ ଗ୍ରାମର ଏକ ପାଇଖାନା ଘରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ଚକ୍ରଧର ସାହୁ (୫୫)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ଡାକ୍ତରଖାନାକୁ ପଠାଇଛି। ସୂଚନା ମୁତାବକ, ଚକ୍ରଧରଙ୍କ ପୁଅ ନାରାୟଣ ସାହୁ ମଙ୍ଗଳବାର ତାଙ୍କ ଶ୍ୱଶୁର ଘରକୁ ଯାଇଥିଲେ। ଗୁରୁବାର ସକାଳେ ଚକ୍ରଧରଙ୍କ ପଡ଼ୋଶୀ କୌଣସି କାର୍ଯ୍ୟରେ ଘର ବାଗିପଟେ ଯିବାବେଳେ ତାଙ୍କ ମୃତଦେହ ପାଇଖାନା ଘରେ ଝୁଲୁଥିବା ଅବସ୍ଥାରେ ଦେଖି ନାରାୟଣଙ୍କୁ ଖବର ଦେଇଥିଲେ। ନାରାୟଣ ଘରେ ପହଞ୍ଚି ପୋଲିସକୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ କିଛିଦିନ ହେବ ଚକ୍ରଧର ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଘରେ କେହି ନ ଥିବା ସୁଯୋଗରେ ବାପା ଆତ୍ମହତ୍ୟା କରିଥାଇପାରନ୍ତି।

# ସାଇବର ଠକଙ୍କ ଟାର୍ଗେଟରେ ଓଡ଼ିଶା ମହିଳା

**ଏନ୍‌ସିଆର୍‌ବି ରିପୋର୍ଟ ୨୦୨୧**

■ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲାରେ ଓଡ଼ିଶା ପ୍ରଥମ

ଭୁବନେଶ୍ୱର,୧୧୯(ବ୍ୟୁରୋ): ଦେଶରେ ମହିଳା ବିରୋଧୀ, ନିର୍ଯାତନା, ବଳାତ୍କାର ଆଦି ଅପରାଧ ମାମଲା ବଢୁଥିବା ବେଳେ ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲା ମଧ୍ୟ ଚିନ୍ତାଜନକ ସ୍ଥିତିରେ ରହିଛି। ୨୦୨୧ରେ ଦେଶବ୍ୟାପୀ ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲା ମୋଟ ୨,୫୯୭ ରୁଜୁ ହୋଇଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରୁ ଜଣାପଡ଼ିଛି। ସେଥିରୁ ଓଡ଼ିଶାରେ ସର୍ବାଧିକ ୨୬% ମାମଲା ରହିଛି। ମହିଳାଙ୍କ ଅଶ୍ଳୀଳ ଫଟୋ ଓ ଭିଡ଼ିଓକୁ ଭାଇରାଲ କରିବା ଏବଂ ମହିଳାଙ୍କ ଫଟୋ ଓ ଭିଡିଓକୁ ମର୍ଫିଂ କରି ଅଶ୍ଳୀଳତାରେ ପରିଣତ କରିବା ପରେ ସେମାନଙ୍କୁ ସାଇବର ଠକ ବ୍ଲାକ୍‌ମେଲ କରୁଛନ୍ତି। ଦେଶର ଅନ୍ୟ ରାଜ୍ୟ ତୁଳନାରେ ୨୦୨୧ ବର୍ଷରେ ଓଡ଼ିଶାରେ ଏହି ମାମଲା ସର୍ବାଧିକ ବୋଲି ଏନ୍‌ସିଆର୍‌ବି ରିପୋର୍ଟରୁ ସ୍ପଷ୍ଟ ହୋଇଛି। ତଥ୍ୟ ଅନୁଯାୟୀ, ୨୦୨୧ରେ ଓଡ଼ିଶାରେ ୫୬୫ ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲା ରୁଜୁ ହୋଇଛି। ଏହି ମାମଲା ମଧ୍ୟରୁ ୩୦୧ଟି ସାଇବର ଅଶ୍ଳୀଳତା ହୋଇଥିବାବେଳେ ୨୬୪ ଫେକ୍ ପ୍ରୋଫାଇଲ ବା ମର୍ଫିଂ ମାମଲା ରହିଛି। ୨୦୨୦ରେ ଏ ସମ୍ବନ୍ଧୀୟ ମାମଲା ଓଡ଼ିଶାରେ ୫୨୬ ରହିଥିଲା। ସେଥିରୁ ୨୯୨ସାଇବର ଅଶ୍ଳୀଳତା ଥିବାବେଳେ ୨୩୪ଟି ମର୍ଫିଂ ମାମଲା ରହିଥିଲା।

ସୂଚନା ଅନୁଯାୟୀ, ସାଇବର ଠକମାନେ ଲୋନ ଆପ୍ ପ୍ରସ୍ତୁତ କରି ଲୋନ ଦେବା ଆଳରେ ଜାଲ ବିଛାଉଛନ୍ତି। ବିଶେଷକରି ମହିଳାମାନଙ୍କୁ ସେମାନେ ଟାର୍ଗେଟ କରି ଉକ୍ତ ଆପ୍ ଜରିଆରେ ବିଭିନ୍ନ ପ୍ରଲୋଭନ ଦେଖାଉଛନ୍ତି। ପରେ ମହିଳାମାନେ ଲୋନ ନେବାବେଳେ ସାଇବର ଠକ ସେମାନଙ୍କ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ଆଦି ରଖି ଦେଉଛନ୍ତି। ଏହାପରେ ଅଧିକ ଟଙ୍କା ଦାବି କରି ସେମାନଙ୍କ ସମ୍ପର୍କୀୟଙ୍କ ମୋବାଇଲକୁ ତାଙ୍କର ଫଟୋକୁ ଅଶ୍ଳୀଳ ଫଟୋ ସହ ଯୋଡ଼ି ବ୍ଲାକ୍‌ମେଲ କରୁଛନ୍ତି। ସେହିପରି ମହିଳାମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓକୁ ପରବର୍ତ୍ତୀ ସମୟରେ ଭାଇରାଲ କରୁଛନ୍ତି। ଏଭଳି ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏନେଇ ସଚେତନତା ସୃଷ୍ଟି କରାଯାଇପାରିଲେ ଏହାକୁ କମାଯାଇପାରିବ ବୋଲି ସାଇବର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଗତ ମାସରେ କଟକର ଜଣେ ଆଇନ ଛାତ୍ରୀ ଲୋନ ଆପ୍‌ରେ ବ୍ୟକ୍ତିଗତ ତଥ୍ୟ ଦେଇ ଲୋନ୍ ନେଇଥିଲେ। ଏହାପରେ ସେ ମର୍ଫିଂ ଏବଂ ବ୍ଲାକମେଲର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା।




କଣ୍ଟାବାଡ଼ ଶ୍ରୀଗଣେଶ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

## ନୃତ୍ୟ, ସଙ୍ଗୀତରେ ଦର୍ଶକ ବିଭୋର

**କଣ୍ଟାବାଡ଼ ଶ୍ରୀଗଣେଶ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା**

ବେଗୁନିଆ,୧୧୯(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅଧୀନ କଣ୍ଟାବାଡ଼ ଗ୍ରାମସ୍ଥିତ ଗଣେଶ ପୂଜା ପେଣ୍ଡାଲ ପରିସରରେ ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଏକ ସଭା ଆୟୋଜିତ ହୋଇଯାଇଛି। ସାମାଜିକ କର୍ମୀ ଉମେଶ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ମୁଖ୍ୟ ଅତିଥି, ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟ ବକ୍ତା, ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ, ଶିବ ନାରାୟଣ ମିଶ୍ର, ସନ୍ତୋଷ କୁମାର ସେନାପତି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଦେଶ କିମ୍ବା ବିଦେଶରେ ହେଉ ସବୁଠି ଗାଁ ର ପୁରାତନ ଲୋକକଳା ଲୋଡା ପଡ଼ିଥାଏ। କିନ୍ତୁ ଏହାକୁ ଗାଁ ଲୋକେ ଜାଣି ପାରୁନାହାନ୍ତି। ଯାହାକି କେବଳ ମନୋରଞ୍ଜନରେ ସୀମିତ ନୁହେଁ ବରଂ ଆଧାତ୍ମିକ ଓ ସାମାଜିକ ଚେତନା ସୃଷ୍ଟି କରିଥାଏ। ଶ୍ରୀଗଣେଶ ମହୋତ୍ସବରେ ଗାଁରେ ଭାଇଚାରାର ନିଦର୍ଶନ ଦେଖିବାକୁ ମିଳିଛି ବୋଲି ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ। ମହୋତ୍ସବ ପରିଚାଳନା ପରିଷଦର ସଭାପତି ଶ୍ରୀକାନ୍ତ ବାହିନୀପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଦିଲ୍ଲୀପ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମାନସ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ପରେ ଭୁବନେଶ୍ୱରର ନୃତ୍ୟାୟନ, ଗଞ୍ଜାମର ଯୋଡି ଶଙ୍ଖ ମହୁରୀ, ପୁରୀର ରଙ୍ଗଶାଳା, କଟକର ଓଡ଼ିଶୀ ଝଙ୍କାର ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ଓ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିଭୋର କରିଥିଲା।



ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଗୁରୁବାର ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପରିବେଷିତ ନାଟକ 'ଅଜାମିଳ ପଣ୍ଡା'ର ଏକ ଦୃଶ୍ୟ।

## ଗଛରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ

ପୁରୀ ଅଫିସ, ୧୧୯: ବାସେଲିସାହି ଥାନା ପୋଲିସ ଗୁରୁବାର ଏକ ବର ଗଛରୁ ଝୁଲନ୍ତା ଅବସ୍ଥାରେ ଏକ ମୃତଦେହ ଜବତ କରିଛି। ମୃତକ ହେଲେ ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର କ୍ଷୀରୋଦ ବେହେରା (୫୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୧୯/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଶ୍ରୀଲୋକନାଥ ମନ୍ଦିର ପରିସରସ୍ଥ ପାର୍ବତୀ ସାଗର ନିକଟରେ ଥିବା ବରଗଛରେ ଏକ ମୃତଦେହ ଝୁଲୁଥିବା ଗୁରୁବାର ସକାଳେ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବାସେଳି ସାହି ଥାନା ପୋଲିସ ସେଠାରେ ପହଞ୍ଚି ତଦନ୍ତ କରିଥିଲା। ଘଟଣାସ୍ଥଳରୁ ପୋଲିସ ପର୍ସ, ପେନ୍ ଏବଂ ଲୁଙ୍ଗି ଜବତ କରାଯାଇଛି। ପାରିବାରିକ କଳହକୁ ନେଇ କ୍ଷୀରୋଦ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଥିବାବେଳେ ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କହିଛି।

## 'କୃଷକଙ୍କ ପ୍ରତି ସରକାର ଅବହେଳା କରୁଛନ୍ତି'

ଖୋର୍ଦ୍ଧା ଅଫିସ,୧୧୯: ଖୋର୍ଦ୍ଧା ଜିଲା ନବ ନିର୍ମାଣ କୃଷକ ସଙ୍ଗଠନର ସାଙ୍ଗଠନିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ କହିଥିଲେ, ଭାରତ ଏକ କୃଷି ପ୍ରଧାନ ଦେଶ। କୃଷକ ହେଉଛନ୍ତି ଅନ୍ନଦାତା। କୃଷକ ଦେଶର ଆର୍ଥିକ ମେରୁଦଣ୍ଡ। ତଥାପି କୃଷକ ସମାଜ ଆଜି ଅବହେଳିତ ଅବସ୍ଥାରେ ରହିଛନ୍ତି। କୃଷି ଓ କୃଷକଙ୍କ ବିକାଶ ପ୍ରତି ଅବହେଳା କରାଯାଉଛି। ସରକାର ପୁଞ୍ଜିପତିଙ୍କୁ ଋଣଛାଡ, କର୍ମଚାରୀଙ୍କୁ ବିଭିନ୍ନ ସମୟରେ ବୋନସ, ଦରମାର ଅତ୍ୟଧିକ ବୋଝ ସମ୍ଭାଳି ପାରୁଛନ୍ତି କିନ୍ତୁ କୃଷକଙ୍କ ଦୁଃଖ ବୁଝିବାକୁ ସରକାରଙ୍କ ସମ୍ବଳ ନାହିଁ। ଧାନର ସହାୟକ ମୂଲ୍ୟ ବୃଦ୍ଧି ପାଇଁ ଅର୍ଥକୋଷର ଅଭାବ ରହୁଛି। କୃଷକଙ୍କ ବହୁବିଧ ସମସ୍ୟା ଲାଗି ଅକ୍ଟୋବର ୧୪ରେ ହେବାକୁ ଥିବା କୃଷକ ଯାତ୍ରାରେ ଖୋର୍ଦ୍ଧାରୁ ଅଧିକରୁ ଅଧିକ କୃଷକ ସାମିଲ ହେବା ଲାଗି ଆହ୍ୱାନ ଦେଇଥିଲେ। ଏମ୍. ଅଲ୍ଲୀଙ୍କ ଯୁବଯାତ୍ରା ଜାଗରଣ ଯାତ୍ରାକୁ ସଙ୍ଗଠନ ପକ୍ଷରୁ ଖୋର୍ଦ୍ଧାରେ ସ୍ୱାଗତ କରାଯାଇଥିଲା। ଏହି ବୈଠକରେ ବୋଲଗଡ ସଂଯୋଜକ ଜୟନ୍ତ ତ୍ରିପାଠୀ, ବେଗୁନିଆର ମଦନ ସାହୁ, ନିରଞ୍ଜନ ପ୍ରଧାନ, ଆଶିଷ ବେହେରା, ପଦ୍ମଚରଣ ସ୍ୱାଇଁ, ସୁଶାନ୍ତ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# କୁକର୍ମ ସତ୍ତ୍ୱେ ବୈକୁଣ୍ଠପୁର ଗଲେ ଅଜାମିଳ

**ନାଟକ ଅଜାମିଳ ପଣ୍ଡା ମଞ୍ଚସ୍ଥ**

ପୁରୀ ଅଫିସ,୧୧୯: ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଗୁରୁବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଆଧାରିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରତିମାସର ପ୍ରଥମ ଦିନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତଥର ନାଟକର ଅଜାମିଳ ପଣ୍ଡା ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଉପାଧ୍ୟକ୍ଷ ମନ୍ମଥ ଶତପଥୀ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତ ରାୟ ଏବଂ ଅଧ୍ୟାପକ ବିପିନାନନ୍ଦ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବଲାଙ୍ଗୀରର କଣ୍ଠଶିଳ୍ପୀ ଦିବ୍ୟରଞ୍ଜନ ପଟ୍ଟନାୟକ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ସାହାଯ୍ୟ କରିଥିଲେ ହରିଶ ଚନ୍ଦ୍ର ଦାଶ, ଅନୀଲ ଦାସ ଏବଂ ସତ୍ୟନାରାୟଣ ଗୁରୁ। ପରେ ନାଟ୍ୟ ନିର୍ଦ୍ଦେଶକ ଭଗବାନ ଗୁରୁଙ୍କ ନିର୍ଦ୍ଦେଶନାରେ ମହାପ୍ରଭୁଙ୍କ ଉପରେ ଆଧାରିତ ନାଟକ ଅଜାମିଳ ପଣ୍ଡା ନାଟକ ମଞ୍ଚସ୍ଥ ହୋଇଥିଲା।

ଅଜାମିଳ ପଣ୍ଡା ବ୍ରାହ୍ମଣ କୂଳରେ ଜନ୍ମ ହୋଇଥିଲେ। ହେଲେ ନିଜର ଅପକର୍ମ ଓ କୁକର୍ମ ପାଇଁ ତାଙ୍କୁ ଘରୁ ନିଷ୍କାସିତ କରିଥିଲେ ପରିବାର ଲୋକେ। ଫଳରେ ଅଜାମିଳ ଘରୁ ବାହାରି ଜଙ୍ଗଲ ଅଭିମୁଖେ ଯାଉ ଯାଉ ଜଙ୍ଗଲ ମଧ୍ୟରେ ଏକ ଶବରପଲ୍ଲୀ ଦେଖିଲେ। ଶବରମାନଙ୍କ ପକ୍ଷରୁ ନାଚଗୀତ କରାଯାଉଥିବା ଦେଖି ଅଜାମିଳ ସେଠାରେ ଅଟକ ରହିଗଲେ। କାଳକ୍ରମେ ଶବର ସର୍ଦ୍ଦାରର କନ୍ୟାକୁ ଅଜାମିଳ ବିବାହ କରି ସେଠାରେ ରହିଲା। ତା'ର ୫ଟି ସନ୍ତାନ ହେଲା। ମାତ୍ର ଅଜାମିଳ ଅପକର୍ମ ଜାରି ରଖିଲା। ଫଳରେ ଜଣେ ଋଷି ଅଜାମିଳକୁ ରୋଗଗ୍ରସ୍ତ ହେବା ନେଇ ଅଭିଶାପ ଦେଲେ। ଫଳରେ ସେ ରୋଗଗ୍ରସ୍ତ ହୋଇ ଜଙ୍ଗଲ ମଧ୍ୟରେ ପଡିରହି ଝରଣା ପାଣି ପିଇ ବଞ୍ଚୁଥିବା ସମୟରେ ଶେଷରେ ନାରାୟଣଙ୍କ ନାମ ଜପ କରିବାରେ ଲାଗିଲା। ଫଳରେ ପ୍ରଭୁ ନାରାୟଣ ତାଙ୍କୁ ଦର୍ଶନ ଦେଇଥିଲେ। ଦର୍ଶନ ଦେବା କ୍ଷଣି ଅଜାମିଳର ମୃତ୍ୟୁ ଘଟିଲା। ପରେ ତା'ର ଆତ୍ମାକୁ ଯମପୁର ନେବା ପାଇ ଯମଦୂତ ଏବଂ ବୈକୁଣ୍ଠପୁରକୁ ନେବା ପାଇଁ ବିଷ୍ଣୁଗଣ ଆସିଥିଲେ। ଶେଷରେ ବିଷ୍ଣୁଗଣ ଅଜାମିଳ ଆତ୍ମାକୁ ବୈକୁଣ୍ଠପୁର ନେଇଗଲେ। ଏହିପରି ଏକ ଆଧ୍ୟାତ୍ମିକ ବିଷୟବସ୍ତୁକୁ ନେଇ ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାମକୃଷ୍ଣ ମହାପାତ୍ର ଏବଂ ବିକାଶ ଦତ୍ତ ପରିଚାଳନା କରିଥିଲେ।

## ଗୁହାଳ ଜଳି ୨ ଗାଈ ଅର୍ଦ୍ଧଦଗ୍ଧ

ବଲଙ୍ଗା,୧୧୯(ଡି.ଏନ୍.ଏ.): ବଲଙ୍ଗା ଥାନା ଅନ୍ତର୍ଗତ ଭଗବତୀପୁର ଦଳିତ ସାହିର ଜଣଙ୍କ ଗୁହାଳରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଗୁହାଳ ସମ୍ପୂର୍ଣ୍ଣ ଜଳିଯାଇଥିବା ସହ ୨ ଗାଈଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉଛି। ପ୍ରକାଶ ଯେ, ସବୁଦିନ ପରି ନୁରୀ ବେହେରା ରାତିରେ ଗୁହାଳରେ ଗାଈଙ୍କ ପାଇଁ ମଶା ଧୂଆଁ ଦେଇଥିଲେ। ବିଳମ୍ବିତ ରାତିରେ ଗାଈମାନେ ରଡି ଛାଡିବାରୁ ତାଙ୍କ ଶବ୍ଦ ଶୁଣି ନୁରୀ ବାହାରକୁ ଆସି ଗୁହାଳ ଜଳୁଥିବା ଦେଖିଥିଲେ। ସାହି ପଡିଶାଙ୍କୁ ପାଟି କରି ଡାକି ନିଆଁକୁ ଆୟତ୍ତ କରିବା ସହ ଗୁହାଳରୁ ଗାଈଙ୍କୁ ଉଦ୍ଧାର କରିଥିଲେ।

## ଶ୍ରୀମନ୍ଦିରରେ ଦାହଲୀଳା ନୀତି ସମ୍ପନ୍ନ

ପୁରୀ ଅଫିସ, ୧୧୯: ଶ୍ରୀକ୍ଷେତ୍ରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳା କ୍ରମରେ ଗୁରୁବାର ଶ୍ରୀମନ୍ଦିରରେ ଦାହଲୀଳା ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ବଢ଼ିବା ପରେ ଦକ୍ଷିଣୀଘରୁ ମଦନମୋହନଙ୍କୁ ରତ୍ନସିଂହାସନ ନିକଟକୁ ବିଜେ କରାଯାଇଥିଲା। ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ନାଟମଣ୍ଡପ ଖଟ ଉପରେ ମଦନମୋହନ ବିଜେ ହୋଇଥିଲେ। ସେଠାରେ ଦାହଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ପରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ବାହୁଡ଼ା ବିଜେ କରିଥିଲେ। ପୌରାଣିକ ମତବାଦ ଅନୁଯାୟୀ, ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଗୋପାଳ ବାଳକଙ୍କ ସହ ଗୋଚାରଣ କରୁଥିବାବେଳେ ଏକଦା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥିଲା। ଏହି ସମୟରେ ଗାଈପଲ ନିକଟରେ ଥିବା ସର ବନ ମଧ୍ୟକୁ ପ୍ରବେଶ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ଗୋପାଳ ବାଳକଙ୍କ ସହ ଗାଈପଲଙ୍କୁ ଆଣିବାକୁ ଯିବା ସମୟରେ ହଠାତ୍ ବନରେ ନିଆଁ ଲାଗିଯାଇଥିଲା। ଗୋପାଳ ପିଲାମାନେ ଗାଈପଲଙ୍କୁ ଉଦ୍ଧାର କରିବା ଲାଗି ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ। ତୁମ୍ଭେମାନେ ଆଖି ବନ୍ଦ କର, ମୁଁ ଅଗ୍ନିଜ୍ୱାଳାକୁ ଶାନ୍ତ କରିଦେବି ବୋଲି ଶ୍ରୀକୃଷ୍ଣ କହିଥିଲେ।

## ବିକାଶ ହେବ ସାକ୍ଷୀଗୋପାଳ ମନ୍ଦିର, ବକୁଳବନ



ସାକ୍ଷୀଗୋପାଳ,୧୧୯(ଡି.ଏନ୍.ଏ.) ଶ୍ରୀମନ୍ଦିର ଭଳି ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିରର ଐତିହ କରିଡ଼ର ବିକାଶ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନ ପୋଖରୀଠାରୁ ମନ୍ଦିର କରି ଚତୁଃପାର୍ଶ୍ୱ ଉନ୍ନୟନ ସହିତ ଐତିହାସିକ ବକୁଳବନ, ପଞ୍ଚସଖା ସ୍ମୃତି ପାଠାଗାର ଖେଳପଡ଼ିଆ ଶ୍ରୀ ସିଦ୍ଧବକୁଳ ପୀଠକୁ ଏହି ବିକଶିତ ପ୍ରକଳ୍ପରେ ସାମିଲ କରାଯିବ। ଏ ନେଇ ପୁରୀ ଜିଲାପାଳ ସମର୍ଥ ବର୍ମା ଗୁରୁବାର ସାକ୍ଷୀଗୋପାଳରେ ପହଞ୍ଚି ଠାକୁରଙ୍କ ଦର୍ଶନ କରିବା ସହିତ ସେବାୟତମାନଙ୍କ ସହ ଆଲୋଚନା କରିଥିଲେ। ପ୍ରସ୍ତୁତ କରାଯାଇଥିବା ପ୍ରକଳ୍ପର ରୂପରେଖ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକଳ୍ପରେ କ୍ଷତିଗ୍ରସ୍ତ ସେବାୟତ ପରିବାରଙ୍କୁ ଥଇଥାନ ପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ କହିଥିଲେ।

ଓଡ଼ିଆ ବିଶ୍ୱବିଦ୍ୟାଳୟ, ଗୋପବନ୍ଧୁଙ୍କ ଜନ୍ମପୀଠର ବିକାଶ ଚାଲିଥିବାରୁ ସାକ୍ଷୀଗୋପାଳ ମନ୍ଦିର ଓ ସଂଲଗ୍ନ ବକୁଳବନର ବିକାଶ ଜରୁରୀ ହୋଇଛି। ଜିଲାପାଳ ଏ ଦିଗରେ ମନ୍ଦିର ସେବାୟତମାନଙ୍କର ସହଯୋଗ କାମନା କରିଥିଲେ। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲା ପ୍ରଶାସନ, ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ, ସେବାୟତ ସଂଘ ଏବଂ ଓବିସିସି କର୍ତ୍ତୃପକ୍ଷଙ୍କ ପ୍ରକଳ୍ପର ସଫଳତା ନେଇ ସମ୍ମିଳିତ ଉଦ୍ୟମ ଆଶା କରାଯାଇଛି।

# 'ପ୍ରତି ପ୍ରକଳ୍ପରେ ପରିବେଶ ରକ୍ଷାକୁ ବିଡିଏର ଗୁରୁତ୍ୱ'

**୪୦ତମ ପ୍ରତିଷ୍ଠା ଦିବସ ପାଳିତ**

ଭୁବନେଶ୍ୱର, ୧୧୯ (ବ୍ୟୁରୋ) ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଗୁରୁବାର ୪୦ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏଥିସହ ନୂଆ ଲକ୍ଷ୍ୟ ଓ ଭରସାକୁ ନେଇ ଯାତ୍ରା ଆରମ୍ଭ କରିଛି। ବିଡିଏ କନ୍‌ଫରେନ୍ସ ହଲ୍‌ରେ ନିରାଡମ୍ବର ଭାବେ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଏ ଉପାଧ୍ୟକ୍ଷ ସଞ୍ଜୟ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ବିଡିଏ ସମସ୍ତ ବ୍ୟବସ୍ଥା ଅନ୍‌ଲାଇନ୍‌ରେ କରିବା ପରେ ସରକାରଙ୍କ '୫-ଟି' ମନ୍ତ୍ରକୁ ପ୍ରତିପାଦିତ କରିପାରିଛି। ଏବେ ଏହି ଅନ୍‌ଲାଇନ ବ୍ୟବସ୍ଥାକୁ ସିଡିଏ ଆପଣେଇବାକୁ ଯାଉଛି। ବର୍ଷ ବର୍ଷ ଧରି ଲିଙ୍ଗରାଜ ବିହାର, ଜାଗମରା ବାରଭୁଜା ମାର୍କେଟ ଓ ରାମଚନ୍ଦ୍ରପୁରରେ ଲାଗି ରହିଥିବା ଜମି ସମସ୍ୟା ଅତି କମ୍ ସମୟରେ ସମାଧାନ ହୋଇପାରିଛି। ଏବେ ଲୋକ ଭରସା କରିଛନ୍ତି। ଏହି ଭରସା କିଭଳି ତୁଟିବ ନାହିଁ ତାହାକୁ ଆଖି ଆଗରେ ରଖି ଆମକୁ କାମ କରିବାକୁ ହେବ। ତଥାପି ଆମ ଦକ୍ଷତାର ଆମେ ୨୦ ପ୍ରତିଶତ ବ୍ୟବହାର କରୁଛେ। ଆଗକୁ ଶତପ୍ରତିଶତ ବ୍ୟବହାର କରିବାକୁ ହେବ। ଏଥିରେ ସମସ୍ତଙ୍କର ସହଯୋଗ ଜରୁରୀ। ତେବେ ବର୍ତ୍ତମାନର ପରିବେଶଜନିତ ବିପଦକୁ ମୁକାବିଲା କରିବାକୁ ହେଲେ ପ୍ରତ୍ୟେକ ପ୍ରକଳ୍ପରେ ପରିବେଶ ରକ୍ଷା ନେଇ ଯୋଜନା ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।



ବିଡିଏ ଉପାଧ୍ୟକ୍ଷ ସଞ୍ଜୟ କୁମାର ସିଂହ ଓ ଅନ୍ୟମାନେ ବାର୍ଷିକ ରିପୋର୍ଟ ଉନ୍ମୋଚନ କରୁଛନ୍ତି।

ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବିଡିଏ କର୍ମଚାରୀ ରେବତୀକାନ୍ତ କାନୁନ୍‌ଗୋଙ୍କ ଝିଅ ହର୍ଷିତା କାନୁନ୍‌ଗୋ ଓ ଧନଞ୍ଜୟ ପରିଡାଙ୍କ ଝିଅ ଅର୍ପିତା ପ୍ରିୟଦର୍ଶିନୀଙ୍କୁ ବିଡିଏ ଉପାଧ୍ୟକ୍ଷ ସଞ୍ଜୟ କୁମାର ସିଂହ ନଗଦ ୫ ହଜାର ଟଙ୍କା ପୁରସ୍କାର ରାଶି ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଏଥିସହ ବିଡିଏର ବାର୍ଷିକ ରିପୋର୍ଟ ଉନ୍ମୋଚିତ ହୋଇଥିଲା। ବରିଷ୍ଠ ସହାୟକ ସୁରେନ୍ଦ୍ର ଦାସ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସେକ୍ରେଟାରି କବିନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣରେ ବିଭିନ୍ନ ସଫଳ ପ୍ରକଳ୍ପ ଉପରେ ଆଲୋକପାତ କରିଥିଲେ। ଫାଇନାନ୍ସ ମେମ୍ବର ରୁଦ୍ରନାରାୟଣ ଆଚାର୍ଯ୍ୟ, ପ୍ଲାନିଂ ମେମ୍ବର ଗୌରୀଶଙ୍କର ଭୂୟାଁ, ଇଞ୍ଜିନିୟରିଂ ମେମ୍ବର ଅକ୍ଷୟ କୁମାର ବଡୁ, ଅତିରିକ୍ତ କମିଶନର(ଏନ୍‌ଫୋର୍ସମେଣ୍ଟ) ହରିଶ୍ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଏ କର୍ମଚାରୀ ୟୁନିୟନ ଫୋରମ ପକ୍ଷରୁ ସବିତାରାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସିପିଆଇ(ଏମ୍ଏଲ୍) ପକ୍ଷରୁ ରିଲିଫ୍ ବଣ୍ଟନ

କଣାସ, (ସ୍ୱ.ପ୍ର.): ସିପିଆଇ(ଏମ୍ଏଲ୍) ପିପିଲି ବ୍ଲକ କମିଟି ପକ୍ଷରୁ ଗୁରୁବାର କଣାସ ବ୍ଲକର ତିପୁରୀ, ସୁଦାଗର, ବେହେରା ସାହିରେ ଗୋଖାଦ୍ୟ, ବିସ୍କୁଟ୍, ସାବୁନ୍ ଆଦି ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ସିପିଆଇ(ଏମ୍ଏଲ୍)ର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଜିଲା ସମ୍ପାଦକ ଅଶୋକ ପ୍ରଧାନ, ପିପିଲି ବ୍ଲକ ସମ୍ପାଦକ ସର୍ବେଶ୍ୱର ଭାରତୀ, କିଶାନ ପଟ୍ଟନାୟକ, ସୁନନ୍ଦ ଗଡନାୟକ, କାହ୍ନୁଚରଣ ବେହେରା, ବିନୟ ବିଶ୍ୱାଳ, ଅପର୍ତ୍ତି ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ସାଇବର ଠକଙ୍କ ଟାର୍ଗେଟରେ ଓଡ଼ିଶା ମହିଳା

**ଏନ୍‌ସିଆର୍‌ବି ରିପୋର୍ଟ ୨୦୨୧**

■ ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲାରେ ଓଡ଼ିଶା ପ୍ରଥମ

ଭୁବନେଶ୍ୱର,୧୯(ବ୍ୟୁରୋ)

ଦେଶରେ ମହିଳା ବିରୋଧୀ, ନିର୍ଯାତନା, ବଳାତ୍କାର ଆଦି ଅପରାଧ ମାମଲା ବଢ଼ୁଥିବା ବେଳେ ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲା ମଧ୍ୟ ଚିନ୍ତାଜନକ ସ୍ଥିତିରେ ରହିଛି। ୨୦୨୧ରେ ଦେଶବ୍ୟାପୀ ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲା ମୋଟ ୨,୫୯୭ ରୁଜୁ ହୋଇଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରୁ ଜଣାପଡ଼ିଛି। ସେଥିରୁ ଓଡ଼ିଶାରେ ସର୍ବାଧିକ ୨୬% ମାମଲା ରହିଛି। ମହିଳାଙ୍କ ଅଶ୍ଳୀଳ ଫଟୋ ଓ ଭିଡ଼ିଓକୁ ଭାଇରାଲ କରିବା ଏବଂ ମହିଳାଙ୍କ ଫଟୋ ଓ ଭିଡିଓକୁ ମର୍ଫିଂ କରି ଅଶ୍ଳୀଳତାରେ ପରିଣତ କରିବା ପରେ ସେମାନଙ୍କୁ ସାଇବର ଠକ ବ୍ଲାକ୍‌ମେଲ କରୁଛନ୍ତି। ଦେଶର ଅନ୍ୟ ରାଜ୍ୟ ତୁଳନାରେ ୨୦୨୧ ବର୍ଷରେ ଓଡ଼ିଶାରେ ଏହି ମାମଲା ସର୍ବାଧିକ ବୋଲି ଏନ୍‌ସିଆର୍‌ବି ରିପୋର୍ଟରୁ ସ୍ପଷ୍ଟ ହୋଇଛି। ତଥ୍ୟ ଅନୁଯାୟୀ, ୨୦୨୧ରେ ଓଡ଼ିଶାରେ ୫୬୫ ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲା ରୁଜୁ ହୋଇଛି। ଏହି ମାମଲା ମଧ୍ୟରୁ ୩୦୧ଟି ସାଇବର ଅଶ୍ଳୀଳତା ହୋଇଥିବାବେଳେ ୨୬୪ ଫେକ୍ ପ୍ରୋଫାଇଲ ବା ମର୍ଫିଂ ମାମଲା ରହିଛି। ୨୦୨୦ରେ ଏ ସମ୍ବନ୍ଧୀୟ ମାମଲା ଓଡ଼ିଶାରେ ୫୨୬ ରହିଥିଲା। ସେଥିରୁ ୨୯୨ସାଇବର ଅଶ୍ଳୀଳତା ଥିବାବେଳେ ୨୩୪ଟି ମର୍ଫିଂ ମାମଲା ରହିଥିଲା।

ସୂଚନା ଅନୁଯାୟୀ, ସାଇବର ଠକମାନେ ଲୋନ ଆପ୍ ପ୍ରସ୍ତୁତ କରି ଲୋନ ଦେବା ଆଳରେ ଜାଲ ବିଛାଉଛନ୍ତି। ବିଶେଷକରି ମହିଳାମାନଙ୍କୁ ସେମାନେ ଟାର୍ଗେଟ କରି ଉକ୍ତ ଆପ୍ ଜରିଆରେ ବିଭିନ୍ନ ପ୍ରଲୋଭନ ଦେଖାଉଛନ୍ତି। ପରେ ମହିଳାମାନେ ଲୋନ ନେବାବେଳେ ସାଇବର ଠକ ସେମାନଙ୍କ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ଆଦି ରଖି ଦେଉଛନ୍ତି। ଏହାପରେ ଅଧିକ ଟଙ୍କା ଦାବି କରି ସେମାନଙ୍କ ସମ୍ପର୍କୀୟଙ୍କ ମୋବାଇଲକୁ ତାଙ୍କର ଫଟୋକୁ ଅଶ୍ଳୀଳ ଫଟୋ ସହ ଯୋଡ଼ି ବ୍ଲାକ୍‌ମେଲ କରୁଛନ୍ତି। ସେହିପରି ମହିଳାମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓକୁ ପରବର୍ତ୍ତୀ ସମୟରେ ଭାଇରାଲ କରୁଛନ୍ତି। ଏଭଳି ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏନେଇ ସଚେତନତା ସୃଷ୍ଟି କରାଯାଇପାରିଲେ ଏହାକୁ କମାଯାଇପାରିବ ବୋଲି ସାଇବର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଗତ ମାସରେ କଟକର ଜଣେ ଆଇନ ଛାତ୍ରୀ ଲୋନ ଆପ୍‌ରେ ବ୍ୟକ୍ତିଗତ ତଥ୍ୟ ଦେଇ ଲୋନ୍ ନେଇଥିଲେ। ଏହାପରେ ସେ ମର୍ଫି ଏବଂ ବ୍ଲାକମେଲର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା।

## ସଂକ୍ଷେପରେ

### ମଣ୍ଡପରେ ବିଘ୍ନରାଜ



କାକଟପୁର,୧୯ (ଡି.ଏନ୍.ଏ.)

ପବିତ୍ର ଗଣେଶ ଚତୁର୍ଥୀ ଅବସରରେ କାକଟପୁର ଓ ଏହାର ଆଖପାଖ ଅଞ୍ଚଳ ପୁରପଲ୍ଲୀରେ ବିଘ୍ନରାଜଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଦୁଇ ବର୍ଷ କୋଭିଡ୍ କଟକଣା ପାଇଁ ପୂଜା ମଣ୍ଡପଗୁଡ଼ିକ ଖାଁ ଖାଁ ପଡ଼ିଥିବା ବେଳେ ଚଳିତ ବର୍ଷ ବେଶ୍ ଧୁମ୍‌ଧାମରେ ପାଳିତ ହେଉଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ବ୍ୟବସାୟୀ ସଂଘ, କ୍ଲବ, କମିଟି ପକ୍ଷରୁ ପୂଜା ମଣ୍ଡପଗୁଡ଼ିକୁ ସୁଉଚ୍ଚ ତୋରଣ ଆକର୍ଷଣୀୟ ଆଲୋକ ମାଳାରେ ସଜାଇବା ସହ ମନଲୋଭା ମୁମ୍ବାଇ ମୂର୍ତ୍ତି ଭଳି ପ୍ରତିଷ୍ଠା କରାଯାଇ ଗଜାନନଙ୍କ ପୂଜାର୍ଚ୍ଚନା କରାଯାଉଛି। ବିଘ୍ନରାଜଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିବା ପାଇଁ ମଣ୍ଡପଗୁଡ଼ିକରେ ଶତାଧିକ ଦର୍ଶକଙ୍କ ଭିଡ଼ ଜମିବାରେ ଲାଗିଛି। ସେହିପରି କାକଟପୁର ମୁଖ୍ୟ ବଜାରର ଗଣେଶ ବଜାର ବ୍ୟବସାୟୀ ସଂଘ ତରଫରୁ କର୍ତ୍ତା ଭାବେ ତୁଷାରରଞ୍ଜନ ଦୀକ୍ଷିତ କାର୍ଯ୍ୟ କରିଥିବା ବେଳେ ମଙ୍ଗଳା କ୍ରିକେଟ କ୍ଲବ ପକ୍ଷରୁ ଚନ୍ଦ୍ରକାନ୍ତ ଦୀକ୍ଷିତ, ମଙ୍ଗଳା ବଜାରରେ ନଳିନୀକାନ୍ତ ଦୀକ୍ଷିତ କର୍ତ୍ତା ଭାବେ ରହି ପୂଜାକାର୍ଯ୍ୟ କରିଥିଲେ। କେନାଲ ଟାଉନ କ୍ଲବ ପିକୁଲା ନାୟକ, ମେଡିକାଲ ବଜାର ଓ ଚନ୍ଦନ ବଜାର ବ୍ୟବସାୟୀ ସଙ୍ଘରେ ପୂଜା ଚାଲିଛି। ପ୍ରାୟ ସାତ ଦିନ ଧରି ବିଭିନ୍ନ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସମ୍ପାଦକ ମାନସ କୁମାର ଦୀକ୍ଷିତ ସୂଚନା ଦିଆଯାଇଛି।

### ମହାଲକ୍ଷ୍ମୀ ପାଳିଲେ ଋଷି ପଞ୍ଚମୀ ବ୍ରତ

**ପୁରୀ ଅଫିସ, ୧୯:** ଶ୍ରୀମନ୍ଦିରରେ ଗୁରୁବାର ଋଷିପଞ୍ଚମୀ ଅବସରରେ ବିଶେଷ ନୀତି ସମ୍ପନ୍ନ ହୋଇଛି। ଏଥିସହ ମହାଲକ୍ଷ୍ମୀ (ଶ୍ରୀଦେବୀ) ମାର୍କଣ୍ଡେୟ ଋଷିଙ୍କ ଆଶ୍ରମକୁ ଯାଇ ଋଷିପଞ୍ଚମୀ ବ୍ରତ ପାଳନ କରିଛନ୍ତି। ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ବଢ଼ିବା ପରେ ମହାଲକ୍ଷ୍ମୀ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସାତପାହାଚରେ ଥିବା ପାଲିଙ୍କିରେ ବିଜେ ହୋଇଥିଲେ। ବିମାନବଡୁ ସେବାୟତମାନେ ଘଣ୍ଟ, ଛତା ସହ ପାଲିଙ୍କିରେ ଠାକୁରାଣୀଙ୍କୁ ନେଇ ମାର୍କଣ୍ଡେୟ ମନ୍ଦିର ଭିତର ଗମ୍ଭୀରାରେ ବିଜେ କରାଇଥିଲେ। ସେଠାରେ ମାଜଣା, ବନକଲାଗି ସରିବା ପରେ ପୂଜାପଣ୍ଡାମାନେ ଋଷି ପଞ୍ଚମୀ ବ୍ରତ କଥା ପାଠ କରିଥିଲେ। ମହାଲକ୍ଷ୍ମୀଙ୍କ ପାଖରେ ଶୀତଳ ଭୋଗ ମଣୋହି କରାଯାଇ ବନ୍ଦାପନା ହୋଇଥିଲା। ନୀତି ସମ୍ପନ୍ନ ପରେ ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଏ ସମ୍ପର୍କରେ ସଂସ୍କୃତି ଗବେଷକଙ୍କ କହିବା ଅନୁଯାୟୀ, ରଜସ୍ୱଳା ନାରୀମାନେ ସ୍ୱତନ୍ତ୍ର ନିୟମରେ ରହିଆନ୍ତି। କିନ୍ତୁ ଏହି ସମୟରେ ଅଜ୍ଞାତରେ ହୋଇଥିବା ଦୋଷରୁ ମୁକ୍ତି ଲାଗି ସେମାନେ ସପ୍ତଋଷିଙ୍କୁ ଆରାଧନା କରିବାର ପରମ୍ପରା ରହିଛି। ତେଣୁ ଏହି ବ୍ରତକୁ ଋଷିପଞ୍ଚମୀ ବୋଲି କୁହାଯାଏ। ଏହି ପରମ୍ପରାକୁ ଆଧାର କରି ଗୁରୁବାର ପୁରୀରେ ଅନେକ ମହିଳା ଋଷିପଞ୍ଚମୀ ବ୍ରତ ପାଳନ କରିଥିଲେ।

# ବିକାଶ ହେବ ସାକ୍ଷୀଗୋପାଳ ମନ୍ଦିର, ବକୁଳବନ



ସାକ୍ଷୀଗୋପାଳ ମନ୍ଦିର ସେବାୟତଙ୍କ ସହ ଜିଲାପାଳ ସମର୍ଥ ବର୍ମା ଆଲୋଚନା କରୁଛନ୍ତି।

**ସେବାୟତଙ୍କ ସହ ଆଲୋଚନା କଲେ ଜିଲାପାଳ**

ସାକ୍ଷୀଗୋପାଳ,୧୯(ଡି.ଏନ୍.ଏ.)

ଶ୍ରୀମନ୍ଦିର ଭଳି ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିରର ଐତିହ୍ୟ କରିଡ଼ର ବିକାଶ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନ ପୋଖରୀଠାରୁ ମନ୍ଦିର କରି ଚତୁଃପାର୍ଶ୍ୱ ଉନ୍ନୟନ ସହିତ ଐତିହାସିକ ବକୁଳବନ, ପଞ୍ଚସଖା ସ୍ମୃତି ପାଠାଗାର ଖେଳପଡ଼ିଆ ଶ୍ରୀ ସିଦ୍ଧବକୁଳ ପୀଠକୁ ଏହି ବିକଶିତ ପ୍ରକଳ୍ପରେ ସାମିଲ କରାଯିବ। ଏ ନେଇ ପୁରୀ ଜିଲାପାଳ ସମର୍ଥ ବର୍ମା ଗୁରୁବାର ସାକ୍ଷୀଗୋପାଳରେ ପହଞ୍ଚି ଠାକୁରଙ୍କ ଦର୍ଶନ କରିବା ସହିତ ସେବାୟତମାନଙ୍କ ସହ ଆଲୋଚନା କରିଥିଲେ। ପ୍ରସ୍ତୁତ କରାଯାଇଥିବା ପ୍ରକଳ୍ପର ରୂପରେଖ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକଳ୍ପରେ କ୍ଷତିଗ୍ରସ୍ତ ସେବାୟତ ପରିବାରଙ୍କୁ ଥଇଥାନ ପ୍ରତିଶ୍ରୁତି ଦେବାକୁ ଜିଲାପାଳ କହିଥିଲେ। ଓଡ଼ିଆ ବିଶ୍ୱବିଦ୍ୟାଳୟ, ଗୋପବନ୍ଧୁଙ୍କ ଜନ୍ମପୀଠର ବିକାଶ ଚାଲିଥିବାରୁ ସାକ୍ଷୀଗୋପାଳ ମନ୍ଦିର ଓ ସଂଲଗ୍ନ ବକୁଳବନର ବିକାଶ ଜରୁରୀ ହୋଇଛି। ଜିଲାପାଳ ଏ ଦିଗରେ ମନ୍ଦିର ସେବାୟତମାନଙ୍କର ସହଯୋଗ କାମନା କରିଥିଲେ। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲା ପ୍ରଶାସନ, ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ, ସେବାୟତ ସଂଘ ଏବଂ ଓବିସିସି କର୍ତ୍ତୃପକ୍ଷଙ୍କ ପ୍ରକଳ୍ପର ସଫଳତା ନେଇ ସମ୍ମିଳିତ ଉଦ୍ୟମ ଆଶା କରାଯାଇଛି। ଜିଲାପାଳଙ୍କ ସହିତ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ତହସିଲଦାର ଜୟନ୍ତ କୁମାର ଜୟସିଂ, ଡେପୁଟି କଲେକ୍ଟର କ୍ଷୀରୋଦ କୁମାର ବେହେରା, ଓଡ଼ିଶା ସେତୁ ନିର୍ମାଣ ନିଗମ ନିର୍ବାହୀ ଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରିଜା ଶଙ୍କର ନାୟକ, ସେବାୟତ ସଂଘ ସମ୍ପାଦକ ବିଜୟ କୁମାର ନନ୍ଦ ଓ କର୍ମକର୍ତ୍ତା, ସେବାୟତ କିଶୋର ଚନ୍ଦ୍ର ମହାପାତ୍ର, ମନ୍ଦିର ସୁପରଭାଇଜର ବିଶନାଥ ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସେହିପରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମମାଟି ସୁଆଣ୍ଡୋରେ ସରକାରଙ୍କ ପକ୍ଷରୁ ଚାଲିଥିବା ଐତିହ୍ୟ ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଛନ୍ତି।

# ୱାଲ୍ ମାଗାଜିନ୍ ଉନ୍ମୋଚିତ

ପୁରୀ ଅଫିସ, ୧୯

ପୁରୀ ରାମକୃଷ୍ଣ ମିଶନରେ ବୁଧବାର ଗଣେଶ ପୂଜା ପାଳନ ସହ ବ୍ରହ୍ମାନନ୍ଦ ଛାତ୍ରାବାସର ୱାଲ୍ ମାଗାଜିନ୍ 'କେଶରୀ' ଉନ୍ମୋଚିତ ହୋଇଛି। ଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ବିକାଶ ଉଦ୍ଦେଶ୍ୟରେ ଏହି ପତ୍ରିକା ପ୍ରକାଶ କରାଯାଉଛି। ଛାତ୍ରମାନଙ୍କ ଦ୍ୱାରା ରଚିତ ବିଭିନ୍ନ ଲେଖା ଓ ଚିତ୍ରକଳା ଏଥିରେ ସ୍ଥାନ ପାଇଛି। ଏହାକୁ ଆଶ୍ରମ ଅଧ୍ୟକ୍ଷ ସ୍ୱାମୀ ଆପ୍ତେଶ୍ୱରନନ୍ଦ ଜୀ ମହାରାଜ ଉନ୍ମୋଚନ କରିଥିଲେ।

କାର୍ଯ୍ୟକ୍ରମରେ ଛାତ୍ରାବାସ ତତ୍ତ୍ୱାବଧାରକ ସ୍ୱାମୀ ଯୋଗ ପୂର୍ଣ୍ଣାନନ୍ଦ ଜୀ ମହାରାଜ, ଆଶ୍ରମ ପରିଚାଳନା କମିଟି ସଦସ୍ୟ ଧନଞ୍ଜୟ ଦାସ, ମଣିରାମ, ପଦ୍ମଲୋଚନ ନାୟକ, ପରିତୋଷ ବାନାର୍ଜୀ, ସୁତପା ଦାସ, ସୁଶାନ୍ତ ନାୟକ, ଯଜ୍ଞେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଉତ୍ସବରେ ଆଶ୍ରମ ଅଧ୍ୟକ୍ଷ ସ୍ୱାମୀ ଆପ୍ତେଶ୍ୱରାନନ୍ଦ ଏବଂ ଛାତ୍ରାବାସ ଦାୟିତ୍ୱରେ ଥିବା ସ୍ୱାମୀ ଯୋଗପୂର୍ଣ୍ଣାନନ୍ଦ ଜୀ ପିଲାଙ୍କୁ ସ୍ୱାମୀ ବିବେକାନନ୍ଦଜଙ୍କ ଆଦର୍ଶ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ପତ୍ରିକା ସମ୍ପାଦକ ସଦାନନ୍ଦ ସିଂ, ସହସମ୍ପାଦକ ବୁଦ୍ଧୁରାମ୍ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ଚିତ୍ରଶିଳ୍ପୀ ବିକ୍ରମ ଟୁଡୁ ଓ ନୀତିଶ ସୋଏ ଗଣେଶଙ୍କ ସୁନ୍ଦର ଚିତ୍ର ଆଙ୍କିଥିଲେ। ଲିପିକାର ଆଦିତ୍ୟ ମାର୍ଣ୍ଡି ଓ ସହଲିପିକାର ରଘୁନାଥ ମୁର୍ମୁ ସମସ୍ତ ଲେଖାକୁ ଲିପିବଦ୍ଧ କରିଥିଲେ।

# କେନାଲ, ଘାଇ ମରାମତି କାର୍ଯ୍ୟ ଦେଖିଲେ ବିଧାୟକ



ବିଧାୟକ ରୁଦ୍ରପ୍ରତାପ ମହାରଥୀ ଆରୁଆ ଗ୍ରାମ ନିକଟରେ ଘାଇ ମରାମତି କାର୍ଯ୍ୟ ଦେଖୁଛନ୍ତି।

ପିପିଲି,୧୯ (ଡି.ଏନ୍.ଏ.)

ଗତ ମାସରେ ହୋଇଥିବା ଲଘୁଚାପ ବର୍ଷା, ବନ୍ୟାରେ ପୁରୀ ଜିଲାର ପିପିଲି, କଣାସ, ଗୋପ ବ୍ଲକ ଅଞ୍ଚଳ ଅଧିକ କ୍ଷୟକ୍ଷତି ହୋଇଥିଲା। ଏହି ବନ୍ୟାରେ ଲୋକଙ୍କ ଘର ବୁଡ଼ିଯାଇଥିବା ବେଳେ ଏକର ଏକର ଚାଷଜମି ନଷ୍ଟ ହୋଇଯାଇଛି। ଅଧିକାଂଶ ଅଞ୍ଚଳର ରାସ୍ତା ସବୁ ବିଚ୍ଛିନ୍ନ ହୋଇଯାଇଥିବା ବେଳେ ଲୋକେ ଠିକ୍ ଭାବେ ଖାଇବାକୁ ପାଇ ନ ଥିଲେ। ଏହି ଅବସରରେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଗୁରୁବାର ପୂର୍ବାହ୍ନ ସାଢ଼େ ୧୧ଟାବେଳେ ଡେଲାଙ୍ଗ ଶାଖା କେନାଲ ବନ୍ଧରେ ସୃଷ୍ଟି ହୋଇଥିବା ଘାଇର ମରାମତି କାର୍ଯ୍ୟ ଆରୁହା ଗ୍ରାମକୁ ଯାଇ ତଦାରଖ କରିଛନ୍ତି। ଏହି କେନାଲ ବନ୍ଧରେ ଘାଇ ହୋଇ ଶହ ଶହ ଏକର ଧାନ ଜମି ଜଳମଗ୍ନ ହୋଇଥିଲା। ବିଧାୟକ କେନାଲ ବନ୍ଧର ବିଭିନ୍ନ ସମସ୍ୟା ଓ ଦୁର୍ବଳ ସ୍ଥାନ ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ଶୁଣିଥିଲେ। ପରେ ଜଳସେଚନ ବିଭାଗ ପୁରୀ ଜିଲା କାର୍ଯ୍ୟନିର୍ବାହୀ ଅଧିକାରୀ ରତ୍ନାକର ଦଳେଇଙ୍କୁ କେନାଲ ବନ୍ଧର ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଫୋନ ଯୋଗେ ଅବଗତ କରାଇଥିଲେ। ଖୁବ୍‌ଶୀଘ୍ର କେନାଲର ବନ୍ଧର ସମସ୍ୟା ସମାଧାନ ହେବ ବୋଲି ବିଧାୟକ ମହାରଥୀ କହିଛନ୍ତି। ବିଧାୟକଙ୍କ ସହିତ ପିପିଲି ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଦେବାଶିଷ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ମାନସ ବେହେରା, ଗୋବିନ୍ଦପୁର ସରପଞ୍ଚଙ୍କ ପ୍ରତିନିଧି ବିନୟ ଦାସ, ପଦ୍ମନାଭ ଖଟେଇ, ଯୁବା ସମିତିସଭ୍ୟ ଚନ୍ଦ୍ରମଣି ବେହେରା ପ୍ରମୁଖ ଉପସ୍ଥିତ ରହି ଘାଇ ମରାମତି କାର୍ଯ୍ୟ ତଦାରଖ କରିଥିଲେ।

# ଜାତୀୟ ରାଜପଥରେ ହାଇମାଷ୍ଟ, ଷ୍ଟ୍ରିଟ୍‌ଲାଇଟ୍ ଜଳୁନି



ପିପିଲି,୧୯ (ଡି.ଏନ୍.ଏ.)

ଭୁବନେଶ୍ୱର ୩୧୬ ନଂ. ଜାତୀୟ ରାଜପଥର ଜଇଶପାଟଣା ଛକ ନିକଟସ୍ଥ ଟୋଲ ପ୍ଲାଜା ପାଖରେ ପିପିଲି ପ୍ରବେଶ ପଥରେ ଥିବା ହାଇମାଷ୍ଟ ଓ ଷ୍ଟ୍ରିଟ୍‌ଲାଇଟ୍‌ଗୁଡ଼ିକ ଜଳିବାର କିଛିମାସ ପରେ ଅଚଳ ହୋଇପଡ଼ିଛି। ଫଳରେ ପ୍ରାୟ ମାସେ ହେବ ଉକ୍ତ ରାସ୍ତାଟି ଅନ୍ଧାରରେ ରହିଛି। ଏଥିଯୋଗୁ ପଥଚାରୀଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସୂଚନାଥାଉକି, ଉକ୍ତ ଜାତୀୟ ରାଜପଥଟି ପୁରୀ, ଭୁବନେଶ୍ୱର, କୋଣାର୍କ, କାକଟପୁର, ଅସ୍ତରଙ୍ଗ ପାଇଁ ମୁଖ୍ୟ ରାସ୍ତା। ଏଥିସହ ପିପିଲି ଚାନ୍ଦୁଆ ବଜାରର ପ୍ରବେଶ ପାଇଁ ମଧ୍ୟ ପ୍ରମୁଖ ରାସ୍ତାଥିବାବେଳେ ଅନେକ ପର୍ଯ୍ୟଟକ, ବ୍ୟବସାୟୀ ଉକ୍ତ ରାସ୍ତାଦେଇ ପ୍ରତିଦିନ ଯାତାୟାତ କରିଥାନ୍ତି। ହେଲେ ଗତ ମାସ ହେବ ଉକ୍ତ ରାସ୍ତାରେ ଥିବା ହାଇମାଷ୍ଟ ଓ କେତେକ ଷ୍ଟ୍ରିଟ୍ ଲାଇଟ ଅଚଳ ହୋଇପଡ଼ିବାରୁ ରାସ୍ତାଟି ଅନ୍ଧାର ହୋଇପଡ଼ିଛି। ଏହାର ସୁଯୋଗ ନେଇ ଅପରାଧୀମାନେ ଲୁଟ୍‌ପାଟ କରୁଥିବା ବେଳେ ଅନେକ ସମୟରେ ଯିବାଆସିବା ବେଳେ ଲୋକେ ଛୋଟ ବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି। ପୂର୍ବରୁ ମଧ୍ୟ ଏହି ଲାଇଟ୍ ପ୍ରାୟ ୪ବର୍ଷରୁ ଊର୍ଦ୍ଧ୍ୱ ସମୟ ବନ୍ଦ ରହିଥିଲା। ପରେ ଗତ ଜୁନ୍ ୯ରେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଟୋଲଗେଟ୍ ନିକଟରେ ଆମରଣ କରିବାରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଖୁବ୍‌ଶୀଘ୍ର ଲାଇଟ୍ ଜଳିବାର ପ୍ରତିଶ୍ରୁତି ଦେଇ କିଛିଦିନ ମଧ୍ୟରେ ମରାମତି କରି ଲାଇଟ୍‌କୁ ଠିକ୍ କରିଥିଲେ। ହେଲେ ଏହାର ଠିକ୍ ଏକ ମାସ ପରେ ପୁନର୍ବାର ଏହି ଲାଇଟ୍‌ଗୁଡ଼ିକ ଅଚଳ ହୋଇପଡ଼ିଛି। ତେଣୁ ପୁନର୍ବାର ବିଧାୟକ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହାକୁ ସଚଳ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଆଉ ଜଣେ ଛାତ୍ରଙ୍କ ମୃତଦେହ ଜବତ

**କୁଆଖାଇରେ ୫ ସାଙ୍ଗ ବୁଡ଼ି ଯାଇଥିଲେ**

ଫୁଲନଖରା,୧୯(ଡି.ଏନ୍.ଏ.)

କଟକ ସଦର ଥାନା ପ୍ରତାପନଗରୀସ୍ଥିତ କୁଆଖାଇ ନଦୀରେ ବୁଡ଼ି ନିଖୋଜ ହୋଇଯାଇଥିବା ଆଉଜଣେ ଛାତ୍ରଙ୍କ ମୃତଦେହ ଗୁରୁବାର ଉଦ୍ଧାର କରାଯାଇଛି। ସେ ହେଲେ ଭୁବନେଶ୍ୱର ପଟିଆ ଅଞ୍ଚଳର ରତୁ ରଞ୍ଜନ ମାଧି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏ ନେଇ ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୨) ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ପଟିଆ ଅଞ୍ଚଳର ୫ଜଣ ଛାତ୍ର ମହାବୀର ପ୍ରସାଦ ଗୌଡ଼, ଶୁଭମ୍ ମହାନ୍ତି, ଲିପୁନା ରାଉତ, ରତୁ ରଞ୍ଜନ ମାଧି ଓ ଆଶୁତୋଷ ପାଲ୍ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଦୁଇଟି ସ୍କୁଟିରେ ଘରୁ ଟ୍ୟୁଶନ୍‌କୁ ଆସିଥିଲେ। ସେଠାରେ ଗଣେଶ ପୂଜା ସାରି ଅପରାହ୍ନ ପ୍ରାୟ ୧ଟାରେ କୁଆଖାଇ ନଦୀକୂଳକୁ ଯାଇଥିଲେ। ସେଠାରେ ଗାଧୋଉଥିବାବେଳେ ପାଣି ସ୍ରୋତରେ ଭାସିଯାଇଥିଲେ। ଏହି ସମୟରେ ମହାବୀର ଓ ଶୁଭମ୍ କୌଶଳକ୍ରମେ ନଦୀକୂଳକୁ ଆସି ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ଲୋକମାନେ ସେଠାରେ ପହଞ୍ଚି ଲିପୁନାଙ୍କୁ ଉଦ୍ଧାର କରିଥିଲେ। ଖବରପାଇ କଟକ ସଦର ପୋଲିସ, କଟକ ଓ ବାରଙ୍ଗ ଅଗ୍ନିଶମ କର୍ମଚାରୀ ଏବଂ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ୨ ଜଣଙ୍କୁ ଖୋଜାଖୋଜି କରିଥିଲେ। ଅପରାହ୍ନ ପ୍ରାୟ ସାଢେ ୫ଟାରେ କୁଆଖାଇ ନଦୀଘାଟର କିଛି ଦୂରରୁ ଆଶୁତୋଷଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ହେଲେ ରତୁଙ୍କ ପତ୍ତା ମିଳି ନ ଥିଲା।

# ବନ୍ୟାଞ୍ଚଳର ସ୍ଥାୟୀ ପ୍ରତିକାର ଦାବି



ବୈଠକରେ କଣାସ ନାଗରିକ ମଞ୍ଚ କର୍ମକର୍ତ୍ତା ଓ ବୁଦ୍ଧିଜୀବୀ।

କଣାସ,୧୯ (ସ୍ୱ.ପ୍ର.)

କଣାସ ନାଗରିକ ମଞ୍ଚ କର୍ମକର୍ତ୍ତା ଓ ବୁଦ୍ଧିଜୀବୀଙ୍କୁ ନେଇ କଣାସଠାରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଣାସ ଅଞ୍ଚଳରେ ପ୍ରବାହିତ ହେଉଥିବା ଦୟା, ରାଜୁଆ, ମକରା, ଲୁଣାନଦୀ ବନ୍ୟା ସମୟରେ ତାଣ୍ଡବ ଲୀଳା ସୃଷ୍ଟି କରୁଛି। ସେଥିରେ କଣାସ, ଡେଲାଙ୍ଗ, ସତ୍ୟବାଦୀ, ପିପିଲି, ବ୍ରହ୍ମଗିରି, ପୁରୀ ସଦର ବ୍ଲକର ଅନେକ ଧାନଜମି କ୍ଷତିଗ୍ରସ୍ତ ହେବାସହ ବହୁ ଜନଜୀବନ ନଷ୍ଟ ହେଉଛି। ବନ୍ୟାଞ୍ଚଳର ସ୍ଥାୟୀ ସମାଧାନ ସହ ଦୟା ଓ ଲୁଣାନଦୀକୁ ସଂଯୋଗୀକରଣ କରିବା ପାଇଁ କଣାସ ପୂର୍ବତନ ବିଡିଓ ସରୋଜ କୁମାର ଦତ୍ତ ଏନେଇ ପୂର୍ବରୁ ଏକ ପତ୍ର ରାଜ୍ୟ ସରକାରଙ୍କୁ ଦେଇଥିଲେ। ସେହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ, ନଦୀବନ୍ଧ ସୁଦୃଢ଼ୀକରଣ, ପୋତି ହୋଇ ପଡିଥିବା ନଦୀଶଯ୍ୟାକୁ ଖନନ, ଜଳ ନିଷ୍କାସନ ନାଳଗୁଡିକୁ ଖନନ କରାଯିବାକୁ ବୈଠକରେ ମତ ପ୍ରକାଶ ସହ ଦାବି ଉପସ୍ଥାପନ କରାଯାଇଛି। ଆସନ୍ତା ୫ତାରିଖରେ କଣାସଠାରେ କଣାସ, ଡେଲାଙ୍ଗ, ପିପିଲି, ସତ୍ୟବାଦୀ, ପୁରୀ ସଦର, ବ୍ରହ୍ମଗିରି ବ୍ଲକର ଜନପ୍ରତିନିଧିଙ୍କ ଏକ ବୈଠକ ହେବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଭାଜପା ନେତା କୃଷ୍ଣଚନ୍ଦ୍ର ଜଗଦେବ, ସିପିଏମ୍ ନେତା ଯୁଧିଷ୍ଠିର ମହାପାତ୍ର, ଅଶୋକ ପ୍ରଧାନ, ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ଜମ୍ବେଶ୍ୱର ସାମନ୍ତରାୟ, କିଶାନ ପଟ୍ଟନାୟକ, ସିରେଇ ପଞ୍ଚାୟତ ପ୍ରତିନିଧି ବାବୁ ପରିଡା, ପ୍ରତାପ ଜେନା ଓ ଅନେକ କୃଷକ ନେତା, ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

# ବନ୍ୟା ଉଜାଡ଼ିଛି ୨୦ କୋଟିର ଫସଲ

**୫୨ ଗାଁର ଚାଷୀଙ୍କୁ ଘାରିଛି ଚିନ୍ତା**

■ ସରକାରୀ ସହାୟତାକୁ ଅପେକ୍ଷା

■ କ୍ଷୟକ୍ଷତି ଆକଳନ ନେଇ ତଦନ୍ତ ଜାରି



ଜଣେ ଚାଷୀ ବିଲରେ ଧାନତଳି ରୋଉଛନ୍ତି।

ଗୋପ, ୧୯ (ଡି.ଏନ୍.ଏ)

କିଛିଦିନ ତଳେ ହୋଇଥିବା କୁଶଭଦ୍ରା ଓ ଧନୁଆ ନଦୀର ପ୍ରଳୟଙ୍କରୀ ବନ୍ୟାରେ ଗୋପ ବ୍ଲକର ୧୧ଟି ପଞ୍ଚାୟତ ଅଧୀନ ୫୨ଟି ଗାଁର ଚାଷୀଙ୍କ ମେରୁଦଣ୍ଡ ଦୋହଲିଯାଇଛି। ବନ୍ୟା ପ୍ରାୟ ୨୦ କୋଟି ଟଙ୍କାର ଧାନ ଫସଲ ଉଜାଡ଼ି ଦେଇଛି। ଦୀର୍ଘ ୧୫ଦିନ ପର୍ଯ୍ୟନ୍ତ ଶହ ଶହ ହେକ୍ଟର ଚାଷଜମି ପାଣିରେ ବୁଡ଼ି ରହିବାରୁ ତଳି ପଚିଶଢ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଲୁହ ଓ କୋହକୁ ଚାପି ରଖି ସରକାରୀ ସହାୟତାକୁ ଚାଷୀମାନେ ଚାହିଁବସିଛନ୍ତି। ଏବେ ବନ୍ୟାଜଳ ଛାଡ଼ି ଯିବା ପରେ ଚାଷୀ ଅଣ୍ଟା ସଳଖିବାକୁ ଚେଷ୍ଟା କରୁଛନ୍ତି। କେତେଜଣ ଚାଷୀ ଅଧିକ ଦାମ୍ ଦେଇ ତଳି କିଣି ଆଣି ଜମିରେ ରୋଉଥିବା ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ଗୋପ ବ୍ଲକର ୫୨ଟି ଗାଁର ସମସ୍ତ ଚାଷଜମି ଜଳମଗ୍ନ ହୋଇଥିବାବେଳେ ୩,୧୨୩ ହେକ୍ଟର ଜମିର ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗୋପ ବ୍ଲକ, ତହସିଲ, କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ ଏକ ମିଳିତ ଟିମ୍ କ୍ଷୟକ୍ଷତିର ତଦନ୍ତ କରୁଛି। ବ୍ଲକ ଅତିରିକ୍ତ କୃଷି ଅଧିକାରୀ ଚନ୍ଦ୍ରଶେଖର ଦାସ କହିଛନ୍ତି ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତଦନ୍ତ ପରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଚାଷୀଙ୍କ ଜମା ଖାତା ଜରିଆରେ ସହାୟତା ଯୋଗାଇ ଦିଆଯିବ। ଗୋପ ବ୍ଲକ ଅନ୍ତର୍ଗତ ରାହାଙ୍ଗଗୋରଡ଼ା, ଉଭାର, ନୁଆଖୋଲମରା, ଗଣେଶ୍ୱରପୁର, ଅଣ୍ଡରା-ଇଛାପୁର, ବେଦପୁର, ନାଗପୁର, ଗଡ଼ଭିଙ୍ଗୁରା, ବନ୍ତଳିଗ୍ରାମ, କୁଆଁପଡ଼ା, ତରକୋର ପଞ୍ଚାୟତରେ ଧାନଫସଲ କ୍ଷତିଗ୍ରସ୍ତ ହୋଇଛି। କ୍ଷୟକ୍ଷତିର ପରିମାଣ ଆନୁମାନିକ ୨୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶ ମୁତାବକ, ଜଳସେଚିତ ଧାନ ଫସଲ ଏକର ପ୍ରତି ୧୩,୫୦୦ ଟଙ୍କା, ଅଣଜଳସେଚିତ ଫସଲ ଏକର ପିଛା ୬,୫୦୦ ଟଙ୍କା ହିସାବରେ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ବୋଲି ଦାସ ସୂଚନା ଦେଇଛନ୍ତି। ଏହି ବନ୍ୟା ହଜାର ହଜାର ଚାଷୀଙ୍କ ଗୋଟିଏ ବର୍ଷର ଭାତହାଣ୍ଡି ଉପରେ ପାହାର ଦେଇଛି ବୋଲି ଚାଷୀ ଭଗବାନ ପ୍ରଧାନ, ଜିତେନ୍ଦ୍ର ରାଉତ ଏବଂ ଅକ୍ଷୟ କୁମାର ପ୍ରଧାନ ପ୍ରମୁଖ କହିଛନ୍ତି। ତୁରନ୍ତ ସରକାର ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ରାଶି ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ନଦୀବନ୍ଧରୁ ନବଜାତ ଶିଶୁର ମୃତଦେହ ଠାବ

ନିଶ୍ଚିନ୍ତକୋଇଲି,୧୧୯(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ କଳମିଶ୍ରି ପଞ୍ଚାୟତ ଅନ୍ତର୍ଗତ ଲେଣ୍ଡୁରା ଭଗବାନପୁରସ୍ଥିତ ଚିତ୍ରୋତ୍ପଳା ନଦୀବନ୍ଧର ଦକ୍ଷିଣ ପାର୍ଶ୍ୱରୁ ଏକ ନବଜାତ ଶିଶୁର ମୃତଦେହ ଠାବ ହୋଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଥିବା ଉକ୍ତ ଶିଶୁର ପେଟରେ ନାଡ଼ ଲାଗିଥିବାବେଳେ ଦେହର ବହୁଅଂଶ ଖଣ୍ଡିଆଖାବରା ହୋଇଯାଇଛି। ଏହି ଖବର ପ୍ରଚାରିତ ହେବାପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ ଜମିଥିଲା। ଏନେଇ ସ୍ଥାନୀୟ ଲୋକେ ପୋଲିସରେ ଖବର ଦେଇଛନ୍ତି।

### ତାଲା ଭାଙ୍ଗି ଦୋକାନରୁ ଚୋରି ଅଭିଯୋଗ

ନିଶ୍ଚିନ୍ତକୋଇଲି,୧୧୯(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ଥାନା ବାଲିଆପଦା ପଞ୍ଚାୟତ ଅନ୍ତର୍ଗତ ତେନ୍ତଲପୁର(କାଳିଆବୁଦା) ଗ୍ରାମର ଏକ ଦୋକାନରୁ ବୁଧବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଗ୍ରାମର ବିଶ୍ୱଜିତ ନାୟକଙ୍କ ପାନ ଓ ଷ୍ଟେଶନେରି ଦୋକାନ ତାଲା ଭାଙ୍ଗି ପ୍ରାୟ ୨୫ ହଜାର ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି କରି ନେଇଛନ୍ତି। ଏନେଇ ଥାନାରେ ଗୁରୁବାର ଲିଖିତ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ମା’ ବେଲେଶ୍ୱରୀଙ୍କ ପୀଠରେ ନୂଆଁଖାଇ ଭେଟ୍‌ଘାଟ୍

ନିଶ୍ଚିନ୍ତକୋଇଲି,୧୧୯(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ବେଲେଶ୍ୱରୀଙ୍କ ପୀଠ ପ୍ରାଙ୍ଗଣରେ ଓଡ଼ିଶାର ଗଣପର୍ବ ନୂଆଁଖାଇ ଭେଟ୍‌ଘାଟ୍ ପାଳିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ସାମାଜିକ କର୍ମୀ ନିବାସ କୁମାର ଗାୟା ଏଥିରେ ସଂଯୋଜନା କରିଥିଲେ। ଉତ୍ସବରେ ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁ, ଅବସରପ୍ରାପ୍ତ ଅଧ୍ୟାପକ ଫକୀର ଚରଣ ନାୟକ, ନିଶ୍ଚିନ୍ତକୋଇଲି ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ ରାଉତ, ଦଳିତ ନେତା ବଟକୃଷ୍ଣ ବେହେରା, ଜୟଦେବ ନନ୍ଦ, ମନୋଜ ମଲିକ, ଶୁକଦେବ ସ୍ୱାଇଁ, ଗୋଲଖ ପରିଡା, ବାଇଧର ବେହେରା, ରାଜକିଶୋର ନାୟକ, ଖବରଦାତା ଅଶୋକ ମହାପାତ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେଇ ପରସ୍ପରଙ୍କୁ ନୂଆଁଖାଇ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟ ପୂଜକ ସରୋଜ ଷଡଙ୍ଗୀ ମା’ ବେଲେଶ୍ୱରୀଙ୍କୁ ନୂତନ ବସ୍ତ୍ର ଓ ମୁକୁଟ ପିନ୍ଧାଇଥିଲେ। ମା’ଙ୍କୁ ନୂତନ ଚୁଡା ଭୋଗ ଲାଗି କରାଯାଇଥିଲା।

### ପାଠପଢ଼ି ଦେଶସେବାରେ ପ୍ରମୁଖ ଭୂମିକା ନିଅନ୍ତୁ ଛାତ୍ରୀଛାତ୍ର

ବାଙ୍କୀ,୧୧୯(ସ୍ୱ.ପ୍ର.): ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମର ନେତାଜୀ କୋଚିଂ ସେଣ୍ଟର ଆନୁକୂଲ୍ୟରେ ପବିତ୍ର ଗଣେଶ ପୂଜା ଅବସରରେ ସାମୁହିକ ଖଡି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଯୋଗଦେଇ ଏପରି କାର୍ଯ୍ୟକୁ ପ୍ରଶଂସା କରିବା ସହ ନୂତନ ଭାବେ ଶିକ୍ଷା ଆରମ୍ଭ କରୁଥିବା ଛାତ୍ରୀଛାତ୍ରମାନେ ଭଲ ପାଠ ପଢ଼ି ଦେଶ ଗଠନରେ ପ୍ରମୁଖ ଭୂମିକା ନେବାକୁ ପରାମର୍ଶ ଦେଇଥିଲେ। ନେତାଜୀ କୋଚିଂ ସେଣ୍ଟର ପରିଚାଳକ ରବୀନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୀପକ କୁମାର ସାମନ୍ତ, ରୀନାବାଳା ସାହୁ, ରଞ୍ଜିତ ରାଉତ, ମଧୁସ୍ମିତା ସ୍ୱାଇଁ, ରଶ୍ମିତା ସାହୁ ପ୍ରମୁଖ ଯୋଗଦେଇଥିଲେ।

### ଫିଜିଓଥେରାପି ଚିକିତ୍ସା ଶିବିର

ଚୌଦ୍ୱାର,୧୧୯(ଡି.ଏନ୍.ଏ.)

ରୋଟାରୀ କ୍ଲବ କଟକ ଅଭିନବ ଓ ବିବେକାନନ୍ଦ ଆରସିସିର ମିଳିତ ଆନୁକୂଲ୍ୟରେ ବଡ଼ବଜାରସ୍ଥିତ ସତ୍ୟ ନାରାୟଣ ପୂଜା ମଣ୍ଡପରେ ଏକ ଫିଜିଓଥେରାପି (ଭୌତିକ ଚିକିତ୍ସା) ଶିବିର ଆୟୋଜିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। କାଉନସିଲର ଅଜୟ କୁମାର ବେହେରା ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରରେ ଆଣ୍ଠୁ, ଅଣ୍ଟା, ବେକ, କହୁଣି, ପାଦ ଏବଂ ଅନ୍ୟ ଅଙ୍ଗରେ ଯନ୍ତ୍ରଣା ରୋଗରେ ପୀଡ଼ିତ ରୋଗୀଙ୍କର ଭୌତିକ ପଦ୍ଧତିରେ (ବିନା ଅସ୍ତ୍ରୋପଚାର ଓ ଔଷଧ) ନିଃଶୁଳ୍କ ଚିକିତ୍ସା ଆରମ୍ଭ କରାଯାଇଛି। ଫିଜିଓଥେରାପି ଡାକ୍ତର ଡ.ସନ୍ଦୀପ ନାୟକଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ଉପସ୍ଥିତ ରହି ରୋଗୀମାନଙ୍କ ଚିକିତ୍ସା କରିଛନ୍ତି। ଏହି ଶିବିର ୫ଦିନ ଧରି ଚାଲିବ ବୋଲି କ୍ଲବ୍ ସଭାପତି ସୁଧାଂଶୁ ଶେଖର ଜେନା ସୂଚନା ଦେଇଛନ୍ତି। ଆର୍‌ସିସି ମୁଖ୍ୟ ମାନସ କୁମାର ସାହୁ ଓ ଅନ୍ୟ ସଦସ୍ୟା ସଦସ୍ୟମାନେ ଶିବିର ପରିଚାଳନା କରୁଛନ୍ତି।

# ସାଇବର ଠକଙ୍କ ଟାର୍ଗେଟରେ ଓଡ଼ିଶା ମହିଳା

ଭୁବନେଶ୍ୱର,୧୧୯(ବ୍ୟୁରୋ)

ଦେଶରେ ମହିଳା ବିରୋଧୀ, ନିର୍ଯାତନା, ବଳାତ୍କାର ଆଦି ଅପରାଧ ମାମଲା ବଢୁଥିବା ବେଳେ ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲା ମଧ୍ୟ ଚିନ୍ତାଜନକ ସ୍ଥିତିରେ ରହିଛି। ୨୦୨୧ରେ ଦେଶବ୍ୟାପୀ ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲା ମୋଟ ୨,୫୯୭ ରୁଜୁ ହୋଇଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରୁ ଜଣାପଡ଼ିଛି। ସେଥିରୁ ଓଡ଼ିଶାରେ ସର୍ବାଧିକ ୨୬% ମାମଲା ରହିଛି। ମହିଳାଙ୍କ ଅଶ୍ଳୀଳ ଫଟୋ ଓ ଭିଡ଼ିଓକୁ ଭାଇରାଲ କରିବା ଏବଂ ମହିଳାଙ୍କ ଫଟୋ ଓ ଭିଡିଓକୁ ମର୍ଫିଂ କରି ଅଶ୍ଳୀଳତାରେ ପରିଣତ କରିବା ପରେ ସେମାନଙ୍କୁ ସାଇବର ଠକ ବ୍ଲାକ୍‌ମେଲ କରୁଛନ୍ତି। ଦେଶର ଅନ୍ୟ ରାଜ୍ୟ ତୁଳନାରେ ୨୦୨୧ ବର୍ଷରେ ଓଡ଼ିଶାରେ ଏହି ମାମଲା ସର୍ବାଧିକ ବୋଲି ଏନ୍‌ସିଆର୍‌ବି ରିପୋର୍ଟରୁ ସ୍ପଷ୍ଟ ହୋଇଛି।



ତଥ୍ୟ ଅନୁଯାୟୀ, ୨୦୨୧ରେ ଓଡ଼ିଶାରେ ୫୬୫ ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲା ରୁଜୁ ହୋଇଛି। ଏହି ମାମଲା ମଧ୍ୟରୁ ୩୦୧ଟି ସାଇବର ଅଶ୍ଳୀଳତା

**ଏନ୍‌ସିଆର୍‌ବି ରିପୋର୍ଟ ୨୦୨୧**

**ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲାରେ ଓଡ଼ିଶା ପ୍ରଥମ**

ହୋଇଥିବାବେଳେ ୨୬୪ ଫେକ୍ ପ୍ରୋଫାଇଲ ବା ମର୍ଫିଂ ମାମଲା ରହିଛି। ୨୦୨୦ରେ ଏ ସମ୍ବନ୍ଧୀୟ ମାମଲା ଓଡ଼ିଶାରେ ୫୨୬ ରହିଥିଲା। ସେଥିରୁ ୨୯୨ସାଇବର ଅଶ୍ଳୀଳତା ଥିବାବେଳେ ୨୩୪ଟି ମର୍ଫିଂ ମାମଲା ରହିଥିଲା। ସୂଚନା ଅନୁଯାୟୀ, ସାଇବର ଠକମାନେ ଲୋନ ଆପ୍ ପ୍ରସ୍ତୁତ କରି ଲୋନ ଦେବା ଆଳରେ ଜାଲ ବିଛାଉଛନ୍ତି। ବିଶେଷକରି ମହିଳାମାନଙ୍କୁ ସେମାନେ ଟାର୍ଗେଟ କରି ଉକ୍ତ ଆପ୍ ଜରିଆରେ ବିଭିନ୍ନ ପ୍ରଲୋଭନ ଦେଖାଉଛନ୍ତି। ପରେ ମହିଳାମାନେ ଲୋନ ନେବାବେଳେ ସାଇବର ଠକ ସେମାନଙ୍କ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ଆଦି ରଖି ଦେଉଛନ୍ତି। ଏହାପରେ ଅଧିକ ଟଙ୍କା ଦାବି କରି ସେମାନଙ୍କ ସମ୍ପର୍କୀୟଙ୍କ ମୋବାଇଲକୁ ତାଙ୍କର ଫଟୋକୁ ଅଶ୍ଳୀଳ ଫଟୋ ସହ ଯୋଡ଼ି ବ୍ଲାକ୍‌ମେଲ କରୁଛନ୍ତି। ସେହିପରି ମହିଳାମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓକୁ ପରବର୍ତ୍ତୀ ସମୟରେ ଭାଇରାଲ କରୁଛନ୍ତି। ଏଭଳି ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏନେଇ ସଚେତନତା ସୃଷ୍ଟି କରାଯାଇପାରିଲେ ଏହାକୁ କମାଯାଇପାରିବ ବୋଲି ସାଇବର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଗତ ମାସରେ କଟକର ଜଣେ ଆଇନ ଛାତ୍ରୀ ଲୋନ ଆପ୍‌ରେ ବ୍ୟକ୍ତିଗତ ତଥ୍ୟ ଦେଇ ଲୋନ୍ ନେଇଥିଲେ। ଏହାପରେ ସେ ମର୍ଫ ଏବଂ ବ୍ଲାକମେଲର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା।

# ଓଟିଏମ୍ ଶ୍ରମିକ ଆନ୍ଦୋଳନକୁ ୧୭ବର୍ଷ ପୂର୍ତ୍ତି

ଚୌଦ୍ୱାର,୧୧୯(ଡି.ଏନ୍.ଏ.)

ଓଡ଼ିଶା ଟେକ୍ସଟାଇଲ ମିଲ୍ (ଓଟିଏମ୍) ବଞ୍ଚାଅ ସଂଗଠନ ଓ ବିରାଟ ଜନକଲ୍ୟାଣ ସମିତି ତରଫରୁ ଓଟିଏମ୍ ପୁନରୁଦ୍ଧାର ଏବଂ ଶ୍ରମିକ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ବନ୍ଦ ଓଟିଏମ୍ ଗେଟ ସମ୍ମୁଖରେ ଚାଲିଥିବା ଆନ୍ଦୋଳନକୁ ୧୭ବର୍ଷ ପୂରଣ ହୋଇଛି। ଏହି ପରିପ୍ରେକ୍ଷୀରେ ଉଭୟ ସଂଗଠନ ତରଫରୁ ଗୁରୁବାର ଓଟିଏମ୍ ମୁଖ୍ୟ ଫାଟକ ସମ୍ମୁଖରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଶ୍ରମିକ ନେତା ଦୀପକ କୁମାର ବାରିକଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଶ୍ରମିକ ଓଟିଏମ୍ ଗେଟରୁ ଏକ ଶୋଭାଯାତ୍ରାରେ ବାହାରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିନ୍ଦାବାଦ ସ୍ଲୋଗାନ ଦେଇ ଚୌଦ୍ୱାର ଅଞ୍ଚଳ ପରିକ୍ରମା କରିବା ସହିତ ଓଟିଏମ୍ ପରିବା ବଜାରସ୍ଥିତ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ମିଲ୍ ଗେଟ ସମ୍ମୁଖରେ ଆୟୋଜିତ ସଭାରେ ଦୁଲାଳସେନ ସ୍ୱାଇଁ, ବିଭୂ ପ୍ରସାଦ ରଥ, ସରୋଜ କୁମାର ନାୟକ, ବିନୋଦିନୀ ରାଉତରାୟ, ଲିଲିବାଳା ସାହୁ, ବିଷ୍ଣୁଚରଣ ଦାସ, ନବକିଶୋର ଭୂୟାଁ, ବିଜୟ ସାହୁ, ମହେଶ୍ୱର ଦଳାଇ ପ୍ରମୁଖ ଉଦ୍‌ବୋଧନ ଦେଇ ଓଟିଏମ୍ ମାମଲା ଅଦାଲତରୁ ସରକାରଙ୍କ ହାତକୁ ଆସିବା ଓ ଶ୍ରମିକମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନର ବ୍ୟବସ୍ଥା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏଥିପାଇଁ ଦୀର୍ଘ ୧୭ବର୍ଷ ଧରି ଚାଲିଥିବା ଶ୍ରମିକ ଆନ୍ଦୋଳନର ନେତୃତ୍ୱ ନେଇଥିବା ଦୀପକ ବାରିକଙ୍କୁ ଶ୍ରେୟ ପ୍ରଦାନ କରାଯାଇଥିଲା।

# ଅଡ଼ଶପୁରକୁ ଗଡ଼ିଲା ମୋ’ ବସ୍

କଣ୍ଟାପଡା,୧୧୯(ଡି.ଏନ୍.ଏ.)

ଦୀର୍ଘଦିନର ଦାବି ପରେ କଣ୍ଟାପଡା ବ୍ଲକ ଅନ୍ତର୍ଗତ ଅଡଶପୁରଠାରୁ ଭୁବନେଶ୍ୱରକୁ ମୋ’ବସ୍ ଗଡିବା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ସ୍ଥାନୀୟ ଅଞ୍ଚଳବାସୀ ଆନନ୍ଦିତ ହୋଇଛନ୍ତି। ହେଲେ ବହୁଦିନର ଦାବି ପୂରଣ ହୋଇଥିବାରୁ ଏହାର ଶ୍ରେୟ ନେବା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜୟଦେବ ପୀଠ ପର୍ଯ୍ୟନ୍ତ ୩ଟି ମୋ’ ବସ୍ ଚଳାଚଳ କରୁଥିଲା। ଜୟଦେବ ପୀଠଠାରୁ ଅଡଶପୁର ମହାବିଦ୍ୟାଳୟର ଦୂରତା ମାତ୍ର ୨ କି.ମି.। ହେଲେ ସେଠାକୁ ବସ୍ ଚଳାଚଳ କରୁ ନ ଥିବାରୁ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ।

**ଶ୍ରେୟ ନେବାପାଇଁ ପ୍ରତିଯୋଗିତା**

ତେଣୁ ଉକ୍ତ ମହାବିଦ୍ୟାଳୟ ନିକଟକୁ ବସ୍ ଚଳାଚଳ ପାଇଁ ୨୦୨୧ ଡିସେମ୍ବରରେ କଣ୍ଟାପଡା ବ୍ଲକର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁ, ବରିଷ୍ଠ ନାଗରିକ ଶଙ୍କର ସାହୁ, ରମେଶ ଚନ୍ଦ୍ର ସ୍ୱାଇଁ, ବିନୋଦ ରାଉତରାୟ, ସଞ୍ଜୟ ପାତ୍ର, ଧୀରେନ୍ଦ୍ର ସାହୁ, ଅଡଶପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରଭାତ ପ୍ରଧାନ, ପୂର୍ବତନ ସରପଞ୍ଚ ଡଲି ସ୍ୱାଇଁ, ବ୍ରାହ୍ମଣବାଟୀ ସରପଞ୍ଚ ଗାୟତ୍ରୀ ରାଉତରାୟଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। ଅଞ୍ଚଳବାସୀଙ୍କ ଦାବିକୁ ଗ୍ରହଣ କରି ବିଭାଗୀୟ କର୍ତ୍ତୃପକ୍ଷ ଗୁରୁବାରଠାରୁ ଅଡଶପୁରକୁ ମୋ’ ବସ୍ ଚଳାଇବା ପାଇଁ ଘୋଷଣା କରିବା ପରେ ଏହାର ଶ୍ରେୟ ନେବା ପାଇଁ ସୋସିଆଲ ମିଡିଆରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ମୋ ବସ୍ ଚଳାଚଳ ପାଇଁ ତାଙ୍କର ଅବଦାନ ରହିଛି ବୋଲି ସୋସିଆଲ ମିଡିଆରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଗତ ଏପ୍ରିଲରେ ଦେଇଥିବା ଚିଠିର ନକଲ ପୋଷ୍ଟ କରି ପ୍ରଚାର କରୁଥିବାବେଳେ ଏହା ନିଆଳି ବିଧାୟକ ପ୍ରମୋଦ ମଲ୍ଲିକଙ୍କ ଯୋଗୁ ସମ୍ଭବ ହୋଇଛି ବୋଲି ତାଙ୍କର ଅନୁଗାମୀମାନେ ପ୍ରଚାର ଚଳାଇଛନ୍ତି। ତେବେ ସେ ଯାହାହେଉ ଅଡଶପୁର ଅଞ୍ଚଳକୁ ମୋ’ ବସ୍ ଚଳାଚଳ କରିବା ଫଳରେ ଭୁବନେଶ୍ୱରକୁ ଯାତାୟାତ କରୁଥିବା ସ୍ଥାନୀୟ ଜନସାଧାରଣ ବିଶେଷ ଉପକୃତ ହେବେ ବୋଲି ସାଧାରଣରେ ଆଲୋଚନା ହେଉଛି।

# ସେବା ସମବାୟ ସମିତି ନୂତନ ଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଓ ଅନ୍ୟମାନେ।

ବାଙ୍କୀ,୧୧୯ (ସ୍ୱ.ପ୍ର.)

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ଚର୍ଚ୍ଚିକା ସେବା ସମବାୟ ସମିତିର ନୂତନ ଗୃହ ନିର୍ମାଣ ପାଇଁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପୂର୍ବତନ ବିଧାୟକ ତଥା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ପ୍ରଭାତ କୁମାର ତ୍ରିପାଠୀ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଶେଷ ଅତିଥିଭାବେ ନଗରପାଳ ମାଣିକ ସାହୁ, ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା, ତହସିଲଦାର ସତ୍ୟରଞ୍ଜନ ପଣ୍ଡା, ବାଙ୍କୀ ସମବାୟ ସହକାରୀ ନିବନ୍ଧକ ଜ୍ୟୋତିରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ ଗୃହ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ଚର୍ଚ୍ଚିକା ସେବା ସମବାୟ ସମିତି ସଭାପତି ସଞ୍ଜୟ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମିତି ସମ୍ପାଦିକା ପ୍ରତିମା ସ୍ୱାଇଁ ଏହାକୁ ପରିଚାଳନା କରିଥିବାବେଳେ ସମିତିର ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।

# କୃଷି ହେଉଛି ଓଡ଼ିଶାର ସଂସ୍କୃତି



ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର, ୧୧୯ (ବ୍ୟୁରୋ)

ଓଡିଆ ସମାଜ ହିମାଚଳ ପ୍ରଦେଶ ପକ୍ଷରୁ ଗୁରୁବାର ଶାହାପୁରଠାରେ ନୂଆଁଖାଇ ଭେଟ୍‌ଘାଟ ପାଳିତ ହୋଇଯାଇଛି। ଡ. ଗୌରୀଶଙ୍କର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରି ନୂଆଁଖାଇ ପର୍ବ ବିଷୟରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁରର ବିଦ୍ୱାନ ରାମକୃଷ୍ଣ ନାୟକ ଆଭାସୀ ମାଧ୍ୟମରେ ଯୋଗଦେଇ କହିଲେ, ଧାନ ଅମଳ ହେବାପରେ ପ୍ରଥମ ଧାନକୁ ମା’ ସମଲେଶ୍ୱରୀଙ୍କୁ ଅର୍ପଣ କରିବା ପରେ ଚାଷୀ ଭୋଗ ପାଏ। ଏହିଦିନ ଗାଁ ଓ ପଡାର ଲୋକେ ଏକମନ ହୋଇ ଏକାଠି ଭୋଜନ କରନ୍ତି ଓ ବାଣ୍ଟିକୁଣ୍ଟି ଅନ୍ନଜଳ ଖାଆନ୍ତି। ଓଡିଶାର ଭାତହାଣ୍ଡି ବରଗଡ଼ ଆଖପାଖରେ ଏହି ପର୍ବର ଜନ୍ମ ଓ ବିସ୍ତାର। କୃଷି ଏକ ବ୍ୟବସାୟ ନୁହେଁ, ଏହା ଓଡ଼ିଶାର ସଂସ୍କୃତି। ନୂଆଁଖାଇ ଏହାର

**ହିମାଚଳ ପ୍ରଦେଶରେ ନୂଆଁଖାଇ ଭେଟ୍‌ଘାଟ**

ଜ୍ୱଳନ୍ତ ଉଦାହରଣ। ଓଡ଼ିଶାର ଗଣପର୍ବ ନୂଆଁଖାଇ ହିମାଚଳ ପ୍ରଦେଶରେ ପାଳନ କରାଯିବା ଭାରତୀୟ ସଂସ୍କୃତିର ମହାନତା ପ୍ରତିପାଦିତ କରୁଛି ବୋଲି ସେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଡ. ସୁରେନ୍ଦ୍ର ଅଧ୍ୟକ୍ଷତା କରି କହିଲେ, ଭାରତର ମହାନ ସଂସ୍କୃତି ପାଇଁ ଏହା ବିଶ୍ୱଗୁରୁ ହେବାର ସାମର୍ଥ୍ୟ ରଖିଛି। ଅନ୍ୟତମ ଉଦ୍ୟୋକ୍ତା ଅଧ୍ୟାପକ ସୁଦାମ ଚରଣ ସାହୁ ନୂଆଁଖାଇ ଉତ୍ସବର ସାମାଜିକ ଓ ସାଂସ୍କୃତିକ ବାର୍ତ୍ତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥି ଓ ଉପସ୍ଥିତ ସମସ୍ତଙ୍କୁ ବିଭିନ୍ନ ପ୍ରକାରର ଓଡିଆ ବ୍ୟଞ୍ଜନ ପରିବେଷଣ କରାଯାଇଥିଲା।

# କମ୍ୟୁନିଷ୍ଟ ନେତା ଦୁର୍ଗାଚରଣ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ

କଟକ ଅଫିସ,୧୧୯

ସ୍ୱାଧୀନତା ସଂଗ୍ରାମୀ ତଥା କମ୍ୟୁନିଷ୍ଟ ନେତା ଦୁର୍ଗାଚରଣ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମ କଟକ ଶତାବ୍ଦୀ ଭବନରେ ଗୁରୁବାର ପାଳିତ ହୋଇଯାଇଛି। ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଫେସର ଅଜୟ ପଟ୍ଟନାୟକ କହିଥିଲେ, ଦେଶର ଗଣତନ୍ତ୍ର ଓ ଧର୍ମ ନିରପେକ୍ଷତା ସଙ୍କଟର ସମ୍ମୁଖୀନ ହୋଇଛି। ଶ୍ରମିକ ଶ୍ରେଣୀକୁ ବିଭାଜନ କରିବା ଭଳି କାର୍ଯ୍ୟ କରାଯାଉଛି। ଏହି ଅବସରରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ବିଧାୟକ ପ୍ରଫୁଲ୍ଲ ସାମଲ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ବିଜୟ ପଢ଼ିଆରୀଙ୍କ ଲିଖିତ ଦୁର୍ଗାଚରଣ ମହାନ୍ତିଙ୍କ ଜୀବନୀ ପୁସ୍ତିକା ଅଗ୍ନିପଥର ଯାତ୍ରୀ ଉନ୍ମୋଚିତ ହୋଇଥିଲା। ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଜୟନ୍ତ ଦାସ ଓ କିଶୋର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱଚ୍ଛ ପାନୀୟ ଜଳ, ଉନ୍ନତମାନର ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ

ବାଙ୍କୀ,୧୧୯ (ସ୍ୱ.ପ୍ର.)

ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ତାଳବସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀକଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡମପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ବୈଠକରେ ରୋଗୀକଲ୍ୟାଣ ସମିତିର ଅଧ୍ୟକ୍ଷ ତଥା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତମାନର ବିଦ୍ୟୁତୀକରଣ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ଜରୁରିକାଳୀନ ରୋଗୀମାନଙ୍କ ଚିକିତ୍ସା ପାଇଁ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ସ୍ଥାପନ କରିବା, ଚିକିତ୍ସାଳୟ ପରିବେଶକୁ ସ୍ୱଚ୍ଛ ଓ ସବୁଜିମା କରିବା ଉପରେ ଆଲୋଚନା ହୋଇଥିଲା। ବୈଠକରେ

**ରୋଗୀକଲ୍ୟାଣ ସମିତି ବୈଠକ**

ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଡା.ପୁଷ୍ପଲତା ମହାପାତ୍ରଙ୍କ ସମେତ ଜିଲା ପରିଷଦ ସଭ୍ୟ ଆଶିଷ ସାହୁ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଡମପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ତାଳବସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ରୋଗୀ କଲ୍ୟାଣ ସମିତିର ବୈଠକରେ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଭ୍ୟ ଆଶିଷ ସଭାପତିତ୍ୱ କରିଥିଲେ। ବୈଠକରେ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡା. ପୁଷ୍ପଲତା ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ।

# ଚାରାରୋପଣ କାର୍ଯ୍ୟକ୍ରମ

ମାହାଙ୍ଗା,୧୧୯(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାସୁଦେବପୁର ପଞ୍ଚାୟତ ମୋହନପୁରଠାରେ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚଙ୍କ ପ୍ରତିନିଧି ଶ୍ରୀକାନ୍ତ ଦାସଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ପଞ୍ଚାୟତ ବିଜେଡି ସଭାପତି କେଶବ ଚନ୍ଦ୍ର ନାୟକ, ଅୟେସ୍‌କାନ୍ତ ସାମଲ, ନରେନ୍ଦ୍ର ସାହୁ, ଗଣେଶ୍ୱର ମହାନ୍ତି, ସତ୍ୟଜିତ ବେହେରା, ନଟବର ନାୟକ, ମହେଶ୍ୱର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ।

# ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ବଡ଼ମ୍ବା,୧୧୯(ଡି.ଏନ୍.ଏ.)

ବଡ଼ମ୍ବା ହାଟସ୍ଥିତ ଆଡିଆ ମହାଦେବଙ୍କ ପୀଠ ପରିସରରେ ଗୁରୁବାର ବିକଚ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ ନୂଆଁଖାଇ ପର୍ବ ପାଳିତ ହୋଇଯାଇଛି। ବିକଚ ସଭାପତି କବି ଦୁର୍ଯ୍ୟୋଧନ ବରାଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁଚିସ୍ମିତା ମହାନ୍ତି, ମୁଖ୍ୟବକ୍ତା ଭାବେ ନରସିଂପୁର ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ କୁଳମଣି ବାରିକ, ସମ୍ମାନିତ ଅତିଥି ଭାବେ ଓଷ୍ଟା ଶିକ୍ଷକ ନେତା ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟର ବିକାଶ ଓ ପ୍ରସାର ଦିଗରେ ବିକଚର ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଇନଜୀବୀ ମଳୟ ବରାଳ କବିତା ପାଠୋତ୍ସବର ସଂଯୋଜନା କରିଥିବାବେଳେ ଅନୁଷ୍ଠାନ ସମ୍ପାଦକ କଳିଙ୍ଗ କେଶରୀ ପ୍ରଧାନ ବିବରଣୀ ଉପସ୍ଥାପନା କରିଥିଲେ। କାର୍ଯ୍ୟନିର୍ବାହୀ ସଭାପତି ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି ‘ବିକଚର ସକାଳ ଅଧ୍ୟାୟ’ ଶୀର୍ଷକରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଶିବନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।

# କେନାଲକୁ ପଶିଲା ଟାଟା ମ୍ୟାଜିକ୍

ନିଶ୍ଚିନ୍ତକୋଇଲି,୧୧୯(ସ୍ୱ.ପ୍ର.)

ଗୁରୁବାର ସକାଳେ ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ପଞ୍ଚାୟତ ଅନ୍ତର୍ଗତ ମାଣିକପୁରସ୍ଥିତ ଚିତ୍ରୋତ୍ପଳା ଦକ୍ଷିଣପାର୍ଶ୍ୱ କେନାଲ ନିକଟରେ ଗୁରୁବାର ଏକ ଦୁର୍ଘଟଣା ଘଟିଛି। ଏକ ଟାଟା ମ୍ୟାଜିକ୍ ଗାଡ଼ି ଭାରସାମ୍ୟ ହରାଇ କେନାଲ ଭିତରକୁ ପଶିଯାଇଛି। ସୌଭାଗ୍ୟବଶତଃ ଏଥିରେ ଥିବା ୪ ଜଣ ଲୋକ ବର୍ତ୍ତିଯାଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଚିକିତ୍ସା କରାଯିବା ପରେ ଆହତମାନଙ୍କୁ ଘରକୁ ପଠାଇ ଦିଆଯାଇଛି।

